# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ମାର୍ଚ୍ଚ ୧୩/୨୦୧୯ (୨୦ ପୃଷ୍ଠା)
Berhampur, Wednesday, March 13/2019 ★★★

୧୫ ଶ ଭାଗ ୪୭ ସଂଖ୍ୟା
www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada
ମୂଲ୍ୟ ₹ ୫/-






85 crore+ HEROES
ଅଗଣିତ ସମ୍ପର୍କ

World leading brands from the House of Hero

Splendor+ | Super Splendor | iSmart+ | Passion PRO | GLAMOUR | HF Deluxe | Xtreme 200R | MAESTRO EDGE | Pleasure | DESTINI 125

₹1500/-
ସୈନିକମାନଙ୍କ ପାଇଁ ଅତିରିକ୍ତ ଲାଭ

HeroFinCorp.

କମ୍ ଡାଉନ୍ ପେମେଣ୍ଟ ₹2000/-**
Inclusive of Insurance & Registration charges

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Both exchange and loyalty benefit cannot be availed on a single purchase. **This LDP offer is provided by Hero Fincorp and is at the sole discretion of Hero Fincorp. Low down payment is only applicable for bikes less than 125cc. +As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

**Authorized dealers: Bhubaneswar:** Bharat Hero – 7799766378; Rohan Hero – 7799766422; DD Hero – 7799766329; **Angul:** Parbati Hero – 7799766342; **Balasore**: Neelam Hero – 7799766393; **Bargarh:** Aakash Hero – 7799766396; **Baripada:** Aditya Hero – 7799766370; **Berhampur:** Lakshmi Hero – 7799766350; Sri Kaleswar Hero – 7799766372; **Bhadrak:** Sanjib Hero – 7799766380; **Bhawanipatna:** Arundhati Hero – 7799766385; **Bolangir:** Arundhati Hero – 7799766327; **Chandikhol:** S. K. Hero – 7799766362; **Cuttack:** JMG Hero – 7799766366; Sunny Hero – 7799766401; Essen Automobiles – 7799766425; **Dhenkanal:** Som Hero – 7799766347; **Jagatsinghpur:** Trishul Hero – 7799766383; **Jajpur Road:** Soumik Hero – 7799766410; **Jaleswar:** Sai Hero – 7799766407; **Jatni:** Vishal Hero – 7799766398; **Jeypore:** Supreme Hero – 7799766340; **Jharsuguda:** Vijaylaxmi Hero – 7799766368; **Keonjhar:** Supreme Hero – 7799766360; **Nayagarh:** Bhagabati Hero – 7799766417; **Raygada:** Ajit Hero – 7799766358; **Phulbani:** Narayani Hero – 7799766373; **Puri:** Sanjib Hero - 06752-255881, 7894020001; **Rourkela:** Dua Hero – 7799766391; **Sambalpur:** Sri Shyam Hero – 7799766356; **Sonepur:** Jai Jawan Hero – 7799766419; **Sundergarh:** Robotech Hero – 8448183659; **Talcher:** Tarini Hero – 7799766374.

JWT.5144.2019ODI



"କେନ୍ଦ୍ର ସରକାର କଶ୍ମୀର ପ୍ରସଙ୍ଗର ସମାଧାନ ଚାହୁଁଥିଲେ ଲୋକଙ୍କୁ ବିଚ୍ଛିନ୍ନତାବାଦୀଙ୍କଠାରୁ ଅଲଗା କରନ୍ତୁ।

-ସୀତାରାମ ୟେଚୁରୀ,
ସିପିଆଇଏମ୍ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ପୁଅ ବରୁଣଙ୍କୁ ପିଲ୍‌ଭିଟ୍ ଆସନ ଛାଡ଼ିବେ ମାନେକା




**ନୂଆଦିଲ୍ଲୀ, ୧୨।୩ :** ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ନେତା ବରୁଣ ଗାନ୍ଧୀ ପିଲିଭିଟ୍ ଆସନରୁ ଲଢ଼ିବେ ବୋଲି ଜଣାଯାଇଛି। କେନ୍ଦ୍ର ମନ୍ତ୍ରୀ ମାନେକା ଗାନ୍ଧୀଙ୍କ ଏହା ନିର୍ବାଚନୀ କ୍ଷେତ୍ର ହୋଇଥିବାବେଳେ ସମ୍ପ୍ରତି ଉତ୍ତରପ୍ରଦେଶର ରାଜନୈତିକ ପାଣିପାଗକୁ ଦୃଷ୍ଟିରେ ରଖି ସେ ତାଙ୍କ ପୁଅ ବରୁଣଙ୍କୁ ଏହି ଆସନ ଛାଡ଼ିବାକୁ ମାନସିକସ୍ତରରେ ପ୍ରସ୍ତୁତ ହୋଇଥିବା ସୂଚନା ମିଳିଛି। ସୁଲତାନପୁର ନିର୍ବାଚନ ମଣ୍ଡଳୀରୁ ବରୁଣ ପ୍ରାର୍ଥୀ ହୋଇଆସୁଥିବାବେଳେ ଏଥର ଏସ୍‌ପି-ବିଏସ୍‌ପି ମେଣ୍ଟ ଏବଂ କଂଗ୍ରେସର ଦମ୍‌ଦାର ନିର୍ବାଚନୀ ପ୍ରସ୍ତୁତି ତାଙ୍କ ପାଇଁ ଯେ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ମାନେକା ଅନୁଭବ କରିଛନ୍ତି। ଅମେଠିରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଲଢ଼ିବେ ବୋଲି ଘୋଷଣା କରିଥିବାବେଳେ ସୁଲତାନପୁରରେ ସେ ଜଣେ ଦକ୍ଷ ନେତାଙ୍କୁ ଛିଡ଼ା କରିବେ। ତେଣୁ ବରୁଣଙ୍କ ପରାଜୟକୁ ଭୟ କରି ମାନେକା ପିଲ୍‌ଭିଟ୍ ଆସନ ତାଙ୍କୁ ଛାଡ଼ିବାକୁ ନିଷ୍ପତ୍ତି କରିଥିବା କୁହାଯାଉଛି। ଏପରି ସ୍ଥଳେ ମାନେକା ହରିୟାଣାର କର୍ନାଲ୍‌ରୁ ଛିଡ଼ା ହେବେ ବୋଲି ଚର୍ଚ୍ଚା ହେଉଛି।

### ଜେଇଏମ୍ ମୁଖ୍ୟଙ୍କୁ କ୍ଲିନ୍ ଚିଟ୍ ଦେଇଥିଲେ ଡୋଭାଲ୍

**ନୂଆଦିଲ୍ଲୀ, ୧୨।୩:** ଏକ ନିର୍ବାଚନ ରାଲିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜୈଶ୍-ଇ-ମହମ୍ମଦ ମୁଖ୍ୟଙ୍କୁ 'ମାସୁଦ୍ ଆଝାର ଜୀ' ସମ୍ବୋଧନ କରିବା ପରେ ଏହାକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି। ଭାଜପା ନେତୃବୃନ୍ଦ ରାହୁଲଙ୍କ ଏଭଳି ମନ୍ତବ୍ୟକୁ କଡ଼ା ସମାଲୋଚନା କରିଥିବାବେଳେ ଜୈଶ୍ ମୁଖ୍ୟ ଆଝାରଙ୍କୁ ଭାଜପା ନେତୃତ୍ୱାଧୀନ ସରକାର ଜେଲ୍‌ରୁ ମୁକ୍ତ କରିଥିବା କଂଗ୍ରେସ ପକ୍ଷରୁ ଜବାବ୍ ଦିଆଯାଇଛି। ଏପରି କି ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଦୋଭାଲ ଭାଜପା ସରକାରଙ୍କ ଉକ୍ତ ନିଷ୍ପତ୍ତିକୁ ବିରୋଧ କରିଥିବାବେଳେ ୧୯୯୯ ଆଇସି-୮୧୪ ବିମାନ ଅପହରଣ ଘଟଣା ପରେ ଆଝାରଙ୍କୁ ଏକ ସ୍ୱତନ୍ତ୍ର ବିମାନରେ କାନ୍ଦାହାର ନେଇ ଛାଡ଼ିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଆଝାରଙ୍କ ସମେତ ତାଙ୍କର ୨ ସହଯୋଗୀଙ୍କୁ ମୁକ୍ତି ନେଇ ଯେଉଁ ବିମାନ ଅପହରଣ ଷଡ଼ଯନ୍ତ୍ର ରଚାଯାଇଥିଲା ତାହାକୁ ତତ୍କାଳୀନ ଭାଜପା ସରକାର ଠିକ୍ ଭାବେ ପରିଚାଳନା କରିବାରେ ବିଫଳ ହୋଇଥିବା ଦୋଭାଲ୍ ୨୦୧୦ରେ ଏକ ସାକ୍ଷାତ୍କାରରେ ସ୍ୱୀକାର କରିଥିବା କଂଗ୍ରେସ କହିଛି।

### ସରକାରୀ ୱେବ୍‌ସାଇଟ୍‌ରୁ ହଟିଲା ପ୍ରଧାନମନ୍ତ୍ରୀଙ୍କ ଫଟୋ

**ନୂଆଦିଲ୍ଲୀ, ୧୨।୩ :** ନିର୍ବାଚନୀ କାର୍ଯ୍ୟସୂଚୀ ଘୋଷଣା ସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ସରକାରୀ ୱେବ୍‌ସାଇଟ୍‌ରେ କଟକଣା ଜାରି ହୋଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ୱେବ୍‌ସାଇଟ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ର ମନ୍ତ୍ରୀମାନଙ୍କ ଫଟୋ ହଟାଯାଇଛି। ଏପ୍ରିଲ୍ ୧୧ ତାରିଖରୁ ଲୋକ ସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ କେତେକ ମନ୍ତ୍ରୀ ଏହି ଆଚରଣ ବିଧିକୁ ପାଳନ କରି ନ ଥିବା ମଧ୍ୟ ଜଣାଯାଇଛି। ନିର୍ବାଚନ କମିଶନ ନିର୍ବାଚନୀ ତାରିଖ ଘୋଷଣା କରିବା ପରେ କ୍ୟାବିନେଟ୍ ସଚିବ ଏବଂ ରାଜ୍ୟର ମୁଖ୍ୟ ସଚିବ ଏବଂ ପ୍ରେସ୍ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି)କୁ ସରକାରୀ ୱେବ୍‌ସାଇଟ୍‌ରୁ ମନ୍ତ୍ରୀ, ବିଧାୟକଙ୍କ ଫଟୋ ଉଚ୍ଛେଦ କିରବାକୁ ନିର୍ଦ୍ଦେଶ ଜାରି କରିଥିଲେ।




### ଇତିହାସର ଆଇନାରେ

### ମାର୍ଚ୍ଚ ୧୩ର ପ୍ରମୁଖ ଘଟଣା

୧୯୯୭ ମାର୍ଚ୍ଚ ୧୩ରେ ଇଣ୍ଡିଆନ୍ ମିଶ୍‌ନାରିଜ୍ ଅଫ୍ ଚାରିଟି ମଦର ଟେରେସାଙ୍କ ଉତ୍ତରାଧିକାରୀ ଭାବେ ସିଷ୍ଟର ନିର୍ମଳାଙ୍କୁ ଚୟନ କରିଥିଲା। ଉକ୍ତ ଚାରିଟି ହେଉଛି ରୋମାନ କ୍ୟାଥଲିକ୍‌ର ଏକ ଧର୍ମୀୟ ସଂଗଠନ

୨୦୧୬ ମାର୍ଚ୍ଚ ୧୩ରେ ତୁର୍କୀର କେନ୍ଦ୍ରୀୟ ଆଙ୍କାରାରେ ବିସ୍ଫୋରଣ ଯୋଗୁ ୩୭ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୭ ଆହତ ହୋଇଥିଲେ।

# ବିରୋଧୀ ମହାମେଣ୍ଟକୁ ଝଟକା

- କଂଗ୍ରେସ ସହ କୌଣସି ରାଜ୍ୟରେ ମେଣ୍ଟ କରିବନି ବିଏସ୍‌ପି: ମାୟାବତୀ
- ବିହାରରେ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୋହୁଁ: କଂଗ୍ରେସ
- କଂଗ୍ରେସର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଲା ଆର୍‌ଜେଡି

**ନୂଆଦିଲ୍ଲୀ/ଲକ୍ଷ୍ନୌ/ପାଟନା, ୧୨।୩**

ଏପ୍ରିଲ ୧୧ରେ ଆରମ୍ଭ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ମହାମେଣ୍ଟକୁ ଲାଗିଛି ଶକ୍ତ ଝଟକା। ବହୁଜନ ସମାଜ ପାର୍ଟି (ବିଏସ୍‌ପି) କୌଣସି ରାଜ୍ୟରେ କଂଗ୍ରେସ ସହିତ ମେଣ୍ଟ କରିବ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛି। ସେପଟେ ବିହାରରେ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୁହେଁ ବୋଲି କଂଗ୍ରେସ କହିଛି। ସେହିପରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମଧ୍ୟ କଂଗ୍ରେସ ସହ ମେଣ୍ଟ କରିବାକୁ ସ୍ପଷ୍ଟ ମନା କରିଦେଇଛି। ଫଳରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ଚାଲିଥିବା ମହାମେଣ୍ଟର ଭବିଷ୍ୟତକୁ ନେଇ ଉଠିଛି ପ୍ରଶ୍ନବାଚୀ।

ନୂଆଦିଲ୍ଲୀରେ ବିଭିନ୍ନ ରାଜ୍ୟର ବିଏସ୍‌ପି ନେତାଙ୍କୁ ସମ୍ବୋଧିତ କରି ଦଳର ସୁପ୍ରିମୋ ମାୟାବତୀ କହିଛନ୍ତି, କଂଗ୍ରେସ ସହିତ ତାଙ୍କ ଦଳ କୌଣସି ରାଜ୍ୟରେ ମେଣ୍ଟ କରିବନାହିଁ।



ମାୟାବତୀ

ଉତ୍ତରପ୍ରଦେଶ(ୟୁପି)ରେ ସମାଜବାଦୀ ପାର୍ଟି (ଏସ୍‌ପି) ସହ ପ୍ରାକ୍ ନିର୍ବାଚନୀ ମେଣ୍ଟ 'ପାରସ୍ପରିକ ସମ୍ମାନ' ଉପରେ ପର୍ଯ୍ୟବସିତ। ଦୁଇ ଦଳର ଉଦ୍ଦେଶ୍ୟ ଭଲ ଥିବାରୁ ୟୁପିରେ ଭାଜପାକୁ ହରାଇବା ପାଇଁ ଏସ୍‌ପି-ବିଏସ୍‌ପି ମେଣ୍ଟ ପର୍ଯ୍ୟାପ୍ତ। ବିଏସ୍‌ପି ସହିତ ଅନେକ ଦଳ ମେଣ୍ଟ କରିବାକୁ ଆଗ୍ରହୀ। କିନ୍ତୁ ବିଏସ୍‌ପି ଆନ୍ଦୋଳନକୁ କ୍ଷତି ପହଞ୍ଚାଇ ରାଜନୈତିକ ଫାଇଦା ସେ ଚାହୁଁନାହାନ୍ତି। ଅହମଦାବାଦରେ ସିଡବ୍ଲ୍ୟୁସି ବୈଠକ ଚାଲିଥିବାବେଳେ ମାୟାବତୀଙ୍କ ଏହି ଘୋଷଣା କଂଗ୍ରେସ ନେତୃତ୍ୱଙ୍କୁ ଅଡୁଆରେ ପକାଇଛି। ପ୍ରକାଶ ଯେ, ୟୁପିର ୮୦ ଆସନ ମଧ୍ୟରୁ ଏସ୍‌ପି ୩୭, ବିଏସ୍‌ପି ୩୮ଟିରେ ଲଢ଼ିବା ପାଇଁ ସ୍ଥିର ହୋଇଛି। ସେହିପରି ମେଣ୍ଟ ଅଜିତ୍ ସିଂଙ୍କ ରାଷ୍ଟ୍ରୀୟ ଲୋକ ଦଳକୁ ୩ ଆସନ ଦେଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ରାଏବରେଲି ଆସନରେ ପ୍ରାର୍ଥୀ ଦିଆଯିବ ନାହିଁ ବୋଲି ମେଣ୍ଟ ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଛି।

ଇତିମଧ୍ୟରେ ବିହାରର ମହାମେଣ୍ଟରେ ମତଭେଦ ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ନେତା ସଦାନନ୍ଦ ସିଂ କହିଛନ୍ତି, ତାଙ୍କ ଦଳ ରାଜ୍ୟରେ ଅନ୍ୟ ସହଯୋଗୀଙ୍କ ଉପରେ ନିର୍ଭରଶୀଳ ନୁହେଁ। ଆସନ ବୁଝାମଣା ନ ହେଲେ ମଧ୍ୟ କଂଗ୍ରେସର କିଛି ଅସୁବିଧା ହେବ ନାହିଁ। ଏହାକୁ ନେଇ ଭାଜପାକୁ ହରାଇବା ସକାଶେ କଂଗ୍ରେସର ପ୍ରତିଶ୍ରୁତିବଦ୍ଧତା ଉପରେ ବିରୋଧୀ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପ୍ରଶ୍ନ ଉଠାଇଛି । ଆର୍‌ଜେଡି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶିବାନନ୍ଦ ତିୱାରୀ କହିଛନ୍ତି, କଂଗ୍ରେସ କାହା ବିରୋଧରେ ଲଢ଼େଇ କରୁଛି ତାହା ମନେରଖିବା ଉଚିତ। କଂଗ୍ରେସ ଭାଜପାକୁ ହରାଇବାକୁ ଚାହୁଁଛି ନା ଗୈରିକ ଦଳକୁ କ୍ଷମତାଚ୍ୟୁତ କରିବାକୁ ଉଦ୍ୟମ କରୁଥିବା ଦଳଗୁଡ଼ିକ ବିରୋଧରେ ଲଢ଼େଇ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଟିଏମ୍‌ସି ପ୍ରାର୍ଥୀ ତାଲିକା ଦେଖାଉଛନ୍ତି।

## ଏଏପି ସହ ମେଣ୍ଟକୁ କଂଗ୍ରେସର ନା



**ଚଣ୍ଡିଗଡ଼, ୧୨।୩**

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସହ ମେଣ୍ଟ କରିବାକୁ ମଙ୍ଗଳବାର ଆନୁଷ୍ଠାନିକ ଭାବେ କଂଗ୍ରେସ ମନା କରିଦେଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି, ସାଧାରଣ ନିର୍ବାଚନରେ ଏଏପି ସହ କଂଗ୍ରେସ ମେଣ୍ଟ କରିବ ନାହିଁ। ପଞ୍ଜାବରେ କଂଗ୍ରେସ କୌଣସି ଦଳର ସହଯୋଗ ଚାହୁଁନାହିଁ କି କାହା ସହିତ ମେଣ୍ଟ ପାଇଁ ଆଲୋଚନା ମଧ୍ୟ କରୁନାହିଁ।




ନୂଆଦିଲ୍ଲୀରେ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଏଏପି ନେତା ଗୋପାଳ ରାଏ।

## ବହିଷ୍କୃତ ଟିଏମ୍‌ସି ଏମ୍‌ପି, ୨ ବିଧାୟକ ଭାଜପାରେ ମିଶିଲେ



**ନୂଆଦିଲ୍ଲୀ, ୧୨।୩**

ବହିଷ୍କୃତ ଟିଏମ୍‌ସି ଏମ୍‌ପି ଅନୁପମ ହାଜରାଙ୍କ ସମେତ ପଶ୍ଚିମବଙ୍ଗର ୨ ବିଧାୟକ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ଦଳର ପଶ୍ଚିମବଙ୍ଗ ପ୍ରଭାରୀ କୈଳାଶ ବିଜୟବର୍ଗୀୟା ଏବଂ ବରିଷ୍ଠ ନେତା ମୁକୁଲ ରୟଙ୍କ ଉପସ୍ଥିତିରେ ହାଜରା, କଂଗ୍ରେସର ବଗଡ଼ା ବିଧାୟକ ଦୁଲାଲ ଚନ୍ଦ୍ର ବାର ଏବଂ ହବିବ୍‌ପୁରର ସିପିଏମ୍ ବିଧାୟକ ଖଗେନ ମୁର୍ମୁ ଦଳରେ ସାମିଲ୍ ହୋଇଛନ୍ତି। ୨୦୧୪ରେ ବୋଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ି ଜିତିଥିବା ହାଜରାଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ନେଇ ଜାନୁଆରୀ ୯ରେ କାର୍ଯ୍ୟାନୁଷ୍ଠାନ ପୂର୍ବକ ଟିଏମ୍‌ସିରୁ ତାଙ୍କୁ ବହିଷ୍କାର କରାଯାଇଥିଲା। ଏହି ୩ ନେତାଙ୍କ ସମେତ ପଶ୍ଚିମ ବଙ୍ଗ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନେକ ସଦସ୍ୟ ଭାଜପାରେ ମିଶିଥିବା ଜଣାଯାଇଛି।

## ଇସିଙ୍କ କଥା ଶୁଣୁନି କେନ୍ଦ୍ର

**ନିର୍ବାଚନୀ ପାଣ୍ଠି**

- ୩ ଆଇନରେ ସଂଶୋଧନ ରାଜନୈତିକ ଚାନ୍ଦାର ସ୍ୱଚ୍ଛତାକୁ ପ୍ରଭାବିତ କରିବ
- ୨୦୧୬ରେ ଅସନ୍ତୋଷ ବ୍ୟକ୍ତ କରିଥିଲେ ନିର୍ବାଚନ କମିଶନ
- ଚିଠି ପାଇଥିବା ସ୍ୱୀକାର କରିଥିଲା ଆଇନ ମନ୍ତ୍ରଣାଳୟ
- ହେଲେ ଅଣଦେଖା କରିଥିଲା ଅର୍ଥ ମନ୍ତ୍ରଣାଳୟ



**ନୂଆଦିଲ୍ଲୀ, ୧୨।୩**

ରାଜନୈତିକ ଦଳଗୁଡ଼ିକ ପାଇଁ ପାଣ୍ଠି ଯୋଗାଡ଼ ଲାଗି ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ନେଇ ନିର୍ବାଚନ କମିଶନ (ଇସି) ୨୦୧୬ରେ ଏକାଧିକ ପ୍ରସଙ୍ଗ ଉଠାଇଥିଲେ। ଇସି ଏ ସମ୍ପର୍କରେ ଅସନ୍ତୋଷ ବ୍ୟକ୍ତ କରି ଆଇନ ମନ୍ତ୍ରଣାଳୟକୁ ପତ୍ର ଲେଖିଥିଲେ। କିନ୍ତୁ ୨ ବର୍ଷ ହେଲା କେନ୍ଦ୍ର ସରକାର ଏହା ଉପରେ କର୍ଣ୍ଣପାତ କରୁନାହାନ୍ତି। ନିର୍ବାଚନୀ ସ୍ୱଚ୍ଛତା ଓ ସଂସ୍କାର ଲାଗି ଉଦ୍ୟମ ଚଳାଇଥିବା ଜଣେ କର୍ମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଇସିଙ୍କ ପତ୍ର ସମ୍ପର୍କରେ ମନେପକାଇଦେଇଛନ୍ତି।

ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀ କୋମୋଡୋର ଲୋକେଶ କେ. ବାତ୍ରା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରାଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି, ନିର୍ବାଚନୀ ପାଣ୍ଠି ଏବଂ ଅର୍ଥ ଆଇନ, ୨୦୧୭ରେ ସଂଶୋଧନ ପାଇଁ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଇସି ପ୍ରଶ୍ନ ଉଠାଇଥିଲେ। ଏହାସହ ସଂଶୋଧନଗୁଡ଼ିକ ରାଜନୈତିକ ଚାନ୍ଦାରେ ସ୍ୱଚ୍ଛତା ପାଇଁ ଚାଲିଥିବା ଉଦ୍ୟମକୁ ଝଟକା ବୋଲି ଇସି କହିଥିଲେ। ୨୦୧୭ ବଜେଟରେ ରାଜନୈତିକ ଦଳଗୁଡ଼ିକର ପାଣ୍ଠି ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ଲାଗି ନରେନ୍ଦ୍ର ମୋଦି ସରକାରଙ୍କ ପ୍ରସ୍ତାବିତ ୪ ସୂତ୍ରୀ କାର୍ଯ୍ୟସୂଚୀ ଉପରେ ପ୍ରତିକ୍ରିୟା ରଖି ଇସି କହିଥିଲେ, ଆୟକର ଆଇନ, ଲୋକ ପ୍ରତିନିଧି ଆଇନ, ୧୯୫୧ ଏବଂ କମ୍ପାନୀ ଆଇନ, ୨୦୧୩ରେ କେତେକ ନିର୍ଦ୍ଦିଷ୍ଟ ସଂଶୋଧନ କରାଯିବା ଦ୍ୱାରା ଦଳଗୁଡ଼ିକ ପାଇଁ ରାଜନୈତିକ ଚାନ୍ଦାର ସ୍ୱଚ୍ଛତା ଉପରେ ଗଭୀର ପ୍ରଭାବ ପକାଇବ। ଏହି ୩ ଆଇନରେ ସଂଶୋଧନ ଅଣାଯିବା ଦ୍ୱାରା ଦଳଗୁଡ଼ିକର ଚାନ୍ଦାରେ ସ୍ୱଚ୍ଛତା ରହି ନ ପାରେ ବୋଲି ମଧ୍ୟ ଇସି ଏଥିରେ ଟିପ୍ପଣୀ ଦେଇଥିଲେ। ପ୍ରସ୍ତାବିତ ସଂଶୋଧନ ପରେ କେବଳ ରାଜନୈତିକ ଚାନ୍ଦା ଦେବା ପାଇଁ ଭୂତ କମ୍ପାନୀଗୁଡ଼ିକ ଗଢ଼ିବା ଉଠିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କମ୍ପାନୀଗୁଡ଼ିକୁ ନିଜ ଲାଭ ଓ କ୍ଷତି ଷ୍ଟେଟ୍‌ମେଣ୍ଟରେ ରାଜନୈତିକ ଚାନ୍ଦାକୁ ସାର୍ବଜନୀନ ନ କରିବା ପାଇଁ ଅନୁମତି ଦେବାର ତାତ୍ପର୍ଯ୍ୟ ସ୍ୱଚ୍ଛତା ସହ ସାଲିସ କରିବା ବୋଲି ଇସି ସେତେବେଳେ କେନ୍ଦ୍ରକୁ ସଚେତନ କରାଇଥିଲେ। ଇସିଙ୍କ ଅସନ୍ତୋଷକୁ ଯଥାର୍ଥ ବୋଲି ଆଇନ ମନ୍ତ୍ରଣାଳୟ ମାନିଥିବା ସତ୍ତ୍ୱେ ଅର୍ଥ ମନ୍ତ୍ରଣାଳୟ ଏହାକୁ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ ବୋଲି ବାତ୍ରା କହିଛନ୍ତି।

## ଫୁର୍‌ସତ

### ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁକୁ ପୂରିଲା ୩୦ ବର୍ଷ





**ନୂଆଦିଲ୍ଲୀ/ୱାଶିଂଟନ:** ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ(ୱାର୍ଲ୍ଡ ୱାଇଡ୍ ୱେବ୍)କୁ ମଙ୍ଗଳବାର ୩୦ ବର୍ଷ ପୂରଣ ହୋଇଛି। ୧୯୮୯ ମାର୍ଚ୍ଚ ୧୨ରେ ଏହା ସ୍ଥାପିତ ହୋଇଥିଲା। ଏନେଇ ଗୁଗୁଲ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଡୁଡଲ୍ ପ୍ରସ୍ତୁତ କରାଯାଇଛି। ଏଭଳି ୱେବସାଇଟ୍ ସହିତ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସଫଳତା ହାସଲ କରିପାରିଛି। ଇଣ୍ଟରନେଟ୍ ଅନେକ ପୂର୍ବରୁ ଆସିଥିଲେ ମଧ୍ୟ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଆସିବା ପରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏହାକୁ ଇଂଲଣ୍ଡ ବାସିନ୍ଦା ଟିମ୍ ବର୍ନର ପ୍ରସ୍ତୁତ କରିଥିଲେ।

### ହକିଙ୍ଗଙ୍କ ସ୍ମୃତିରେ 'ବ୍ଲାକ୍ ହୋଲ୍' କଏନ୍ ଜାରି

**ଲଣ୍ଡନ:** ବ୍ରିଟେନ୍‌ର ରୟାଲ୍ ମିଣ୍ଟ୍ ବିଶିଷ୍ଟ ପଦାର୍ଥବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗଙ୍କ ସ୍ମୃତିରେ ଏକ ନୂତନ 'ବ୍ଲାକ୍ ହୋଲ୍' କଏନ୍ ଜାରି କରିଛି। ବିଶ୍ୱ ପ୍ରସିଦ୍ଧ ତାତ୍ତ୍ୱିକ ପଦାର୍ଥବିଜ୍ଞାନୀଙ୍କ ମଧ୍ୟରୁ ଅନ୍ୟତମ ହକିଙ୍ଗ୍ ୭୬ବର୍ଷ ବୟସରେ ୨୦୧୮ ମାର୍ଚ୍ଚ ୧୪ରେ ପରଲୋକ ଗମନ କରିଥିଲେ। ବିଶ୍ୱର ବିଶିଷ୍ଟ ବୈଜ୍ଞାନିକ ଆଇଜାକ୍ ନିଉଟନ୍ ଓ ଚାର୍ଲସ ଡାରୱିନ୍‌ଙ୍କ ସହିତ ତାଙ୍କୁ ତୁଳନା କରାଯାଇପାରେ। ତାଙ୍କର ଅନ୍ୟତମ ମହାନ୍ ଆବିଷ୍କାର ହେଉଛି ବ୍ଲାକ୍ ହୋଲ୍ ବା କୃଷ୍ଣ ଗର୍ତ୍ତ। ଆଇନଷ୍ଟାଇନ୍‌ଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱ ଏବଂ କ୍ୱାଣ୍ଟମ୍ ମେକାନିକ୍ସର ପ୍ରୟୋଗାତ୍ମକ ମିଶ୍ରଣରୁ ବ୍ଲାକ୍ ହୋଲ୍ ରହସ୍ୟ ଉନ୍ମୋଚନ ହୋଇଛି। ଏହା ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ନୁହେଁ। ବରଂ ଏଥିରୁ ବିକିରଣ ସୃଷ୍ଟିହୁଏ। ଅର୍ଥାତ୍ ଏହା ବାଷ୍ପୀଭୂତ ହୋଇ ଅବଶେଷରେ ବିଲୀନ ହୋଇଯାଏ ବୋଲି ହକିଙ୍ଗ୍ ପ୍ରମାଣିତ କରିଛନ୍ତି। ଉଭୟ ସୁନା ଓ ରୁପାରେ ପ୍ରସ୍ତୁତ ଏହି ମୁଦ୍ରାଗୁଡ଼ିକର ମୂଲ୍ୟ ୫୫ରୁ ୭୯୫ ପାଉଣ୍ଡ ମଧ୍ୟରେ ରଖାଯାଇଛି। ଷ୍ଟିଫେନ୍ ହକିଙ୍ଗ୍ ବିଜ୍ଞାନର ଜଣେ ମହାନ୍ ରାଷ୍ଟ୍ରଦୂତ ଥିଲେ ବୋଲି ରୟାଲ ମିଣ୍ଟର ଉପଭୋକ୍ତା ନିର୍ଦ୍ଦେଶକ ନିକୋଲା ହାୱେଲ୍ ପ୍ରକାଶ କରିଛନ୍ତି ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୩.୦ |
| ଚାନ୍ଦବାଲି | ୩୫.୮ | ୨୪.୩ |
| କଟକ | ୩୬.୮ | ୨୨.୮ |
| ପାରାଦ୍ୱୀପ | ୩୦.୬ | ୨୫.୪ |
| ଭୁବନେଶ୍ୱର | ୩୭.୦ | ୨୩.୬ |
| ଗୋପାଳପୁର | ୩୧.୪ | ୨୪.୭ |
| ପୁରୀ | ୩୨.୬ | ୨୫.୮ |
| ଅନୁଗୋଳ | ୩୭.୭ | ୨୧.୦ |
| ବାରିପଦା | ୩୩.୦ | ୨୩.୦ |
| ଝାରସୁଗୁଡ଼ା | ୩୬.୪ | ୨୧.୦ |
| କେନ୍ଦୁଝର | ୩୪.୬ | ୨୦.୮ |
| ସମ୍ବଲପୁର | ୩୬.୬ | ୨୧.୯ |
| ସୁନ୍ଦରଗଡ଼ | ୩୬.୦ | ୧୫.୫ |
| ହୀରାକୁଦ | ୩୫.୬ | ୨୧.୮ |
| ତାଳଚେର | ୩୯.୨ | ୨୧.୩ |
| ଭବାନୀପାଟଣା | ୩୭.୫ | ୨୪.୭ |
| ବଲାଙ୍ଗୀର | ୩୬.୫ | ୨୧.୫ |
| କୋରାପୁଟ | ୩୪.୪ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୭.୫ | ୨୨.୨ |
| ମାଲକାନଗିରି | ୩୮.୦ | ୨୦.୨ |
| ସୋନପୁର | ୩୫.୦ | ୧୯.୮ |
| ଦାରିଙ୍ଗିବାଡ଼ି | ୩୪.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ବାଣ ତୁଳନାରେ ଯାନବାହନ ଅଧିକ ପ୍ରଦୂଷଣ ସୃଷ୍ଟିକାରୀ'

**ନୂଆଦିଲ୍ଲୀ:** ପରିବେଶରେ ମୋଟରଯାନଗୁଡିକ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବାବେଳେ ବାଣ ପ୍ରସ୍ତୁତକାରୀ ଶିଳ୍ପ ପଛରେ ଲୋକେ କାହିଁକି ପଡିଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଆତସବାଜି ଏବଂ ଅଟୋମୋବାଇଲ ଦ୍ୱାରା ଆନୁପାତିକ ପ୍ରଦୂଷଣ ମାତ୍ରା ଉପରେ ଏକ ତୁଳନାତ୍ମକ ଅଧ୍ୟୟନ କରିବା ପାଇଁ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ବାଣ ତିଆରି ଶିଳ୍ପ ବନ୍ଦ କରିଦେଲେ ଲୋକମାନେ ଜୀବିକା ହରାଇବେ। ଦେଶରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହା କୋର୍ଟ ଚାହାନ୍ତି ନାହିଁ। ବାଣ କାରଖାନା ଏବଂ ଯାନବାହନ ଦ୍ୱାରା ପୃଥକ୍ ଭାବେ କେତେ ମାତ୍ରାରେ ବାୟୁ ପ୍ରଦୂଷଣ ହେଉଛି ତାହାର ଏକ ତୁଳନାତ୍ମକ ଅଧ୍ୟୟନ କରାଯାଇଛି କି ବୋଲି ସୁପ୍ରିମକୋର୍ଟର ବିଚାରପତି ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଦାଲତରେ ଉପସ୍ଥିତ ଅତିରିକ୍ତ ସଲିସିଟର ଜେନେରାଲ୍ ଏ.ଏନ୍.ଏସ୍ ନାଦକର୍ଣ୍ଣିଙ୍କୁ ଖଣ୍ଡପୀଠ କହିଲେ, ଆପଣମାନେ ବାଣ କାରଖାନା ପଛରେ ପଡିଛନ୍ତି। କିନ୍ତୁ ଯାନବାହନ ଦ୍ୱାରା ଅଧିକ ପ୍ରଦୂଷଣ ହେଉଥିବା ଜଣାପଡୁଛି। ଦେଶରେ ବାଣ କାରଖାନାଗୁଡିକ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା ଦର୍ଶାଇ ଏଗୁଡ଼ିକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ଏକ ଆବେଦନ କରାଯାଇଥିଲା। ଉକ୍ତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ମତ ଦେଇଛନ୍ତି।



ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ମାର୍ଚ୍ଚ ୧୩ /୨୦୧୯ | Berhampur, Wednesday, March 13/ 2019 | ପୃଷ୍ଠା-୧



**ବାଷ୍ଟୋସଙ୍କ ଗୋଲରେ ମୁମ୍ବାଇ ବିଜୟୀ**

ରାଫେଲ ବାଷ୍ଟୋସଙ୍କ ଗୋଲ ବଳରେ ମୁମ୍ବାଇ ସିଟି ଇଣ୍ଡିଆନ ସୁପରଲିଗ୍ ସେମିଫାଇନାଲର ଦ୍ୱିତୀୟ ଚରଣ ମ୍ୟାଚରେ ଗୋଆ ଏଫସିକୁ ପରାସ୍ତ କରିଛି। ୧୬

୦୨ **ଶ୍ରୀଦେବୀଙ୍କୁ ଅନୁକରଣ ସହଜ ନୁହେଁ: ମାଧୁରୀ**

ଶ୍ରୀଦେବୀଙ୍କୁ ଅନୁକରଣ କରିବା ସହଜ ନୁହେଁ ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ପ୍ରକାଶ କରିଛନ୍ତି।



■ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ବର୍ଷିଲେ ସୋନିଆ, ପ୍ରିୟଙ୍କା

# ଜାତୀୟ ନିରାପତ୍ତା ସହ ସାଲିସ କରୁଛନ୍ତି ମୋଦି



■ ଫାସିବାଦୀ ବିଚାରଧାରାକୁ ପ୍ରତିହତ କରିବା ପାଇଁ ଯୁଦ୍ଧ ଜିତିବାକୁ ହେବ: ରାହୁଲ

ବିଫଳତାରୁ ଧ୍ୟାନ ହଟାଇବା ପାଇଁ ମୋଦି ଖେଳୁଛନ୍ତି 'ପୀଡ଼ିତ କାର୍ଡ': ସୋନିଆ



ସାଧାରଣ ନିର୍ବାଚନରେ ନିଜ ଭୋଟକୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତୁ ମତଦାତା: ପ୍ରିୟଙ୍କା

**ଅହମଦାବାଦ,୧୨।୩(ପି.ଟି.)**

୨୦୧୪ ସାଧାରଣ ନିର୍ବାଚନରେ ମିଛ ପ୍ରତିଶ୍ରୁତି ଦେଇ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାସୀନ ହୋଇଥିଲା। ଅଧିକାଂଶ ପ୍ରତିଶ୍ରୁତି ଅପୂରଣ ହୋଇ ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୁଲ୍ ନୀତିଗୁଡ଼ିକର ଶିକାର ହୋଇଛନ୍ତି ଦେଶର ସାଧାରଣ ଜନତା। ଏଥିପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ସ୍ୱାର୍ଥକୁ ନେଇ ରାଜନୀତି କରିବା ସହ 'ପୀଡ଼ିତ କାର୍ଡ' ଖେଳୁଛନ୍ତି। ସେ ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଜାତୀୟ ନିରାପତ୍ତା ସହ ସାଲିସ କରୁଛନ୍ତି ବୋଲି ମୋଦିଙ୍କ ରାଜ୍ୟ ଗୁଜରାଟରେ ମଙ୍ଗଳବାର କଂଗ୍ରେସ ସମାଲୋଚନା କରିଛି।

ଗୁଜରାଟରେ ୫୮ ବର୍ଷର ବ୍ୟବଧାନରେ ପ୍ରଥମଥର ପାଇଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲୁସି) ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅହମଦାବାଦସ୍ଥିତ ସର୍ଦ୍ଦାର ପଟେଲ ଜାତୀୟ ସ୍ମାରକୀରେ ଆୟୋଜିତ ବୈଠକ ଆରମ୍ଭରେ ପୁଲୱାମା ଆକ୍ରମଣର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ କଂଗ୍ରେସ ନେତା ତଥା ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ଏହି ଅବସରରେ ସୋନିଆ ପୂର୍ବର ଉପା ସରକାରଙ୍କ ସଫଳତା ସମ୍ପର୍କରେ ଅବତାରଣା କରିବା ସହ ଦେଶକୁ ନୂଆ ପଥ ପ୍ରଦର୍ଶନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ଆର୍‌ଏସ୍‌ଏସ୍ ଏବଂ ଭାଜପାର ଫାସିବାଦୀ, ଘୃଣ୍ୟ, କ୍ରୋଧୀ ଓ ବିଭାଜନବାଦୀ ବିଚାରଧାରାକୁ ପ୍ରତିହତ କରିବା ପାଇଁ ଯେତେ ତ୍ୟାଗ କଲେ ମଧ୍ୟ ତାହା ପର୍ଯ୍ୟାପ୍ତ ହେବ ନାହିଁ। ଏହି ଯୁଦ୍ଧ ଜିତିବାକୁ ହେବ।

ସେହିପରି ଉତ୍ତରପ୍ରଦେଶ (ପଶ୍ଚିମ) ପ୍ରଭାରୀ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ୨ ମାସ ପରେ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଥମଥ ପାଇଁ ସିଡବ୍ଲୁସି ବୈଠକରେ ଯୋଗଦେଇଥିଲେ। ଗାନ୍ଧୀନଗର ନିକଟସ୍ଥ ଅଦଲାଜ୍ ଗ୍ରାମରେ ଖବରଦାତାଙ୍କୁ ପ୍ରିୟଙ୍କା କହିଥିଲେ, ଦେଶରେ ଯାହାସବୁ ଚାଲିଛି ତାକୁ ନେଇ ସେ ମର୍ମାହତ। ନିଯୁକ୍ତି ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି କୁଆଡେ ଗଲା? ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରାଯାଉଛି। ଯେଉଁଆଡ଼େ ଦେଖିଲେ ଘୃଣା ବିସ୍ତାର କରାଯାଉଥିବା ନଜରକୁ ଆସୁଛି। ଲୋକଙ୍କ ବ୍ୟାଙ୍କ ଖାତରେ ୧୫ ଲକ୍ଷ ଟଙ୍କା ଲେଖାଏ ଜମା କରିବାକୁ ୨୦୧୪ରେ ଯେଉଁମାନେ ପ୍ରତିଶ୍ରୁତି ଦେଇଥିଲେ ସେହି ଅର୍ଥ ସମ୍ପର୍କରେ ସେମାନଙ୍କୁ ଲୋକେ ପ୍ରଶ୍ନ କରନ୍ତୁ। ଆଗାମୀ ସାଧାରଣ ନିର୍ବାଚନ ଆଉ ଏକ ସ୍ୱାଧୀନତା ସଂଗ୍ରାମ। ଏଥିରେ ମତଦାତା ସତର୍କ ହୋଇ ନିଜ ନିଜ ଭୋଟକୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତୁ। ଏହା ହିଁ ପ୍ରକୃତ ଦେଶଭକ୍ତିର ନିଦର୍ଶନ। କାରଣ ମତଦାତା ଏହି ଅସ୍ତ୍ରରେ କାହାରି କ୍ଷତି ନ କରି ନିଜେ ବଳଶାଳୀ ହୋଇପାରିବେ। ଏଥର ମହିଳାଙ୍କ ସୁରକ୍ଷା, ବେକାରି ଓ କୃଷି ସମସ୍ୟାକୁ ନେଇ ସାଧାରଣ ନିର୍ବାଚନ ଲଢ଼ାଯିବ ବୋଲି ପ୍ରିୟଙ୍କା କହିଥିଲେ। ଏହି ଅବସରରେ ପ୍ରିୟଙ୍କା ଏକାଧିକ ସ୍ଥାନରେ ଦଳୀୟ ☞ପୃଷ୍ଠା-୧୪

## କଂଗ୍ରେସରେ ମିଶିଲେ ହାର୍ଦ୍ଦିକ



କଂଗ୍ରେସରେ ଯୋଗଦାନ ଅବସରରେ ହାର୍ଦ୍ଦିକ ପଟେଲଙ୍କୁ ରାହୁଲ ଗାନ୍ଧୀ ସ୍ୱାଗତ ଜଣାଉଛନ୍ତି।

**ଅହମଦାବାଦ,୧୨।୩**

ପଟିଦାର ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ମଙ୍ଗଳବାର କଂଗ୍ରେସରେ ଯୋଗଦେଇଛନ୍ତି। ଅହମଦାବାଦରେ କଂଗ୍ରେସ ୱାର୍କିଂ କମିଟି (ସିଡବ୍ଲୁସି) ବୈଠକ ଚାଲିଥିବାବେଳେ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉପସ୍ଥିତିରେ ହାର୍ଦ୍ଦିକ ବିଧିବଦ୍ଧ ଭାବେ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ଗାନ୍ଧୀନଗରର ଅଦଲାଜରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ୨୫ ବର୍ଷୀୟ ପଟିଦାର ନେତା ହାର୍ଦ୍ଦିକ କହିଛନ୍ତି, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଜଣେ ସଚ୍ଚୋଟ ନେତା। ସେ ଜଣେ ଏକଚ୍ଛତ୍ରବାଦୀ ଭଳି କାମ କରନ୍ତି ନାହିଁ। କଂଗ୍ରେସରେ ମିଶିବା ପରେ ସେ ଏହି ନିଷ୍ପତ୍ତିକୁ ଏକ ଉଚିତ ପଦକ୍ଷେପ ଭାବେ ଅଭିହିତ କରି ଗୁଜରାଟର ୬ କୋଟି ଜନସାଧାରଣଙ୍କ ପାଇଁ ଭଲ ଭାବେ କାମ କରିପାରିବେ ବୋଲି କହିଛନ୍ତି।

## କପି ପାଇଁ ସିସିଟିଭି କ୍ୟାମେରାକୁ ବିରୋଧ

■ ଗଛ ତଳେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ଦେବଗଡ,୧୨।୩(ସ୍ୱ.ପ୍ର.)**

ପଶ୍ଚିମ ଓଡ଼ିଶାର ଅନ୍ୟତମ ପୁରାତନ ଦେବଗଡ ମହାବିଦ୍ୟାଳୟରେ ମଙ୍ଗଳବାର ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ହୋଇଥିଲା। ହେଲେ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରାକୁ ବିରୋଧ କରିଥିଲେ କେତେକ ଛାତ୍ରୀଛାତ୍ର। ସେମାନେ ଗଛ ମୂଳେ ଓ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। କପି କରିବାକୁ ସୁଯୋଗ ନ ମିଳିବାରୁ ଛାତ୍ରୀଛାତ୍ରମାନେ ଏଭଳି ଅଭିନବ ଉପାୟ ଅବଲମ୍ବନ କରିଥିବା କୁହାଯାଉଛି। ଏହି ଘଟଣା ସହର ସାରା ଚର୍ଚ୍ଚାର ବିଷୟ ହୋଇଛି। ଏହି ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଷୟରେ ୧୨୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୭ ପରୀକ୍ଷା ଦେଉଥିଲେ। କପି ପାଇଁ କୌଣସି ସୁଯୋଗ ନ ପାଇବାରୁ ପରୀକ୍ଷା ଚାଲିବାର ଏକ ଘଣ୍ଟା ପରେ ୪୪ ଛାତ୍ର ଓ ୨୪ ଛାତ୍ରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆଜି ପ୍ରତିଶ୍ରୁତି, କାଲି ଧୂଆଁ

**ଆଜିର ମନ୍ତବ୍ୟ**

"କଂଗ୍ରେସର ସଂସ୍କୃତି ଗାନ୍ଧିଜୀଙ୍କ ବିଚାରଧାରାର ପରିପନ୍ଥୀ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

NECC NATIONAL EGG CO-ORDINATION COMMITTEE 12.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 85 | 139 | 149 |
| ANG | 82 | 135 | 145 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers

## ନୂଆ ନିୟମ ପ୍ରାର୍ଥୀଙ୍କୁ ଅଡୁଆ

■ ସର୍ବଦଳୀୟ ବୈଠକ ଡାକିଲେ ନିର୍ବାଚନ ଅଧିକାରୀ

■ ଆପରାଧିକ ପୃଷ୍ଠଭୂମି ଜଣାଇବାକୁ ବାଧ

■ ୫ବର୍ଷର ଆୟକର ରିଟର୍ନ, ପାନ୍ ନମ୍ବର ବାଧ୍ୟତାମୂଳକ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ଆପରାଧିକ ମାମଲା ସାର୍ବଜନୀନ ହେବ। କେଉଁ ପ୍ରାର୍ଥୀ ବିରୋଧରେ କେତେ ମାମଲା ଥାନା କିମ୍ବା କୋର୍ଟରେ ବିଚାରାଧୀନ ରହିଛି ସେସବୁର ତଥ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗଣମାଧ୍ୟମରେ ପ୍ରକାଶ କରିବାକୁ ପଡ଼ିବ। ପ୍ରାର୍ଥୀମାନେ ନିଜ ଉପରେ ଥିବା ସମସ୍ତ ମାମଲାକୁ ନାମାଙ୍କନପତ୍ର ଦାଖଲ ଆରମ୍ଭରୁ ପ୍ରଚାର ଶେଷ ଯାଏ ୩ଟି ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମରେ ପ୍ରକାଶ କରିବେ। ନିଜ ଖର୍ଚ୍ଚରେ ଏସବୁ ବିଜ୍ଞାପନ ଦେବେ। ଏବାବଦ ସମସ୍ତ ବ୍ୟୟକୁ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତାଲିକାରେ ଯୋଡ଼ାଯିବ। ପ୍ରଥମ ଥର ଲାଗି ଭାରତର ନିର୍ବାଚନ କମିଶନ ଫର୍ମ-୨୬ରେ ଏଭଳି ବ୍ୟବସ୍ଥା କରିଛନ୍ତି। ପୂର୍ବରୁ ପ୍ରାର୍ଥୀମାନେ ନିଜର ସମସ୍ତ ବିବରଣୀ ପ୍ରାର୍ଥିପତ୍ର ଦାଖଲ କରିବା ବେଳେ ସତ୍ୟପାଠ ଜରିଆରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରୁଥିଲେ। ଏହାକୁ ମତଦାତା ଜାଣି ପାରୁ ନ ଥିଲେ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ସମସ୍ତ ପ୍ରାର୍ଥୀ କେତେ ସ୍ୱଚ୍ଛ କିମ୍ବା ସେମାନଙ୍କ ଆପରାଧିକ ପୃଷ୍ଠଭୂମି କ'ଣ ରହିଛି ବିଷୟରେ ଭୋଟରମାନେ ଅବଗତ ହୋଇପାରିବେ। ପ୍ରାର୍ଥୀମାନଙ୍କ ଚରିତ୍ର ପଞ୍ଜିକାକୁ ଦେଖି ଭୋଟରମାନେ ମତଦାନ କରିବେ। ☞ପୃଷ୍ଠା-୧୪

## ବିଜେଡି ସଫାହେବା ନିଶ୍ଚିତ: ଅରୁଣ



■ ବିଜୟ, ଦିଲୀପଙ୍କୁ ନେଇ ନୂଆ ଚର୍ଚ୍ଚା

■ ସପ୍ତାହେ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

■ ବହୁ ନେତା ବିଜେଡି ଛାଡ଼ି ଭାଜପାରେ ମିଶିବେ

■ ମୋଦି ପୁରୀରୁ ପ୍ରାର୍ଥୀ ହେବା କଥା ସ୍ପଷ୍ଟ କଲେନି

**ଭୁବନେଶ୍ୱର,୧୨।୩ (ବ୍ୟୁରୋ)**

ଓଡ଼ିଶାରେ ସରକାର କରିବାକୁ ଯାଉଛି ଭାଜପା। ରାଜ୍ୟବାସୀଙ୍କ ମନରେ ଅଛି ଯେ, ଉଭୟ ରାଜ୍ୟ ଓ କେନ୍ଦ୍ରରେ ମୋଦି ସରକାର ଆସିବା ଦରକାର। ନବୀନ ପଟ୍ଟନାୟକଙ୍କ ସରକାରର ଶେଷ ସମୟ ଆସିଗଲାଣି। ସେମାନଙ୍କ ସବୁ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଏଥର ହାରିବେ। ୨୦ବର୍ଷ କାଳ ଶାସନ ଭିତରେ ସେମାନଙ୍କ ଉପରେ ଯେଉଁଭଳି ଜନଆକ୍ରୋଶ ବୃଦ୍ଧି ପାଇଛି ତାହା ଜଳଜଳ ଦେଖାଯାଉଛି। ଏଥର ବିଜେଡି ସଫା ହୋଇଯିବା ନିଶ୍ଚିତ ବୋଲି ମଙ୍ଗଳବାର ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ କହିଛନ୍ତି। ଅନ୍ୟପଟେ ଆସନ୍ତା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ସପ୍ତାହେ ମଧ୍ୟରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବରିଷ୍ଠ ନେତା ଦାମୋଦର ରାଉତ, ☞ପୃଷ୍ଠା-୧୪

## କାହା ସହ ମେଣ୍ଟ କରିବ ନାହିଁ ବିଜେଡି



■ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ୍: ନବୀନ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ଏକୁଟିଆ ଲଢ଼ିବ। ବିଧାନସଭା ଓ ଲୋକ ସଭା ଆସନ ପାଇଁ କାହା ସହ ମେଣ୍ଟ କରିବ ନାହିଁ। ସେହିପରି ବିଜୟ ସମ୍ଭାବନା ଥିବା ପ୍ରାର୍ଥୀମାନଙ୍କୁ ହିଁ ଚୟନ କରାଯିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଗତ ୫ ବର୍ଷରେ ବିଭିନ୍ନ କାରଣରୁ ଲୋକପ୍ରିୟତା ହରାଇଥିବା ବିଧାୟକଙ୍କୁ ଟିକେଟ୍ ମିଳିବ ନାହିଁ, ଯାହା ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୨୮ ବିଧାନସଭା ଆସନରୁ ପ୍ରାୟ ୧୨ଟି ଆସନରେ ନୂଆ ମୁହଁ ଦେବାକୁ ବିଜେଡି ଚିନ୍ତା କରୁଛି। ହେଲେ ପ୍ରାର୍ଥୀ ବଦଳିବା ପରେ ଯେପରି ବିଦ୍ରୋହ ଦେଖା ନ ଦିଏ, ସେଥିପ୍ରତି ବିଜେଡି ଦୃଷ୍ଟି ଦେଇଛି। ବିଦ୍ରୋହୀ ପ୍ରାର୍ଥୀ ଯେପରି ଭାଜପାକୁ ନ ଯିବେ, ସେଥିପ୍ରତି ମଧ୍ୟ ଦୃଷ୍ଟି ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା(କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର) ଆସନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ☞ପୃଷ୍ଠା-୧୪





■ ଖଣି କମ୍ପାନୀର ଦାମୀ ଗାଡ଼ି

# ବ୍ୟବହାର କରୁଛନ୍ତି ମନ୍ତ୍ରୀ, ବନ ଅଧିକାରୀ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ମନ୍ତ୍ରୀ ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଦିଆଯାଇଥିବା ଦାମୀ ଗାଡ଼ି ବ୍ୟବହାର କରୁଛନ୍ତି। କିନ୍ତୁ ନିୟମ ରହିଛି ଯେ, କେବଳ ବୃକ୍ଷରୋପଣ ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟରେ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନେ କମ୍ପାନୀଗୁଡ଼ିକଠାରୁ ଗାଡ଼ି ଆଣିପାରିବେ। ଯେଉଁ କମ୍ପାନୀ ପାଇଁ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଉଥିବ, ତା'ର ଭିତ୍ତିଭୂମି ହିସାବରେ ବିଭାଗ ଗାଡ଼ି ମାଗିପାରିବ। କାରଣ, ଭିତ୍ତିଭୂମି ହିସାବରେ କାମ କରିବା ପାଇଁ କମ୍ପ୍ୟୁଟର ଓ ଜଗିବା ପାଇଁ ୱାଚର ଆଦି ମଗାଯାଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, ଜଙ୍ଗଲ ସଂରକ୍ଷଣ ହେଉ କିମ୍ବା ବନ୍ୟଜନ୍ତୁ ସଂରକ୍ଷଣ, ଏଥିରେ କୌଣସି ଦାମୀ ଗାଡ଼ି ଲାଗିବାର ଆବଶ୍ୟକତା ନାହିଁ। ଯଦିଓ ଏଭଳି ଗାଡ଼ି କମ୍ପାନୀଗୁଡ଼ିକ ଦେଉଛନ୍ତି, ତେବେ ବିଭାଗୀୟ ଅଧିକାରୀମାନେ କିପରି ସେହି ଗାଡ଼ିଗୁଡ଼ିକୁ ନିଜର ଆବଶ୍ୟକତା ପାଇଁ ବ୍ୟବହାର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ସଦସ୍ୟ ଡ. ବିଶ୍ୱଜିତ୍ ମହାନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, କାମ୍ପା ପ୍ରୋଜେକ୍ଟ ଜରିଆରେ ବିଭାଗ ପ୍ରତିବର୍ଷ ୪୦୦କୋଟି ଟଙ୍କା ଖର୍ଚ୍ଚ କରୁଛି। ହେଲେ ସେହି ଟଙ୍କାରେ ବିଭାଗୀୟ ଅଧିକାରୀମାନେ ☞ପୃଷ୍ଠା-୧୪



Information in reply to RTI application dated 10.12.18 of Sri Biswajit Mohanty
Vehicles provided by the user agency from 16.2.2016 to 12.12.2018
Keonjhar Forest Division

| Vehicle Registration Number | Type and Make of vehicle | Name of user agency who provided the same | Name of the diversion proposal/wildlife management plan against which the vehicle has been obtained | Purpose for which vehicle has been obtained from user agency. | Designation and name of the Officer to whom th vhicle has been allotted. |
|---|---|---|---|---|---|
| OD09H2538 | Bolero-Mahindra & Mahindra | M/s KJS Ahuluwalia | Site Specific Wildlife Conservation Plan of Nuagaon Iron Ore Mines | Protection duty | Forest Protection duty in Keonjhar Forest Division. |
| OD09H2539 | Bolero-Mahindra & Mahindra | | | | |
| OD02AAK4500 | LMV Innova Crystal 2.4-Toyota Kirloskar Motor Ltd | M/s TATA Steal Ltd. | Site Specific Wildlife Conservation Plan of Joda West Manganese Mines | Provision for Vehicle for the DFO. | As per Memo No. 1035 dt.4.2.17 of the Pr.C.C.F (WL) & CWLW, Odisha, Bhubaneswar, the vehicle handed over to Pr.CCF, Wildlife & CWLW vide this office memo No.899 dt.4.2.2017 for official use by the Hon'ble Minister, Forest & Environment Department, Odisha |

Public Information Officer
O/o the Divisional Forest Officer
Keonjhar Division

ଆର୍‌ଟିଆଇ ଜରିଆରେ ମିଳିଥିବା ତଥ୍ୟର ନକଲ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁଡ୍ଡୁ
ପରିବାରବର୍ଗ


ବିନମ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





### BRIDE WANTED

Wanted bride for candidate 30, 5'7", working as Engineer at Hindustan Power Plant, Madhya Pradesh, Tanti/ Hansi community from Dhenkanal, Angul, Cuttack District. Contact: 9938444527. D-62085

କଂସାରି ପାତ୍ର ୨୮ କମ୍ପାନୀଚାକିରି ମାଟ୍ରିକ୍ ଚାକିରି କରିଥିବା ବ୍ୟବସାୟିକ ପାତ୍ରୀ ଆବଶ୍ୟକ। (No- Mediator). 7377316197. D-59926

Bride wanted for Karan IT Engineer in MNC, 31 years, 5'5". Preference- Corporate/ Bank Officer with professional/ Engineering Qualification. Contact: 8249566409, 9437442588. D-58058

Hindu divorcee Teli/ 39 yrs/ 5'6''/ B.Tech/ Rs 20 lakhs per annum seeks beautiful educated bride. Caste no bar. Mob: 9900176521. D-11573

Brahmin boy 1981 B.Tech MBA, Software MNC, Bangalore 24,00,000/-. 9238578590. D-66110

Khandayat boy age about 34yrs, working as Director of public limited company, salary per month 1.5 lakhs, Rasi: Dhanistha Kumbha (23/11) qualification: BSc, MBA, height 5'5" with sound health need a Khandayat girl age about 25-30 years, qualification: Masters or any professional qualification. To Email Id: muktikantabadu85@gmail.com. Mobile: 7681802625. D-65498

Widower groom Engineer 40, Cleark 42. (Caste-no-bar). Contact: 7873374269. D-65500

Wanted fair beautiful highly qualified bride above 29 for BM, Indusind Bank, Nimapara, 35/ 5'8". 9437130189. D-11597

Karan boy 1986, 5'10" B.Tech serving Software Engineer KPMG, Bangalore, "Sunasansar". 9937512659. D-11618

### GROOM WANTED

Beautiful Brahmin girl 1992, B.Tech software Engineer, MNC, Bangalore. 9437555525. D-58061

Beautiful Khandayat girl 1987 graduate requires service holder early marriage. 9439493111. D-66109

## classified




### SALE

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita- 9853150290. D-65383

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Bhubaneswar ପିତାପଲ୍ଲି ଛକରେ BDA plot electric, 30'road available. 9090963952. D-65389

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Personal gharabari boundary plot near Sunderpada (Panchagaon) 60' road. 1500 sqft. at 600000/-. 9439489633, 7377738490. D-11550

### GENERAL

### SALE

Used Automatic mineral water bottle filling machine for sale. Contact: 9556078355. D-66406




**Commercial space 1500 sqft. at Dindayal Bhawan, next to UCO Bank, Master Canteen available. Contact: Hindustan Jewellers, Bapuji Nagar, Bhubaneswar.** D-65621

### ACCOMMODATION

Required 1500sqft. godown on rent near Bhubaneswar, Cuttack, Khurdha, Puri. Contact: 7411116589, 9938732257. D-66405

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LOST

ROR patta in original mouza, Bhagatpur, khata-75, Khantapada PS No II, along with other documents lost within Khantapada to Baleswar. If found contact: 9861245000. D-11632

### AFFIDAVIT

I Biswa Ranjan Das son of Rabindra Kumar Das resident of Bhubaneswar declare that Biswa Ranjan Das and Biswaranjan Das is one and the same person vide affidavit sworn before the Notary Public Bhubaneswar on 19 December 2018. D-66403

I Nalini Prava Das wife of Rabindra Kumar Das resident of Bhubaneswar declare that Nalini Prava Das and Nalini Prabha Das is one and the same person vide affidavit before the Notary Public Bhubaneswar on 19 December 2018. D-66404

### Marriage Wish



**Santanu Barik**
**Baijayinti Barik**
Unit-8, Bhubaneswar
Wishing you a life time of love and happiness. Wishing you happy married life.
**complements from best friends**
D-11624

### Marriage Wish



**Karttika with Sandhyarani**
Best wishes from family, friends & relatives
D-11617

### ଜନ୍ମଦିନ ଶୁଭେଚ୍ଛା



**ଭିନମ୍ର ରୌନକ ଦାଶ**
**କୁବୁଲି ଟାଉନ, ଢେଙ୍କାନାଳ**
ତୁମ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ ଏବଂ ତୁମର ଚଲାପଥ କୁସୁମିତ ହେଉ। ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ବାପା, ମା, ନନା, ବଡମାମା, ପାପୁ, ମାମା, ଅଜା, ଆଈ ଓ ଆତ୍ମୀୟସ୍ୱଜନ।
ଧ-୬୨୦୮୬

**ପ୍ରଥମ ପୃଷ୍ଠାରୁ...**

## କପି ପାଇଁ ସିସିଟିଭି ...

ସିସିଟିଭି କ୍ୟାମେରାକୁ ବିରୋଧ କରିଥିଲେ। କପି କରିବା ପାଇଁ ପରୀକ୍ଷା ହଲରୁ ବାହାରି ଗଛ ତଳେ ଏବଂ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। ତେବେ ମହାବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ ପରୀକ୍ଷାର୍ଥୀଙ୍କୁ ବହୁଥର ବୁଝାଶୁଝା କରିଥିଲେ। ମାତ୍ର ପରୀକ୍ଷାର୍ଥୀମାନେ କପି ଲାଗି ନିୟମ କୋହଳ କରିବା ପାଇଁ ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଏବଂ ଦେବଗଡ ଏସ୍‌ପି ରାହୁଲ ଜୈନ୍‌ଙ୍କୁ ଖବର ଦେଇଥିଲେ। ଖବରପାଇ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରୀକ୍ଷା ଖାତା ଜବତ ସହ ତଦନ୍ତ କରି ଫେରିଯାଇଥିବା ଜଣାପଡିଛି। ଗତ ୭ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ୫ ଦିନ ମଧ୍ୟରେ ଏହାକୁ କୌଣସି ପରୀକ୍ଷାର୍ଥୀ ବିରୋଧ କରି ନ ଥିବାବେଳେ ହଠାତ୍ ମଙ୍ଗଳବାର ପରୀକ୍ଷା ହଲରେ ଖଞ୍ଜା ଯାଇଥିବା ସିସିଟିଭି କ୍ୟାମେରାକୁ ପରୀକ୍ଷାର୍ଥୀମାନେ କାହିଁକି ବିରୋଧ କଲେ ତାହା ଜଣାପଡିନାହିଁ।

# ଶ୍ରୀଦେବୀଙ୍କୁ ଅନୁକରଣ ସହଜ ନୁହେଁ: ମାଧୁରୀ



ମୁମ୍ବାଇ

ଶ୍ରୀଦେବୀଙ୍କୁ ଅନୁକରଣ କରିବା ସହଜ ନୁହେଁ। 'କଳଙ୍କ'ରେ ତାଙ୍କ ବଦଳରେ ଅଭିନୟ କରିବା ଖୁବ୍ ଭାବପ୍ରବଣ ଓ କଷ୍ଟକର ଥିଲା ବୋଲି ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ପ୍ରକାଶ କରିଛନ୍ତି। କରନ୍ ଜୋହରଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମରେ ମାଧୁରୀ ବହର ବେଗମ୍ ଭୂମିକା ନେଇଛନ୍ତି। ୨୦୧୮ରେ ଶ୍ରୀଦେବୀଙ୍କ ମୃତ୍ୟୁପରେ ଏହି ଫିଲ୍ମରେ ଅଭିନୟ କରିବା ପାଇଁ ମାଧୁରୀଙ୍କୁ ସୁଯୋଗ ମିଳିଥିଲା। ମଙ୍ଗଳବାର ଫିଲ୍ମର ଟିଜର ଲଞ୍ଚ୍ ବେଳେ 'କଳଙ୍କ' ସେଟ୍‌ରେ କିପରି ଅନୁଭବ କରୁଛନ୍ତି ବୋଲି ମାଧୁରୀଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ପ୍ରଥମତଃ ଶ୍ରୀଦେବୀଙ୍କ ମୃତ୍ୟୁ ଥିଲା ଆମ ପାଇଁ ଦୁଃଖଦ ଖବର। ଶ୍ରୀଦେବୀଙ୍କ ସ୍ଥାନରେ ଅଭିନୟ କରିବାକୁ ମୋତେ ଅଫର ମିଳିଥିଲା। ତେବେ ଏହାକୁ ଗ୍ରହଣ କରିବା ମୋ ପକ୍ଷରେ ସହଜ ନ ଥିଲା। କାରଣ ତାଙ୍କ ପ୍ରତି ମୋର ସମ୍ମାନ ଓ ଭଲ ପାଇବା ଥିଲା। ସେ ଥିଲେ ଜଣେ ଭଲ କଳାକାର ଓ ଭଲ ମଣିଷ। କିନ୍ତୁ କର୍ତ୍ତବ୍ୟର ଆହ୍ୱାନରେ ତାଙ୍କ ଭୂମିକା ନେବାପରେ ସବୁକିଛି ଭୁଲିଯିବାକୁ ପଡିଥିଲା ବୋଲି ମାଧୁରୀ ପ୍ରକାଶ କରିଛନ୍ତି। ଅଭିଷେକ ବର୍ମନ୍‌ଙ୍କ ନିର୍ଦ୍ଦେଶିତ 'କଳଙ୍କ'ରେ ଅଭିନୟ କରିଛନ୍ତି ସଞ୍ଜୟ ଦତ୍ତ, ବରୁନ ଧାବନ୍, ଆଦିତ୍ୟ ରଏ କପୁର, ଆଲିଆ ଭଟ୍ଟ ଏବଂ ସୋନାକ୍ଷୀ ସିହ୍ନା। ଏହା ଏପ୍ରିଲ ୧୭ରେ ରିଲିଜ ହେବାକୁ ଯାଉଛି।

## ୧୫ରେ ବରଗଡ଼ ଆସିବେ ରାହୁଲ

ବରଗଡ଼ ଅଫିସ,୧୨।୩

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୧୫ରେ ବରଗଡ଼ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବରଗଡ଼ ସହର ଉପକଣ୍ଠ ନୂଆଁ ସରସରା ପଡ଼ିଆରେ ରାହୁଲ ୧୫ ତାରିଖ ଅପରାହ୍ନ ୧ଟାରେ ପହଞ୍ଚି ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨ଟା ୧୫ରେ ବରଗଡ଼ରୁ ରାୟପୁର ଅଭିମୁଖେ ବାହାରିବେ। ଏନେଇ ମଙ୍ଗଳବାର ଏଆଇସିସି ସମ୍ପାଦକ ମସ୍ତାନ ଅଲ୍ଲୀ, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ, ପୂର୍ବତନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସମେତ ଦଳର ଏକ ପ୍ରତିନିଧି ଦଳ ନୂଆଁ ସରସରା ପଡ଼ିଆ ପରିଦର୍ଶନ କରିଥିଲେ। ସେହିପରି ଏସ୍‌ପିଙ୍କ କାର୍ଯ୍ୟାଳୟରେ ରାହୁଲଙ୍କ ଗସ୍ତ ନେଇ ଅନୁଷ୍ଠିତ ବୈଠକରେ କଂଗ୍ରେସ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା ।

## ଦୁର୍ଘଟଣାରେ ୨ ମୃତ

ଜଗନ୍ନାଥପ୍ରସାଦ,୧୨।୩- ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଜରିପଲ୍ଲୀ ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତାରସିଂ ଥାନା ଗାଲେରି ଅଞ୍ଚଳ ଖମଣସାହିର ଚକରା ପଟ୍ଟନାୟକ ଓ ସୁଧୀର ଭୋଇ। ପ୍ରକାଶ ଯେ, ଚକରା ଓ ସୁଧୀର ଗୋଟିଏ ବାଇକରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଭଞ୍ଜନଗର ଅଭିମୁଖେ ଯାଉଥିଲେ। ଜରିପଲ୍ଲୀ ନିକଟରେ ଏକ ଟାଟାମ୍ୟାଜିକ୍ ସହ ବାଇକ୍‌ର ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ଚକରାଙ୍କର ମୃତ୍ୟୁ ହୋଇଯାଇଥିଲା। ଆହତ ସୁଧୀରଙ୍କୁ ପୋଲିସ ଉଦ୍ଧାର କରି ଜଗନ୍ନାଥପ୍ରସାଦ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର ବେଳେ ରାତି ପ୍ରାୟ ସାଢେ ୧୦ଟାରେ ମୃତ୍ୟୁ ଘଟିଛି।

## ୨ ଅପହୃତଙ୍କୁ ଛାଡିଲେ ମାଓବାଦୀ

ମାଲକାନଗିରି,୧୨।୩(ସ୍ୱ.ପ୍ର.)- ସୀମାନ୍ତ ଛତିଶଗଡ଼ରେ ୨ଦିନ ତଳେ ମାଓବାଦୀମାନେ ଜଣେ ଶିକ୍ଷକ ଜୟସିଂ କୁରେଟି ଓ ପୋଲିସ ଏଏସଆଇ ଲଳିତ କାଶ୍ୟପଙ୍କୁ ଅପହରଣ କରି ନେଇଥିଲେ। ସେମାନଙ୍କ ମଧ୍ୟରୁ ଏଏସଆଇ କାଶ୍ୟପଙ୍କୁ ମାଓବାଦୀମାନେ ହତ୍ୟା କରିଥିବା ମିଛ ପ୍ରଚାର କରି ଜଣକର ମୃତଦେହ ଆଣି ଗ୍ରାମ ମୁଣ୍ଡରେ ଫିଙ୍ଗି ଚାଲିଯାଇଥିଲେ। ପରେ ସେହି ମୃତଦେହ ଏଏସଆଇଙ୍କର ନୁହେଁ ବୋଲି ମଧ୍ୟ ଜଣାପଡିଥିଲା। ମାଓବାଦୀମାନେ ଶିକ୍ଷକ ଜୟସିଂ ଏବଂ ଏଏସଆଇ କଶ୍ୟପଙ୍କୁ ସୋମବାର ବିଳମ୍ବିତ ରାତିରେ ଛାଡିଦେଇଛନ୍ତି। ପୋଲିସ ଡିପାର୍ଟମେଣ୍ଟକୁ ହଇରାଣ କରିବାକୁ ସେମାନେ ଏପରି ଯୋଜନା କରିଥିଲେ ବୋଲି ମଙ୍ଗଳବାର ଦାନ୍ତେଓଡ଼ା ଏସିପି ଅଭିଷେକ କହିଛନ୍ତି । ଅନ୍ୟପକ୍ଷରେ ଏଏଆଆଇ କଶ୍ୟପ ଓ ଶିକ୍ଷକ ଜୟସିଂ ଅତ୍ୟଧିକ ମଦ ପିଇ ଦେଇଥିଲେ। ସେମାନେ ନିଶାରେ ମାଓବାଦୀ ଅଞ୍ଚଳକୁ ଚାଲିଯାଇଥିଲେ। ପୋଲିସ କାର୍ଯ୍ୟାଳୟରୁ ଅନୁମତି ନ ନେଇ ମାଓବାଦୀ ଅଞ୍ଚଳକୁ ଯାଇଥିବାରୁ ଏଏସଆଇ କାଶ୍ୟପଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

### ଭାରତ-ପାକ୍ ସୀମାନ୍ତରେ ସନ୍ଦିଗ୍ଧ ଆତଙ୍କବାଦୀ ଧରାପଡ଼ିବା ଘଟଣା

# ଗିରଫ ସୁମିତଙ୍କୁ ଛାଡ଼ିଲା ପୋଲିସ

ନୂଆପଡା ଅଫିସ,୧୨।୩

ଚଳିତ ମାସ ପ୍ରଥମ ସପ୍ତାହରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧକାଳୀନ ପରିସ୍ଥିତି ଚାଲିଥିବାବେଳେ ରାଜସ୍ଥାନ ସୀମାନ୍ତରେ ଭାରତୀୟ ସେନା କେତେଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ସେଥିରେ ନୂଆପଡା ଜିଲାରୁ ଜଣେ ସାମିଲ ଥିବା ଜଣାପଡିଥିଲା। ସେ ହେଉଛନ୍ତି ସ୍ଥାନୀୟ ଅଏଁଲାଜୁବା ଗାଁର ସୁମିତରାମ ଜଗତ (୪୨) । ପୋଲିସ ଛାନ୍‌ଭିନ ପରେ ସେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡିଥିଲା । ଏହା ପରେ ପୋଲିସ ତାଙ୍କୁ ଖଲାସ କରିଛି । ପରିବାରବର୍ଗ ତାଙ୍କୁ ଆଣିବାକୁ ସେଠାକୁ ଯାଇଥିବା ଜଣାପଡ଼ିଛି।

ମିଳିଥିବା ଖବର ଅନୁଯାୟୀ ଗତ ୩ ତାରିଖରେ ରାଜସ୍ଥାନ ଜୈସାଲମେର ଜିଲା ସରୋଡା ଥାନାଠାରୁ କିଛି ଦୂର ପାକିସ୍ତାନ ସୀମାନ୍ତ ଅଞ୍ଚଳରେ ପୋଲିସ ଛାନ ଭିନ ଚଳାଇଥିବା ବେଳେ ଆତଙ୍କବାଦୀ ସନ୍ଦେହରେ କେତେଜଣ ଯୁବକଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଥିବା ସୁମିତରାମଙ୍କୁ ଦିନତମାମ ଜେରା କରିବା ପରେ ସେ ନୂଆପଡାର ଏବଂ ସେ ମାନସିକ ଭାବେ ବିକାରଗ୍ରସ୍ତ ଥିବା ଜଣାପଡିଥିଲା। ଏ ସମ୍ପର୍କରେ ଜୈସାଲମେର ପୋଲିସ ନୂଆପଡା ଜିଲା ଖରିଆରରୋଡ ଜୋନ୍ଙ୍କ ପୋଲିସକୁ ଯୋଗାଯୋଗ କରି ତାଙ୍କର ଫଟୋ ପଠାଇଥିଲା । ଏଥିରେ ପରିବାରବର୍ଗ ଜାଣି ପାରି ସେଠାକୁ ଯାଇଛନ୍ତି। ଦୁଇଦିନତଳେ ସୁମିତରାମଙ୍କ ବଡ ପୁଅ ଗୋବିନ୍ଦା, ବଡଭାଇ ପୁନିତରାମ ଏବଂ ସମ୍ପର୍କୀୟ ଭାଇ ଯତିରାମ ଜଗତ ରାଜସ୍ଥାନ ଯାଇଛନ୍ତି। ବଡଭାଇ ପୁନିତରାମଙ୍କ ସହ ଆମ ପ୍ରତିନିଧିଙ୍କ ଯୋଗାଯୋଗ କରିବାରୁ ସେମାନେ ଜୈସାଲମେର ପହଞ୍ଚି ପୋଲିସକୁ ତଦନ୍ତରେ ସହଯୋଗ କରିଥିବା କହିଛନ୍ତି । ସୀମାନ୍ତରେ ଆତଙ୍କବାଦୀ ବୋଲି ଅଟକ ରଖାଯାଇଥିଲା। ମଙ୍ଗଳବାର ସକାଳେ ପୋଲିସ ଛାଡିଦେଇଥିବା ଫୋନ ଯୋଗେ କହିଛନ୍ତି । ଏହି ଖବର ପାଇବା ପରେ ପରିବାର ସମେତ ଗାଁରେ ଖୁସିର ଲହରି ଖେଳିଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସୁମିତରାମ ଆଜକୁ ୩ ବର୍ଷ ତଳେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଦିନେ ହଠାତ କାହାରିକୁ କିଛି ନ କହି କୁଆଡେ ଚାଲିଯାଇଥିଲେ। ସେହି ଦିନଠାରୁ ପରିବାର ଲୋକ ଖୋଜାଖୋଜି କରି ହାରିଯାଇଥିଲେ। ଏହି ଖବର ପାଇବା ପରେ ଖୁସିରେ କାନ୍ଦି ଉଠିଛନ୍ତି ମା' ଘରମନି ଜଗତ। ଭାରତୀୟ ପୋଲିସ/ସେନା ଉପରେ ମୋରି ପୂର୍ଣ୍ଣ ଭରସା ରହିଛି। ମୋ ପୁଅଙ୍କୁ ରକ୍ଷା କରି ଫେରାଇ ଦେଇଛନ୍ତି ବୋଲି ମା' ଘରମନି କହିଛନ୍ତି।

**କିଛି ତଥ୍ୟ**
ଫେବୃୟାରୀ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ପୁଞ୍ଜି ପ୍ରତ୍ୟାହାରରୁ ସରକାର ୫୬,୪୭୩ କୋଟି ଟଙ୍କା ଲାଭ କରିଛନ୍ତି। - ଅର୍ଥ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚରାଶିରେ ଚନ୍ଦ୍ର ଆପଣଙ୍କୁ ସୁସ୍ଥ ପାରିବାରିକ ଜୀବନ ଓ ନିରଙ୍କୁଶ କର୍ମସାଧନ ପାଇଁ ଆନୁଷଙ୍ଗିକ ପରିବେଶ ସୃଷ୍ଟି କରିବ। ବନ୍ଧୁମାନଙ୍କ ସାହାଯ୍ୟ ଲାଭ କରି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିପାରିବେ। ପାରିବାରିକ ସମସ୍ୟା ସମାଧାନରେ, ଜମିଜମା ବିବାଦରେ, ପରିବହନର ଝଗଡ଼ାରେ ବିଜୟୀ ହେବେ।

**ବୃଷ** ରାଶିରେ ତୃତୀୟାଧିପ ରହିବା ହେତୁ ନିଜର ସମ୍ପର୍କୀୟ କିମ୍ବା ପଡୋଶିନୀଙ୍କ ସହାନୁଭୂତି ଯୋଗୁ କାର୍ଯ୍ୟ ସାଧନ କରିପାରିବେ। ବ୍ୟବସାୟିକ ସଫଳତା ଓ କଳା, ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବ।

**ମିଥୁନ** ଧନାଧିପ ଦ୍ୱାଦଶସ୍ଥ ହେତୁ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟ ସିଦ୍ଧି, ବନ୍ଧୁଙ୍କ ସହଯୋଗ ଓ ହିତୈଷୀଙ୍କ ପରାମର୍ଶ ପାଇ ଖୁସି ହେବେ। ପରିବାରର ଅନୁରୋଧକ୍ରମେ କୌଣସି କାମ ସକାଶେ ଭ୍ରମଣରେ ବାହାରିପାରନ୍ତି। ଉଦ୍ୟୋଗ, ନୂତନ ପ୍ରକଳ୍ପ କିମ୍ବା ବ୍ୟବସାୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ । ଜଣେ ବ୍ୟକ୍ତିଙ୍କ ସହ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

**କର୍କଟ** ଶନିଙ୍କ ଦୃଷ୍ଟି ଆଢୁଆଳରେ ଚନ୍ଦ୍ର ଶାରୀରିକ ଓ ମାନସିକ ସୁସ୍ଥତା ରକ୍ଷାକରି ଦୈନନ୍ଦିନ ଜୀବନଯାତ୍ରାକୁ ନିଷ୍କଣ୍ଟକ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହାନୁଭୂତିର ସହ ସହଯୋଗର ହାତ ବଢାଇବେ। ସାହିତ୍ୟ,ସାମ୍ବାଦିକତା, ଏଜେନ୍ସିପ୍ କ୍ଷେତ୍ରରୁ ସୁଫଳ ମିଳିବ। କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତାର ସମ୍ଭାବନା ରହିଛି।

**ସିଂହ** ଆଜି ଗଜକେଶରୀ ଯୋଗ ପ୍ରଭାବରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ସମ୍ମାନଜନକ ପଦବୀ ସାଙ୍ଗକୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ବିଭିନ୍ନ ଯୋଜନା, ସମ୍ପର୍କୀୟ ଆଲୋଚନା, ଦୂରଯାତ୍ରାର ସୁଯୋଗ ଲାଭକରି ଖୁସି ହେବେ। ଘରୋଇ କ୍ଷେତ୍ରରେ ଜମିଜମା କାରବାର, ଗାଡ଼ିମୋଟର ମରାମତି ସକାଶେ ଫଳପ୍ରଦ ଆଲୋଚନା କରିପାରନ୍ତି।

**କନ୍ୟା** ଭାଗ୍ୟସ୍ଥାନରେ ଚନ୍ଦ୍ର ଶୁଭଗ୍ରହ ଦୃଷ୍ଟିରେ ରହିଥିବାରୁ ଦିନଟିରେ ନୂତନ କାର୍ଯ୍ୟାରମ୍ଭ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ସକାରାତ୍ମକ ରହିବ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ ନାହିଁ। ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା** ଦୀର୍ଘଦିନରୁ ପାଉନଥିବା ଅର୍ଥ କିମ୍ବା ଭବିଷ୍ୟନିଧିରୁ ଟଙ୍କା ପାଇ ଆବଶ୍ୟକତାକୁ ପୂରଣ କରିବେ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଜନମଙ୍ଗଳ କାର୍ଯ୍ୟ କିମ୍ବା ସଭାସମିତିରେ ଯୋଗ ଦେଲେ ପ୍ରଶଂସିତ ହେବେ। କିନ୍ତୁ ଶନିକ୍ଷେତ୍ରସ୍ଥ ଶୁକ୍ର ପ୍ରଭାବରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା** ବନ୍ଧୁଗହଣରେ ବହୁ ପ୍ରତୀକ୍ଷିତ କାର୍ଯ୍ୟାରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଅନୁଭବ କରିପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ଜମିଜମା କ୍ରୟ କିମ୍ବା ଗୃହାରମ୍ଭ,ପ୍ରତିଷ୍ଠାଦି କର୍ମ ଚନ୍ଦ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ପ୍ରୀତି ପ୍ରଦାୟକ ରହିବ। ଉଚ୍ଚବର୍ଗଙ୍କ ସହାୟତା, ପାଖ ପଡ଼ୋଶୀଙ୍କ ଆଦର, ଅଭ୍ୟର୍ଥନା ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଝଲକ ଦେଖିପାରିବେ।


**ଧନୁ** ମନ ଭିତରର ଅକୁହାକଥା ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲେ ମଧ୍ୟ ଶୁକ୍ରଙ୍କ ପ୍ରଭାବରେ ଆପଣଙ୍କ ରୁଚିପୂର୍ଣ୍ଣ ବ୍ୟବହାରରୁ ପ୍ରଶଂସିତ ହେବେ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପଦସ୍ଥବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି।

**ମକର** ରାଶିରେ କେତୁ ଯୁକ୍ତ ଶୁକ୍ର ଅସ୍ୱାଭାବିକ ଚିନ୍ତାଧାରାର ସୃଷ୍ଟି କରାଇ ବିକ୍ଷିପ୍ତ ମାନସିକ ସ୍ଥିତି ଉତ୍ପନ୍ନ କରିବ। କିନ୍ତୁ କର୍ମାଧିପ ରାଶିରେ କର୍ମସାଧନ ପାଇଁ ଆପ୍ରାଣ ଉଦ୍ୟମ ଚଳାଇ କୃତକାର୍ଯ୍ୟ ହୋଇପାରନ୍ତି। ଚନ୍ଦ୍ରଙ୍କ ସୁପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ବନ୍ଧୁ ସମ୍ପର୍କ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବାଣିଜ୍ୟ, ବ୍ୟବସାୟାଦି ସନ୍ତୋଷଦାୟକ ରହିବ।

**କୁମ୍ଭ** ସରକାରୀ ସାହାଯ୍ୟ, ବିଶିଷ୍ଟବ୍ୟକ୍ତିଙ୍କ ପ୍ରତିଶ୍ରୁତି ଆତ୍ମସମ୍ମାନ ବୃଦ୍ଧି କରିବ। ସ୍ଥଗିତକାର୍ଯ୍ୟ, ବିବାଦୀୟ ସ୍ଥିତି, ସହକର୍ମୀଙ୍କ ଅସହଯୋଗ କ୍ରମଶଃ ବଦଳିଯାଇପାରେ। ସମ୍ପର୍କୀୟମାନଙ୍କ ସାହାଯ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରାଇବାର ସମ୍ଭାବନା ରହିଛି। ବିବାଦୀୟ ପରିସ୍ଥିତିରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାକୁ ଚେଷ୍ଟା କରିବେ।


**ମୀନ** ଲାଗିରହିଥିବା ଟେନସନ୍ କମିଯିବ, ସହଯୋଗ ଭିତରେ କାମ କରି ଉଚ୍ଚ ପ୍ରଶଂସିତ ହେବେ। ବୁଧଙ୍କ ସୁଦୃଷ୍ଟି ପ୍ରଭାବରେ ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇଯିବ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଫାଲଗୁନ ଶୁକ୍ଳ ସପ୍ତମୀ ବୁଧବାର, ମାର୍ଚ୍ଚ ୧୩ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଅଦ୍ୟ ବିବାହ ପାଣିଗ୍ରହଣ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୨୮ମି. ଗତେ, ଘ୮।୫୭ମି. ମଧ୍ୟେ ଘ୨।୫୪ମି. ଗତେ, ଘ୪।୧୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୨୮ମି. ମଧ୍ୟେ ଘ୧୦।୨୬ମି. ଗତେ, ଘ୧୧।୫୫ମି. ମଧ୍ୟେ ଘ୪।୨୩ମି. ଗତେ, ଘ୫।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୬ମି. ଗତେ ଘ୧।୨୫ମି. ମଧ୍ୟେ ରାହୁକାଳ।




## ୧୩ ଜିଲାରେ ହାଲ୍କା ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ରାଜ୍ୟରେ ପାରଦ ଉପର ମୁହାଁ ହୋଇଛି। ଗତ ଦୁଇଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲସିୟସ ଉପରକୁ ଉଠିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ତାଳଚେରରେ ସର୍ବାଧିକ ତାପମାତ୍ରା ୩୯.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୮, ଭୁବନେଶ୍ୱର ୩୭, ଅନୁଗୋଳ ୩୭.୭, ଭବାନୀପାଟଣା ୩୭.୫, ବଲାଙ୍ଗୀର ୩୬.୫ ଏବଂ ଟିଟିଲାଗଡରେ ସର୍ବୋଚ୍ଚ ତାପମାତ୍ରା ୩୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ଭଦ୍ରକ, ନୟାଗଡ, ରାୟଗଡା, ବଲାଙ୍ଗୀର, ଗଞ୍ଜାମ, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନୂଆପଡା, ନବରଙ୍ଗପୁର, ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୩ ତାରିଖରେ ନୂଆପଡା, ବରଗଡ, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି, ସୁନ୍ଦରଗଡ, ସମ୍ବଲପୁର ଓ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉତ୍ତର ଓଡିଶାର ଅଳ୍ପ କେତେକ ସ୍ଥାନରେ ଝଡବର୍ଷାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତା ୧୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବାରେ ସମ୍ଭାବନା ରିହିବ। ପାଗ ମେଘୁଆ ରହିବା ଯୋଗୁ ପାରଦ ତଳକୁ ଖସିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମାର୍ଚ୍ଚ ଶେଷ ଯାଏ ସର୍ବୋଚ୍ଚ ତାପମାତ୍ରାରେ ବିଶେଷ ବୃଦ୍ଧି ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




**ମାଟ୍ରିକ ପରୀକ୍ଷା ବିଭ୍ରାଟ**

# ବସିଲା ପରୀକ୍ଷା କମିଟି ବୈଠକ, ବାହାରିଲାନି ନିଷ୍କର୍ଷ

## ■ ଶୀଘ୍ର ନିଆଯିବ ଚୂଡ଼ାନ୍ତ ନିଷ୍ପତ୍ତି - ବୋର୍ଡ ସଭାପତି

**କଟକ ଅଫିସ, ୧୨।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପରୀକ୍ଷା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଦେଢ଼ ଘଣ୍ଟାର ଆଲୋଚନା ପରେ ମଧ୍ୟ ଗତ ମାଟ୍ରିକ ପରୀକ୍ଷାରେ ଦେଖାଦେଇଥିବା ବିଭ୍ରାଟର ସମାଧାନ ହୋଇ ପାରିନାହିଁ। କପି ପାଇଁ ତିନିଟି କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବା ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କମିଟି ନିକଟରେ ବୋର୍ଡ ପକ୍ଷରୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି। ଏହାର ତର୍ଜମା କରାଯାଉଛି। ଶୀଘ୍ର ଦ୍ୱିତୀୟ ବୈଠକ ବସି ବୋର୍ଡର ଆକ୍ଟ ଅନୁଯାୟୀ ପରୀକ୍ଷା କମିଟି ଆବଶ୍ୟକ ପରାମର୍ଶ ଦେବ। ଏହାପରେ ବୋର୍ଡ କର୍ତ୍ତୃପକ୍ଷ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇବେ ବୋଲି ସଭାପତି ଡ. ବେଗମ କହିଛନ୍ତି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିଲା। ପ୍ରଶ୍ନପତ୍ର ଭାଇରାଲ ହେବା ସହ କେତେକ କେନ୍ଦ୍ରରେ କପି ହୋଇଥିବା ନଜରକୁ ଆସିଥିଲା। ଏପରିକି କପି ହେଉଥିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ବଲାଙ୍ଗୀର ଜିଲାର ଘୁମୁସର ସରକାରୀ ନୋଡ଼ାଲ ହାଇସ୍କୁଲ୍, ଢେଙ୍କାନାଳ ଜିଲାର ପଳାସପିଠିଆସ୍ଥିତ ପି.ଆର୍. ହାଇସ୍କୁଲ ଓ କଟକ ଜିଲାର ଗୋପୀନାଥପୁରସ୍ଥିତ କୃପାସିନ୍ଧୁ ନୋଡ଼ାଲ ହାଇସ୍କୁଲ୍ କେନ୍ଦ୍ରରେ ଇଂଲିଶ ପରୀକ୍ଷାରେ ବ୍ୟାପକ କପି ହୋଇଥିବା ଜଣାପଡିଥିଲା। ପରୀକ୍ଷା ସମୟରେ ଅଭିଭାବକ ଓ ସମ୍ପର୍କୀୟଙ୍କ ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ଓ କପି ଯୋଗାଣ ହୋଇଥିଲା। ସେହିଭଳି ଏସବୁ କେନ୍ଦ୍ରରେ ମଧ୍ୟ ମାଲ୍‌ପ୍ରାକ୍ଟିସରେ ବହୁ ପରୀକ୍ଷାର୍ଥୀ ଧରାପଡିଥିଲେ। ଏହି ୩ କେନ୍ଦ୍ରର ମୋଟ ୬୭୫ ଜଣ ପରୀକ୍ଷାର୍ଥୀଙ୍କୁ ଇଂଲିଶରେ ଶୂନ ମାର୍କ ଦିଆଯିବ ନା ମାଲ୍‌ପ୍ରାକ୍ଟିସ କରାଯିବ ଅବା ପରୀକ୍ଷା ଆଉଥରେ ହେବ କି ନାହିଁ ତାହା ଉପରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ସେତେବେଳେ ବୋର୍ଡ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ମାଲକାନଗିରି ଜିଲା ପଡ଼ିଆସ୍ଥିତ ଏସ୍.ଏସ୍.ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦୮ଜଣ ପରୀକ୍ଷାର୍ଥିଙ୍କ ଗଣିତ ଉତ୍ତରଖାତା ଗାଏବ ହୋଇଯାଇଥିଲା। ଷ୍ଟ୍ରଙ୍ଗ୍ ରୁମ୍ ବଦଳରେ ପରୀକ୍ଷାକେନ୍ଦ୍ରର କାର୍ଯ୍ୟାଳୟର ଟେବୁଲ ଉପରେ ପରୀକ୍ଷା ଖାତା ରଖାଯାଇଥିବାବେଳେ ତାହା ଗାଏବ ହୋଇଥିଲା। ଏହି ପରୀକ୍ଷାର୍ଥୀଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ପଡ଼ିବ କି ନାହିଁ ଓ ସେମାନଙ୍କୁ କିପରି ମାର୍କ ଦିଆଯିବ ସେନେଇ ନିଷ୍ପତ୍ତି ହେବାର ଥିଲା।

ଏହି ଅନୁଯାୟୀ ବୋର୍ଡ କାର୍ଯ୍ୟାଳୟରେ ପରୀକ୍ଷା କମିଟିର ୬ଜଣ ସଦସ୍ୟ ପହଞ୍ଚିବା ପରେ ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହୋଇଥିଲା ବୈଠକ। ଏହି କମିଟିରେ ୩ଜଣ ବରିଷ୍ଠ ଶିକ୍ଷକ ଓ ୩ଜଣ ଜିଲା ଶିକ୍ଷାଧିକାରୀ ରହିଛନ୍ତି। ପ୍ରଥମେ କିଛି ମିନିଟ ମାଟ୍ରିକ ପରୀକ୍ଷାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ପରେ ମୁଖ୍ୟ ଆଲୋଚନାର ବିଷୟ ଭାବେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣାକୁ ପ୍ରାଧାନ୍ୟ ଦିଆଯାଇଥିଲା। କମିଟି ପକ୍ଷରୁ ପ୍ରମାଣସ୍ୱରୂପ ଯେଉଁସବୁ ତଥ୍ୟ ମଗାଯାଇଥିଲା ତାହାକୁ ବୋର୍ଡ କର୍ତ୍ତୃପକ୍ଷ ପ୍ରଦାନ କରିଥିଲେ। ହେଲେ ଏହି ଦୁଇ ଘଟଣାର ନିଷ୍କର୍ଷ ବାହାର କରିବାକୁ ଅଧିକ ସମୟ ଆବଶ୍ୟକ ବୋଲି ପରୀକ୍ଷା କମିଟି ପକ୍ଷରୁ କୁହାଯାଇଥିଲା।

### ■ ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲା

# ଦୁଇ ଭାଜପା ନେତାଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

**କଟକ ଅଫିସ, ୧୨।୩**

ଗଞ୍ଜାମ ଜିଲା ଛତ୍ରପୁର କାଉନ୍‌ସିଲର ତଥା ବିଜେଡି ନେତା ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ଭାଜପା ନେତା ଭୃଗୁ ବକ୍ସିପାତ୍ର ଓ ଗୋଲକ ମହାପାତ୍ରଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ପୋଲିସ ସେମାନଙ୍କୁ ନୋଟିସ ଜାରି କରିଥିଲା। ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ଭୃଗୁ ଓ ଗୋଲକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ସେମାନଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି। ଏଥିସହିତ ଉକ୍ତ ମାମଲାରେ କେସ୍ ଡାଏରୀ ଦାଖଲ ନିମନ୍ତେ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୯ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।

ସୂଚନାଥାଉକି, କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ୨୦୧୭ ସେପ୍ଟେମ୍ବର ୧୬ରେ ସଂଘବଦ୍ଧ ଦୁର୍ବୃତ୍ତମାନେ ତାଙ୍କ ଘର ଆଗରେ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଅଭିଯୋଗ ଆଧାରରେ ଛତ୍ରପୁର ପୋଲିସ ଭାଜପା ନେତା କୃଷ୍ଣ ନାୟକଙ୍କ ସମେତ କେତେଜଣଙ୍କୁ ଉତ୍ତରାଖଣ୍ଡର ଡେରାଡୁନ ଗେଷ୍ଟ ହାଉସରୁ ଗିରଫ କରିଥିଲା। ଏହି ଅଭିଯୁକ୍ତମାନଙ୍କୁ ସେଠାରେ ଆତ୍ମଗୋପନ କରିବାରେ ଭାଜପା ନେତା ଗୋଲକ ସହାୟତା କରିଥିଲେ ବୋଲି ସେମାନେ ପୋଲିସ ଆଗରେ କହିଥିଲେ। ଗିରଫ ଅଭିଯୁକ୍ତଙ୍କ ବୟାନକୁ ଭିତ୍ତିକରି ପୋଲିସ ଗୋଲକଙ୍କୁ ନୋଟିସ ଜାରି କରିଥିଲା। ପୂର୍ବରୁ ଗୋଲକ ପୋଲିସ ନିକଟରେ ଉପସ୍ଥିତ ହୋଇଥିଲେ। ମାତ୍ର ଗତ ଜାନୁୟାରୀ ୨୯ରେ ପୋଲିସ ପକ୍ଷରୁ ଗୋଲକଙ୍କ ସମେତ ଅନ୍ୟତମ ଭାଜପା ନେତା ଭୃଗୁଙ୍କୁ ମଧ୍ୟ ଉକ୍ତ ହତ୍ୟା ମାମଲାରେ ନୋଟିସ ଜାରି କରାଯାଇଥିଲା। ଫଳରେ ଉଭୟ ଆଗୁଆ ଜାମିନ ନିମନ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ଦ୍ୱୟଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।



ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା, ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି।
-ଶ୍ରୀଅରବିନ୍ଦ



# ଆଜି ପ୍ରତିଶ୍ରୁତି, କାଲି ଧୂଆଁ

ସାଧାରଣ ନିର୍ବାଚନ ଲାଗି ଭୋଟ ଗ୍ରହଣ ତାରିଖ ଘୋଷଣା ହୋଇସାରିଛି। ଏଥିସକାଶେ ପ୍ରତ୍ୟେକ ରାଜନୈତିକ ଦଳ ନିଜ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। ଭୋଟ ସମୟ ଆସିଲେ ସବୁ ଦଳ ନିର୍ବାଚନ ଇସ୍ତାହାର ଘୋଷଣା କରିଥାଆନ୍ତି। ସେହି କ୍ରମରେ ଭାରତୀୟ ଜନତା ପାର୍ଟି (ଭାଜପା) ତା'ର ନିର୍ବାଚନ ଇସ୍ତାହାରର ନାମ 'ସଂକଳ୍ପ ପତ୍ର' ରଖିବାକୁ ସ୍ଥିର କରିଛି। ଏଥିରେ କେଉଁ ପ୍ରସଙ୍ଗ ଓ ବିଷୟ ରଖାଯାଇପାରିବ, ସେଥିଲାଗି ସାଧାରଣରେ ପ୍ରସ୍ତାବ ଆହ୍ୱାନ କରାଯାଇଛି। ଭାଜପାର ଘୋଷଣାପତ୍ରରେ ପ୍ରତ୍ୟେକ ଧର୍ମକୁ ସମାନ ଭାବେ ଦେଖାଯିବାର ଚିନ୍ତା କରାଯାଉ ବୋଲି କ୍ୟାଥଲିକ୍ ବିଶପ୍ସ କନ୍‌ଫରେନ୍ସ ଅଫ୍ ଇଣ୍ଡିଆ (ସିବିସିଆଇ) ପ୍ରସ୍ତାବ ଦେଇଛି। କ୍ୟାଥଲିକ୍ ଚର୍ଚ୍ଚ ଭାଜପାକୁ ଦେଇଥିବା ପରାମର୍ଶ ଦେଶ ଗଠନରେ ଏକ ସକାରାତ୍ମକ ଦିଗକୁ ନିର୍ଦ୍ଦେଶ କରୁଛି ବୋଲି କୁହାଯାଇପାରେ।

୨୦୧୪ରେ ଭାଜପା ନେତୃତ୍ୱାଧୀନ ସରକାର କେନ୍ଦ୍ରରେ ଅବସ୍ଥାପିତ ହେବା ପରେ ଅସହିଷ୍ଣୁତା, ଭିଡ଼ହିଂସା ବଢ଼ିବା ସହ ଧାର୍ମିକ ରୀତିନୀତି, ସଂସ୍କୃତି ଓ ଖାଦ୍ୟାଭ୍ୟାସ ଭଳି ଅନେକ କ୍ଷେତ୍ରରେ ଅସଙ୍ଗତି ଦେଖାଦେଇଥିବା ଜଣାଶୁଣା। ନିଜ ଚିନ୍ତାଧାରାକୁ ଅନ୍ୟ ଉପରେ ଲଦିବାକୁ ଚେଷ୍ଟା କରାଯାଇଛି। ଯେଉଁମାନେ ଏହାକୁ ବିରୋଧ କରିଛନ୍ତି, ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଛି। ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ଗୈରିକ ଚିନ୍ତାଧାରା ଓ ସ୍ଥଳ ବିଶେଷରେ ଇତିହାସକୁ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ଭବତଃ ଏସବୁକୁ ଲକ୍ଷ୍ୟ କରି ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଅନ୍ୟତମ ଚିନ୍ତାଶୀଳ ବର୍ଗ କ୍ୟାଥଲିକ୍ ଚର୍ଚ୍ଚ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ କିଛି ପରାମର୍ଶ ଦେବାକୁ ଆଗେଇ ଆସିଛି। ସିବିସିଆଇ ପକ୍ଷରୁ କୁହାଯାଇଛି ଯେ, ଏ ଦେଶରେ ଥିବା ପ୍ରତ୍ୟେକ ନାଗରିକ ସମାନ। ତେଣୁ କାହାରିକୁ ରାଷ୍ଟ୍ରବାଦର ପ୍ରମାଣ ଦେବାକୁ ପଡ଼ିବ ନାହିଁ। ଦେଶ ଗଠନ ବିଶେଷକରି ଶିକ୍ଷା କ୍ଷେତ୍ରରେ ଖ୍ରୀଷ୍ଟିଆନ୍‌ମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। କିନ୍ତୁ ବର୍ତ୍ତମାନର ସରକାର ଏସବୁକୁ ଗୁରୁତ୍ୱ ଦେଉ ନ ଥିବା ଭଳି ମନେ ହେଉଥିବାରୁ ଦେଶର ଧର୍ମନିରପେକ୍ଷତା ପ୍ରତି ପ୍ରଶ୍ନ ଉଠିଛି ବୋଲି କ୍ୟାଥଲିକ୍‌ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଏକ କ୍ଷୁଧାମୁକ୍ତ ସମାଜ ଗଠନ, ଦାରିଦ୍ର୍ୟ ଦୂରୀକରଣ, କୃଷକମାନଙ୍କୁ ସୁରକ୍ଷା ଦିଆଯିବା ସହ କୃଷିର ଉନ୍ନତି ଏବଂ ଗ୍ରାମୀଣ ବିକାଶକୁ ସରକାର ଅଗ୍ରାଧିକାର ଦେଲେ ଦେଶର ମଙ୍ଗଳ ହୋଇପାରିବ ବୋଲି କ୍ୟାଥଲିକ୍ ଚର୍ଚ୍ଚ ସରକାରଙ୍କୁ ପରାମର୍ଶ ଦେବା ନିଶ୍ଚିତ ସ୍ୱାଗତଯୋଗ୍ୟ ପ୍ରସ୍ତାବ।

ସାଧାରଣ ଭାବେ ଦେଖିଲେ କୌଣସି ରାଜନୈତିକ ଦଳ ବା ମେଣ୍ଟ ସରକାର ଗଢ଼ିଥାଆନ୍ତି। କିନ୍ତୁ ସରକାର ସମୁଦାୟ ଦେଶବାସୀଙ୍କ ହିତରେ ଲାଗିବା କଥା। ଯେଉଁମାନେ ସରକାରକୁ ସମର୍ଥନ ଦେବେ, ସେମାନେ ସରକାରୀ ସୁବିଧା ପାଇବେ ଓ ଅନ୍ୟମାନେ ସେବା ପାଇବାରୁ ବଞ୍ଚିତ ହେବା ଭଳି ଚିନ୍ତାଧାରା ଜନ୍ମ ନେଲେ ଶାସନରେ ସ୍ୱଚ୍ଛତା ଆସେ ନାହିଁ। ସମ୍ଭବତଃ ବିଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ବର୍ଗ ଓ ବ୍ୟକ୍ତିଙ୍କ ପ୍ରତି ଅସୂୟାଭାବ ପ୍ରଦର୍ଶନ କରିଥିବାରୁ ସିଧାସଳଖ କ୍ୟାଥଲିକ୍ ଚର୍ଚ୍ଚ ଭାଜପାର ଘୋଷଣାପତ୍ରରେ କେଉଁ ପ୍ରସଙ୍ଗକୁ ରଖିଲେ ଭଲ ହେବ, ସେ ସଂକ୍ରାନ୍ତରେ ପ୍ରସ୍ତାବ ଦେଇଛି ବୋଲି କୁହାଯାଇପାରିବ। ତେଣୁ କ୍ୟାଥ୍‌ଲିକ ଚର୍ଚ୍ଚର ପ୍ରସ୍ତାବକୁ ସାଦରେ ଗ୍ରହଣ କରି ଭାଜପା ଭୁଲ୍‌ଭଟକା ସଂଶୋଧନ କରିବା ଉଚିତ। ନିର୍ଦ୍ଦିଷ୍ଟ ବର୍ଗର କ୍ଷୋଭକୁ ସକାରାତ୍ମକ ଦୃଷ୍ଟିରୁ ଦେଖାଯାଇପାରିଲେ ପରିବର୍ତ୍ତନ ଆସିପାରିବ। କେବଳ ଭାଜପା ନୁହେଁ, ଅନ୍ୟାନ୍ୟ ଜାତୀୟ ଓ ଆଞ୍ଚଳିକ ଦଳଗୁଡ଼ିକ ଏହାକୁ ଗମ୍ଭୀରତାର ସହ ବିଚାର କରିବା ଉଚିତ। ନାଗରିକମାନେ ଭଲ ଭାବେ ଜାଣିଛନ୍ତି ଯେ, ଭାରତବର୍ଷରେ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପୂର୍ବରୁ ଦେଉଥିବା ଅଧିକାଂଶ ପ୍ରତିଶ୍ରୁତି ନିର୍ବାଚନ ପରେ ଧୂଆଁ ଭଳି ଉଭେଇଯାଏ। ଅତଏବ ବାସ୍ତବଧର୍ମୀ ପ୍ରତିଶ୍ରୁତି ଦେଇ ଲୋକଙ୍କ ମଙ୍ଗଳ ଦିଗରେ ଦଳଗୁଡ଼ିକ କାର୍ଯ୍ୟ କରିବେ ବୋଲି ଆଶା କରାଯାଇପାରେ।

# ତାଙ୍କ କୂଟନୀତି, ଆମ ରାଜନୀତି



ବିପିନ ବିହାରୀ ମିଶ୍ର

ପୁଲ୍‌ଓ୍ୱାମା ଘଟଣା ପରେ ଦେଶ ଏକ ସଙ୍କଟପୂର୍ଣ୍ଣ ସ୍ଥିତିର ସମ୍ମୁଖୀନ ହେଲା। ପ୍ରଧାନମନ୍ତ୍ରୀ କହିଲେ ଯେ ଆଉ ଆଲୋଚନା ନୁହେଁ, ଉପଯୁକ୍ତ ଜବାବ ଦେବାର ସମୟ ଆସିଛି। ସବୁ ରାଜନୈତିକ ଦଳ ଏକଜୁଟ ହୋଇଗଲେ। ସର୍ବଦଳୀୟ ସଭା ଡକାଗଲା ଓ ସମସ୍ତେ ଘଟଣାର ନିନ୍ଦା କଲେ ଏବଂ ସରକାରଙ୍କୁ ସମର୍ଥନ ଜଣାଇଲେ। ପ୍ରଧାନମନ୍ତ୍ରୀ କହିଲେ, ଆମେ ସୈନ୍ୟବାହିନୀକୁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସ୍ୱାଧୀନତା ଦେଇଛୁ। ଉରିରେ ସନ୍ତ୍ରାସବାଦୀଙ୍କ ଆକ୍ରମଣ ପରେ ସେନା କମାଣ୍ଡୋମାନେ ପାକ୍ ଅଧିକୃତ କଶ୍ମୀରରେ ପଶି ଅନେକ ସନ୍ତ୍ରାସବାଦୀ ଘାଟି ନଷ୍ଟ କରିଥିଲେ। ସେ ଘଟଣାର ଭିଡିଓ ମଧ୍ୟ ଅଛି।

କାଳେ ସେଭଳି ଆକ୍ରମଣ ହେବ ଆଶଙ୍କାକରି ପାକିସ୍ତାନ ସୀମାକୁ ଲାଗି ଯେତେ ସନ୍ତ୍ରାସବାଦୀ ଘାଟି ଥିଲା ସବୁ ଭିତରକୁ ନେଇଗଲା। ବୋଧହୁଏ ହିସାବ କରିଥିଲା ଯେ ଏତେ ଭିତରକୁ ପଶିବା ପାଇଁ ଭାରତୀୟ ସେନା କମାଣ୍ଡୋମାନେ ସାହସ କରିବେ ନାହିଁ। ତଥାପି ପାକିସ୍ତାନର ସୈନ୍ୟବାହିନୀ, ଆକାଶବାହିନୀ ସଜାଗ ରହିଲେ। ବହୁ ଦେଶ ଏ ଆକ୍ରମଣକୁ ନିନ୍ଦା କଲେ। ଦେଶରେ ପ୍ରବଳ ଏକତା ଦେଖାଗଲା ଓ ପାକିସ୍ତାନକୁ ଭାରତ ଆକ୍ରମଣ କରୁ ବୋଲି ଗୋଟିଏ ବିଖ୍ୟାତ ଖବରକାଗଜର ଶତକଡା ୩୬ ପ୍ରତିଶତ ପାଠକ ମତ ଦେଲେ। ପୁଲ୍‌ଓ୍ୱାମା ଘଟଣାର ଦୁଇଦିନ ପରେ ଭାରତର ଆକାଶବାହିନୀ ଚାରୋଟି ବୋମାବର୍ଷୀ ଯୁଦ୍ଧବିମାନ (ମିରେଜ ୨୦୦୦) ଏବଂ ସେମାନଙ୍କ ସୁରକ୍ଷା ପାଇଁ ସୁଖୋଇ ଉଡାଜାହାଜ ନେଇ ପାକିସ୍ତାନର ବାଲାକୋଟ ଉପରେ ଆକ୍ରମଣ କଲେ। ବାଲାକୋଟ ହେଉଛି ପାକ୍ ଅଧିକୃତ କଶ୍ମୀରର ଆହୁରି ଭିତରେ ଥିବା ପାକିସ୍ତାନର ଏକ ଅଞ୍ଚଳ। ପୁଲ୍‌ଓ୍ୱାମା ଆକ୍ରମଣ ପରେ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଗର୍ବର ସହିତ ଘୋଷଣା କରିଥିଲା ଯେ ଆମେ ଏସବୁ କରିଛୁ ଏବଂ ଏଭଳି ବାରମ୍ବାର କରିବୁ। କିନ୍ତୁ ପାକିସ୍ତାନ ସରକାର କହିଲେ ଯେ ଏ ଘଟଣାରେ ଆମ ଦେଶର କୌଣସି ସଂପୃକ୍ତି ନାହିଁ। କଶ୍ମୀରବାସୀ ଭାରତୀୟ ସେନାର ଅତ୍ୟାଚାରରେ ଅତିଷ୍ଠ ହୋଇ ଏଭଳି କାଣ୍ଡ କରିଛନ୍ତି। ପାକିସ୍ତାନ ଦେଶ ହିଂସାରୁ ଜନ୍ମ ହୋଇଛି। ଏହାର ସୈନ୍ୟବାହିନୀ ସର୍ବଦା ଚାହୁଁଛି ଭାରତ ସହିତ ବିବାଦ ଲାଗିରହୁ। କିନ୍ତୁ ସମଗ୍ର ପୃଥିବୀ ଜାଣିଲା ଯେ ଏ ଘଟଣା ପାଇଁ ପାକିସ୍ତାନ ଦାୟୀ। ଏ ଦିଗରେ ଆମ ରାଷ୍ଟ୍ରଦୂତମାନେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ଭାରତର ମିରେଜ ଯୁଦ୍ଧବିମାନ ବାଲାକୋଟକୁ ଆଗଉଥିଲା ବେଳେ ପାକିସ୍ତାନର ରାଡାର ଓ କଣ୍ଟ୍ରୋଲ ଟାଓ୍ୱାରକୁ ଅଚଳ କରିଥିଲେ। ଆମର ଦୁଇଟି ବିମାନ କରାଚୀ ନିକଟସ୍ଥ ବାହବଲପୁର କ୍ୟାମ୍ପକୁ ଆଗେଇବାରୁ ପାକିସ୍ତାନ ଭ୍ରମରେ ପଡି ସେ ଅଞ୍ଚଳକୁ ଅନେକ ଯୁଦ୍ଧବିମାନ ପଠାଇଲା, କିନ୍ତୁ ଇଆଡେ ମିରେଜ ପ୍ରାୟ ଏକହଜାର କେଜିର ବିସ୍ଫୋରକ ଦ୍ରବ୍ୟ ପକାଇ ବାଲାକୋଟ କ୍ୟାମ୍ପକୁ ଧ୍ୱଂସ କରିଦେଲା। ଏ ଘଟଣା ପ୍ରକାଶିତ ହେବା ପରେ ଦେଶରେ ଆନନ୍ଦର ଲହରି ଖେଳିଲା। କିନ୍ତୁ ଅଭ୍ୟାସଗତ ମିଛୁଆ ପାକିସ୍ତାନ ଘୋଷଣା କଲା ଯେ ତାଙ୍କ ଲଢୁଆ ବାହିନୀର ପ୍ରତିଆକ୍ରମଣରେ ଛାନିଆ ହୋଇ ଭାରତୀୟ ଆକାଶବାହିନୀ ପଳାଇଗଲେ ଓ ଯିବାବେଳେ ଜଙ୍ଗଲରେ କିଛି ବୋମା ପକାଇଦେଇ ଗଲେ। ଅଳ୍ପ କେତୋଟି ଗଛ ଟଳି ପଡିଲା କିନ୍ତୁ କିଛି କ୍ଷୟକ୍ଷତି ହୋଇନାହିଁ। ଆମେ କିନ୍ତୁ ଏହାର ଠିକଣା ଜବାବ ଦେବୁ। ପରେ ପରେ ପାକିସ୍ତାନ ପ୍ରତିଆକ୍ରମଣ କଲା ଓ ଆମର ବୈମାନିକ ଅଭିନନ୍ଦନ ପୁରୁଣା ଯୁଦ୍ଧବିମାନ ମିଗ୍-୨୧କୁ ବ୍ୟବହାର କରି ପାକିସ୍ତାନର ଅତ୍ୟାଧୁନିକ ଯୁଦ୍ଧବିମାନ ଏଫ୍-୧୬କୁ ନଷ୍ଟ କରିଦେଲେ। ମିଗ୍-୨୧ ନଷ୍ଟ ହୋଇଗଲା ଓ ଅଭିନନ୍ଦନ ପାରାଶୁଟରେ ପାକିସ୍ତାନରେ ଓହ୍ଲାଇଯିବାରୁ ଧରାହେଲେ। ଇତିମଧ୍ୟରେ ଜୈଶ-ଇ-ମହମ୍ମଦ ଆମର ଆକ୍ରମଣ ଦ୍ୱାରା ବହୁତ କ୍ଷତି ହୋଇଛି ବୋଲି ସ୍ୱୀକାର କଲା।

କୂଟନୈତିକ ଯୁଦ୍ଧ ଘନେଇଲା। ପାକିସ୍ତାନର ଜାତୀୟ ବିଧାନସଭା (ସଂସଦର ଅନୁରୂପ)ରେ ପାକିସ୍ତାନ ଆକାଶ ବାହିନୀର ଅପୂର୍ବ ସାହସିକତାକୁ ପ୍ରଶଂସା କରାଗଲା ଓ ଭାରତକୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସମସ୍ତେ ଦାବି କଲେ। ଠିକ୍ ଏହି ସମୟରେ ମୁସଲମାନ ଦେଶଗୁଡ଼ିକରେ ବାର୍ଷିକ ସମ୍ମିଳନୀ ପାଇଁ ଭାରତର ବୈଦେଶିକ ମନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଅତିଥିରୂପେ ଯୋଗ ଦେବା ପାଇଁ ନିମନ୍ତ୍ରଣ ଆସିଲା। ଏହା ପ୍ରଥମଥର ପାଇଁ ହେଲା। ପାକିସ୍ତାନର ବୈଦେଶିକ ମନ୍ତ୍ରୀ କ୍ୟୁରେସି ଘୋର ପ୍ରତିବାଦ କଲେ। ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ସେ ସଭାକୁ ଗଲେ ମୁଁ ଯିବି ନାହିଁ ବୋଲି ଧମକ ଦେଲେ। କିନ୍ତୁ ସଭାର ଆୟୋଜକ ମିଳିତ ଆରବ ରାଷ୍ଟ୍ର ତାଙ୍କ ନିଷ୍ପତ୍ତିରେ ଅଟଳ ରହିଲେ। ସମସ୍ତ ଘଟଣା ପରେ କୌଣସି ଗୋଟିଏ ରାଷ୍ଟ୍ର ପାକିସ୍ତାନକୁ ସମର୍ଥନ କଲେ ନାହିଁ। ପାକିସ୍ତାନର ପରମ ମିତ୍ର ସାଉଦି ଆରବ ଓ ଚାଇନା ନିରପେକ୍ଷ ରହିଲେ। ୧୯୬୫, ୧୯୭୧, ୧୯୭୯, ୧୯୯୯ ଯୁଦ୍ଧରେ ଚାଇନା ପାକିସ୍ତାନକୁ ସମର୍ଥନ କରି ନାହିଁ। ଚାଇନାକୁ ଦରକାର ବିରାଟ ବାଣିଜ୍ୟ ବଜାର, ସେଥିପାଇଁ ସେ ଭାରତ ସହିତ କୌଣସି ସଂଘର୍ଷ କରିବା ପାଇଁ ଚାହୁଁ ନାହିଁ। ୧୯୬୨ ପରେ ଚାଇନା-ଭାରତ ସୀମାରେ କୌଣସି ଗୋଳାବର୍ଷଣ ହୋଇନାହିଁ। ଅଥଚ ପାକିସ୍ତାନ ପ୍ରତି ସପ୍ତାହରେ ଥରେ ଦୁଇଥର ଗୋଳାବର୍ଷଣ କରୁଛି।

ଜୈଶ-ଇ-ମହମ୍ମଦର ମୁଖ୍ୟ ମୌଲାନା ମାସୁଦ ଆଝାର ପାକିସ୍ତାନର ଏକ ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ବୋଲି ପାକିସ୍ତାନର ବୈଦେଶିକ ମନ୍ତ୍ରୀ କହିଛନ୍ତି। ୨୦୦୨ରେ ଆମେରିକାର ଚାପରେ ପଡି ପାକିସ୍ତାନ ଜୈସ-ଇ ମହମ୍ମଦକୁ ଏକ ଅବୈଧ ସଂଗଠନ ବୋଲି ଘୋଷଣା କରିଛି। ଯଦି ସଂଗଠନ ଅବୈଧ ଏବଂ ସେହି ସଂଗଠନ ପୁଲ୍‌ଓ୍ୱାମା କାଣ୍ଡ ଘଟାଇଛି ବୋଲି କହୁଛି, ତେବେ ତା'ର ମୁଖ୍ୟ ଯିଏ ପାକିସ୍ତାନର ସୈନ୍ୟବାହିନୀରେ ନାହାନ୍ତି, ସେ କିପରି ଏକ ସାମରିକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ପାକିସ୍ତାନ ଦାବି କରୁଛି। ବିଭିନ୍ନ ଆତଙ୍କବାଦୀ ସଂଗଠନ ବିଷୟରେ ପାକିସ୍ତାନ ଏଭଳି ବିଭ୍ରାନ୍ତିକର ବିବୃତି ଦେଉଛି।


୧୯୯୮ ମସିହାରେ ପୂର୍ବ ଆଫ୍ରିକାର ଦୁଇଟି ଦେଶର ଆମେରିକା ଦୂତାବାସ ଉପରେ ଆକ୍ରମଣ ହୋଇଥିଲା ଏବଂ ଆମେରିକା ସମସ୍ତ ଆତଙ୍କବାଦୀ ସଂସ୍ଥାର ଜନ୍ମଦାତା ଅଲ-କାଏଦାର କେତୋଟି ଆଡ୍ଡାକୁ ରକେଟ ମାରି ଧ୍ୱଂସ କରିଦେଇଥିଲା। ସେ ସମୟରେ ଆମେରିକାର ମୁଖ୍ୟ ତଦନ୍ତ ବିଭାଗ (FBI) ପ୍ରକାଶ କଲା ଯେ ଗଞ୍ଜେଇ, ଅଫିମ ମାଫିଆଙ୍କଠାରୁ ପଇସା ନେଇ ପାକିସ୍ତାନ ସରକାର ବହୁ ଅସ୍ତ୍ରଶସ୍ତ୍ର କିଣୁଛନ୍ତି ଓ କଶ୍ମୀରକୁ ଜିହାଦୀମାନଙ୍କୁ ପଠାଉଛନ୍ତି। ଆଫଗାନିସ୍ତାନର ସୁରକ୍ଷା ମନ୍ତ୍ରୀ ୟୁନୁସ କୁନାନି ୨୦୦୨ ଫେବୃୟାରୀ ୧୩ରେ ଅଭିଯୋଗ କଲେ ଯେ କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନ ଓ ମୁଲ୍ଲା ଓମାରଙ୍କ ସହିତ ଅନେକ ତାଲିବାନ ଓ ଅଲ-କାଏଦାକୁ ପାକିସ୍ତାନ ଆଶ୍ରୟ ଦେଇଛି। ସେହିମାନେ ଆଫଗାନିସ୍ତାନରେ ବିଭିନ୍ନ ହତ୍ୟାକାଣ୍ଡ କରୁଛନ୍ତି। ୨୦୦୨ ଏପ୍ରିଲ ୨୧ରେ ଆମେରିକାର ବିଖ୍ୟାତ ଖବରକାଗଜ ଓ୍ୱାଶିଂଟନ ଟାଇମ୍ ଖବର ପରିବେଷଣ କଲା ଯେ ୨୦୦୧ ଡିସେମ୍ବରରେ ଓସାମା ବିନ୍ ଲାଡେନ ପାକିସ୍ତାନକୁ ଗଲା। ଏ ସମସ୍ତ ରିପୋର୍ଟ ଓ ଅଭିଯୋଗକୁ ପାକିସ୍ତାନ ଅଗ୍ରାହ୍ୟ କଲା। ପାକିସ୍ତାନ ନିଜେ ସନ୍ତ୍ରାସବାଦ ଦ୍ୱାରା ଆକ୍ରାନ୍ତ ବୋଲି ଅଭିଯୋଗ କଲା। ପରେ ଓସାମା ବିନ୍ ଲାଡେନଙ୍କୁ ପାକିସ୍ତାନ ରାଜଧାନୀର କିଛି ଦୂରରେ ଆମେରିକା ମାରିଲା।

ବାଲାକୋଟ ଘଟଣାକୁ ଅସ୍ୱୀକାର କରି ଓ ଭାରତ ବିରୋଧରେ ବାରମ୍ବାର ଅଭିଯୋଗ କରି ପାକିସ୍ତାନ କୌଣସି ଫଳ ପାଉନାହିଁ। କୌଣସି ମୁସଲିମ ରାଷ୍ଟ୍ର (ସାଉଦି ଆରବ, ତୁର୍କୀ) ସାହାଯ୍ୟ କରିବା ତ ଦୂରର କଥା ସମର୍ଥନ ମଧ୍ୟ କରୁନାହାନ୍ତି। ସନ୍ତ୍ରାସବାଦକୁ ପ୍ରତିହତ କରିବା ପାଇଁ ଅର୍ଥନୈତିକ କଟକଣା କରୁଥିବା ଅନୁଷ୍ଠାନ ପାକିସ୍ତାନକୁ ସନ୍ଦେହ ତାଲିକାରେ ରଖି ତା'ର ଚିନ୍ତା ବଢାଇଛି। ତା' ସତ୍ତ୍ୱେ ସବୁ ଦେଶରେ ପାକିସ୍ତାନ ଭାରତ ବିରୋଧରେ ପ୍ରଚାର କରୁଛି ଓ ପାକିସ୍ତାନରେ ଥିବା ଆତଙ୍କବାଦୀ ସଂସ୍ଥା ଘୋଷଣା କରିଛନ୍ତି ଯେ ହିନ୍ଦୁ, ଖ୍ରୀଷ୍ଟିୟାନ ଓ ଇହୁଦୀ ଦେଶଗୁଡ଼ିକୁ ଧ୍ୱଂସ କରି ପୃଥିବୀରେ ମୁସଲମାନ ଶାସନ ଚଳାଇବୁ।

ଅନ୍ୟ ରାଷ୍ଟ୍ରମାନେ ପାକିସ୍ତାନକୁ ସମର୍ଥନ ନ କଲେ କ'ଣ ହେଲା, ଆମ ଦେଶରୁ ପାକିସ୍ତାନକୁ ବେଶ୍ ସମର୍ଥନ ମିଳୁଛି। କେହି କହୁଛନ୍ତି ଯେ ପ୍ରମାଣ ଦିଅ। ଫଟୋ, ଭିଡିଓ, କାହିଁକି ଦେଇ ପାରୁନାହଁ। ନିର୍ଦ୍ଦିଷ୍ଟ କେତେ ଲୋକ ମଲେ ସେ ସଂଖ୍ୟା କୁହ। ପୁଲ୍‌ଓ୍ୱାମା ଘଟଣା ଘଟିବା ଦିନ କାହିଁକି ପ୍ରତିଆକ୍ରମଣ କଲ ନାହିଁ। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ କହିଲେ ଯେ ପୁଲ୍‌ଓ୍ୱାମା ଘଟଣା ଏକ ଦୁର୍ଘଟଣା। ତାଙ୍କୁ ସମର୍ଥନ କରି ଆଉ ଜଣେ କହିଲେ ଯେ ସନ୍ତ୍ରାସବାଦ ଏକ ଦୁର୍ଘଟଣା ମାତ୍ର। ଜଣେ ମୁଖ୍ୟମନ୍ତ୍ରୀ କହିଲେ, ପୁଲ୍‌ଓ୍ୱାମା ଆକ୍ରମଣ ବଢିଆ ସମୟରେ କରାଯାଇଛି ଯେପରି କି ଏହା କ୍ଷମତାରେ ଥିବା ଦଳକୁ ସାହାଯ୍ୟ କରିବ। ଆନ୍ତର୍ଜାତିକ ଚାପରେ ପାକିସ୍ତାନ ଅଭିନନ୍ଦନଙ୍କୁ ୪୮ ଘଣ୍ଟା ଭିତରେ ଛାଡିଦେଲା ଓ ଆମର ଗୋଟିଏ ପ୍ରଦେଶର ମନ୍ତ୍ରୀ ସେଥିପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଭୂରି ଭୂରି ପ୍ରଶଂସା କଲେ। ଯେଉଁମାନେ କେତେ ଲୋକ ମଲେ ତା'ର ହିସାବ ମାଗୁଛନ୍ତି ତାଙ୍କୁ ଏହି ଉତ୍ତର ଦେଇଦେବ ଯେ ଆକାଶରୁ ବୋମା ପଡିଲେ କେତେ ଲୋକ ମଲେ କେମିତି ଜାଣିବା। ଏତିକି କେବଳ କହିହେବ ଯେ ସେ ଅଞ୍ଚଳରେ ୩୦୦ ମୋବାଇଲ ଫୋନ କାମ କରୁଥିଲା। ପଞ୍ଜାବର ମନ୍ତ୍ରୀ କଟାକ୍ଷ କରିଛନ୍ତି ଯେ ଆମ ଆକାଶବାହିନୀ ସନ୍ତ୍ରାସବାଦୀଙ୍କୁ ମାରିଲେ ନା ଗଛ ଉପାଡିଲେ। ନିର୍ବାଚନ ମୁଣ୍ଡ ଉପରେ। ନିର୍ବାଚନ ସରିବା ପର୍ଯ୍ୟନ୍ତ ଏଭଳି ନାଟକ ଚାଲିଥିବ। ଏ ସମସ୍ତ ବିଭ୍ରାନ୍ତକାରୀ ମତକୁ ଉପେକ୍ଷା କରିବା ଉଚିତ।

ପୂର୍ବତନ ଡିଜି, ମୋ-୯୦୪୦୪୧୨୩୭୮

# କୁମାରୀ ମାତୃତ୍ୱର ବୋଝ



ପ୍ରୀତିଛନ୍ଦା ଧଳ

ରାଜ୍ୟରେ ମହିଳା, ନାବାଳିକା ଅସୁରକ୍ଷିତ ଏବଂ କୁମାରୀ ମାତୃତ୍ୱର ହାର ମଧ୍ୟ ବଢ଼ିବାରେ ଲାଗିଛି। ଏ କୁମାରୀ ମାତୃତ୍ୱ କ'ଣ ପାଇଁ ଏତେ ମାତ୍ରାରେ ବଢ଼ିବାରେ ଲାଗିଛି, ଏହାର ଉତ୍ତର ମଧ୍ୟ କାହା ପାଖରେ ନାହିଁ। କେଉଁଠି ଝିଅଟିଏ ଠକାମିର ଶିକାର ହୋଇ କୁମାରୀ ମାତୃତ୍ୱର ବୋଝ ମୁଣ୍ଡାଉଛି ତ ଆଉ କେଉଁ ଜାଗାରେ ଆଦିବାସୀ ହଷ୍ଟେଲ୍‌ରେ ଝିଅଟିଏ ବଳାତ୍କାରର ଶିକାର ହୋଇ କୁମାରୀ ମାତୃତ୍ୱକୁ ବରଣ କରୁଛି। ସମସ୍ତଙ୍କ ମନରେ ଆଲୋଡ଼ନ ସୃଷ୍ଟି କରେ ଏହି ପ୍ରସଙ୍ଗ।

ଗତ ନିବନ୍ଧରେ ଆମେ ଲେଖିଥିଲୁ, ଅସୁରକ୍ଷିତ ଆଶ୍ରମ ଗୃହ। ସେଥିରେ ଆମେ ଦାୟୀ କରିଥିଲୁ ଜିଲା ଶିଶୁ ମଙ୍ଗଳ ଅଧିକାରୀମାନଙ୍କୁ। କିଛି ଫୋନ୍ ମଧ୍ୟ ପାଇଥିଲୁ ଡିସିପିଓମାନଙ୍କଠାରୁ। ସେମାନଙ୍କ ଉତ୍ତର ଥିଲା ଯେ ଆମେ ଆମର ଦାୟିତ୍ୱ ଠିକ୍ ଭାବରେ ତୁଲାଉଛୁ। ସେମାନେ ଯଦି ଠିକ୍ ଭାବରେ ଦାୟିତ୍ୱ ତୁଲାଉଛନ୍ତି ତା'ହେଲେ ଏପରି ଘଟୁଛି କାହିଁକି ? ସରକାରୀ ତଥ୍ୟ ଅନୁଯାୟୀ ଗତ ଦୁଇବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ୪୪୫ ଜଣ ନାବାଳିକା ଓ ମହିଳା ବଳାତ୍କାରର ଶିକାର ହୋଇଛନ୍ତି ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଗତ ଫେବୃୟାରୀ ୬ ତାରିଖରେ ଗୃହରେ ତଥ୍ୟ ରଖିଛନ୍ତି। ୨୦୧୪ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଛାତ୍ରୀ ନିବାସରେ ୧୨ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୪ଜଣ ସନ୍ତାନ ଜନ୍ମ କରିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଏ ପ୍ରକାର ଅବ୍ୟବସ୍ଥା ନେଇ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ପ୍ରକାର ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ। ପ୍ରଶ୍ନ ଉଠୁଛି କିଏ ଏହି କୁମାରୀ ମାତୃତ୍ୱ ପାଇଁ ଦାୟୀ ? ଝିଅମାନେ ଯେପରି ପଢ଼ିପାରିବେ, ଉଚ୍ଚଶିକ୍ଷିତ ହୋଇପାରିବେ, ସେଥିପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କଲେ। କିନ୍ତୁ ଏହି ଯୋଜନାର ଫାଇଦା ଝିଅମାନେ ଉଠେଇବା ପରିବର୍ତ୍ତେ କିଛି ରୁଗ୍‌ଣ ମାନସିକତାର ଲୋକମାନେ ଏହି ଝିଅମାନଙ୍କୁ ନେଇ ଫାଇଦା ଉଠେଇବାରେ ଲାଗିଲେ। ଫଳସ୍ୱରୂପ ଆମେ କିଛି ଦିନ ଧରି ବିଭିନ୍ନ ପ୍ରକାର ଖବରକାଗଜ ଓ ଟେଲିଭିଜନରେ ନାବାଳିକାମାନଙ୍କର ଭୟାବହ ପରିଣାମ ଦେଖୁଛେ।

ଯେଉଁଠି ନିଜେ ମନ୍ତ୍ରୀ ଏଭଳି ଚିନ୍ତାଜନକ ତଥ୍ୟ ଦେଉଛନ୍ତି ସେଠି ଆମେ ଆଉ କାହାକୁ ପ୍ରଶ୍ନ କରିବା ? ଧିକ୍ ଆମ ସରକାରୀ ବ୍ୟବସ୍ଥା, ଯେଉଁଠି ଝିଅମାନଙ୍କୁ ଏତେ ଅତ୍ୟାଚାରର ଶିକାର ହେବାକୁ ପଡ଼େ। ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କର ପାଠପଢା ବନ୍ଦ ହୋଇଯାଏ। ଛାତ୍ରୀନିବାସ ଓ ଆବାସିକ ବିଦ୍ୟାଳୟଗୁଡ଼ିକରେ ଝିଅମାନେ କିପରି ନିରାପତ୍ତା ଓ ସୁରକ୍ଷା ଭିତରେ ରହି ଅଧ୍ୟୟନ କରିବେ ସେଥିପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏସବୁର ପରିଚାଳନା ପାଇଁ ରାଜ୍ୟରେ ୩ ହଜାର ମାଟ୍ରନ୍‌ଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ୩୩୬ଜଣ ଏଏନ୍‌ଏମ୍‌ଙ୍କୁ ନିଯୁକ୍ତ କରାଯାଇଛି। ମାସକୁ ଥରେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମଧ୍ୟ ଆମର ଗାଇଡ୍‌ଲାଇନ୍‌ରେ ବ୍ୟବସ୍ଥା ଅଛି। ଏତେସବୁ ରହିଲା ପରେ ମଧ୍ୟ ନାବାଳିକା ଝିଅମାନେ ଗର୍ଭବତୀ ହେଉଛନ୍ତି। ସ୍ୱାସ୍ଥ୍ୟ ଯାଞ୍ଚ ହେଲେ ବି ତାହା କେହି ଜାଣିପାରୁନାହାନ୍ତି। ନିରୀହ ଝିଅଟି ଶେଷରେ ସନ୍ତାନ ପ୍ରସବ କରୁଛି। ଏହାଠାରୁ ବଳି ଯନ୍ତ୍ରଣାଦାୟକ ଘଟଣା ଆଉ କ'ଣ ହୋଇପାରେ ଏହି ନାବାଳିକାମାନଙ୍କ ପାଇଁ ?

ଆମର ଯେଉଁ ଗାଇଡ୍‌ଲାଇନ୍ ରହିଛି ତାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଗରିବ ମା'ବାପାଙ୍କ ସ୍ୱପ୍ନ ସେମିତି ଅଧାରେ ରହିଯାଉଛି। କୁମାରୀ ମାତୃତ୍ୱର ବୋଝକୁ ସହି ନ ପାରି କେତେକ କ୍ଷେତ୍ରରେ ଝିଅମାନେ ଆତ୍ମହତ୍ୟା କରୁଛନ୍ତି। ଏହି ନାବାଳିକାଙ୍କ ଭବିଷ୍ୟତ କିପରି ସୁନ୍ଦର ହେବ ତାହା ଏବେ ଚିନ୍ତାର ବିଷୟ ହୋଇଯାଇଛି। ଏତେ ସୁରକ୍ଷା ବ୍ୟବସ୍ଥା ଆମ ସରକାରଙ୍କ ରହିଛି, ତଥାପି ସବୁକିଛି ଫେଲ୍ ମାରୁଛି କାହିଁକି? ସରକାରୀ ସ୍ତରରେ ଏ ଦିଗରେ ଆହୁରି ତତ୍ପରତା ଆସିବା ଦରକାର। ଦୁଃଖର କଥା, ୨୪ ଘଣ୍ଟିଆ ଟୋଲ୍ ଫ୍ରି ଓ ୧ ହଜାର ହଟ୍‌ଲାଇନ୍ ଫୋନ୍‌ର ସୁରକ୍ଷା ଭିତରେ ଆଜି ବି ଆମ ଝିଅମାନେ ଅସୁରକ୍ଷିତ।

ମୋ-୯୯୩୭୭୩୪୪୬୧

## ଏଇ ଭାରତରେ

ଲୋକଲଜ୍ଜା ଭୟରେ ଜଣେ ଯୁବତୀ ୟୁଟ୍ୟୁବ୍ ଦେଖି ଘରେ ପ୍ରସବ କରିବା ଘଟଣା ମହଙ୍ଗା ସାବ୍ୟସ୍ତ ହୋଇଛି। ଅବଶେଷରେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର ଗୋରଖପୁରରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ବହରାଇଚ୍‌ର ବାସିନ୍ଦା ଏହି ଯୁବତୀଙ୍କର ଜଣେ ଯୁବକଙ୍କ ସହିତ ଦୀର୍ଘଦିନ ଧରି ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଯୋଗୁ ଯୁବତୀ ଗର୍ଭବତୀ ହେବାପରେ ଯୁବକ ବିବାହ କରିବାକୁ ମନା କରିଥିଲେ। ଲୋକଲଜ୍ଜାକୁ ଭୟକରି ଯୁବତୀଙ୍କ ପରିବାର ସଦସ୍ୟ ଗର୍ଭପାତ କରାଇବାକୁ ରାଜି ହୋଇ ନ ଥିଲେ। ଯୁବତୀ ପ୍ରସବ କରିବା ପାଇଁ ୪ଦିନ ତଳେ ଗୋରଖପୁର ଆସି ଏକ ଭଡ଼ାଘରେ ରହିଥିଲେ। ସେ କୌଣସି ହସ୍ପିଟାଲ ନ ଯାଇ ଘରେ ୟୁଟ୍ୟୁବ୍ ଦେଖି ପ୍ରସବ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ନବଜାତକ ସହିତ ଯୁବତୀଙ୍କର ମୃତ୍ୟୁ ଘଟିଥିଲା। ଏ ବିଷୟ ଜଣାପଡିବା ପରେ ଘର ମାଲିକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରେ ମୋବାଇଲ୍ ୟୁଟ୍ୟୁବ୍‌ରେ ପ୍ରସବ ଭିଡିଓ ଚାଲିଥିବା ଦେଖିବାକୁ ପାଇଥିଲେ। ଆବଶ୍ୟକ ପ୍ରମାଣ ମିଳିଲେ ପ୍ରେମିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ମାର୍ଚ୍ଚ ୧୯୯୪**

- ୧୯୯୪-୯୫ ଆର୍ଥିକବର୍ଷରେ ଆମେରିକା ଭାରତକୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ୬୬.୫ ମିଲିୟନ ଡଲାର ସହାୟତା ଦେବା ନେଇ ନିଷ୍ପତ୍ତି।
- ତାଜିକସ୍ତାନର ଉପପ୍ରଧାନମନ୍ତ୍ରୀ ମୁଜାବ୍‌ଶୋ ନାରାଶୋୟଭଙ୍କୁ ତାଙ୍କ କାର୍ଯ୍ୟାଳୟରେ ଗୁଳିକରି ହତ୍ୟା କରାଯାଇଛି।

## ଚିରନ୍ତନୀ

ବହି ନେଇ ବିକାଶର ପଥେ ସଦା ଧାଇଁଛି ଏ ସୃଷ୍ଟି,
ତପତ ତଡ଼ାଗ ଜଳ ଫେରିଆସେ ହୋଇ ଶୀତ ବୃଷ୍ଟି,
ଏ ବିରାଟ ବିଶ୍ୱେ କେବେ ନାହିଁ ତା'ର କ୍ଷୟ,
ଚିରଦିନ ଝରଇ ଅଭୟ।
ମରଣ ଯାତନା ଜରା ବିୟୋଗ ବିଚ୍ଛେଦ ବ୍ୟଥା ବ୍ୟାଧି
ଜୀବନ-ମିଳନ ସୁଖ ସ୍ନେହ ପ୍ରେମ ଯେ ଆନନ୍ଦ ଆଦି
ସୃଷ୍ଟି ବିକାଶର ପଥେ ପ୍ରୟୋଜନ ତୁଲ୍ୟ
ସମାନ ଯେ ସକାଳର ମୂଲ୍ୟ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | 5 | | | B | 7 | | | | | 8 |
| | | 2 | 1 | 7 | | | | 8 | | | | | D | |
| 0 | C | | | | B | | | | 5 | | | | | 1 |
| | | | | | 3 | 2 | | | | | 4 | B | 6 | |
| 6 | | 5 | 9 | | | 3 | | 7 | A | C | | | | |
| | | C | 0 | | | | | | | | | 9 | B | 7 |
| 5 | | | | | 4 | | 7 | | 6 | D | 3 | E | 8 | |
| | 0 | B | | | E | | 4 | A | | | | | | |
| E | | | | 3 | 6 | 1 | | 5 | | | 2 | | | C |
| 1 | 7 | | | | | | | | | | | 6 | | |
| | | | 3 | | C | | | | | | 8 | 1 | 4 | |
| | | | | 5 | | | | | | | | 8 | | |
| | 5 | 9 | | | 8 | | | | 2 | 4 | | D | E | B |
| A | | 8 | | B | | 9 | | C | | E | 7 | 5 | | |
| B | | 4 | E | 9 | | | | | 3 | | 6 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 7 | 2 | 4 | C | 5 | 6 | 9 | 1 | 3 | 0 | E | D | A | 8 |
| D | 1 | 3 | E | 9 | A | 4 | 8 | C | 2 | 7 | 5 | B | 0 | 6 |
| C | 8 | 0 | 6 | B | 1 | 5 | E | 7 | D | 4 | A | 2 | 9 | 3 |
| 9 | 5 | A | D | 7 | 8 | 2 | 0 | 3 | C | B | 6 | E | 1 | 4 |
| 6 | 4 | E | 0 | 2 | 3 | A | D | B | 9 | 1 | 8 | 5 | C | 7 |
| 5 | 6 | 7 | 3 | A | E | 8 | B | 9 | 1 | 2 | D | C | 4 | 0 |
| E | 9 | 8 | 2 | 1 | 7 | C | A | 0 | B | 5 | 4 | 6 | 3 | D |
| 2 | C | 1 | B | 6 | 9 | 3 | 4 | D | 8 | A | 0 | 7 | 5 | E |
| A | B | 4 | 5 | 0 | D | 7 | 2 | 6 | E | C | 3 | 9 | 8 | 1 |
| 3 | 0 | D | C | 8 | 4 | 1 | 5 | E | 7 | 6 | 9 | A | B | 2 |
| 7 | D | 9 | A | 3 | C | E | 1 | 5 | 0 | 8 | 2 | 4 | 6 | B |
| 8 | 2 | B | 7 | 4 | 0 | 9 | C | A | 6 | D | 1 | 3 | E | 5 |
| 4 | A | 6 | 9 | D | B | 0 | 3 | 8 | 5 | E | 7 | 1 | 2 | C |
| 1 | 3 | 5 | 8 | E | 6 | B | 7 | 2 | 4 | 9 | C | 0 | D | A |
| 0 | E | C | 1 | 5 | 2 | D | 6 | 4 | A | 3 | B | 8 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ନିର୍ମାଣ କରାଯାଉ

ମହାଶୟ,

ତେଲକୋଇ ଅଞ୍ଚଳରେ ଟମାଟୋ ବହୁଳ ଉତ୍ପାଦନ ହୋଇଛି। କିନ୍ତୁ ବିକ୍ରୟ ପାଇଁ ବଜାର କିମ୍ବା ଗଚ୍ଛିତ ରଖିବା ପାଇଁ ଶୀତଳଭଣ୍ଡାର ନ ଥିବାରୁ ବ୍ଲକ୍ ଅଫିସ ସମ୍ମୁଖରେ ଚାଷୀ ନିଜ ଉତ୍ପାଦିତ ଟମାଟୋ ଡାଲା ଅଟୋରେ ନିଜ ଖର୍ଚ୍ଚରେ ଆଣି ଢାଳିବାର ଦୃଶ୍ୟ ବେଶ୍ ଦୁଃଖଦାୟକ। ଏପଟେ ଭାରତ ପାକିସ୍ତାନକୁ ପନିପରିବା ସହ ଟମାଟୋ ରପ୍ତାନି ବନ୍ଦ କରିଦେବାରୁ ସେଠାରେ ଟମାଟୋ କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେବାର ଖବର ପ୍ରକାଶ ପାଇଛି। ଏଣେ କେନ୍ଦୁଝରର ତେଲକୋଇରେ ଟମାଟୋ କିଲୋ ପ୍ରତି ଏକ ଟଙ୍କା ଦରରେ ବିକ୍ରି ପାଇଁ ଗ୍ରାହକର ଅଭାବ। ତିରୋଟ ସମୟରେ ଟମାଟୋ କିଲୋ ପ୍ରତି ୪୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୁଏ, ଯାହା ଗ୍ରାହକମାନେ କିଣିବାକୁ ବାଧ୍ୟ ହୁଅନ୍ତି। ଆମଦାନୀ ସମୟରେ ଆଳୁ ପଶ୍ଚିମବଙ୍ଗରୁ ଆଣି ଯଦି ଗଚ୍ଛିତ କରା ନ ଯାଏ ତେବେ ଆଳୁର ଦର ନିକଟ ଭବିଷ୍ୟତରେ କିଲୋ ୪୦ରୁ ୫୦ ଟଙ୍କା ହେବ ବୋଲି ବେପାରୀମାନେ ସତର୍କ କରିଦେଇଛନ୍ତି। ଓଡ଼ିଶାରେ ଆଳୁ ମିଶନ ସଫଳ ହୋଇ ନ ଥିବା ବେଳେ ଏଥିପ୍ରତି ସରକାର ଉଦାସୀନ ରହିବା ଲକ୍ଷ୍ୟ କରାଯାଉଛି। ସେହିପରି ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଫୁଲକୋବି ପ୍ରଚୁର ପରିମାଣରେ ହୋଇଛି। କିନ୍ତୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ କେତେକ ଅଞ୍ଚଳରେ ୧୦ ଟଙ୍କାକୁ ତିନୋଟି ଲେଖାଏଁ ବିକ୍ରି ହୋଇଛି। କୃଷି ବିଭାଗ ପନିପରିବା ସଂରକ୍ଷଣ ନିମିତ୍ତ ଏକ ସୁବ୍ୟବସ୍ଥିତ ପ୍ରଣାଳୀ ଅବଲମ୍ବନ ନ କଲେ ଉତ୍ପାଦନକାରୀ ଘୋର କ୍ଷତିର ସମ୍ମୁଖୀନ ହୋଇ ଆଉ ପନିପରିବା ଫସଲ ପାଇଁ ଆଗ୍ରହାନ୍ୱିତ ହେବେ ନାହିଁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ବନ୍ୟଜନ୍ତୁ ସହରମୁହାଁ କାହିଁକି

ଧରିତ୍ରୀରୁ ସୁନ୍ଦରଗଡ଼ରେ ଦନ୍ତାହାତୀ ପଶିବା ଖବର ପଢ଼ିଲି। ନିକଟରେ ଭୁବନେଶ୍ୱରରେ ଦୁଇଟି ବାଘ ପଶିଥିଲେ। ଅନେକ ସମୟରେ ହାତୀମାନେ ଜନବସତିରେ ପ୍ରବେଶ କରୁଛନ୍ତି। ଏହାର କାରଣ ଜଙ୍ଗଲ କ୍ଷୟ। କାଠ ମାଫିଆଙ୍କ ପ୍ରତି ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଅବସ୍ଥା ଏପରି ହୋଇଛି। ଏହାକୁ ବନ୍ଦ କରା ନ ଗଲେ ପରିବେଶ ଉପରେ କୁପ୍ରଭାବ ପଡିବ ଓ ପ୍ରାକୃତିକ ବିପର୍ଯ୍ୟୟ ମାଡ଼ିଆସିବ।

ଡା. ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଶିଳାନ୍ୟାସକୁ ପୂରିଲା ୫ ବର୍ଷ: ଆରମ୍ଭ ହୋଇନି ନିର୍ମାଣ

- ବିଏମ୍‌ସିର ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ
- ବିନିଯୋଗ ହୋଇପାରିନି ଋଣ ଟଙ୍କା

ବ୍ରହ୍ମପୁର ଅଫିସ,୧୨।୩

ଶିଳାନ୍ୟାସର ୫ ବର୍ଷ ପୂରିବା ପରେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ ବିଏମ୍‌ସି (ବ୍ରହ୍ମପୁର ମହାନଗର ନିଗମ)ର ପ୍ରସ୍ତାବିତ ସଲିଡୱେଷ୍ଟ ମ୍ୟାନେଜମେଣ୍ଟ (କଠିନ ବର୍ଜ୍ୟବସ୍ତୁ ପରିଚାଳନା) ପ୍ଲାଣ୍ଟ। 'ମୋ ସହର ପରିଷ୍କାର ସହର' ଯୋଜନାରେ ମହାନଗରରୁ ଦୈନିକ ଉତ୍ପାଦ ହେଉଥିବା ଆବର୍ଜନାକୁ ରାସାୟନିକ ପଦ୍ଧତିରେ ପରିଚାଳନା ଲାଗି ଏହି ପ୍ଲାଣ୍ଟ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ବ୍ରହ୍ମପୁର ନିକଟ ଏବଂ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ମହୁଡ଼ାରେ ପ୍ଲାଣ୍ଟ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ଜମି ଯୋଗାଇ ଦିଆଯାଇଥିଲା। ୨୦୧୩ ଅକ୍ଟୋବର ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ ।

ପ୍ଲାଣ୍ଟ ନିର୍ମାଣ ପାଇଁ ଗୁଜୁରାଟର ଏକ ଘରୋଇ ଉଦ୍ୟୋଗ ସହିତ ୨୦୧୩ ଅଗଷ୍ଟ ୩୦ରେ ବିଏମ୍‌ସି ଚୁକ୍ତିବଦ୍ଧ ହେବା ପରେ ଶିଳାନ୍ୟାସ କରାଯାଇଥିଲା। ଏଥିପାଇଁ ସେତେବେଳେ ୭୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଇଣ୍ଟରନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ (ଆଇଏଫସି)ର ଜଣେ ମହିଳା ପଦାଧିକାରୀ ଏଡିଲ ପେରିସ ଏଥିରେ ମଧ୍ୟସ୍ଥି ସାଜିଥିଲେ। ତେବେ ଚୁକ୍ତିବଦ୍ଧ ହୋଇଥିବା ଉଦ୍ୟୋଗ ପରବର୍ତ୍ତୀ ପର୍ଯ୍ୟାୟରେ ଓହରି ଗଲା। ତେଣୁ ନିର୍ମାଣ କାର୍ଯ୍ୟ ଅଟକି ଯାଇଥିଲା ।

ମହୁଡ଼ାରେ ୩୩.୨୩୭ ଏକର ଜମିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପରେ ଦୈନିକ ୨ ଶହ ଟନ ଆବର୍ଜନା ପ୍ରକ୍ରିୟାକରଣ କରାଯିବାର ଯୋଜନା ହୋଇଥିଲା। ଆବର୍ଜନା ସଂଗ୍ରହ ଏବଂ ମହୁଡ଼ାକୁ ପରିବହନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଗୁଜରାଟର ସମ୍ପୃକ୍ତ ଉଦ୍ୟୋଗ ଓହରିଯିବା ପରେ ପ୍ଲାଣ୍ଟ ନିର୍ମାଣ ଅନିଶ୍ଚିତ ହୋଇଗଲା। ପୁଣି କାର୍ଯ୍ୟକାରୀ କରିବା ନିମନ୍ତେ ବିଏମ୍‌ସି ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଗଲା । ଓଡ଼ିଶା ଓ ମହାରାଷ୍ଟ୍ରର ୩ ଜଣ ଉଦ୍ୟୋଗୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ବ୍ୟୟ ଅଟକଳ ମଧ୍ୟ କମାଇ ଦିଆଯାଇଛି। ନଗର ଉନ୍ନୟନ ବିଭାଗ ଅଧୀନ ଅର୍ବାନ ଭିତ୍ତିଭୂମି ବିକାଶ ପାଣ୍ଠିରୁ ୪୪ କୋଟି ଟଙ୍କା ଋଣ ଆକାରରେ ମଞ୍ଜୁର ହୋଇଛି। ସେହି ଟଙ୍କା ଅଦ୍ୟାବଧି ବିନିଯୋଗ ହୋଇ ନ ପାରି ବିଏମ୍‌ସି ପକ୍ଷରୁ ବ୍ୟାଙ୍କରେ ଜମା ରହିଛି। ଅନ୍ୟପକ୍ଷରେ ଋଣ ଟଙ୍କାର ସୁଧ ବଢ଼ି ବଢ଼ି ଚାଲିଛି । ମହାନଗର ନିଗମ ସିଟି ଇଞ୍ଜିନିୟର କେଦାର ଚନ୍ଦ୍ର ଖଟୁଆ କହିଛନ୍ତି, ନୂଆ ଉଦ୍ୟୋଗୀଙ୍କ ପକ୍ଷରୁ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ପାଇଁ ଜମି ପରିଷ୍କାର, ସମତୁଲ ଓ ପାଚେରି ନିର୍ମାଣ କାର୍ଯ୍ୟ ସରିଛି । ମହୁଡ଼ା ପ୍ରକଳ୍ପ ସ୍ଥାନରେ କେବଳ ମଳ ପରିଚାଳନା ଲାଗି ସେପ୍‌ଟିକ୍ ଟ୍ୟାଙ୍କ ନିର୍ମିତ ହୋଇଛି। ତାହା କାର୍ଯ୍ୟକ୍ଷମ ହୋଇଛି। ମଳରୁ ଜୈବିକ ଖତ ଉତ୍ପାଦିତ କରାଯାଉଛି। ଏହା କୃଷି କାର୍ଯ୍ୟକ୍ରମରେ ବିନିଯୋଗ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଲିଡୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସିଟି ଇଞ୍ଜିନିୟର ସୂଚାଇଛନ୍ତି। ଅପରପକ୍ଷରେ ବିରୋଧୀ କଂଗ୍ରେସ ପକ୍ଷରୁ ତାଚ୍ଛଲ୍ୟ କରାଯାଇଛି। କେବଳ ସଲିଡୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ନୁହେଁ, ଅନେକ ଯୋଜନା ପାଇଁ ଶିଳାନ୍ୟାସ କରାଯାଇଥିଲେ ମଧ୍ୟ ନିର୍ମାଣ ଆରମ୍ଭ ହୋଇନଥିବା ସଙ୍ଗିନ ଅଭିଯୋଗ ହୋଇଛି। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କହିଛନ୍ତି, ଶିଳାନ୍ୟାସର ୩ ବର୍ଷ ବିତିବା ପରେ ବି ଘଟକେଶ୍ୱର ବହୁମୁଖୀ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଏବେ ବି ଆରମ୍ଭ ହୋଇନାହିଁ ।

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲାରେ ୨ ଖଲାସ

ବ୍ରହ୍ମପୁର ଅଫିସ୍,୧୨।୩: ପ୍ରମାଣ ଅଭାବରୁ ଏକ ହତ୍ୟା ଉଦ୍ୟମ ମାମଲାରେ ୨ ଅଭିଯୁକ୍ତ ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ହୁଗୁଳାପଟା ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁ ଏବଂ ପଞ୍ଚ ସ୍ୱାଇଁ। ୨୦୧୬ ଏପ୍ରିଲ୍ ୧୩ ତାରିଖ ରାତି ୮ ଟାରେ ଗ୍ରାମର ବିଚିତ୍ର ସ୍ୱାଇଁଙ୍କୁ ଉଭୟ ନିତ୍ୟାନନ୍ଦ ଏବଂ ପଞ୍ଚ କାତି ଓ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। ଗୁରୁତର ଭାବେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଏନେଇ ନଂ. ୮୬/୧୬ ଧାରା ୩୪୧,୩୨୩,୨୯୪,୩୦୭ ଏବଂ ୩୪ ରେ ଏକ ମାମଲା ରୁଜୁ ହୋଇଥିଲା। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସର୍ତ୍ତମୂଳକ ଭାବେ ୨ ଅଭିଯୁକ୍ତ ଜାମିନରେ ଛାଡ଼ ପାଇଥିଲେ। ମଙ୍ଗଳବାର ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ଏସ୍‌ଡିଜେଏମ୍ ସରୋଜ କୁମାର ଦାଶ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ ପାତ୍ର ଏବଂ ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

# ବ୍ରହ୍ମପୁରରୁ ସ୍ୱାଧୀନ ପ୍ରାର୍ଥୀ ହେବେ ଅବନୀ



ପ୍ରାର୍ଥୀତ୍ୱ ସମ୍ପର୍କରେ ଅବନୀ ଗୟା ସୂଚନା ଦେଉଛନ୍ତି ।

ବ୍ରହ୍ମପୁର ଅଫିସ୍,୧୨।୩

ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ହେବେ ସାମାଜିକ କର୍ମୀ, ଆଇନଜୀବୀ ତଥା ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା। ମଙ୍ଗଳବାର ଏନ୍‌ଜିଓ ହଲ୍‌ରେ ବୁଦ୍ଧିଜୀବୀଙ୍କୁ ନେଇ ଅନୁଷ୍ଠିତ ଏକ ସଭାରେ ସେ ଏହି ଘୋଷଣା କରିଛନ୍ତି। ବହୁ ଦୁର୍ନୀତି, ଅନ୍ୟାୟ, ଲୁଟ୍‌ପାଟ୍ ଏବଂ ଅନ୍ଧବିଶ୍ୱାସ ବିରୋଧରେ ସେ ଦୀର୍ଘ ବର୍ଷ ହେଲା ସଂଘର୍ଷ କରୁଛନ୍ତି। କେତେକ ସଫଳତା ମଧ୍ୟ ମିଳିଛି । ମେଡ଼ିକାଲ୍ ବଞ୍ଚାଓ ଏବଂ ସ୍ୱାସ୍ଥ୍ୟ ସୁବିଧା ପାଇଁ ୨୦୧୭ ଜୁଲାଇ ୧୭ତାରିଖରୁ ଚାଲିଥିବା ଆନ୍ଦୋଳନ ୮୩ତମ ସପ୍ତାହ ସମାପ୍ତ କରିଛି । କଂଗ୍ରେସ, ଭାଜପା ଏବଂ ବିଜେଡ଼ି ଶାସନରେ ଲୋକମାନେ କେବଳ ସରକାରୀ ବିଫଳତା ଦେଖିଛନ୍ତି। ସେମାନଙ୍କୁ ବାସ୍ତବ ଶାସନ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବାକୁ ହେବ। ନିତି ଦିନିଆ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ହେବ। ସେଥିପାଇଁ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଛି ବୋଲି ସେ ପ୍ରକାଶ କରିଥିଲେ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, ବାସଗୃହ, ପାନୀୟ ଜଳ, ଶ୍ରମିକ, ଆଇନ୍ ଶୃଙ୍ଖଳା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଲଢ଼େଇ କରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ମଞ୍ଚର ଚକ୍ଷୁ ପରୀକ୍ଷା ଶିବିର



ବ୍ରହ୍ମପୁର ଅଫିସ,୧୨।୩: ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ବିଜିପୁର କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ତ୍ରିନାଥ ମହାରଣା ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍‌କେସିଜି ଚକ୍ଷୁ ବିଭାଗର ବିଭାଗୀୟ ମୁଖ୍ୟା ଡା. ସୁଚିତ୍ରା ଦାଶ, ଡା. ରାଜେନ୍ଦ୍ର କୁମାର ବେହେରା, ଡା. ସବିତା ଦେବୀ, ଡା. ଜୟନ୍ତ ପଟେଲ, ଡା. ବିଜୟ ନାୟକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଜି. ବିନୋଜ, ସୁଶୀଲ ପ୍ରଧାନଙ୍କ ସମେତ ପ୍ରମୋଦ କୁମାର ସାହୁ, କିଶୋର ବ୍ରହ୍ମା ଓ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ୩୧ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୩ ଜଣଙ୍କ ଅସ୍ତ୍ରୋପଚାର କରାଯିବାକୁ ଏମ୍‌କେସିଜି ଚକ୍ଷୁ ବିଭାଗକୁ ପଠାଯାଇଥିଲା ।

## +୨ ବିଜ୍ଞାନ, ବାଣିଜ୍ୟ ପରୀକ୍ଷା

# କପିକରି ଧରାପଡିଲେ ୨୦

ବ୍ରହ୍ମପୁର ଅଫିସ, ୧୨।୩

ପଦାର୍ଥବିଜ୍ଞାନ ଓ ଆକାଉଣ୍ଟାନ୍ସି ପରୀକ୍ଷା ଦକ୍ଷିଣାଞ୍ଚଳ ଜୋନର ଆଠଟି ଜିଲାରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ସି.ସି. କ୍ୟାମେରା ସଂଯୋଗ ସତ୍ତ୍ୱେ କେତେକ କେନ୍ଦ୍ରରେ କପି ଅଭିଯୋଗରେ ଦକ୍ଷିଣାଞ୍ଚଳର ୨୦ ପରୀକ୍ଷାର୍ଥୀ ଜୋନାଲ ଓ ଇଣ୍ଟରନାଲ ସ୍କ୍ୱାର୍ଡ ଦ୍ୱାରା ଧରା ପଡ଼ିଛନ୍ତି। ପଦାର୍ଥ ବିଜ୍ଞାନରେ ୧୬ ଜଣ ଓ ଆକାଉଣ୍ଟାନ୍ସିରେ ୪ ଜଣ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସ ହୋଇଥିବା ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲା ଏସବିଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଏକ୍ସ-ରେଗୁଲାର ବିଜ୍ଞାନ ଛାତ୍ରୀ ଇଣ୍ଟରନାଲ ସ୍କ୍ୱାର୍ଡ ଦ୍ୱାରା ଧରା ପଡ଼ିଥିବା ବେଳେ କନ୍ଧମାଳ ଜିଲା ଜି. ଉଦୟଗିରି କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ରାଇକିଆ ଜୀବନ ଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ମାଲକାନଗିରି ଜିଲା ମାଥିଲି ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ମାଲକାନଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଘଡ଼େଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ସତ୍ୟନାରାୟଣ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ସ୍କ୍ୱାର୍ଡଙ୍କ ହାତରେ ଧରା ପଡ଼ିଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ନବରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ଜଣେ ଓ ଆକାଉଣ୍ଟାନ୍ସିରେ ଜଣେ ପରୀକ୍ଷାର୍ଥୀ ଇଣ୍ଟରନାଲ ସ୍କ୍ୱାର୍ଡ ଦ୍ୱାରା ବୁକ ହୋଇଥିବା ବେଳେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଏସକେସିଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଜଣ ପରୀକ୍ଷାର୍ଥୀ ଇଣ୍ଟରନାଲ ସ୍କ୍ୱାର୍ଡ ହାତରେ ଧରା ପଡ଼ିଛନ୍ତି। କୋରାପୁଟ ଜିଲା ସେମିଳିଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ସୁନାବେଡ଼ା ଏରୋନେଟିକ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଜଣ ପଦାର୍ଥ ବିଜ୍ଞାନରେ ଓ ଆକାଉଣ୍ଟାନ୍ସିରେ ୩ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସ ଅଭିଯୋଗରେ ବୁକ ହୋଇଥିବା ଡ. ଓଝାଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ବୈଠକ

# ଦଶମ, ଯୁକ୍ତ ୨ ପରୀକ୍ଷା ବିଭ୍ରାଟକୁ ତୀବ୍ରନିନ୍ଦା

ବ୍ରହ୍ମପୁର ଅଫିସ,୧୨।୩

ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମନ୍ମଥ ପାଢୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଦଶମ ଓ ଯୁକ୍ତ ୨ ପରୀକ୍ଷା ପରିଚାଳନାରେ ଦେଖାଦେଇଥିବା ବିଭ୍ରାଟକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା । ଏହି ଘଟଣାକୁ ନିନ୍ଦା କରାଯିବା ସହ ରାଜ୍ୟ ପ୍ରଶାସନ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଚାଳନା କମିଟି ଶିକ୍ଷକ, ଛାତ୍ରୀଛାତ୍ର ଅଭିଭାବକମାନେ ଏଥିପାଇଁ ଦାୟୀ ବୋଲି ମତପ୍ରକାଶ ପାଇଥିଲା। ଏଥିପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯିବାକୁ ସମ୍ମିଳନୀ ପକ୍ଷରୁ ଦାବି କରାଯାଇଥିଲା । ଆନ୍ଧ୍ର ଉପାନ୍ତରେ ଆନ୍ଧ୍ର ସରକାରଙ୍କ ଓଡିଶା ସୀମାକୁ ଅନୁପ୍ରବେଶ ଉପରେ ସରକାର ପଦକ୍ଷେପ ଗ୍ରହଣ କରାଯିବାକୁ କୁହାଯାଇଥିଲା। ରାଜ୍ୟର ଅନ୍ୟ ଭାଷାଭାଷୀଙ୍କ ଭଳି ଆନ୍ଧ୍ରରେ ନିର୍ଯାତିତ ହେଉଥିବା ଓଡିଆ ପ୍ରତି ରାଜ୍ୟସରକାର ସହାୟତାର ହାତ ବଢାଇବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଏଥିରେ ଅନୁଷ୍ଠାନ ଜିଲା ପ୍ରତିନିଧି ଭଗବାନ ସାହୁ, ଅଧିବକ୍ତା ରାଧା ଚରଣ ନାୟକ, ଶିକ୍ଷାବିତ ପ୍ରଫେସର ଡ. ରବି ନାରାୟଣ ମିଶ୍ର, ଭିକାରୀ ଚରଣ ମହାପାତ୍ର ଓ ଡ. ସୁବ୍ରତ କୁମାର ସାହୁ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଯୁଗ୍ମସମ୍ପାଦକ ନକୁଳ ସାହୁ ଧନ୍ୟବାଦ ଦେଇଥିଲେ। ସମ୍ମିଳନୀର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




## ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ

(୧୩ ମାର୍ଚ୍ଚ ୨୦୧୯ ରୁ ୧୯ ମାର୍ଚ୍ଚ ୨୦୧୯)

ଶୁଭ ଉଦ୍‌ଘାଟନ
୧୩, ମାର୍ଚ୍ଚ, ୨୦୧୯
ସମୟ- ସନ୍ଧ୍ୟା ୬ଘଟିକା
ସ୍ଥାନ- ଆଦିବାସୀ ପ୍ରଦର୍ଶନୀ ପଡିଆ, ୟୁନିଟ୍-୧, ଭୁବନେଶ୍ୱର

- ବିଶେଷ ଆକର୍ଷଣ -
ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପର ଅପୂର୍ବ ସମ୍ଭାର

ଉକ୍ତ ଉତ୍ସବରେ ଉପସ୍ଥିତ ରହି କାରିଗର ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁରୋଧ।

ଆୟୋଜକ-
ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର
(ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା)


# ମଦ ସହ ପ୍ରସ୍ତୁତି ସାମଗ୍ରୀ ଜବତ: ୪ ଗିରଫ

ଗୋଷାଣି/ପାରଳାଖେମୁଣ୍ଡି, ୧୨।୩
(ଡି.ଏନ.ଏ/ସ୍ୱ.ପ୍ର.)

ଗଜପତି ଜିଲାର ଗାରାବନ୍ଧ ଓ ଗୁରାଣ୍ଡି ଥାନା ଅନ୍ତର୍ଗତ ବୁରୁଖାଲି, ଭୀମପୁର, ଲିଙ୍ଗିପୁର, ସୌରା ତାଲସିଂ, କଣ୍ଟାଗଡ, ରାଜପୁର ଓ ଜଙ୍ଗଲପାଡୁ ପ୍ରଭୃତି ଅଞ୍ଚଳରେ ମଲ୍ଟି ଡିସିପ୍ଲିନାରୀ ସ୍କ୍ୱାଡ୍ ସହ ଅବକାରୀ ବିଭାଗ ଚଢାଉ କରିଛି। ବୁରୁଖାଲି ଗ୍ରାମର ବିଜୟ ଶବରଙ୍କଠାରୁ ୪୦ଲିଟର ମହୁଲି, ଜଙ୍ଗଲପାଡୁ ଗ୍ରାମର ଇ.ଭେଙ୍କଟ ରମଣଙ୍କଠାରୁ ୨୫ଟି ନିବ୍ ବୋତଲ, କଣ୍ଟାଗଡ ଗ୍ରାମର ଲକ୍ଷ୍ମଣ ଚୌଧୁରୀଙ୍କଠାରୁ ୬. ୫୦୦ ମିଲି.ଲି ବିୟର ଓ ୩.୩୦୦ ମିଲି.ଲି ବିଦେଶୀ ମଦ, ରାଜପୁର ଗ୍ରାମର ଡି. ସୁରେଶ କୁମାରଙ୍କଠାରୁ ୨୦ଟି ନିବ୍ ବୋତଲ ଜବତ ହୋଇଛି। ଏଥିସହ ରନ୍ଧା ମଦ ଓ ସାମଗ୍ରୀ ଜବତ କରାଯାଇ ନଷ୍ଟ କରିଦିଆଯାଇଛି। ଏସବୁର ଆନୁମାନିକ ମୂଲ୍ୟ ୩ଲକ୍ଷ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଉକ୍ତ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଚଢାଉ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ରାୟଗଡ ତହସିଲଦାର ରଞ୍ଜନ ବେହେରା ଉପସ୍ଥିତ ଥିଲେ। ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ପଦ୍ମଚରଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢାଉରେ ବିଭାଗୀୟ କର୍ମଚାରୀଙ୍କ ସମେତ ଗୁରାଣ୍ଡି, ଗାରାବନ୍ଧ ଓ ପାରଳାଖେମୁଣ୍ଡି ଥାନାର କର୍ମଚାରୀମାନେ ସାମିଲ ଥିଲେ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୦୩.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ସୂର୍ଯ୍ୟଜ୍ୟୋତି ପ୍ରଧାନ, ଇ-ମେଲ: suryajyoti.pradhan@sbi.co.in, ମୋ: ୮୫୯୯୦୦୨୭୦୩

| କ୍ର. ନଂ. | ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ବାଣିଜ୍ୟିକ ଶାଖା, କଟକ / ରଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀ ସଞ୍ଜିତ କୁମାର ସାହୁ, ଉଭୟଙ୍କ ଠିକଣା- ସା/ପୋ: ସମପୁର, ଜିଲ୍ଲା: କଟକ, ପିନ୍- ୭୫୪୧୩୦ | (କ) ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍ଜା ଯାହାର (୧) ମୌଜା: ଅରିଲୋ, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, (i) ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ ଡିସିମିଲି, କିସମ: ଘରବାରି, (ii) ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୪.୭୭୦ଡିସିମିଲି, କିସମ: ଘରବାରି, (୨) ମୌଜା: ସମପୁର, ତହସିଲ: କିସାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲ, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, କିସମ: ଘରବାରି<br>(ଖ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମପୁର, ତହସିଲ: କିଶାନନଗର, ଥାନା: କେଶନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି | ଟ.୨,୩୬,୦୫,୨୯୪/- + ୦୫.୦୫.୨୦୧୪ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୫.୦୫.୨୦୧୪ | (କ) ଟ.୨,୫୯,୨୫,୦୦୦/- ଟ.୨୫,୯୨,୫୦୦/- ଟ.୧,୦୦,୦୦୦/-<br>(ଖ) ଟ.୧୯,୫୭,୦୦୦/- ଟ.୧,୯୫,୭୦୦/- ଟ.୫୦,୦୦୦/- |
| ୨. | ବିଦ୍ୟାଧରପୁର ଏଡିବି / ରଣଗ୍ରହୀତା: ଶ୍ରୀ ଅରୁଣ ସ୍ୱାଇଁ, ପିତା: ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର୍.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ-୭୫୩୦୦୮ / ଆକାଉଣ୍ଟ ନଂ.: ୩୦୦୧୭୨୯୯୩୩୮ | ଜାମିନ୍‌ଦାର: ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ: ୰ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡ଼ା, କାପ୍ଲା, ଚାନ୍ଦନୀ ଚୌକ, କଟକ-୭୫୩୦୦୨ | ଶ୍ରୀ ଅରୁଣ ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୮ ଦକ୍ଷିଣ ତୁଳସୀପୁର, ତହସିଲ: କଟକ ସଦର, ଥାନା: ବିଡାନାସୀ, ଜିଲ୍ଲା: କଟକ, ଖାତା ନଂ.: ୧୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୧୭/୮୦, ପ୍ଲଟ୍ ନଂ.: ୩୫୭(ଅଂଶ), ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୩୫୭/୧୪୪୯, କ୍ଷେତ୍ର: ଏକର୦.୦୮୦ଡିସିମିଲିରୁ ଏକର୦.୦୫୬ଡିସିମିଲି, କିସମ: ଘରବାରି | ଟ.୧,୧୨,୭୯,୬୭୦/- + ୧୫.୦୨.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୧୫.୦୨.୨୦୧୮ | ଟ.୮୦,୩୩,୦୦୦/- / ଟ.୮,୦୩,୩୦୦/- / ଟ.୧,୦୦,୦୦୦/- |
| ୩. | ମାଲଗୋଦାମ ଶାଖା / ରଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଜେନେରାଲ୍ ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରେଖା ଅଗ୍ରୱାଲ, ସ୍ୱାମୀ: ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ୍ ନଂ.: ୧୫୦୩/ବି, ସେକ୍ଟର-୬, ସିଡିଏ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୦୨୪୫୪୦୭୯୧୨ | ଜାମିନ୍‌ଦାରମାନେ: ୧) ଶ୍ରୀ ମନୋରଞ୍ଜନ ନାୟକ, ପିତା: ୰ ପ୍ରାଣକୃଷ୍ଣ ନାୟକ, ଠିକଣା-୧: ସା/ପୋ: ପାଇକ ବାରବାଟି, ଥାନା: କାନପୁର, ଭାୟା: ନରସିଂହପୁର, ଜିଲ୍ଲା: କଟକ, ଠିକଣା-୨: ସା: କ୍ଷିଓର୍ଟ ପାଟଣା, ସନତ ନଳିନୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟ, ସେଲୁର ଛକ, ପୋ/ଥାନା: ବିଡାନାସୀ, କଟକ, ୨) ଶ୍ରୀ ବିନୋଦ କୁମାର ଅଗ୍ରୱାଲ, ପ୍ଲଟ ନଂ.: ବି/୧୫୦୩, ସେକ୍ଟର-୬, ସିଡ଼ିଏ, ମର୍କତ ନଗର, କଟକ-୭୫୩୦୧୪ | ଶ୍ରୀ ମନୋରଞ୍ଜନ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପାଇକପଡ଼ା ପାଟଣା, ତହସିଲ/ଥାନା: ନରସିଂହପୁର, ଜିଲ୍ଲା: କଟକ, ଖାତା ନଂ.: ୫୭୪/୧୫, ଅନୁରୂପ ପରିବର୍ତ୍ତିତ ଖାତା ନଂ.: ୫୭୪/୪୬୨, ପ୍ଲଟ୍ ନଂ.: ୧୪୦୭/୨୮୮୬, କ୍ଷେତ୍ର: ଏକର ୦.୧୯୫ଡିସିମିଲି, କିସମ: ଘରବାରି | ଟ.୨୭,୯୮,୦୦୦/- + ୦୧.୧୧.୨୦୧୮ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୦୪.୦୧.୨୦୧୭ | ଟ.୩୪,୪୩,୦୦୦/- / ଟ.୩,୪୪,୩୦୦/- / ଟ.୫୦,୦୦୦/- |
| | କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ଇ-ମେଲ: pradeepta.jena@sbi.co.in, ମୋ: ୯୪୩୭୪୯୯୦୭୪ | | | | |
| ୪. | ଜଗତପୁର ଶାଖା / ରଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ., ସା/ପୋ: ସମିଆ କଳାକଲ, ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / ଆକାଉଣ୍ଟ ନଂ.: ୩୧୯୬୫୬୭୧୨୮୨୯, ୩୧୬୮୪୯୦୯୩୦୨ | ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଦିଲ୍ଲୀପ କିଶୋର ମହାପାତ୍ର, ୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ. ୭୮/୧୬୫୪, ବିଡାନାସି, ବାସେଳିଗଡ, କଟକ-୭୫୩୦୧୪, ୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ | (କ) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ.ର ନାମରେ ଥିବା ଜମି ଏବଂ ଗୃହ ସହିତ କାରଖାନା ଏବଂ କଳକବ୍ଜା ଯାହାର ମୌଜା: ସମିଆ, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ ଡିସିମିଲି, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ଡିସିମିଲି, ମୋଟ କ୍ଷେତ୍ର: ଏକର୩.୦୦ଡିସିମିଲି, ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧୦ଡିସିମିଲି ଏବଂ ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮୦ଡିସିମିଲି, ମୋଟ କ୍ଷେତ୍ର: ଏକର୫.୨୯୦ଡିସିମିଲି, ସର୍ବମୋଟ କ୍ଷେତ୍ର: ଏକର୮.୨୯୦ଡିସିମିଲି, କିସମ: ଘରବାରି।<br>(ଖ) ଶ୍ରୀମତୀ ବନଶ୍ରୀ ମହାପାତ୍ରଙ୍କ ନାମରେ ଜମି ଏବଂ ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.: ୩, ବିଡାନାସି, ହାଲ ପରିବର୍ତ୍ତିତ ଖାତା ନଂ.: ୩୫/ଡି-୧, ମ୍ୟୁଟେସନ୍ ଖାତା ନଂ.: ୩୧୩/୫୩୨, ପ୍ଲଟ୍ ନଂ.: ୭୮/୧୬୫୪, କ୍ଷେତ୍ର: ଏକର୦.୦୮୦୫ଡିସିମିଲି, କିସମ: ଘରବାରି। | ଟ.୩,୬୪,୪୦,୫୯୩/- + ୦୨.୦୭.୨୦୧୫ ଠାରୁ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ / ୩୦.୦୩.୨୦୧୫ | (କ) ଟ.୫,୦୮,୫୩,୦୦୦/- / ଟ.୫୦,୮୬,୦୦୦/- / ଟ.୧,୦୦,୦୦୦/-<br>(ଖ) ଟ.୭୩,୯୪,୦୦୦/- / ଟ.୭,୪୦,୦୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୨୫.୦୩.୨୦୧୯ରିଖ ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା.୨୭.୦୩.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୧୨.୦୩.୨୦୧୯, ସ୍ଥାନ: କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



IDBI BANK
ଆଇଡିବିଆଇ ବ୍ୟାଙ୍କ ଲିଃ., ରିଟେଲ ଆସେଟ୍ସ ସେଣ୍ଟର, ୧ମ ମହଲା, ଆଇଡିବିଆଇ ହାଉସ୍, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: ୦୬୭୪-୬୬୧୬୫୪୬
ସିଆଇଏନ୍- ଏଲ୬୫୧୯୦ଏମ୍‌ଏଚ୍୨୦୦୪ଜିଓଆଇ୧୪୮୮୩୮

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆଇଡିବିଆଇ ବ୍ୟାଙ୍କ ଲିଃ.ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଜାନୁଆରୀ ୧୦, ୨୦୧୯ ରିଖରେ ଦଖଲ ନିଆଯାଇଥିବା ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କର ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତି ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ଅନୁସାରେ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ବିକ୍ରୟ କରାଯିବା ନିମନ୍ତେ ବନ୍ଦ ଲଫାପାରେ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି ।

୧. ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ : ଶ୍ରୀ ଦିଲ୍ଲୀପ କୁମାର ସାହୁ ଏବଂ ଶ୍ରୀମତୀ ସ୍ମରଣିକା ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଏସ୍ଆରଓ: ଖଣ୍ଡଗିରି, ଭୁବନେଶ୍ୱର, ଥାନା: ମଞ୍ଚେଶ୍ୱର, ନଂ.: ୨୩, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍-୪୧, ସ୍ଥିତିବାନ୍ ଖାତା ନଂ.: ୬୧୯/୧୧୭୦, ପ୍ଲଟ୍ ନଂ.: ୨୦୩, କ୍ଷେତ୍ର: ଏକର୦.୨୫୦ଡିସିମିଲି, କିସମ: ଘରବାରୀ, ଖଜଣା- ଟ.୭୫୦/-, ମୋଟ କ୍ଷେତ୍ର: ଏକର୦.୨୫୦ଡିସିମିଲି ରୁ ଅବିଭକ୍ତ ଅଂଶ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଅର୍ଥାତ ୮୭୧ ବର୍ଗଫୁଟ ଯାହାକି କ୍ରେତାଙ୍କ ନାମକୁ ସ୍ଥାନାନ୍ତର କରାଯାଇଛି। ଏହି ସମ୍ପତ୍ତି ଶ୍ରୀ ରେସିଡେନ୍ସି ନାମକ ଆପାର୍ଟମେଣ୍ଟର ୪ର୍ଥ ମହଲାର ଫ୍ଲାଟ୍ ନଂ.: ୪୦୧ ଅଟେ ଯାହାର କ୍ଷେତ୍ର: ୨୦୩୫ବର୍ଗଫୁଟ ସହିତ ଭର୍ଟିଫାଏଡ୍ ଟାଇଲ୍ ଫ୍ଲୋରିଂ ଏବଂ ପାର୍କିଂ ଏରିଆ ଅଛି । ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୦୧, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୨୦୨, ପଶ୍ଚିମ: ଏଚ୍ଆଇଜି ନିର୍ମାଣାଧୀନ ଗୃହ

୨. ଆଇଡିବିଆଇକୁ ପରିଶୋଧ କରିବାକୁ ଥିବା ତା.୧୦.୦୯.୨୦୧୮ ସୁଦ୍ଧା ମୋଟ ବକେୟା ରାଶି ଟ.୬୦,୮୩,୦୬୨.୦୯ + ୧୧.୦୯.୨୦୧୮ ଠାରୁ ସେବାବଦ ସୁଧ ଏବଂ ଖର୍ଚ୍ଚ

| ୩. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ସମ୍ପତ୍ତି ତନଖି ତାରିଖ | ବିଡ୍ ଫର୍ମ ଦାଖଲର ଅନ୍ତିମ ତାରିଖ / ବିଡ୍ ବୃଦ୍ଧି ପରିମାଣ | ଇ-ନିଲାମ ତାରିଖ |
|---|---|---|---|---|---|
| | ଟ.୭୨,୨୧,୦୦୦/- | ଟ.୭,୨୨,୧୦୦/- | ୧୮.୦୩.୨୦୧୯ ରୁ ୨୨.୦୩.୨୦୧୯(ଅପରାହ୍ନ ୪.୦୦ ଘଟିକା ରୁ ସନ୍ଧ୍ୟା ୬.୦୦ ଘଟିକା) | ୨୭.୦୩.୨୦୧୯ ଅପରାହ୍ନ ୪.୦୦ଘଟିକା ପର୍ଯ୍ୟନ୍ତ / ଟ. ୧୦,୦୦୦/- | ୨୮.୦୩.୨୦୧୯ (ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା) |
| | | | | ୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨ | |

୪. ବିଡ୍ କାଗଜାତ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀର ସାରାଂଶ :

୧. ସୁରକ୍ଷିତ ଋଣଦାତା: ଆଇଡିବିଆଇ ବ୍ୟାଙ୍କ ଲିଃ. ପକ୍ଷରୁ ସୁରକ୍ଷିତ ସମ୍ପତ୍ତି "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯେପରି ଅଛି" ଏବଂ "ବିନା ଆଇନଗତ ସହାୟତା ଭିତ୍ତି"ରେ ବିକ୍ରୟ କରାଯିବ।
୨. ଉପର ଦର୍ଶିତ ସମ୍ପତ୍ତି ଦର୍ଶିତ ସଂରକ୍ଷିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୩. ଏହି ନୋଟିସ୍ ପ୍ରକାଶନର ୧୫ଦିନ ପରେ ସମ୍ପତ୍ତି ବିକ୍ରି ହେବ।
୪. ବିଡ୍ ଯୋଗ୍ୟତା ପାଇଁ ଅମାନତ ରାଶି (EMD) ଡିମାଣ୍ଡଡ୍ରାଫ୍ଟ / ପେ ଅର୍ଡର ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ ଦାଖଲ କରିବେ କିମ୍ବା NEFT/RTGS ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଲିଃ. ସପକ୍ଷରେ IFSC Code-IBKL0001112, ଶାଖା: ଲୁଇସ୍ ରୋଡ୍, ଭୁବନେଶ୍ୱର, ଆକାଉଣ୍ଟ ନଂ.: ୧୧୧୨୩୪୯୧୫୦୧୦୦୧୪ରେ ଜମା କରିବେ।
୫. ଅମାନତ ଜମାରାଶି ଉପରେ କୌଣସି ସୁଧ ଦିଆଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ୩ଜଣ ନିଲାମଧାରୀଙ୍କ ଅମାନତ ରାଶି ବିଡ୍ ଗୁଡିକ ଖୋଲାଯିବା ତାରିଖ ଠାରୁ ୩ମାସ ପର୍ଯ୍ୟନ୍ତ ଅଟକ ରଖିପାରିବେ।
୬. କ୍ଷମତାପ୍ରାପ୍ତ ଅଧିକାରୀ ପ୍ରଥମ ୩ଜଣ ନିଲାମଧାରୀଙ୍କ ମଧ୍ୟରେ ନିଲାମ ଡାକ କରିବା ପାଇଁ ଅନୁମତି ଦେଇପାରିବେ।
୭. ସଫଳ ନିଲାମଧାରୀ ବିକ୍ରୟ ମୂଲ୍ୟରେ ୨୫% (ଦାଖଲ କରିଥିବା ଅମାନତରାଶି ବିଯୁକ୍ତ କରି) ବିକ୍ରୟ ଚୂଡାନ୍ତ ହେବା ସମୟରେ ଦାଖଲ କରିବେ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ଅସଫଳ ହେଲେ, ଅମାନତ ରାଶି ସହିତ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ।
୮. କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଆଗ୍ରାହ୍ୟ/ଗ୍ରହଣ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ସ୍ଥଗିତ / ରଦ୍ଦ କରିବା ଅଧିକାର ସଂରକ୍ଷିତ ରଖିଛନ୍ତି। ସମସ୍ତ ପ୍ରସ୍ତାବ ରଦ୍ଦ କ୍ଷେତ୍ରରେ କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାର୍ଯ୍ୟ କୌଣସି ବ୍ୟବସ୍ଥାନୁସାରେ ସମ୍ପତ୍ତି ବିକ୍ରୟ କରିପାରିବେ।
୯. ବିଡ୍ କାଗଜାତ୍‌ରେ ଦର୍ଶିତ ସୁରକ୍ଷିତ ସମ୍ପତ୍ତି ଋଣଗ୍ରହୀତାଙ୍କ ଦ୍ୱାରା ସୁରକ୍ଷିତ ଋଣଦାତାଙ୍କ ସପକ୍ଷରେ ବନ୍ଧକ ରଖାଯାଇଛି। ଆଗ୍ରହୀ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କରି ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ, ରେକର୍ଡପତ୍ର ଇତ୍ୟାଦି ତନଖି କରିପାରିବେ।
୧୦. ସୁରକ୍ଷିତ ଋଣଦାତା ସୁରକ୍ଷିତ ସମ୍ପତ୍ତିର କୌଣସି ତ୍ରୁଟି ବିଚ୍ୟୁତି /ଘାଟତି କିମ୍ବା ଅନୁମତି ହାସଲ ଇତ୍ୟାଦି କିମ୍ବା କୌଣସି ଆଇନ ଅନୁସାରେ କର୍ତ୍ତୃପକ୍ଷଙ୍କୁ ଥିବା ଦେୟ ନିମନ୍ତେ ଦାୟୀ ନୁହନ୍ତି।
୧୧. ସୁରକ୍ଷିତ ସମ୍ପତ୍ତି କେବଳ ସୁରକ୍ଷିତ ଋଣଦାତାଙ୍କ ଠାରୁ ଏନକମ୍ବ୍ରାନ୍ସ/ଚାର୍ଯ୍ୟ ମୁକ୍ତ ହୋଇ ବିକ୍ରି କରାଯିବ।
୧୨. ସଫଳ ନିଲାମଧାରୀ ସୁରକ୍ଷିତ ସମ୍ପତ୍ତି ହସ୍ତାନ୍ତରିତ ସମୟରେ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ ଖର୍ଚ୍ଚ, ଟିକସ ଦେୟ ଯଦି କରିଥାଏ ତାହା ବହନ କରିବେ।
୧୩. ବିଡ୍ କାଗଜାତ୍‌ଗୁଡିକ ଏବଂ ବିଜ୍ଞପ୍ତିରେ ପ୍ରଦତ୍ତ, ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ। ସମସ୍ତ କାର୍ଯ୍ୟଦିବସରେ ଆମର କୌଣସି କାର୍ଯ୍ୟାଳୟରୁ ବିଡ୍ କାଗଜାତ୍‌ଗୁଡିକ ପାଇପାରିବେ କିମ୍ବା ଆଇଡିବିଆଇ ୱେବ୍‌ସାଇଟ୍: www.idbi.com ଏବଂ https://idbi.auctiontiger.net ରୁ ଡାଉନଲୋଡ୍ କରିପାରିବେ।
୧୪. ସମ୍ପତ୍ତିର ଇ-ନିଲାମ ବିକ୍ରୟ ୱେବ୍‌ସାଇଟ୍: https://idbi.auctiontiger.netର ପ୍ଲାଟ୍‌ଫର୍ମରେ ଇ-ନିଲାମ ସେବା ପ୍ରଦାନକାରୀ e-Procurement Technologies Ltd., Ahmedabad, Contact: 079-61200598/594/597/591/596, Help Line E-mail ID: orissa@auctiontiger.net or support@auctiontiger.net ଦ୍ୱାରା ଅନୁଷ୍ଠିତ ହେବ।
୧୫. ଆଗ୍ରହୀ ପକ୍ଷମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଯୋଗାଯୋଗ କରନ୍ତୁ: କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡିବିଆଇ ବ୍ୟାଙ୍କ ଲିଃ.,୧ମ ମହଲା, ୟୁନିଟ୍-୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଫୋନ୍ ନଂ.: +୯୧ ୦୬୭୪-୬୬୧୬୫୪୬ ଏବଂ ଶ୍ରୀ ଅମିତ କୁମାର ପୃଷ୍ଟି-୦୯୯୦୩୪୨୭୯୦୬ (ମୋ), ଇ-ମେଲ୍ ଆଇଡି: amit.prusty@idbi.co.in

ସରଫେଶୀ ଆକ୍ଟ ୨୦୦୨ ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ
ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଏହି ନିଲାମ ବିଜ୍ଞପ୍ତି ତାରିଖ ଠାରୁ ୧୫ଦିନ ମଧ୍ୟରେ କିମ୍ବା ନିଲାମ ପୂର୍ବରୁ ଉପର ଦର୍ଶିତ ବକେୟା ଦେୟ ସହିତ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ / ବିକ୍ରୟ ହେବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ତାହା ସୁଧ ଏବଂ ଖର୍ଚ୍ଚ ସହ ସେମାନଙ୍କ ଠାରୁ ଆଦାୟ ହେବ।

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୨.୦୩.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ , ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

## ସଂକ୍ଷେପରେ

### ମଦ ଜବତ, ମହିଳାଙ୍କ ସମେତ ୨ ଗିରଫ

**ଦିଗପହଣ୍ଡି,୧୨।୩(ଡି.ଏନ.ଏ.):** ପାଟପୁର ପୋଲିସ ବେଆଇନ୍ ମଦ ବିକ୍ରି ଅଭିଯୋଗରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ମହିଳାଙ୍କ ସମେତ ୨ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ କଂସାମାରି ଗ୍ରାମର ଦିବାକର ବିଶୋୟୀ, ପୋଡ଼ାମାରି ଗ୍ରାମର ରୁନୁ ପ୍ରଧାନ। ଦିବାକରଙ୍କ ନିକଟରୁ ପୋଲିସ ୭ଟି ବିଦେଶୀ ମଦ ବୋତଲ ଜବତକରି ନଂ. ୫୩/୧୯ ରେ ମାମଲା ରୁଜୁ କରାଯାଇଥିଲା। ସେହିପରି ରୁନୁଙ୍କ ନିକଟରୁ ୮୨ଟି ଦେଶୀ ମଦ ପାଉଚ ଜବତକରି ନଂ. ୫୪/୧୯ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି।

### ଭୀଷ୍ମଗିରି ଶ୍ରୀରାମଜୀ ମଠର ନୂତନ ମଠାଧୀଶ



**ଦିଗପହଣ୍ଡି,୧୨।୩(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ଶ୍ରୀରାମଜୀ ମଠର ଅଷ୍ଟମ ମଠାଧୀଶ ଭାବେ ମହନ୍ତ ପଦ୍ମଲୋଚନ ରାମାନୁଜ ଦାସଙ୍କ ସ୍ୱର୍ଗାରୋହଣ ହୋଇଥିଲା। ରାମାନୁଜ ସମ୍ପ୍ରଦାୟଙ୍କ ନୀତି ଅନୁଯାୟୀ ପାରମ୍ପରିକ ଶାଟିକା ବନ୍ଧନ ତେରେହି ମହୋତ୍ସବରେ ମୁଖ୍ୟ ଗୁରୁ ରୂପେ ପୁରୀସ୍ଥିତ ଜିଅର ସ୍ୱାମୀ ପୀଠର ମଠାଧୀଶ ଇନ୍ଦିରା ରମଣ ସ୍ୱାମୀ ମହାରାଜଙ୍କ ସମେତ ଗଞ୍ଜାମ ଜିଲା ମଠ ମହନ୍ତ ସଂଘର ସଭାପତି ରାଧାଚରଣ ଦାସ ମହାରାଜ, ସମ୍ପାଦକ ହରିହର ଦାସ ମହାରାଜ ଉପସ୍ଥିତ ଥିଲେ। ରାମଜୀ ମଠର ପୁରୋହିତ ପଣ୍ଡିତ ଡ. ସୁଦର୍ଶନ ଆଚାର୍ଯ୍ୟଙ୍କ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୮୦ରୁ ଊର୍ଦ୍ଧ୍ୱ ମଠାଧୀଶ ମହନ୍ତ ଯୋଗ ଦେଇଥିଲେ। ରାମଜୀ ମଠର ନୂତନ ମଠାଧିଶ ଭାବେ ଶାଢ଼ୀଗ୍ରହଣ କରିଥିବା ମହନ୍ତ ପଦ୍ମଲୋଚନ ମହର୍ଷି ମହେଶ ଯୋଗୀଙ୍କ ଆଶ୍ରମରୁ କର୍ମକାଣ୍ଡ ଶାସ୍ତ୍ରରେ ଆଚାର୍ଯ୍ୟ ଶିକ୍ଷା ସମାପ୍ତ କରିଛନ୍ତି। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ବହୁ ଭକ୍ତ ଏଥିରେ ସାମିଲ ଥିଲେ।

# ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ

**ଆସିକା,୧୨।୩ (ଡି.ଏନ୍.ଏ.)**


ଆସିକାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳିୟ ନେତାମାନେ।

ରାଜ୍ୟରେ ୧୯ ବର୍ଷ ଧରି ଶାସନରେ ଥିବା ସରକାର ଜନସାଧାରଣଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରିନାହାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସମସ୍ୟା ସୁଧୁରିଲାନି। ତେଣୁ ଏହି ସରକାରର ପରିବର୍ତ୍ତନ କରି ଜନସାଧାରଣ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ କ୍ଷମତା ଦେବା ଜରୁରୀ ହୋଇପଡ଼ିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

ଆସିକା କଳିଙ୍ଗା ରୋଡଠାରେ ମଙ୍ଗଳବାର ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲାରେ ପାନୀୟ ଜଳର ଉତ୍କଟ ସମସ୍ୟା ରହିଛି। ବିଜେଡି ସରକାର ରାଜ୍ୟରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ନ କରିବାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ସୁବିଧାରୁ ବଞ୍ଚିତ ହେଉଛନ୍ତି। କିଷାନ ଯୋଜନା ସହାୟତା ପାଇଁ ଏ ପର୍ଯ୍ୟନ୍ତ ଚାଷୀଙ୍କ ତାଲିକା ଦେଉନାହାନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ୧ ଲକ୍ଷ ୩୬ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରିବା ଲାଗି ରାଜ୍ୟ ସରକାର ସୁଯୋଗ ଦେଉନାହାନ୍ତି। କର୍ମ ସଂସ୍ଥାନ ଅଭାବରୁ ଯୁବପିଢ଼ି ଦାଦନ ଖଟିବା ଲାଗି ଅନ୍ୟ ରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଆସିକାରେ ରୀତିମତ ବନ୍ୟାବିପତ୍ତି ଆସୁଥିଲେ ମଧ ଏହାର ସ୍ଥାୟୀ ପ୍ରତିକାର ପାଇଁ ଚେଷ୍ଟା କରାଯାଉନି। ଏସବୁ ସମସ୍ୟାର ସମାଧାନ ଲାଗି ଜନସାଧାରଣ ଆଗାମୀ ସାଧାରଣ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପାକୁ ଶାସନ କ୍ଷମତା ଦେବା ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ। ଘୁମୁସର ଜିଲା ଭାଜପା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଆସିକା ଲୋକସଭା ଆସନର ଦଳୀୟ ପ୍ରଭାରୀ ଗୋଲକ ମହାପାତ୍ର, ବିଧାନସଭା ପ୍ରଭାରୀ ମୁରଲିଧର ପାଣିଗ୍ରାହୀ, ମହେଶ ମହାନ୍ତି, ବ୍ରିଗେଡିଅର ଅଭିମନ୍ୟୁ ରାଉତ, ଦେବାନନ୍ଦ ମହାପାତ୍ର, ଭଗବାନ ପଣ୍ଡା, ଦୁର୍ଗାଚରଣ ପଟ୍ଟନାୟକ, ନାରାୟଣ ବେହେରା, ପ୍ରଶାନ୍ତ ଟର୍ଚ୍ଚି, ନାରାୟଣ ହୋତା, ଭି. ରାମକୃଷ୍ଣ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ।

## ରାଜ୍ୟରେ ସରକାର ପରିବର୍ତ୍ତନ ଲାଗି ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ପୁରୁଷୋତ୍ତମପୁର,୧୨।୩(ଡି.ଏନ୍.ଏ.):** ପୁରୁଷୋତ୍ତମପୁର ବ୍ଲକ ଓ ଏନ୍ଏସି ବିଜେଡିର ଦୁର୍ଗଠାରେ ମଙ୍ଗଳବାର ଭାଜପା ରଣହୁଙ୍କାର ଦେଇ ବିଜୟ ସଂକଳ୍ପ ସଭା କରିଛି। ସଭାରେ ଅଞ୍ଚଳର ବହୁ ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ। ପୁରୁଷୋତ୍ତମପୁର ଏନ୍ଏସି କୁମାରୀଠାରେ ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାର ବିଭିନ୍ନ ଜନହିତକର ଯୋଜନାମାନ ସମ୍ପର୍କରେ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଓଡ଼ିଶାର ପରିବର୍ତ୍ତନ ଲାଗି ଭାଜପାକୁ ବିଜୟୀ କରିବାକୁ ନିବେଦନ କରିଥିଲେ। ଏଥିରେ ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ପୃଥ୍ୱୀରାଜ ମହାପାତ୍ର, ସ୍ୱରାଜ୍ୟ କୁମାର ପଣ୍ଡା, ଶେଷଦେବ ପଣ୍ଡା, ଭାରତୀ ବେହେରା, ରଞ୍ଜନ ପଲେଇ, ଲିଟୁନ୍ ଦାଶ, ଜିଲାସଭାପତି ସୂର୍ଯ୍ୟ ଦାଶ, ମୀନାକୁମାରୀ ଟହଲ, ବିଭୂତି ଜେନା, ପବିତ୍ର ଦାଶ, ପ୍ରଶାନ୍ତ ରାଉଳ, ନୀଳାଞ୍ଚଳ ମହାରଣା, ଲକ୍ଷ୍ମୀଚରଣ ଗୌଡ଼ାଙ୍କ ସମେତ ବହୁ ମହିଳା ପୁରୁଷ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ତେଲ,
ମେଣ୍ଢା ବାଳ।**

ଜଡ଼ାତେଲ ଭାରି ଅଠାଳିଆ। ମେଣ୍ଢା ବାଳ ଛୋଟ ଓ ଫୁରୁଫୁରିଆ ହୋଇଥିବା ବେଳେ ସେଠାରେ ଜଡ଼ାତେଲ ଲାଗିଲେ ଅଠା ଧରି ବସିଯାଏ, ମୋଟେ ଛାଡ଼େ ନାହିଁ। ପରୋକ୍ଷରେ ଅଭେଦ ପ୍ରୀତି ବା ଘନିଷ୍ଠ ବନ୍ଧୁତା। କେହି କାହାକୁ ଦଣ୍ଡେ ଛାଡ଼ି ରହି ନ ପାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜାତି ଗଲା,
ପେଟ ପୂରିଲା ନାହିଁ।**

ଅପାତ୍ରରେ ଯାଚଜ୍ଞା କରିବା। ତୁଣ୍ଡ ହରେଇବ। କେହି ଛୋଟ ଜାତି ଘରେ ଖାଆନ୍ତି ନାହିଁ। ପାଣି ବି ଛୁଅନ୍ତି ନାହିଁ। ଯଦି ଅସୁବିଧାରେ ପଡ଼ି ବାଧ୍ୟରେ ଖାଇବାକୁ ପଡ଼ିଲା ଏବଂ ସେ ଖାଇବାରେ ପେଟ ନ ପୂରିଲା ତା'ହେଲେ ଇଜ୍ଜତ ଗଲା ସିନା ମାନ ମିଳିଲାନି। ଏପରିସ୍ଥଳେ ମନସ୍ତାପ କରିବା ହିଁ ସାର ହୋଇଥାଏ। ଛୋଟ ଲୋକ ପାଖରେ ମୁହଁ ହରେଇଲେ ବି କାମ ନ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଜରଡ଼ାରେ ଗୋମଡ଼କ

**ପାତ୍ରପୁର,୧୨।୩(ଡି.ଏନ୍.ଏ.)**

ଜରଡ଼ାଗଡ଼ରେ କିଛିଦିନ ହେଲା ଗାଇ ଓ ବାଛୁରୀଙ୍କ ମୃତ୍ୟୁ ଘଟୁଛି। ଗତ ସପ୍ତାହକ ମଧରେ ସୁଦର୍ଶନ ଗୌଡ଼ଙ୍କ ଗୋଟିଏ ଗାଇ ଓ ଗୋଟିଏ ବାଛୁରୀ, ଶଙ୍କର ଗୌଡ଼ଙ୍କ ଗୋଟିଏ ବାଛୁରୀ ଓ ରାମ ଗୌଡ଼ଙ୍କ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଛି। ଗତବର୍ଷ ଜରଡ଼ାରେ ଏପରି ଅନେକ ଗାଇ ମରିଥିବା ବେଳେ ତିତ୍‌ଲି ପରବର୍ତ୍ତୀ ଲଗାଣ ବର୍ଷାରେ ସାମନ୍ତରାପୁର, ଡୁମ୍ବା, ସୁବର୍ଣ୍ଣପୁର, ମର୍ଦ୍ଦରାଜପୁର, ନାରାୟଣପୁର ଆଦି ଗ୍ରାମରେ ଶତାଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ କ୍ଷତିଭରଣା ପାଇଁ ଏଯାଏ ସରକାରୀ ସହାୟତା ମିଳିନାହିଁ। ତେଣୁ ଏବେ ସହାୟତା ଦେବାକୁ ପ୍ରାଣୀ ବିଭାଗକୁ ଜଣାଇବାକୁ ଗୋପାଳକ ମାନେ କୁଣ୍ଠାବୋଧ କରୁଛନ୍ତି। ଜରଡ଼ାରେ ଥିବା ପ୍ରାଣୀ ସହାୟକ କେନ୍ଦ୍ରରେ ତାଲା ଝୁଲୁଥିବା ବେଳେ ଗୋପାଳକମାନେ ଗ୍ରାମାଞ୍ଚଳର କ୍ୱାକଙ୍କ ଦ୍ୱାରା ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ମହିଳା ବନରକ୍ଷୀଙ୍କୁ ରେଞ୍ଜରଙ୍କ ଅସଦାଚରଣ ଅଭିଯୋଗ

**ଦିଗପହଣ୍ଡି,୧୨।୩(ଡି.ଏନ.ଏ.)**

ଜଣେ ମହିଳା ବନରକ୍ଷୀଙ୍କୁ ଦିଗପହଣ୍ଡି ରେଞ୍ଜର ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ମହିଳା ଥାନାରେ ବନରକ୍ଷୀ ଜଣଙ୍କ ରେଞ୍ଜରଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ମହିଳା ଥାନା ଆଇଆଇସି ଅଞ୍ଜଳି ବିଶ୍ୱାଳ ମଙ୍ଗଳବାର ଦିଗପହଣ୍ଡି ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଅନ୍ୟପକ୍ଷରେ ବନରକ୍ଷୀ ଆଣିଥିବା ଅଭିଯୋଗ ଅମୂଳକ ଓ ଅସତ୍ୟ ବୋଲି ରେଞ୍ଜର ପରମାନନ୍ଦ ପାଣିଗ୍ରାହୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସମସ୍ତ ପ୍ରକାର ତଦନ୍ତରେ ସେ ସହଯୋଗ କରିବେ ବୋଲି କହିଛନ୍ତି।

ମହିଳା ବନରକ୍ଷୀ ଜଣକ ଏତଲାରେ ଦର୍ଶାଇଛନ୍ତି, ଶନିବାର ରେଞ୍ଜର ତାଙ୍କୁ ଅଫିସକୁ ଡକାଇ ଟଣାଓଟରା କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘରକୁ ଫେରି ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ପରେ ମା'ଙ୍କ ସହ ମିଶି ଅଫିସକୁ ଯାଇ ଏହି ଘଟଣାର ପ୍ରତିବାଦ କରିବାରୁ, ଯାହାକୁ ଅଭିଯୋଗ କରୁଛ କର ବୋଲି ରେଞ୍ଜର କହିଥିବା ଏତଲାରେ ଦର୍ଶାଯାଇଛି।

ବନରକ୍ଷୀ ଜଣକ ସୋମବାର ମା'ଙ୍କ ସହ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରାଙ୍କୁ ଭେଟି ଏ ନେଇ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେ ମଧ ଗାଳିଗୁଲଜ କରିଥିବା ବନରକ୍ଷୀ ଜଣକ ପୋଲିସ ନିକଟରେ ବୟାନ ଦେଇଛନ୍ତି। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗ ଅମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବନଖଣ୍ଡ ଅଧିକାରୀ ବେହେରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବନରକ୍ଷୀ ଜଣକ ନିୟମିତ ବ୍ୟବଧାନରେ କାର୍ଯ୍ୟରେ ଅନୁପସ୍ଥିତ ରହୁଛନ୍ତି। ଚାରାରୋପଣ କାର୍ଯ୍ୟରେ ବିଳମ୍ବ ହେଉଥିବା ଯୋଗୁ ରେଞ୍ଜର ତାଙ୍କୁ ତାଗିଦ କରିଥିଲେ। ଘଟଣାଦିନ ସନ୍ଧ୍ୟାରେ ବନପାଳ ବିଜୟ ମାଝି, ସୀତାରାମ ପାତ୍ର ଓ ବନରକ୍ଷୀ ନୀଳମାଧବ ଜେନାଙ୍କ ଉପସ୍ଥିତିରେ ନର୍ସରୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରେଞ୍ଜର ପଚାରି ବୁଝିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେ ଗାଳିଗୁଲଜ କରିଥିଲେ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ହିଞ୍ଜିଳିକାଟୁ,୧୨।୩(ଡି.ଏନ୍.ଏ.)**

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ହିଞ୍ଜିଳି ଥାନା ଅଧୀନ ବ୍ରାହ୍ମଣଛାଇ ଓ ଚାନ୍ଦୁଲି ପଞ୍ଚାୟତର ଖଣ୍ଡରା ଗ୍ରାମରେ ସୋମବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନକୁ ମୁକ୍ତ, ଅବାଧ ଓ ଶାନ୍ତି ଶୃଙ୍ଖଳାରେ କିଭଳି ନିର୍ବାଚନ ହେବ ସେ ନେଇ ଲୋକଙ୍କ ସହ ଆଲୋଚନା କରାଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଅଭିମନ୍ୟୁ ଦାଶଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏଥିରେ ଏସ୍‌ଆଇ ବିଶ୍ୱଜିତ ନାୟକ, ମମତା ସାମନ୍ତଙ୍କ ସହ ୧ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

## ନିର୍ବାଚନ ସମ୍ପର୍କିତ ତାଲିମ

**ଛତ୍ରପୁର,୧୨।୩(ଡି.ଏନ.ଏ)**

ସାଧାରଣ ନିର୍ବାଚନ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ପ୍ରଚାର ଓ ଭୋଟ ଗ୍ରହଣ ଉପରେ ନଜର ରଖିବା ପାଇଁ ଭିଡିଓ ରେକର୍ଡିଂ କରାଯିବ। ୧୨୯ ଭିଡିଓ କ୍ୟାମେରା ଲଗାଯିବାକୁ ସ୍ଥିର ହୋଇଛି। ଏଥିସହ କେତେକ ବୁଥ୍‌ରେ ଷ୍ଟିଲ୍ ଫଟୋଗ୍ରାଫି, ସିସି କ୍ୟାମେରା ଓ ୱେବ କାଷ୍ଟିଂର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ନିୟମ ଅନୁସାରେ ରେକର୍ଡିଂ ଓ ଅନ୍ୟାନ୍ୟ ବିଷୟକୁ ନେଇ ଏକ ତାଲିମ ଶିବିର ମଙ୍ଗଳବାର ଛତ୍ରପୁରସ୍ଥିତ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ।

## ନଗର କଂଗ୍ରେସର ବୈଠକ

**ଛତ୍ରପୁର,୧୨।୩(ଡି.ଏନ.ଏ)**

ଛତ୍ରପୁର ନଗର କଂଗ୍ରେସର ଏକ ବୈଠକ ମଙ୍ଗଳବାର ସ୍ଥାନୀୟ ଷ୍ଟେଶନ ରୋଡ୍‌ସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଜଲାଲ ଖାନ୍‌ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଛତ୍ରପୁର ଏନଏସି ୩ ନଂ. ୱାର୍ଡର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଗାମୀ ଦିନରେ କ'ଣ ସବୁ ପଦକ୍ଷେପ ନିଆଯିବ ତାହା ଉପରେ ଆଲୋଚନା ହୋଇଥିଲା। ଏଥିସହ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ବୈଠକରେ ଭାଗୀରଥି ବେହେରା, ସୁରେନ୍ଦ୍ର ସେଠୀ, ଇଜୁ ଅମିନ୍ ଖାନ୍, ପ୍ରଶାନ୍ତ କୁମାର ପ୍ରଧାନ, ସୁବୋଧ ସୁମନ ସ୍ୱାଇଁ, ବି. କ୍ରିଷ୍ଣା ରାଓ, ରୁଦ୍ରେଶ୍ୱର ବେହେରା, ସନ୍ଦୀପ ବେହେରା, ରାଜେଶ୍ୱର ରାଓ, ଦୀପ ରାଉଳ, ମହେଶ ଗୌଡ, ଅଭିଷେକ ପଟ୍ଟନାୟକ, ରାଜୁ ରେଡ୍ଡୀ ପ୍ରମୁଖ ସଭ୍ୟମାନେ ଯୋଗଦେଇଥିଲେ।


ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

LOAN
ଟଙ୍କା ନେଉନ୍ତୁ – ଧୋକା ଦେଉନ୍ତୁ
ଆଗେ କାମ – ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

!! ଭଟକିବାରୁ ବ ନ୍ଧୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ – ଫୋନ୍ କରନ୍ତୁ
9899587663
8743922900

ଡିଜିଟାଲ ଉପକରଣ –କମ୍ପାନୀ– SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ
ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8570062731

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଫେରାର୍ ଅଭିଯୁକ୍ତ ଖଲି ଗିରଫ

ବ୍ରହ୍ମପୁର ଅଫିସ୍,୧୨।୩:ବିଭିନ୍ନ ମାମଲାରେ ଫେରାର୍ ଥିବା ଗୋସାଇଁନୂଆଗାଁର ରାମକୃଷ୍ଣ ଦାସ ଓରଫ୍ ଖଲି ଦାସଙ୍କୁ ମଙ୍ଗଳବାର ଗୋସାଇଁନୂଆଗାଁ ପୋଲିସ ଗିରଫ କରିଛି । ଖଲି ମନ୍ଦିର ଯାଉଥିବା ସୂଚନା ପାଇ ଥାନା ଅଧିକାରୀ ସୁମିତ ସୋରେନ୍ ସଦଳବଳ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ । ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କ ବାପା ଖଲି ଦୀର୍ଘ ଦିନ ହେଲା ଫେରାର୍ ଥିଲେ। ୨୦୧୬ ପରଠୁ ତାଙ୍କ ନାଁରେ ୧୯ ଟି ୱାରେଣ୍ଟ ରହିଛି। ପୋଲିସ ଗିରଫ କରିବା ପରେ ଖଲିଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା। ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଅଭିଯୁକ୍ତ ଖଲିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ପୋଲିସ କଡ଼ା ସୁରକ୍ଷା ବଳୟରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା ।

### ଜ୍ଞାନ ପ୍ରକାଶ ହଲ ଉଦ୍‌ଘାଟିତ



ବ୍ରହ୍ମପୁର ଅଫିସ,୧୨।୩: ସ୍ଥାନୀୟ ପ୍ରହ୍ଲାଦ ନଗର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶିବସ୍ମୃତି ଭବନରେ ନବନିର୍ମିତ ଜ୍ଞାନ ପ୍ରକାଶ ହଲ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟାଳୟ ରାଜସ୍ଥାନ ମାଉଣ୍ଟଆବୁର ବରିଷ୍ଠ ରାଜଯୋଗ ଶିକ୍ଷକ ତଥା ଗ୍ରାମବିକାଶ ପ୍ରଭାଗ ମୁଖ୍ୟାଳୟ ସଂଯୋଜକ ରାଜଯୋଗୀ ବ୍ରହ୍ମାକୁମାର ରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସବଜୋନ ପରିଚାଳିକା ବ୍ରହ୍ମାକୁମାରୀ ଲୀନା, କେନ୍ଦ୍ର ପରିଚାଳିକା ବ୍ରହ୍ମାକୁମାରୀ ବାସନ୍ତୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଯୁବନେତା ବିକ୍ରମ ପଣ୍ଡା, ଏସଏମ୍‌ଆଇଟି ସଭାପତି ଭଗବାନ ଗନ୍ତାୟତ, ସୁଧାଂଶୁ ଶେଖର ପତି ଓ ଦେବବ୍ରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ନିଜର ସ୍ୱାର୍ଥ ତଥା ଅହଙ୍କାରକୁ ପରିତ୍ୟାଗ କରି ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପିତ କରିବାକୁ ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବ୍ରହ୍ମାକୁମାରୀ ସଂଯୁକ୍ତା ସ୍ୱାଗତ ଭାଷଣ ଦେଇଥିଲେ । ବ୍ରହ୍ମାକୁମାରୀ ଗୁଡଲୀ ଓ ପ୍ରିୟଙ୍କା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ପ୍ରେମୀ ଯୋଗ ଦେଇଥିଲେ ।

### ବିଷକ୍ରିୟାରେ ଜଣେ ମୃତ

ପାରଳାଖେମୁଣ୍ଡି, ୧୨।୩ (ସ୍ୱ.ପ୍ର.): ରାୟଗଡା ଜିଲା ଗୁଣୁପୁର ନିକଟ ଗୁଲୁଗୁଡା ଗ୍ରାମର ଜଣେ ବ୍ୟକ୍ତିଙ୍କର ବିଷକ୍ରିୟାରେ ମୃତ୍ୟୁ ଘଟିଛି। ସେ ହେଲେ ରବୀନ୍ଦ୍ର ଦଳପତି(୪୫)। ସୋମବାର ସନ୍ଧ୍ୟା ୭ଟାରେ ସେ ନିଜ ଗାଧୁଆଘର ନିକଟରେ ହଠାତ୍ ଟଳିପଡିଥିଲେ। ତାଙ୍କ ପୁଅ ସୌରଭ ଦଳପତି ଏହା ଦେଖି ପଡ଼ୋଶୀଙ୍କୁ ଖବର ଦେଇଥିଲେ । ରବୀନ୍ଦ୍ରଙ୍କୁ ପ୍ରଥମେ ରାୟଗଡା ଜିଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ରାୟଗଡା ମୁଖ୍ୟ ଚିକିତ୍ସାଳୟ ଏବଂ ସେଠାରୁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ନିର୍ବାଚନ

# ଭୋଟ ଗ୍ରହଣ ବେଳେ ସମସ୍ୟା କରିବ ଦଣ୍ଡନାଚ

ବ୍ରହ୍ମପୁର ଅଫିସ,୧୨।୩

ନିର୍ବାଚନୀ ବିଗୁଲ ବାଜିଛି। ପ୍ରଥମ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୧୧ରେ ଭୋଟ ଗ୍ରହଣ କରାଯିବା ପାଇଁ ଦେଶର ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୨୫ରୁ ୨୧ ଦିନିଆ, ଏପ୍ରିଲ ୨ ରୁ ୧୩ ଦିନିଆ ଦଣ୍ଡନାଚ ଆରମ୍ଭ ହୋଇ ୧୪ ତାରିଖ ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ପ୍ରଥମ ପର୍ଯ୍ୟାୟ ମତଦାନ ବ୍ରହ୍ମପୁର ଲୋକ ସଭା ଏବଂ ଏହା ଅଧୀନ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି ସମେତ ଗଜପତି ଜିଲାର ମୋହନା, ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରରେ ହେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ନିର୍ବାଚନ ଲଢୁଥିବା ପ୍ରାର୍ଥୀ ଏବଂ ବିଭିନ୍ନ ଦଳର ନେତାଙ୍କୁ ଏହା ଅଡୁଆରେ ପକାଇବ ।

ଦଣ୍ଡନାଚ ବେଳେ ଭୋଟ ଗ୍ରହଣ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କରାଯାଇଛି। ବିଭିନ୍ନ ସ୍ଥାନରେ ହଜାର ହଜାର ଦଣ୍ଡୁଆ ଏବଂ ମାନସିକ ପୂରଣ ପାଇଁ ଯେଉଁମାନେ ନିଜ ଘର ପାଖରେ ନାଚ ଲଗାନ୍ତି, ସେମାନେ ୧୧ ତାରିଖରେ ଗଣତାନ୍ତ୍ରିକ ମତଦାନରୁ ବଞ୍ଚିତ ହେବେ।



ଦଣ୍ଡନାଚ (ଫାଇଲ ଫଟୋ)।

**ନେତାଙ୍କୁ ଅଡୁଆ, ହୋଇପାରିବନି ପର୍ଯ୍ୟାପ୍ତ ମତଦାନ**

ସୂଚନାଯୋଗ୍ୟ, ଗଞ୍ଜାମ ସମେତ ଦକ୍ଷିଣାଞ୍ଚଳର କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଆଦିରେ ମଧ ଦଣ୍ଡନାଚ ହେବାର ପ୍ରାଚୀନ ପରମ୍ପରା। ଦଣ୍ଡନାଚର ନୀତି ନିୟମ କଠୋର। ଦଣ୍ଡୁଆମାନେ ଖାଲି ପାଦରେ ଉତ୍ସବ ଶେଷ ପର୍ଯ୍ୟନ୍ତ ରହିବେ। ପ୍ରଚଣ୍ଡ ଖରା ଓ ତାତିରେ ରାସ୍ତା ଉପରେ ଶୋଇ ଧୂଳିଦଣ୍ଡ ପାଳିବେ। ସନ୍ଧ୍ୟାରେ ପୋଖରୀରେ ପାଣିଦଣ୍ଡ ପର୍ବ ଶେଷରେ ଦିନତମାମ ଅନାହାରରେ ଥିବା ଦଣ୍ଡୁଆମାନେ ମନ୍ଦିର ବେଢ଼ାରେ ଲିଆ ଖାଇ ପୂଜା ହୋଇଥିବା ପଣା ପିଇବାର ପରମ୍ପରା ଅଛି ।

ଅର୍ଦ୍ଧରାତ୍ର ବେଳକୁ କଟା ଯାଇନଥିବା ଏବଂ ହାତରେ ଫଟା ଯାଇଥିବା ପରିବା ପକାଇ ପ୍ରସ୍ତୁତ ଡ଼ାଲି, ତରକାରି ଓ ଅରୁଆ ଅନ୍ନ ଖାଇବେ । ଖାଇବା ବେଳେ କୌଣସି ଶବ୍ଦ ନ ଶୁଭିବା ପାଇଁ ଢ଼ୋଲ ବଜିବାର ନିୟମ ରହିଛି । ଏହାପରେ ମା' କାଳୀ ଓ ଈଶ୍ୱରଙ୍କୁ ନେଇ ମାନସିକ କରିଥିବା ବ୍ୟକ୍ତିଙ୍କ ଘର ପାଖରେ ପହଞ୍ଚିବେ। ସେଠାରେ ନାଚ ଚାଲିବ ଓ ପରଦିନ ଭୋରରେ ସରିବା ପରେ ମେଲାଣି ନେଇ ଅନ୍ୟସ୍ଥାନକୁ ଯିବେ। ଗଞ୍ଜାମ ଜିଲାରେ ୨୧, ୧୮ ଓ ୧୩ ଦିନିଆ ଦଣ୍ଡଯାତ୍ରା ହେଉଛି । ବ୍ରହ୍ମପୁର ପାଣିଗ୍ରାହୀପେଣ୍ଠରେ ମଧ ଶହ ଶହ ଦଣ୍ଡୁଆଙ୍କୁ ନେଇ ସବୁବର୍ଷ ବିଭିନ୍ନ ସ୍ଥାନରେ ନାଚ ହେଉଛି । ସବୁଠି ବିଷୁବ ସଂକ୍ରାନ୍ତିଦିନ ମେରୁପର୍ବ ପାଳନ କରାଯାଉଛି ।

ଦଣ୍ଡନାଚ ବେଳେ ନିର୍ବାଚନ ଓ ଏପ୍ରିଲ ୧୧ରେ ମତଦାନ ସମସ୍ୟା ସୃଷ୍ଟି କରିବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେଡି ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ସାହୁ ଆଶଙ୍କା କରିଛନ୍ତି । ହଜାର ହଜାର ଦଣ୍ଡୁଆ ଓ ଅନ୍ୟମାନେ ଭୋଟ ଦେବାରୁ ବଞ୍ଚିତ ହେବେ ଏବଂ ମତଦାନକୁ ପ୍ରଭାବିତ କରିବାର ସେ ସୂଚାଇଛନ୍ତି । ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଓ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ମଧ ଅନୁରୂପ ମତ ଦେଇଛନ୍ତି । ଯୋଗାଯୋଗ ବେଳେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଦଣ୍ଡନାଚ ବେଳେ ଭୋଟ ଗ୍ରହଣ ଭୋଟରଙ୍କ ମତଦାନକୁ ପ୍ରଭାବିତ କରିବ । ତେବେ ନିର୍ବାଚନ କମିଶନରଙ୍କ ନିଷ୍ପତ୍ତିର ବିକଳ୍ପ ବ୍ୟବସ୍ଥା ନ ଥିବା ସେ ସ୍ପଷ୍ଟ କରି ଦେଇଛନ୍ତି ।

## ସେଲ୍ଫି କର୍ଣ୍ଣର



ସୂର୍ଯ୍ୟମଣି



ତିରୁପତି

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

ମିଟର ରିଡରଙ୍କୁ ସର୍ବନିମ୍ନ ମଜୁରି ଦାବି

# ଆନ୍ଦୋଳନକୁ ଓହ୍ଲାଇଛନ୍ତି ମିଟର ରିଡର ଶ୍ରମିକ ସଂଘ

ବ୍ରହ୍ମପୁର ଅଫିସ୍,୧୨।୩

ବ୍ରହ୍ମପୁରରେ ବିଭିନ୍ନ ଠିକା ସଂସ୍ଥା ଅଧୀନରେ ସାଉଥକୋ ୟୁଟିଲିଟିର ମିଟର ରିଡିଂ କାର୍ଯ୍ୟ କରି ଆସୁଥିବା ମିଟର ରିଡରଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ମିଟର ରିଡରମାନେ ବହୁବାର ସାଉଥ୍‌କୋ ପରିଚାଳକ, ଜିଲା ଶ୍ରମ ଅଧିକାରୀ, ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ମଧ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବାରୁ ଗତ ୫ ତାରିଖରୁ ବ୍ରହ୍ମପୁର ଡିଭିଜନରେ କାର୍ଯ୍ୟରତ ସମସ୍ତ ମିଟର ରିଡର କାର୍ଯ୍ୟବନ୍ଦ କରିଛନ୍ତି। ମଙ୍ଗଳବାର ଲାଞ୍ଜିପଲ୍ଲୀ ଚଣ୍ଡୀ ମନ୍ଦିର ପରିସରରେ ଆୟୋଜିତ ବ୍ରହ୍ମପୁର ସାଉଥ୍‌କୋ ମିଟର ରିଡର ଶ୍ରମିକ ସଂଘ ବୈଠକରେ ଏହି ସୂଚନା ଦିଆଯାଇଛି। ବ୍ରହ୍ମପୁର ଡିଭିଜନ ଅଧୀନରେ ଥିବା ମହାନଗର ସମେତ କୁକୁଡାଖଣ୍ଡି, କନିଷି, ଗୋପାଳପୁର ଅଞ୍ଚଳରେ ୮୧ ମିଟର ରିଡର ସାଉଥକୋ ୟୁଟିଲିଟିର ମିଟର ରିଡିଂ କାର୍ଯ୍ୟ କରୁଛନ୍ତି । ୨୦୦୪ରୁ ଠିକାସଂସ୍ଥା ଦ୍ୱାରା କେବଳ କମିଶନ ଭିତ୍ତିରେ ଏହି ରିଡରମାନେ କାର୍ଯ୍ୟକରି ଆସୁଛନ୍ତି । ଏହି ମିଟର ରିଡରମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନ ନେଇ ୨୦୧୮ ଅକ୍ଟୋବର ୩୦ରେ ବିଜ୍ଞପ୍ତି



ବୈଠକରେ ମଞ୍ଚାସୀନ ସଂଘ କର୍ମକର୍ତ୍ତା ।

- **ବ୍ରହ୍ମପୁର ଡିଭିଜନରେ କାର୍ଯ୍ୟ ବନ୍ଦ**
- **ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ**

ପ୍ରକାଶ ପାଇଥିଲେ ମଧ ସର୍ବନିମ୍ନ ମଜୁରି ପ୍ରଦାନରୁ ଏଯାଏ ବଞ୍ଚିତ ରଖାଯାଇଛି। ଏଥିପାଇଁ ଦୁଇ ଦୁଇଥର ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଉଭୟ ଠିକାସଂସ୍ଥା, ଠିକାଦାର ଓ ମିଟର ରିଡର ଶ୍ରମିକ ସଂଘର କର୍ମକର୍ତ୍ତାଙ୍କୁ ଡକାଇ ଆଲୋଚନା କରାଯାଇ ଥିଲେ ମଧ ଦାବି ପୂରଣ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଇ ନ ଥିବା ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଅବ୍ୟାହତ ରଖିବା ସହ ଆଗାମୀ ଦିନରେ ଏହାକୁ ଅଧିକ ତୀବ୍ର କରିବାକୁ ସଂଘ ଚେତାବନୀ ଶୁଣାଇଛି । ସଭାପତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଦିବାକର ବେହେରା, ସମ୍ପାଦକ ବିଦ୍ୟାଧର ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ. ବାଲାରାଜୁ, ପ୍ରଶାନ୍ତ କୁମାର ବାରିକ, ପ୍ରବୀନ କୁମାର ପାଢୀ, ହରପ୍ରସାଦ ନନ୍ଦ, ସନ୍ତୋଷ କୁମାର ପାଣିଗ୍ରାହୀ, ବ୍ରହ୍ମାନନ୍ଦ ମିଶ୍ର ଓ ସରୋଜ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ଦାଦାବଟି ମାମଲାରେ ପିଣ୍ଟୁ କୋର୍ଟରେ ହାଜର

ବ୍ରହ୍ମପୁର ଅଫିସ୍,୧୨।୩

ଏକ ଦାଦାବଟି ମାମଲାରେ ମଙ୍ଗଳବାର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ଏଡିଜେ(୨) ଦୀପକ କୁମାରଙ୍କ କୋର୍ଟରେ ହାଜର କରାଯାଇଛି। ତାଙ୍କୁ କଡ଼ା ନିରାପତ୍ତା ଭିତରେ କୋର୍ଟକୁ ଅଣାଯାଇଥିଲା। ୨୦୧୫ ରେ ବିଲଡର୍ ଲଳିତ ମୋହନ ମଙ୍ଗରାଜଙ୍କୁ ୧୬ଲକ୍ଷ ଟଙ୍କା ଦାଦାବଟି ମାଗିବା ନେଇ ଅଭିଯୋଗ ହୋଇଥିଲା। ବନ୍ଧୁକ ମୁନରେ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ମଙ୍ଗରାଜ ଅଭିଯୋଗରେ ଦର୍ଶାଇଥିଲେ। ସୋମବାର ଏବଂ ମଙ୍ଗଳବାର ୨ ଦିନ ପର୍ଯ୍ୟନ୍ତ ରାମଚନ୍ଦ୍ର ମହାରଣା, ଶଙ୍କର ମହାରଣା, ଅନିଲ ଜେନା, ମନ୍ମଥ ରାଓ ଏବଂ ଟି.ସନ୍ତୋଷ କୁମାରଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ପୂର୍ବରୁ ଏହି ମାମଲାରେ ଏତଲାକାରୀ ଲଳିତ ମଙ୍ଗରାଜ ଏବଂ ପୁଷ୍ପାଞ୍ଜଳି ମହାରଣାଙ୍କ ସମେତ ୮ଜଣ ସାକ୍ଷୀ କୋର୍ଟରେ ନିଜ ବୟାନ ଦେଇଥିଲେ । ସାକ୍ଷୀମାନଙ୍କୁ ପିଣ୍ଟୁଙ୍କ ଓକିଲ କୈଳାସ ପଣ୍ଡା ଘଟଣା ଏବଂ ଜବତ ତାଲିକା ସମ୍ପର୍କରେ ପ୍ରଶ୍ନ କରିଥିଲେ । ସରକାରଙ୍କ ତରଫରୁ ଅତିରିକ୍ତ ପିପି କୁରେଶ ଚନ୍ଦ୍ର ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ ।

# ୨୯ ରୁ ମା' ବୁଢ଼ୀଠାକୁରାଣୀ ଯାତ୍ରା ମଧ୍ୟରାତ୍ରିରେ ସ୍ଥାପନ ହେଲା ଶୁଭଖୁଣ୍ଟି

ବ୍ରହ୍ମପୁର ଅଫିସ,୧୨।୩

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀଙ୍କ ଯାତ୍ରା ମାର୍ଚ୍ଚ ୨୯ ରୁ ଆରମ୍ଭ ହେବ । ସୋମବାର ବିଳମ୍ବିତ ରାତିରେ ମା'ଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପିତ ହୋଇଛି । ପ୍ରଥମେ ରାତ୍ରି ଯାତ୍ରା ଆୟୋଜକ ତଥା ମା' ବୁଢୀ ଠାକୁରାଣୀଙ୍କ ବାପା ପି. ଦୁର୍ଗାପ୍ରସାଦ ଦେଶୀବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବୈଠକରେ ଶତାଧିକ ଲୋକ ଯୋଗ ଦେଇଥିଲେ। ସିଦ୍ଧାନ୍ତି(ତେଲୁଗୁ ପୁରୋହିତ) ଭି. ବାସୁଦେବ ଶାସ୍ତ୍ରୀ ପରମ୍ପରା ଅନୁଯାୟୀ ପାଞ୍ଜି ଗଣନା କରି ଶୁଭଖୁଣ୍ଟି ସ୍ଥାପନର ଶୁଭବେଳା ସମ୍ପର୍କରେ କହିଥିଲେ । ଏହାପରେ ଆସନ୍ତା ୨୯ରୁ ଏପ୍ରିଲ ୨୯ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଯାତ୍ରା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ । ଏହାପରେ ରାତି ୧୧.୩୦ରେ ଶୁଭଖୁଣ୍ଟିକୁ ନେଇ ଏକ ଶୋଭାଯାତ୍ରା ଦେଶୀବେହେରା ସାହିରୁ ବାହାରିଥିଲା । ବାଦ୍ୟବାଜଣା ସହ ଏକ ପଟୁଆର ବିଭିନ୍ନ ସାହି ପରିକ୍ରମା କରିବା ପରେ ମା' ବୁଢୀଠାକୁରାଣୀଙ୍କ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା, ହୋମ, ଚଣ୍ଡୀପାଠ କରାଯାଇଥିଲା। ଏହାପରେ ମା'ଙ୍କ ଆଜ୍ଞାମାଳ ଅଣାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା । ଏହାପରେ ସାହି ପରିକ୍ରମା କରାଯାଇ ରାତି ୧୨.୫୦ମିନିଟ୍‌ରେ ଦେଶୀବେହରା ସାହି ଅସ୍ଥାୟୀ ମଣ୍ଡପ ଆଗରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଏହାପରେ ଶନିବାର ଯାତ୍ରା ପାଇଁ ଗଞ୍ଜାମ ଜିଲା ପ୍ରଶାସନର ଅନୁମତି ମଗାଯିବ ବୋଲି ଯାତ୍ରା ସହଯୋଗୀ ସତ୍ୟନାରାୟଣ ନନ୍ଦ ସୂଚନା ଦେଇଛନ୍ତି ।



ଶୁଭଖୁଣ୍ଟିକୁ ପଟୁଆରରେ ଅସ୍ଥାୟୀପୀଠ ନିକଟକୁ ନିଆଯାଉଛି ।

# ପ୍ଲମ୍ବରଙ୍କ କର୍ମକୁଶଳତା ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୧୨।୩

ଗଞ୍ଜାମ ଜିଲା ପ୍ଲମ୍ବର ୱାର୍କମେନସ୍ ଆସୋସିଏଶନ ପକ୍ଷରୁ ପ୍ଲମ୍ବରଙ୍କ କର୍ମକୁଶଳତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ଅଧ୍ୟକ୍ଷ ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରମୋଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଶୀର୍ବାଦ ଅନୁଷ୍ଠାନ ମାର୍କେଟିଂ ମ୍ୟାନେଜର କାମା ବେହେରା ମଞ୍ଚାସୀନ ଥିଲେ । ପ୍ଲମ୍ବର ଓ ତାଙ୍କ ପରିବାରଙ୍କ ଆର୍ଥିକ ବିକାଶ ଉପରେ ସଭାପତି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁଶାନ୍ତ କୁମାର ସାବତଙ୍କୁ ପୁନର୍ବାର ଆସୋସିଏଶନ ସଭାପତି ଭାବେ ଚୟନ କରାଯାଇଥିବା ବେଳେ ସୁବାସ ଦାଶ ଉପସଭାପତି, ଲକ୍ଷ୍ମୀନାରାୟଣ ପ୍ରଧାନ ସମ୍ପାଦକ, ୟୁ. ଲକ୍ଷ୍ମୀ ସହସମ୍ପାଦକ, ଟି.କ୍ରିଷ୍ଣାମୂର୍ତ୍ତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ ସାହୁ, ଟୁକୁନା ଗୌଡ, ସନ୍ତୋଷ ସେଠୀ ଓ ନିକୁଞ୍ଜ ବେହେରା ପ୍ରମୁଖ ଚୟନ ହୋଇଥିଲେ ।

## ପଥପ୍ରାନ୍ତ ନାଟକରେ ସଚେତନତା

ପାରଳାଖେମୁଣ୍ଡି,୧୨।୩(ସ୍ୱ.ପ୍ର.): ଗଜପତି ଜିଲା ଗୋଷାଣୀ ବ୍ଲକର କେରାଣ୍ଡି ଗ୍ରାମରେ ଭାଜପା ପକ୍ଷରୁ ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନତା କରାଯାଉଛି। ଭାଜପା କର୍ମୀମାନେ ଲୋକଙ୍କୁ ସଚେତନ କରାଇବା ସହ ରାଜ୍ୟ ସରକାରଙ୍କ ଯୋଜନା ଗୁଡ଼ିକ କିପରି ବିଫଳ ହୋଇଛି ସେନେଇ ବୁଝାଉଥିବା ଦେଖିବାକୁ ମିଳୁଛି ।

# ଗ୍ଲୁକୋମା ସପ୍ତାହରେ ସଚେତନତା ପଦଯାତ୍ରା

ବ୍ରହ୍ମପୁର ଅଫିସ୍,୧୨।୩

ବିଶ୍ୱ ଗ୍ଲୁକୋମା ସପ୍ତାହ ମାର୍ଚ୍ଚ ୧୦ରୁ ୧୬ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପାଳନ କରାଯାଏ । ଗ୍ଲୁକୋମା ଏକ ଲକ୍ଷଣବିହୀନ, ଯନ୍ତ୍ରଣା ବିହୀନ ଚକ୍ଷୁ ରୋଗ। ପ୍ରାଥମିକସ୍ତରରୁ ଏହି ରୋଗ ନିଦାନ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ଦୂର କରା ନ ଗଲେ ଅନ୍ଧତ୍ୱର ଶିକାର ହେବାକୁ ପଡ଼ିଥାଏ । ତେଣୁ ଉପଯୁକ୍ତ ସମୟରେ ଏହାର ଚିକିତ୍ସା କରିବା ଆବଶ୍ୟକ ବୋଲି ଏକ ସଚେତନତା କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଛି। ରୁବି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ୍ ସେଣ୍ଟର୍ ତରଫରୁ ମଙ୍ଗଳବାର ସକାଳେ ବିଶ୍ୱ ଗ୍ଲୁକୋମା ସପ୍ତାହ ଅବସରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଚିକିତ୍ସାଳୟର ବରିଷ୍ଠ ଉପଦେଷ୍ଟା ଡା. ବି. ନାଗେଶ୍ୱର ରାଓ ସୁବୁଦ୍ଧି ଏବଂ ନିର୍ଦ୍ଦେଶକ ଡା. ପ୍ରବୀଣ ସୁବୁଦ୍ଧିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ବ୍ରହ୍ମପୁର ଏଏସ୍‌ପି ପ୍ରଭାତ କୁମାର ରାଉତରାୟ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ମଧୁମେହ ଓ ଉଚ୍ଚ ରକ୍ତଚାପ ଆକ୍ରାନ୍ତ ବ୍ୟକ୍ତି ତଥା ଗ୍ଲୁକୋମାର ବଂଶାନୁକ୍ରମିକ ଇତିହାସ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ସମ୍ଭାବନା ଅଧିକ ଦେଖାଦେଇଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତି ୪୦ ବର୍ଷ ବୟସ ପରେ ନିୟମିତ ବ୍ୟବଧାନରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ପାଖରେ ଚକ୍ଷୁର ଚାପ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଫ୍ରେଣ୍ଡସ ହେଲ୍‌ପିଂ କ୍ଲବ, ବିଜୁ ପଟ୍ଟନାୟକ ସିନିୟର୍ ସିଟିଜେନ୍ ଫୋରମ୍, ବ୍ରହ୍ମପୁର ଲାଫିଂ କ୍ଲବ, ନୀଳାଞ୍ଚଳ ନଗର ସିନିୟର୍ ସିଟିଜେନ୍, ଗୋବିନ୍ଦ ବିହାର ଉନ୍ନୟନ ପରିଷଦ, ଭାରତୀୟ ଭେଷଜ ସଂଘ ଏବଂ ବ୍ରହ୍ମପୁର ସବୁଜ ବାହିନୀ ସଦସ୍ୟମାନେ ଭାଗ ନେଇଥିଲେ ।




ବିଶ୍ୱ ଗ୍ଲୁକୋମା ସପ୍ତାହ ଅବସରରେ ବାହାରିଥିବା ସଚେତନତା ପଦଯାତ୍ରା ।

ବ୍ରହ୍ମପୁର ଲୋକ ସଭା

# ୩ ବିଧାନସଭାରେ ପ୍ରାର୍ଥୀ ଦେବ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)

ବ୍ରହ୍ମପୁର ଅଫିସ୍,୧୨।୩

ନିର୍ବାଚନା ତାରିଖ ଘୋଷଣା ହୋଇଛି । ବିଭିନ୍ନ ରାଜନୈତିକ ଦଳ ତରଫରୁ ପ୍ରସ୍ତୁତି ଜୋରଦାର ହେଲାଣି । କିନ୍ତୁ ବର୍ତ୍ତମାନ ସୁଦ୍ଧା ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନି। ହେଲେ ପ୍ରାର୍ଥୀ ଘୋଷଣାରେ ଗୋଟିଏ ପାଦ ଆଗରେ ରହିଛି ସୋସିଆଲିଷ୍ଟ ୟୁନିଟି ସେଣ୍ଟର୍ ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ)। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ ବ୍ରହ୍ମପୁର ଲୋକ ସଭା ଏବଂ ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ସୋମନାଥ ବେହେରା ପ୍ରାର୍ଥୀ ହେଉଥିବା ବେଳେ ବ୍ରହ୍ମପୁର ବିଧାନସଭା ଆସନ ପାଇଁ ଶିବାନୀ ଶଙ୍କର ମିଶ୍ର, ଗୋପାଳପୁର ବିଧାନସଭା ଆସନ ପାଇଁ ପି.ଶିବ ପ୍ରସାଦ ରେଡ୍ଡୀ ଏବଂ ହିଞ୍ଜିଳି ବିଧାନସଭା ଆସନ ପାଇଁ ଡି.ତିରୁପତି ଦୋରା ପ୍ରତିଦ୍ୱନ୍ଦ୍ୱିତା କରିବେ। ଦଳ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସ




ଖବରଦାତା ସମ୍ମିଳନୀରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତାମାନେ ।

ପ୍ରାର୍ଥୀଙ୍କ ନାମ ଘୋଷଣା ସହ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତାକୁ ଦଳ ପ୍ରସଙ୍ଗ କରିବ ବୋଲି କହିଥିଲେ। ସେ କହିଥିଲେ, କଂଗ୍ରେସ ଦୀର୍ଘ ଦଶନ୍ଧି ଯାଏ ଶାସନ କରିଛି। ଭାଜପା ଗତ ୫ ବର୍ଷ ହେଲା ଶାସନ କରୁଛି। ସେହିଭଳି ରାଜ୍ୟରେ ବିଜେଡ଼ି ୨୦ବର୍ଷ ହେଲା କ୍ଷମତାରେ ରହିଛି। ତଥାପି ଜନଗଣଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନି। ଧନୀ ଅଧିକରୁ ଅଧିକ ଧନୀ ହେଉଥିବା ବେଳେ ଗରିବ ଖଟିଖିଆମାନେ ଗରିବ ହେଉଛନ୍ତି। କେନ୍ଦ୍ରରେ ଭାଜପା ଏବଂ ରାଜ୍ୟରେ ବିଜେଡ଼ି ସରକାର ଜନସାଧାରଣଙ୍କୁ କେବଳ ପ୍ରତିଶ୍ରୁତି ଦେଉଛନ୍ତି, ତାକୁ ପୂରଣ କରୁନାହାନ୍ତି । ଦରଦାମ ବଢ଼ି ଚାଲିଛି। ବେକାର ଯୁବତୀ ଯୁବକଙ୍କ ପାଇଁ ସ୍ଥାୟୀ ନିଯୁକ୍ତି ସୁଯୋଗ ନାହିଁ। କୃଷକମାନେ ଆତ୍ମହତ୍ୟା କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଆଜି ବିପର୍ଯ୍ୟସ୍ତ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ, ସେମିଷ୍ଟର୍ ବ୍ୟବସ୍ଥା ଲାଗୁ ତଥା ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଯୋଗୁ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହୋଇଯାଇଛି । ଧର୍ମ, ଜାତି ଏବଂ ଅଞ୍ଚଳ ନାଁରେ ଲୋକଙ୍କୁ ଭାଗ ଭାଗ କରାଯାଉଛି। ଜାତିଆଣ ସଂଘର୍ଷ ଏବଂ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରାଯାଉଛି। ଅନ୍ୟପଟେ ମାଦକ ଦ୍ରବ୍ୟ, ଟିଭି. ମିଡ଼ିଆ, ନେଟ୍ ମାଧ୍ୟମରେ ଅଶ୍ଳୀଳ, ନଗ୍ନତା ଏବଂ ଅପସଂସ୍କୃତିର ପ୍ରଚାର ହେଉଛି। ଏସବୁ ବିରୋଧରେ ଦଳ ଦୀର୍ଘ ଦିନ ହେଲା ସଂଘର୍ଷ ଏବଂ ଆନ୍ଦୋଳନ କରୁଛି। ଦଳ ସର୍ବଦା ସାଧାରଣ ଲୋକଙ୍କ ହକ୍‌ର ଲଢ଼େଇ ଲଢ଼ିଛି। ଏଣୁ ଦଳର ପ୍ରାର୍ଥୀମାନେ ବିଜୟୀ ହେଲେ ଆନ୍ଦୋଳନ ଆହୁରି ଶକ୍ତିଶାଳୀ ହୋଇପାରିବ ବୋଲି ସେ କହିଥିଲେ । ଦଳ ରାଜ୍ୟରେ ମୋଟ ୮ ଲୋକ ସଭା ଏବଂ ୨୪ ବିଧାନସଭା ଆସନରେ ପ୍ରାର୍ଥୀ ଦେଉଛି ବୋଲି ସେ ସୂଚନା ଦେଇଥିଲେ । ତେବେ ରାଜ୍ୟରେ କଂଗ୍ରେସ ଏବଂ ବାମଦଳଗୁଡ଼ିକ ମଧ୍ୟରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ମେଣ୍ଟକୁ ସେ ସମାଲୋଚନା କରିଥିଲେ । ଯେଉଁ କଂଗ୍ରେସର ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଦେଶ ଆଜି ବିକାଶଠାରୁ ବହୁ ଦୂରରେ, ସେହି ଦଳ ସହ ମେଣ୍ଟ ବାମ ଚିନ୍ତାଧାରା ବିରୋଧୀ ବୋଲି ସେ କହିଥିଲେ ।

# ନୂଆ, ପୁରୁଣା ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା

ନିର୍ମଳ ପଣ୍ଡା
କଟକ ଅଫିସ,୧୨।୩

ଆସନ୍ତା ଏପ୍ରିଲ ୧୧ରୁ ରାଜ୍ୟରେ ଭୋଟ ଆରମ୍ଭ ହେବ। ୪ ପର୍ଯ୍ୟାୟରେ ରାଜ୍ୟରେ ନିର୍ବାଚନ ହେବ। ହେଲେ କଟକ ଜିଲାର ବାଙ୍କୀ ବିଧାନସଭା ଆସନରେ ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ହେବାକୁ ଥିବା ନିର୍ବାଚନ ନିମନ୍ତେ ରାଜନୈତିକ ବାତାବରଣ ବେଶ୍ ଉଷ୍ମ। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପାରେ ଏବେ ନୂଆ ଆଶାୟୀଙ୍କ ଆବିର୍ଭାବ ହୋଇଥିବାବେଳେ ଟିକେଟ୍ ପାଇଁ ପୁରୁଣା ଆଶାୟୀଙ୍କ ସହ ସେମାନଙ୍କ ଛକାପଞ୍ଝା ଲାଗି ରହିଛି।


ପ୍ରଭାତ ତ୍ରିପାଠୀ


ସବ୍ୟସାଚୀ ସାହୁ


ଦେବାଶିଷ ପଟ୍ଟନାୟକ


ଅଜୟ ସ୍ୱାଇଁ


ଶୁଭ୍ରାଂଶୁ ମୋହନ ପାଢ଼ୀ


ତୁଷାର ଚକ୍ରବର୍ତ୍ତୀ


ରବୀନ୍ଦ୍ର ମଲିକ

୨୦୧୪ ସାଧାରଣ ନିର୍ବାଚନରେ ବାଙ୍କୀ ଆସନରୁ ବିଜେଡି ପ୍ରାର୍ଥୀ ପ୍ରଭାତ କୁମାର ତ୍ରିପାଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ରବୀନ୍ଦ୍ର ମଲିକଙ୍କୁ ୪୩ହଜାର ୭୫୮ ଭୋଟରେ ପରାସ୍ତ କରିଥିଲେ। ବିଜେଡି ପ୍ରାର୍ଥୀ ତ୍ରିପାଠୀ ମୋଟ ୮୫ହଜାର ୮୦୯ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ୪୨ହଜାର ୫୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ଅଜୟ ସ୍ୱାଇଁ ମାତ୍ର ୮୬୭୨ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ୨୦୦୯ ନିର୍ବାଚନରେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ଡ. ଦେବାଶିଷ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ପ୍ରଭାତ କୁମାର ତ୍ରିପାଠୀଙ୍କଠାରୁ ୨୩ହଜାର ୪୪୫ ଭୋଟରେ ପରାସ୍ତ ହୋଇଥିଲେ। ମାତ୍ର ୨୦୧୪ରେ ଦେବାଶିଷ ବାଙ୍କୀ ଛାଡି ଖୋର୍ଦ୍ଧା ଜିଲାର ବେଗୁନିଆ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ତାଙ୍କ ପରିବର୍ତ୍ତେ ଗୋବିନ୍ଦପୁରର ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକଙ୍କୁ କଂଗ୍ରେସ ଏଠାରେ ପ୍ରାର୍ଥୀ କରିଥିଲା।

କଟକ ଲୋକ ସଭା ଆସନ ଅଧୀନ ବାଙ୍କୀ ନିର୍ବାଚନମଣ୍ଡଳୀର ଅତୀତ ରେକର୍ଡକୁ ଦେଖିଲେ ଏକ ଫେଣ୍ଟାଫେଣ୍ଟି ସମୀକରଣ ସାମ୍ନାକୁ ଆସୁଛି। ୧୯୭୭ରେ କଂଗ୍ରେସ ପ୍ରାର୍ଥୀ ଡା. ଯୋଗେଶ ରାଉତ ଜନତା ଦଳର ଘନଶ୍ୟାମ ସାହୁଙ୍କୁ ୬ହଜାର ୮୬ ଭୋଟରେ ପରାସ୍ତ କରିଥିଲେ। ୧୯୮୦ରେ କଂଗ୍ରେସର ଅକ୍ଷୟ କୁମାର ପଟ୍ଟନାୟକ ଜନତା ଦଳର ଘନଶ୍ୟାମ ସାହୁଙ୍କୁ ୧୦ହଜାର ୪୪୦ ଭୋଟରେ ହରାଇଥିଲେ। ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ଅକ୍ଷୟ ପଟ୍ଟନାୟକ ପୁନର୍ବାର ୧୮ହଜାର ୯୪୭ ଭୋଟରେ ଜନତା ଦଳର ଘନଶ୍ୟାମଙ୍କୁ ପରାସ୍ତ କରିଥିଲେ। ମାତ୍ର ୧୯୯୦ ନିର୍ବାଚନରେ କଂଗ୍ରେସ ବାଙ୍କୀରୁ ଡା. ଯୋଗେଶ ରାଉତଙ୍କୁ ପ୍ରାର୍ଥୀ କରିଥିଲା। ରାଉତ ୧୫ହଜାର ୬୭୫ ଭୋଟରେ ଜନତା ଦଳର ଘନଶ୍ୟାମ ସାହୁଙ୍କଠାରୁ ପରାଜିତ ହୋଇଥିଲେ। ୧୯୯୫ରେ ବାଙ୍କୀର ଅଣ କଂଗ୍ରେସ ରାଜନୀତିରେ ପ୍ରଭାତ ତ୍ରିପାଠୀଙ୍କ ଆବିର୍ଭାବ ଘଟିଥିଲା। ଏହାପରଠାରୁ ପ୍ରଭାତ ସେଠାରେ ଜନତା ଦଳ ଓ ବିଜୁଜନତା ଦଳର ମୁଖ୍ୟ ମଙ୍ଗୁଆଳ ସାଜିଛନ୍ତି। ବାଙ୍କୀରୁ ପ୍ରଭାତ ୧୯୯୫, ୨୦୦୦, ୨୦୦୯ ଓ ୨୦୧୪ ମୋଟ ୪ ଥର ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନ ପରେ ବିଧାୟକ ତ୍ରିପାଠୀ ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇ ଜେଲ୍ ଯିବା ପରେ ବାଙ୍କୀ ରାଜନୈତିକ ସମୀକରଣ ଭିନ୍ନମୋଡ଼ ନେଇଛି। ପ୍ରଭାତଙ୍କୁ ଟିକେଟ ମିଳିବ କି ନାହିଁ ସେ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଟିକେଟ ପାଇବା ପାଇଁ ପ୍ରଭାତ ଦୃଢ ଆଶାବାଦୀ ଅଛନ୍ତି। ଏ ସବୁ ଭିତରେ ପ୍ରଭାତଙ୍କ ପୁଅ ତଥା ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ନାମ ମଧ୍ୟ ଟିକେଟ ଦୌଡ଼ରେ ରହିଛି। ବିଧାୟକ ତ୍ରିପାଠୀ କହିଛନ୍ତି ଯେ, ବାଙ୍କୀରେ ତାଙ୍କର ଲୋକପ୍ରିୟତା ଅତୁଟ ରହିଛି। ଲୋକେ ନବୀନ ପଟ୍ଟନାୟକଙ୍କ ସହିତ ଅଛନ୍ତି। ଟିକେଟ କିଏ ପାଇବ ସେ ନିଷ୍ପତ୍ତି ଦଳର ସଭାପତିଙ୍କ ଉପରେ ନିର୍ଭର କରେ। ସେ ବିଜେଡିରେ ଜଣେ ଶୃଙ୍ଖଳିତ କର୍ମୀ। ଦଳ ସଭାପତିଙ୍କ ନିଷ୍ପତ୍ତି ତାଙ୍କ ପାଇଁ ସର୍ବମାନ୍ୟ ବୋଲି ସେ କହିଛନ୍ତି। ୨୦୧୯ରେ ଲଢେଇ କାହା ସହିତ ହେବ ପ୍ରଶ୍ନରେ, ୨୦୦୯ରେ ୨୩ହଜାର ୪୪୫, ୨୦୧୪ରେ ୪୩ହଜାର ୭୫୮ ଭୋଟ ବ୍ୟବଧାନରେ ମୁଁ ଜିତିଛି। ତେଣୁ ଲଢେଇ ଏଠାରେ କେମିତି ହୁଏ ତାହା ଫଳାଫଳ କହୁଛି ବୋଲି ତ୍ରିପାଠୀ କହିଥିଲେ। ଏହାବାଦ ବାଙ୍କୀର ପୂର୍ବତନ ବିଧାୟକ ଘନଶ୍ୟାମ ସାହୁଙ୍କ ପୁଅ ସବ୍ୟସାଚୀ ସାହୁ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ରହିଛନ୍ତି। ସବ୍ୟସାଚୀ କହିଛନ୍ତି ଯେ, ଏଠାରେ ଅଣକଂଗ୍ରେସ ଦୁର୍ଗକୁ ଭାଙ୍ଗିବାରେ ତାଙ୍କ ବାପା ସକ୍ଷମ ହୋଇଥିଲେ। ତେଣୁ ବିଜେଡି ତାଙ୍କୁ ଟିକେଟ ଦେବ ବୋଲି ତାଙ୍କର ଦୃଢ ଆଶା। ନବୀନଙ୍କ ନିଷ୍ପତ୍ତିକୁ ସେ ମାନିନେବେ ବୋଲି ସବ୍ୟସାଚୀ କହିଛନ୍ତି। ଲଢେଇ ସିଧାସଳଖ କଂଗ୍ରେସ ସହିତ ହେବ ବୋଲି ସବ୍ୟସାଚୀ କହିଛନ୍ତି।

ଭାଜପାରେ ମଧ୍ୟ ଟିକେଟ ପାଇଁ ଆଶାୟୀଙ୍କ ତାଲିକା ଲମ୍ବା। ୨୦୧୪ର ପରାଜିତ ପ୍ରାର୍ଥୀ ଅଜୟ ସ୍ୱାଇଁଙ୍କ ସହିତ ୨୦୦୯ର ପରାଜିତ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ରହିଥିବାବେଳେ ନୂଆକରି ଭାଜପାରେ ତୁଷାର ଚକ୍ରବର୍ତ୍ତୀଙ୍କ ଆବିର୍ଭାବ ଦଳୀୟ ରାଜନୀତିକୁ ଗୋଳମାଳିଆ କରିଛି। ତୁଷାର ଏବେ ଶ୍ରୀବନ୍ତପୁର ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି। ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ବିଧାୟକଙ୍କ ସହିତ ମତାନ୍ତର ହେବାରୁ ସେ ଭାଜପାରେ ଯୋଗ ଦେଇଛନ୍ତି। ଇତିମଧ୍ୟରେ ତୁଷାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବାଙ୍କୀ ଆଣି ଏକ ବିରାଟ ସଭାର ଆୟୋଜନ କରିଥିଲେ। ଭାଜପା ତାଙ୍କୁ ପ୍ରାର୍ଥୀ କରିବ ବୋଲି ତୁଷାର ଆଶାବାଦୀ ଅଛନ୍ତି। ସେହିପରି ୨୦୧୪ର ପରାଜିତ ପ୍ରାର୍ଥୀ ଅଜୟ କହିଛନ୍ତି, ସଂଗଠନ ସହିତ ରହିଛନ୍ତି। ତେଣୁ ଦଳ ତାଙ୍କୁ ପୁନର୍ବାର ଟିକେଟ ଦେବ ବୋଲି ସେ କହିଛନ୍ତି। ଶୁଭ୍ରାଂଶୁଙ୍କ ମତରେ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିବ ବୋଲି ସେ ଦୃଢ ଆଶାବାଦୀ ଅଛନ୍ତି। ତେବେ ସମସ୍ତ ନେତା ଦଳୀୟ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମାନିନେବେ ବୋଲି କହିଛନ୍ତି। ଲଢେଇ ବିଜେଡି ସହିତ ହେବ ବୋଲି ଭାଜପା ଆଶାୟୀମାନେ ଆକଳନ କରିଛନ୍ତି। ସୂଚନାଥାଉକି, ୨୦୧୪ରେ ଶୁଭ୍ରାଂଶୁଙ୍କୁ ଭାଜପା ଟିକେଟ ନ ଦେବାରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସର ମଧ୍ୟ ଅନୁରୂପ ଅବସ୍ଥା। ୨୦୧୪ରେ ଏଠାରୁ ପରାଜିତ ପ୍ରାର୍ଥୀ ରବୀନ୍ଦ୍ର ମଲିକ ପୁନର୍ବାର ଟିକେଟ ଆଶାରେ ଥିବାବେଳେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ମଧ୍ୟ କଂଗ୍ରେସ ଟିକେଟ ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏ ଦୁଇ ଜଣଙ୍କ ବାଦ୍ କଂଗ୍ରେସ ଅନୁସୂଚିତ ଜାତି ସେଲ୍‌ର ଉପାଧ୍ୟକ୍ଷ ବାଙ୍କନିଧି ବେହେରା ମଧ୍ୟ ଟିକେଟ ଦୌଡ଼ରେ ରହିଛନ୍ତି। ଦେବାଶିଷ କହିଛନ୍ତି, ଲୋକେ କଂଗ୍ରେସକୁ ମନେ ପକାଉଛନ୍ତି। ତେଣୁ ଦଳ ତାଙ୍କୁ ଟିକେଟ ଦେବ ଏବଂ ଲୋକେ ତାଙ୍କୁ ଭୋଟ ଦେବେ। ରବୀନ୍ଦ୍ର କହିଛନ୍ତି, ଦଳ ତାଙ୍କୁ ପୁନର୍ବାର ଟିକେଟ ଦେବ ବୋଲି ଆଶା ରଖିଛନ୍ତି। ବାଙ୍କନିଧିଙ୍କ ମତରେ ଦଳ ଯଦି ଟିକେଟ ଦିଏ, ତେବେ ସେ ବାଙ୍କୀରୁ ଲଢିବେ। ହେଲେ ଦଳୀୟ ନିଷ୍ପତ୍ତି ବିରୋଧରେ ଯିବାର ନାହିଁ ବୋଲି ୩ ଜଣ ଯାକ ନେତା ଏକ ସ୍ୱରରେ କହିଛନ୍ତି। ଲଢେଇ ବିଜେଡି ସହିତ ହେବ ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି।

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ପ୍ରଭାତ କୁମାର ତ୍ରିପାଠୀ | ୮୫,୮୦୯ |
| କଂଗ୍ରେସ | ରବୀନ୍ଦ୍ର ମଲିକ | ୪୨,୦୫୧ |
| ଭାଜପା | ଅଜୟ ସ୍ୱାଇଁ | ୮,୬୭୨ |
| ସ୍ୱାଧୀନ | ଶୁଭ୍ରାଂଶୁ ମୋହନ ପାଢ଼ୀ | ୪,୨୫୬ |

**ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀ**



### ନିର୍ବାଚନମଣ୍ଡଳୀ ରୂପରେଖ

ବାଙ୍କୀ ବିଜ୍ଞାପିତ ପରିଷଦର ୧୭ଟି ୱାର୍ଡ ସମେତ ବାଙ୍କୀ ବ୍ଲକର ୨୦ଟି ପଞ୍ଚାୟତ, ଡମପଡ଼ା ବ୍ଲକର ୧୭ ପଞ୍ଚାୟତ ଓ ବାରଙ୍ଗ ବ୍ଲକର ୮ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ସମୁଦାୟ ଜନସଂଖ୍ୟାର ୮୯.୭୮ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରୁଥିବା ବେଳେ ୧୦.୨୨ ପ୍ରତିଶତ ସହରାଞ୍ଚଳରେ ବସବାସ କରନ୍ତି।

ମୋଟ ଭୋଟର ସଂଖ୍ୟା
**୧,୯୮,୯୬୫**

---

**ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**


# ପୁଣି ଗଡ଼ ହରାଇପାରେ କଂଗ୍ରେସ

ପ୍ରଭଞ୍ଜନ ମିଶ୍ର
ଝାରସୁଗୁଡ଼ା ଅଫିସ,୧୨।୩

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀକୁ କଂଗ୍ରେସର ଗଡ଼ କୁହାଯାଏ। ସ୍ୱାଧୀନତା ପରଠାରୁ ୧୫ଥର ନିର୍ବାଚନ ହୋଇଛି। ସେଥିରୁ କଂଗ୍ରେସ ୧୦ଥର ବିଧାୟକ ଆସନ ଦଖଲ କରିଛି। ଏକଦା ଏହି ଗଡ଼ରେ ଜନତା ଦଳ ଏବଂ ବିଜୁ ଜନତା ଦଳ ଧସେଇ ପଶିଥିଲା। ଜନତାଦଳ ଓ ବିଜେଡି ଟିକେଟ୍‌ରେ କିଶୋର ମହାନ୍ତି ୩ ଥର ବିଧାୟକ ହୋଇଥିଲେ। କିନ୍ତୁ ନିର୍ବାଚନମଣ୍ଡଳୀ ବିଭାଜନ ପରେ ପୁଣିଥରେ କଂଗ୍ରେସ ନିଜ ଗଡ଼କୁ ଦଖଲ କଲା। କିଶୋର ମହାନ୍ତିଙ୍କୁ ପରାଜିତ କରି କଂଗ୍ରେସ ଟିକେଟ୍‌ରେ ନବ ଦାସ ବିଧାୟକ ହୋଇଥିଲେ। ୨୦୦୯ ସୀମା ବିଭାଜନ ପରେ ଝାରସୁଗୁଡ଼ା ଅଧୀନରେ ଥିବା ରେଙ୍ଗାଲି ସ୍ୱତନ୍ତ୍ର ଭାବେ ଏକ ନିର୍ବାଚନମଣ୍ଡଳୀ ହୋଇଥିଲା। ଲଇକୋରା ନିର୍ବାଚନମଣ୍ଡଳୀର ଲଇକେରା, କୋଲାବିରା ଏବଂ କିର୍ମିରା ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ଆଉ କିଛି ଅଂଶ କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ମିଶ୍ରଣ ହୋଇଥିଲା। କଂଗ୍ରେସର ଭୋଟ ବ୍ୟାଙ୍କ କୁହାଯାଉଥିବା ଲଇକେରା, କୋଲାବିରା ଏବଂ କିର୍ମିରା ବ୍ଲକ୍ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀରେ ମିଶ୍ରଣ ପରେ ବିଜେଡିକୁ ଗାଦିଚ୍ୟୁତ କରିବାରେ କଂଗ୍ରେସକୁ ବେଶ୍ ସହାୟକ ହୋଇଥିଲା। ବର୍ତ୍ତମାନ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଝାରସୁଗୁଡ଼ା ବ୍ଲକର ୧୨ଟି ପଞ୍ଚାୟତ, ଝାରସୁଗୁଡ଼ା ପୌରାଞ୍ଚଳ ସମେତ କୋଲାବିରା, ଲଇକେରା ଏବଂ କିର୍ମିରା ବ୍ଲକ୍ ରହିଛି।

୨୦୧୯ ନିର୍ବାଚନୀ ପାଇଁ ବିଜେଡି ଟିକେଟ୍ ଏକପ୍ରକାର ନିଶ୍ଚିତ ହୋଇଥିବା କୁହାଯାଉଛି। ଇତିମଧ୍ୟରେ ନବ ଦାସ ବିଜେଡି ଶିବିରରେ ଯୋଗ ଦେଇଛନ୍ତି। ଏଥର ତାଙ୍କୁ ଟିକେଟ୍ ମିଳିବା ଏକ ପ୍ରକାର ସ୍ପଷ୍ଟ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ସେଥିପାଇଁ ଏଠାରେ ବିଜେଡିର ଅନ୍ୟ ଆଶାୟୀଙ୍କ ଲବି ନାହିଁ। ହେଲେ ନବ କିନ୍ତୁ ଟିକେଟ୍ ନିଶ୍ଚିତ ହେବା କଥାକୁ ଦଳ ସଭାପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ବୋଲି କହୁଛନ୍ତି। ଏହାପରେ କିଶୋର ମହାନ୍ତିଙ୍କ ପାଇଁ ୩ଟି ବିକଳ୍ପ ସାମ୍ନାକୁ ଆସୁଛି। ତାଙ୍କୁ ଲୋକସଭା ଟିକେଟ୍ ମିଳିପାରେ ବୋଲି ଆଲୋଚନା ଜୋର ଧରିଛି। ସେଥିରୁ ବାଦ୍ ପଡିଲେ ରାଜ୍ୟ ସଭାକୁ ମନୋନୀତ ହେବା କିମ୍ୱା ବ୍ରଜରାଜନଗର ବିଧାୟକ ଆସନ ଲଢ଼ିବାର ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ତଥାପି ସେ ଏ ନେଇ କୌଣସି ସ୍ପଷ୍ଟ ମତ ରଖି ନାହାନ୍ତି। ଦଳର ସଭାପତିଙ୍କ ନିଷ୍ପତ୍ତିକୁ ମୁଁ ସମ୍ମାନ ଦିଏ। ସେ ଯାହା ନିର୍ଦ୍ଦେଶ ଦେବେ ମୁଁ ଗ୍ରହଣ କରିବି ବୋଲି କିଶୋର କହିଛନ୍ତି।

ଗତ ନିର୍ବାଚନରେ ତୃତୀୟ ସ୍ଥାନ ହାସଲ କରିଥିବା ଭାଜପା କିନ୍ତୁ ଏଥର ସଙ୍ଗଠିତ ହୋଇପାରିନାହିଁ। ଟିକଟ୍ ପାଇଁ ବହୁ ଆଶାୟୀଙ୍କ ଭିତରେ ରେସ୍ ଚାଲିଛି। ଗତ ନିର୍ବାଚନରେ ପରାଜିତ ହୋଇଥିବା ଆନନ୍ଦ ପ୍ରଧାନ ଏଥର ମଧ୍ୟ ଟିକେଟ୍ ଆଶାୟୀ ତାଲିକାରେ ରହିଛନ୍ତି। ୨୦୧୪ରେ ପରାଜିତ ହେବା ପରେ ଆନନ୍ଦ ନୀରବ ରହିଥିଲେ। ନିର୍ବାଚନ ପାଖେଇ ଆସିବା ପରେ ପୁଣିଥରେ ସକ୍ରିୟ ହୋଇପଡିଛନ୍ତି। ସେହିପରି ଭାଜପା ଟିକେଟ୍ ଆଶାୟୀ ତାଲିକାରେ ବରିଷ୍ଠ ଭାଜପା ନେତା ଦିନେଶ ଜୈନ୍ ମଧ୍ୟ ରହିଛନ୍ତି। ନରେଶ ନାଏକ ବି ପୂର୍ବ ଅପେକ୍ଷା ଅଧିକ ସକ୍ରିୟ ଅଛନ୍ତି। ଟିକେଟ୍ ପାଇବା ନେଇ ସେ ଆଶାବାଦୀ ଅଛନ୍ତି। ଦଳ ଟିକେଟ୍ ଦେଲେ ନିର୍ବାଚନ ଲଢିବେ ବୋଲି କହିଛନ୍ତି। ସେହିପରି ସୁନ୍ଦରଗଡ଼ ପୂର୍ବତନ ବିଧାୟିକା ସୁଷମା ପଟେଲ ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ଭାଜପା ଟିକେଟ ପାଇଁ ଆଶାୟୀ ଅଛନ୍ତି। ସୁଷମା କହିଛନ୍ତି, ସେ ସଙ୍ଗଠନ ପାଇଁ କାମ କରୁଛନ୍ତି। ଯଦି ଦଳ ଆସ୍ଥା ପ୍ରକଟ କରେ ତେବେ ନିର୍ବାଚନ ଲଢିବାରେ କୌଣସି ଆପତ୍ତି ନାହିଁ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଧ୍ରୁବରାଜ ନାଏକ ଟିକେଟ୍ ପାଇଁ ଆବେଦନ କରିଛନ୍ତି। ରବିବାର ସେ ଭାଜପାରେ ଯୋଗ ଦେଇଛନ୍ତି। କଂଗ୍ରେସ ଶିବିରର ନୀରବତା ଭଗ୍ନ ହୋଇନାହିଁ। ନବ ଦାସ କଂଗ୍ରେସ ଛାଡ଼ିବା ପରେ ଦଳର ସମୀକରଣ ଏବଂ ରଣନୀତି ବଦଳି ଯାଇଥିବା ଭଳି ମନେହେଉଛି। ଏହି ଦଳରୁ ଭେଟେରାନ ହେମାନନ୍ଦ ବିଶ୍ୱାଳ ଏବଂ ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ ନିର୍ବାଚନ ଲଢିବା ନେଇ ଆଲୋଚନା ହେଉଛି। ଟିକେଟ୍ ବଣ୍ଟନ ଦଳୀୟ ନିଷ୍ପତ୍ତି କହି ହେମାନନ୍ଦ ବିଶ୍ୱାଳ ନୀରବ ରହିଥିବା ବେଳେ ଦଳ ଟିକେଟ ଦେଲେ ନିଶ୍ଚିତ ନିର୍ବାଚନ ଲଢିବେ ବୋଲି କହିଛନ୍ତି ବୀରେନ୍ଦ୍ର ପାଣ୍ଡେ। ସେହିପରି ଆଉଜଣେ ଆଶାୟୀଙ୍କ ନାମ ମଧ୍ୟ ଚର୍ଚ୍ଚା ପରିସରକୁ ଆସିଛି। ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ମହେନ୍ଦ୍ର ନାଏକ। ମହେନ୍ଦ୍ର ପ୍ରଥମେ ବିଜେଡି ଟିକେଟ୍ ପାଇଁ ଆଶାୟୀ ବୋଲି କୁହାଯାଉଥିଲା। ହେଲେ ନବଙ୍କ ବିଜେଡି ମିଶ୍ରଣ ପରେ ସେ ମାନସିକ ପରିବର୍ତ୍ତନ କରିଛନ୍ତି। କଂଗ୍ରେସରେ ଯୋଗଦେଇ ନିର୍ବାଚନ ଲଢିପାରନ୍ତି ବୋଲି ଆଲୋଚନା ହେଉଛି। କଂଗ୍ରେସରେ ମିଶିବା କଥାକୁ ମହେନ୍ଦ୍ର ସ୍ୱୀକାର କରିଥିବା ବେଳେ ଟିକେଟ୍ କଥା ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ତେବେ ଯିଏ ବି ପ୍ରାର୍ଥୀ ହୁଅନ୍ତୁ କଂଗ୍ରେସକୁ ଗଡ଼ ରକ୍ଷା ପାଇଁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡିବ ବୋଲି ଦଳୀୟ ନେତାମାନେ କହିଛନ୍ତି।



### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| କଂଗ୍ରେସ | ନବ କିଶୋର ଦାସ | ୭୪,୪୯୯ |
| ବିଜେଡି | କିଶୋର ମହାନ୍ତି | ୬୨,୯୩୬ |
| ଭାଜପା | ଆନନ୍ଦ ପ୍ରଧାନ | ୨୧,୦୪୭ |


ନବ ଦାସ


ନରେଶ ନାଏକ

୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା
**୨,୧୬,୬୫୫**
ପୁରୁଷ ଭୋଟର
**୧,୦୯,୪୫୫**
ମହିଳା ଭୋଟର
**୧,୦୭,୧୨୫**


ବୀରେନ୍ଦ୍ର ଚନ୍ଦ୍ର ପାଣ୍ଡେ


ସୁଷମା ପଟେଲ


ଦିନେଶ ଜୈନ୍

---

# ଦଳବଦଳକୁ ନେଇ ଦ୍ୱନ୍ଦ୍ୱ

ଉତ୍କଳବନ୍ଧୁ ପଣ୍ଡା
ଖଇରା,୧୨।୩(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଭଦ୍ରକ ସଂସଦୀୟ ନିର୍ବାଚନମଣ୍ଡଳୀ ଅଧୀନ ସିମୁଳିଆ ନିର୍ବାଚନମଣ୍ଡଳୀ ଖଇରା ଓ ସିମୁଳିଆ ବ୍ଲକକୁ ନେଇ ଗଠିତ। ଏଠାରେ ଦଳବଦଳ ରାଜନୀତି ସବୁ ଦଳ ପାଇଁ ଏବେ ଅଡୁଆ ସ୍ଥିତି ସୃଷ୍ଟି କରିଛି। ସଙ୍ଗଠନକୁ ମଜଭୁତ କରିବା ଲକ୍ଷ୍ୟରେ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ଗତ କିଛିଦିନ ଧରି ଅନ୍ୟ ଦଳର ଟାଣୁଆ ନେତାଙ୍କୁ ଆଣି ଦଳରେ ସାମିଲ କରିବା ପ୍ରୟାସ ଜାରି ରଖିଛନ୍ତି। ହେଲେ ଦଳର ଉପର ସ୍ତରରେ ନିଆଯାଉଥିବା ନିଷ୍ପତ୍ତିକୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ଅନ୍ତଃକନ୍ଦଳ ବଢିବାରେ ଲାଗିଛି।

୨୦୧୪ ନିର୍ବାଚନ ସମୟରୁ ଆରମ୍ଭ ହୋଇଥିବା ଦଳବଦଳ ରାଜନୀତି ଏବେ ଉତ୍କର୍ଷର ସୀମା ଛୁଇଁଛି। ସିମୁଳିଆ ନିର୍ବାଚନମଣ୍ଡଳୀ ରାଜନୀତିରେ ନିଜର ପତିଆରା ରଖିଆସିଥିବା କଂଗ୍ରେସର ପୁରୁଖା ନେତା ପଦ୍ମଚରଣ ପଣ୍ଡା ଦଳ ଛାଡ଼ି ଭାଜପାରେ ସାମିଲ ହେବା ପରେ ରାଜନୈତିକ ସମୀକରଣ ଭିନ୍ନମୋଡ ନେଇଛି। ଗତ ପଞ୍ଚାୟତ ନିର୍ବାଚନରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିବାରୁ ଭାଜପା ନେତା ଓ କର୍ମୀ ଉତ୍ସାହିତ ଥିବା ବେଳେ ପଦ୍ମଚରଣଙ୍କୁ ଅନେକ କର୍ମୀ ଗ୍ରହଣ କରିପାରୁ ନାହାନ୍ତି। ଏନେଇ ଦଳରେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ନେଇଛି। ଭାଜପାକୁ ସମାନ ଢଙ୍ଗରେ ଟକ୍କର ଦେବା ଲକ୍ଷ୍ୟ ନେଇ ଶାସକ ବିଜେଡି ପୂର୍ବରୁ ଭାଜପା ଟିକେଟ୍‌ରେ ନିର୍ବାଚନ ଲଢିଥିବା ଶଶୀ ସାହୁଙ୍କୁ ୧୩ ତାରିଖରେ ଦଳରେ ସାମିଲ କରିବାକୁ ଯାଉଛି। ହେଲେ ବର୍ତ୍ତମାନର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସମର୍ଥକ ଗୋଷ୍ଠୀ ଏହାକୁ ଜୋରଦାର ବିରୋଧ କରୁଛନ୍ତି। କେବଳ ସେତିକି ନୁହେଁ, ଶାସକ ବିଜେଡିରେ ଏକାଧିକ ଆଶାୟୀଙ୍କ ଉପସ୍ଥିତି ଅସ୍ପଷ୍ଟ ସ୍ଥିତି ସୃଷ୍ଟି କରିଛି।

ବିଜେଡିରେ ସବୁଠୁ ଅଧିକ ରହିଛି ଆଶାୟୀଙ୍କ ସଂଖ୍ୟା। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଟିକେଟ ପାଇଲେ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବେ ବୋଲି କହୁଛନ୍ତି। ସେହିପରି ଗତ ବିଧାନସଭା ନିର୍ବାଚନ ସମୟରେ ହଠାତ୍ ଦଳୀୟ ଟିକେଟରୁ ବଞ୍ଚିତ ଯୁବ ବିଜେଡି ରାଜ୍ୟ ଉପଦେଷ୍ଟା ଯଯାତି ଦାସ ଏଥର ଟିକେଟ ପାଇବାକୁ ଆଶା ବାନ୍ଧିଛନ୍ତି। କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା କ୍ଷଣି ରାଜ୍ୟ ସଭା ସଦସ୍ୟ ପଦବୀ ପାଇଥିବା ଜଣେ ନେତାଙ୍କ ସମ୍ପର୍କୀୟ କୁହାଯାଉଥିବା ନିକୁଞ୍ଜ କିଶୋର ଦାସ, ବିଜେଡି ପର୍ଯ୍ୟବେକ୍ଷକ ଉପେନ୍ଦ୍ର ପାଢୀ ମଧ୍ୟ ବିଜେଡି ଟିକେଟ ଦୌଡ଼ରେ ସାମିଲ ଥିବା କୁହାଯାଉଛି।

ଖଇରା ଓ ସିମୁଳିଆକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସବୁବେଳେ ଖଇରା ଉପେକ୍ଷିତ ଓ ଅବହେଳିତ ହେବା ପ୍ରସଙ୍ଗ ଏଥର ନିର୍ବାଚନୀ ଇସ୍ୟୁ ପାଲଟିପାରେ। ଏହି ପରିପ୍ରେକ୍ଷୀରେ ଖଇରା ବ୍ଲକ ଉପାଧ୍ୟକ୍ଷ ତଥା ବିଶିଷ୍ଟ ବିଜେଡି ନେତା ଜୟନ୍ତ କୁମାର ରାଉତ ଖଇରା ବ୍ଲକର ସ୍ୱାଭିମାନ ପ୍ରସଙ୍ଗ ଉଠାଇ ଆଲୋଚନାକୁ ଆସିଛନ୍ତି। ତାଙ୍କୁ ଯଦି ସୁଯୋଗ ମିଳେ ସେ ହାତଛଡା କରିବେ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିସାରିଛନ୍ତି।

କଂଗ୍ରେସ ଛାଡି ଭାଜପାର ଯୋଗ ଦେଇଥିବା ପଦ୍ମଲୋଚନ ପଣ୍ଡା ସିମୁଳିଆ ଓ ଖଇରା ବ୍ଲକରେ ଲଗାତର ବୈଠକ, ଶୋଭାଯାତ୍ରା କରି ଦଳୀୟ କର୍ମୀଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି। ଭାଜପାରେ ପୁରୁଖା କର୍ମୀ ଓ ଅନ୍ୟ ଜଣେ ଟାଣୁଆ ନେତାଙ୍କ ସମର୍ଥକଙ୍କୁ ନିଜ ପଟକୁ ଆଣି ଆଗକୁ ବଢିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଛି। ଭାଜପାର ଏକ ବଡ଼ ଗୋଷ୍ଠୀ ପଡ଼ୋଶୀ ନୀଳଗିରିର ଅପ୍ରତିଦ୍ୱନ୍ଦ୍ୱୀ ନେତା ପ୍ରତାପ ଷଡ଼ଙ୍ଗୀଙ୍କୁ ଛିଡ଼ା କରାଇ ଭାଜପା ବିଜୟକୁ ସୁନିଶ୍ଚିତ କରିବାକୁ ରାଜ୍ୟସ୍ତରୀୟ ନେତାଙ୍କ ନିକଟରେ ଲବି କରୁଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ପଦ୍ମଲୋଚନ ଦଳ ଛାଡିବା ପରେ କଂଗ୍ରେସର ମଙ୍ଗ ଧରିଥିବା ରବି ଶତପଥୀ ଏବେ ଦଳୀୟ ଟିକେଟ ପାଇଁ ମୁଖ୍ୟ ଦାବିଦାର ରହିଛନ୍ତି। ପୂର୍ବରୁ ସେ ଦିଲ୍ଲୀରେ ଜଣେ କଷ୍ଟ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରିଥିଲେ। ଗାନ୍ଧୀ ପରିବାରର ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ସହ ତାଙ୍କର ଭଲ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ପିସିସି ଉପସଭାପତି ଅନନ୍ତ ସେଠୀ ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ସେ ଶତପଥୀଙ୍କ ପ୍ରାର୍ଥୀତ୍ୱକୁ ସହଜରେ ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି। ପରିସ୍ଥିତି ଅନୁକୂଳ ହେଲେ ସେ ନିଜେ କିମ୍ବା ତାଙ୍କ ପୁଅକୁ ଛିଡ଼ା କରାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯୁବନେତା ପରିକ୍ଷିତ ମହାପାତ୍ରଙ୍କ ନାମ ମଧ୍ୟ ଦଳର ଆଶାୟୀଙ୍କ ତାଲିକାରେ ଯୋଡ଼ି ହୋଇଯାଇଛି। ଏହି ଆସନରୁ ଆଶାୟୀ ପ୍ରାର୍ଥୀମାନେ ଟିକେଟ ନ ପାଇଲେ ଦଳବଦଳ କରିବା ଆଶଙ୍କା ଥିବାରୁ ଏହା ସବୁ ଦଳର ଚିନ୍ତା ବଢାଇଛି।

ବିଜେଡି ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି, ଗତ ୫ବର୍ଷଧରି ଦଳୀୟ କର୍ମୀଙ୍କ ସୁଖଦୁଃଖରେ ସେ ରହି ଆସିଛନ୍ତି। ନବୀନ ସରକାରଙ୍କ ସମସ୍ତ ଯୋଜନାର ସଫଳତା ଲାଗି ଯଥାସମ୍ଭବ ପ୍ରୟାସ କରିଥିବାରୁ ତାଙ୍କୁ ଟିକେଟ ମିଳିବା ନେଇ ସେ ଆଶାବାଦୀ ରହିଛନ୍ତି। କଂଗ୍ରେସ ଛାଡି ଭାଜପାରେ ସାମିଲ ହୋଇଥିବା ପଦ୍ମଲୋଚନ ପଣ୍ଡା କହିଛନ୍ତି, ତାଙ୍କ ସହ ଖଇରା. ସିମୁଳିଆର ଜନସାଧାରଣ ରହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକଥା ମିଶ୍ରଣ ପର୍ବରେ ସୂଚନା ଦେଇଛନ୍ତି। ତାଙ୍କ ବ୍ୟତୀତ ଭାଜପାରେ ଆଉ କାହାରିକୁ ଟିକେଟ ମିଳିବ ନାହିଁ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବିଜେଡି ଟିକେଟ ପାଇଁ ଅନ୍ୟତମ ଆଶାୟୀ ଯଯାତି ଦାସ କହିଛନ୍ତି, ୨୦୧୪ରେ ତାଙ୍କ ଟିକେଟ କଟିବା ସମୟରେ ୨୦୧୯ରେ ତାଙ୍କୁ ଟିକେଟ ଦିଆଯିବ ବୋଲି ଦଳ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ସେ ଖଇରା ବ୍ଲକର ବାସିନ୍ଦା ହୋଇଥିବାରୁ ଏବଂ ଦଳରେ ସମସ୍ତ କାର୍ଯ୍ୟ ଶୃଙ୍ଖଳାର ସହ କରିଥିବାରୁ ତାଙ୍କୁ ଏଥର ଟିକେଟ ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି। ବିଜେଡିରେ ମିଶିବାକୁ ଯାଉଥିବା ଶଶୀ ସାହୁ କହିଛନ୍ତି, ନବୀନବାବୁଙ୍କ ସ୍ୱଚ୍ଛ, ନିର୍ମଳ ଶାସନ ଉପରେ ଆସ୍ଥାରଖି ସେ ବିଜେଡିରେ ସାମିଲ ହେବାକୁ ଯାଉଛନ୍ତି। ଦଳ ପକ୍ଷରୁ ତାଙ୍କୁ ଯେଉଁଭଳି ନିର୍ଦ୍ଦେଶ ଦିଆଯିବ ସେ ସେହିଭଳି ଭାବେ ଦାୟିତ୍ୱ ସମ୍ପନ୍ନ କରିବେ। କଂଗ୍ରେସ ନେତା ରବି ଶତପଥୀ କହିଛନ୍ତି, ସେ ୩୫ବର୍ଷଧରି ଦଳରେ ରହିଛନ୍ତି। ନିକଟରେ ପଦ୍ମଲୋଚନ ପଣ୍ଡା ଦଳ ଛାଡିବା ପରେ ସେ ସମସ୍ତ କର୍ମୀଙ୍କୁ ଏକଜୁଟ କରି ସଙ୍ଗଠନ ସ୍ଥିତି ସଜାଡିବାକୁ ସମର୍ଥ ହୋଇଛନ୍ତି। ଏଣୁ ଟିକେଟ ପାଇଁ ସେ ପ୍ରମୁଖ ଦାବିଦାର ବୋଲି କହିଛନ୍ତି।

### ସବୁବେଳେ ହୋଇଥିଲା ଦ୍ୱିମୁଖୀ ଲଢ଼େଇ

ଏହି ନିର୍ବାଚନମଣ୍ଡଳୀ ଗଠନ ହେବା ପରଠାରୁ ୧୯୮୦ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ୨ଥର ବିଜୟୀ ହୋଇ ନ ଥିବା ବେଳେ ୧୯୮୦ ପରଠାରୁ ୨ଜଣ ବ୍ୟକ୍ତି ଅଦଳବଦଳ କରି ୩୫ ବର୍ଷ ଶାସନଗାଦିରେ ରହି ଆସିଥିଲେ। ୧୯୮୦ରେ ସ୍ୱର୍ଗତ ପର୍ଶୁରାମ ପାଣିଗ୍ରାହୀ, ୧୯୮୫ରେ ପଦ୍ମଲୋଚନ ପଣ୍ଡା ନିର୍ବାଚିତ ହୋଇଥିଲେ। ପୁନଶ୍ଚ ୨୦୦୯ରେ ପାଣିଗ୍ରାହୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ତାଙ୍କ ବଡପୁଅ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଜେଡି ଟିକେଟରୁ ଲଢି କଂଗ୍ରେସର ପଦ୍ମଲୋଚନ ପଣ୍ଡାଙ୍କୁ ପରାସ୍ତ କରିଥିଲେ।

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଜ୍ୟୋତି ପ୍ରକାଶ ପାଣିଗ୍ରାହୀ | ୬୫, ୮୫୪ |
| କଂଗ୍ରେସ | ପଦ୍ମଲୋଚନ ପଣ୍ଡା | ୫୭,୯୧୭ |
| ଭାଜପା | ଶଶୀ କୁମାର ସାହୁ | ୨୮,୦୧୧ |
| ସିପିଆଇ | ସନ୍ତୋଷ ବିଶ୍ୱାଳ | ୧,୨୮୪ |

୨୦୧୯ ସୁଦ୍ଧା ଭୋଟରଙ୍କ ସଂଖ୍ୟା
**୨,୩୦,୮୮୬**
ଅନ୍ୟାନ୍ୟ ଭୋଟର ୧୦
ପୁରୁଷ ଭୋଟର
**୧,୧୮,୮୦୯**
ମହିଳା ଭୋଟର
**୧,୧୨,୦୬୭**





ଶଶୀ ସାହୁ


ଜ୍ୟୋତିପ୍ରକାଶ ପାଣିଗ୍ରାହୀ


ପଦ୍ମଲୋଚନ ପଣ୍ଡା


ରବି ଶତପଥୀ


ଯଯାତି ଦାସ





# ମନ୍ତ୍ରୀଙ୍କ ମର୍ଯ୍ୟାଦାର ପ୍ରଶ୍ନ




**ଭୋଟର ସଂଖ୍ୟା (୨୦୧୯ ଜାନୁୟାରୀ ସୁଦ୍ଧା)**

**ମୋଟ ଭୋଟର ସଂଖ୍ୟା**
୨,୦୭,୮୦୦

**ପୁରୁଷ** ୧,୦୯,୩୦୨
**ମହିଳା** ୯୮,୪୭୧

**ଅନ୍ୟାନ୍ୟ**
୨୭

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜେଡି | ପ୍ରଫୁଲ୍ଲ କୁମାର ମଲ୍ଲିକ | ୬୪,୧୬୩ |
| କଂଗ୍ରେସ | ଭବାନୀ ଶଙ୍କର ମହାପାତ୍ର | ୪୭,୨୮୨ |
| ଭାଜପା | ପ୍ରସନ୍ନ ପଟ୍ଟନାୟକ | ୨୫,୯୨୭ |

ସୁଧୀର କୁମାର ପରିଡ଼ା
କାମାକ୍ଷାନଗର, ୧୨।୩

ଦୁଇଦଶନ୍ଧି ଧରି ବିଜେଡିର ଅଭେଦ୍ୟ ଦୁର୍ଗ ପାଲଟିଛି କାମାକ୍ଷାନଗର ନିର୍ବାଚନମଣ୍ଡଳୀ। ଲଗାତର ୩ ଥର ଏଠାରୁ ଜିତିଆସୁଥିବା ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ମନ୍ତ୍ରିମଣ୍ଡଳରେ ମିଳିଛି କ୍ୟାବିନେଟ ପାହ୍ୟା। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସୁଦ୍ଧା ଅଞ୍ଚଳର ଆଖିଦୃଶିଆ ବିକାଶ ହୋଇପାରି ନ ଥିବା କୁହାଯାଉଛି। ବିଶେଷ କରି ଶିଳ୍ପକୁ ନେଇ ଯେଉଁ ସମ୍ଭାବନା ସୃଷ୍ଟି ହୋଇଥିଲା ତାହା ଅଧୁରା ରହିଛି। ବିରୋଧୀଙ୍କ ଏପରି ଆରୋପ ପ୍ରତ୍ୟାରୋପ ଭିତରେ ମନ୍ତ୍ରୀଙ୍କ ଲାଗି ଚଳିତ ନିର୍ବାଚନ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ପାଣିପାଗରେ ଉଷ୍ମତା ଭରିଛି। ଏହି ବିଧାନସଭା ଆସନ ୧୯ ବର୍ଷ ହେଲା ବିଜୁ ଜନତା ଦଳ (ବିଜେଡି) କବ୍‌ଜାରେ ରହିଛି। ୨୦୦୦ରେ ଏଠାରୁ ବିଜେଡି ଟିକେଟରୁ ଲଢ଼ି ବିଜୟୀ ହୋଇଥିଲେ ବ୍ରହ୍ମାନନ୍ଦ ବିଶ୍ୱାଳ। ଏହାପରେ ଟ୍ରେଡ୍ ୟୁନିୟନରୁ ରାଜନୀତିକୁ ଆସିଥିବା ପ୍ରଫୁଲ୍ଲ ଯଥାକ୍ରମେ ୨୦୦୪, ୨୦୦୯ ଏବଂ ୨୦୧୪ରେ ଲଗାତର ଜିତି ଆସୁଛନ୍ତି। ମନ୍ତ୍ରିମଣ୍ଡଳର ପ୍ରଥମ ପର୍ଯ୍ୟାୟରେ ସେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ଶକ୍ତି ମନ୍ତ୍ରୀ ରହିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ କ୍ୟାବିନେଟ ପାହ୍ୟା ମିଳିଥିଲା। ଏବେ ଏଠାରୁ ଏକାଧିକ ବିଜେଡି ଆଶାୟୀ ରହିଥିଲେ ମଧ୍ୟ ମନ୍ତ୍ରୀ ପ୍ରଫୁଲ୍ଲଙ୍କୁ ଚେକ୍‌ମେଟ ଦେବା ସେମାନଙ୍କ ଲାଗି ସମ୍ଭବପର ହେବ ନାହିଁ ବୋଲି ଚର୍ଚ୍ଚା ହେଉଛି। ଦୀର୍ଘଦିନର ଶାସନ ମଧ୍ୟରେ କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ରହିଛି। ଖଣି ଓ ଇସ୍ପାତ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ ମଧ୍ୟ ଶିଳ୍ପର ବିକାଶ ହୋଇପାରିନାହିଁ। ମନ୍ତ୍ରୀପଦ ଅଳଙ୍କୃତ ହେବା ଦିନଠାରୁ ତାଙ୍କ ଚାରିପଟେ ଠିକାଦାର ଘେରି ରହୁଛନ୍ତି। ଏହା ତାଙ୍କ ଲୋକପ୍ରିୟତାକୁ ହ୍ରାସ କରୁଛି।

ବିଶେଷ କରି ଢେଙ୍କାନାଳ ସଦର ବ୍ଲକ ଅଧୀନ ପଞ୍ଚାୟତଗୁଡ଼ିକରେ ପ୍ରଫୁଲ୍ଲଙ୍କ ପତିଆରା କମିବାରେ ଲାଗିଛି। ଏ ସମ୍ପର୍କରେ ପ୍ରଫୁଲ୍ଲ କୁହନ୍ତି, କାମାକ୍ଷାନଗର ସହରକୁ ଆଧୁନିକୀକରଣ କରିବା, ରାସ୍ତାଘାଟ ନିର୍ମାଣ, ପାଇପ୍‌ଯୋଗେ ପାନୀୟ ଜଳ ଯୋଗାଣ ଭଳି ମୌଳିକ ସମସ୍ୟାର ସମାଧାନ ଲାଗି ସେ ଚେଷ୍ଟା କରୁଛନ୍ତି। ବିଜେଡି ସଭାପତି ତାଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିବେ ବୋଲି ସେ ଦୃଢ଼ୋକ୍ତି ବାଢ଼ିଛନ୍ତି। ସେପଟେ ଏମ୍‌ପି ତଥାଗତ ସତପଥୀଙ୍କ ରାଜନୀତିରୁ ଦୂରେଇବା ପରେ ପ୍ରଫୁଲ୍ଲ ଢେଙ୍କାନାଳ ଲୋକସଭା ଆସନ ଉପରେ ନଜର ପକାଇଥିବା ତାଙ୍କ ନିକଟତମ ମହଲରୁ ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ସେ କୁହନ୍ତି, ଜଣେ ଶୃଙ୍ଖଳିତ କର୍ମୀଭାବେ ଦଳ ଯେଉଁ ଦାୟିତ୍ୱ ଦେବ ସେ ତାହା ପାଳନ କରିବେ। ଦଳୀୟ ସଭାପତି ଯେଉଁଠାରୁ ଲଢ଼ିବାକୁ କହିବେ ସେ ସେଠାରୁ ପ୍ରାର୍ଥୀ ହେବେ। ଯଦି ଏପରି ହୁଏ ତେବେ କାମାକ୍ଷାନଗର ଓକିଲ ସଂଘର ସଭାପତି ରଞ୍ଜନ କୁମାର ରାଉତ ବିଜେଡି ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି। ଏ ସମ୍ପର୍କରେ ରଞ୍ଜନ କୁହନ୍ତି, ସେ ଟିକେଟ ପାଇଁ ଆଶାବାଦୀ ଅଛନ୍ତି। ଟିକେଟ ନ ମିଳିଲେ ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ସେହିପରି ବିଜେଡିର ଅନ୍ୟତମ ଆଶାୟୀ ହେଉଛନ୍ତି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ। ସେ ମଧ୍ୟ ଟିକେଟ ଦୌଡ଼ରେ ସାମିଲ ହୋଇଛନ୍ତି। ବିଜେଡି ଯଦି ମହିଳା କାର୍ଡ ଖେଳେ ତେବେ ଏ ଦିଗରେ ବିଧାୟକଙ୍କ ପୁତ୍ରବଧୂ ତଥା କାମାକ୍ଷାନଗର କଲେଜ ଅଧ୍ୟାପିକା ଲିପ୍‌ସା ପ୍ରଧାନଙ୍କ ନାମ ଆଗରେ ରହିଛି। ନିଜର ଗଡ଼ ରକ୍ଷା କରିବାକୁ ମନ୍ତ୍ରୀ ପୁତ୍ରବଧୂ ଲିପ୍‌ସାଙ୍କୁ ରାଜନୀତିକୁ ଆଣିପାରନ୍ତି ବୋଲି ଆଲୋଚନା ହେଉଛି। ସେହିପରି ପ୍ରଫୁଲ୍ଲଙ୍କ ଅନୁଗତ କୁହାଯାଉଥିବା ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୌଭାଗିନୀ ରାଉଳ ଏବଂ ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଗରିକା ମିଶ୍ର ମଧ୍ୟ ପ୍ରାର୍ଥୀ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

୨୦୧୪ରେ ପରାଜିତ ହୋଇଥିବା ପ୍ରାର୍ଥୀ ଭବାନୀ ଶଙ୍କର ମହାପାତ୍ର, ଶିକ୍ଷକ ନେତା ବିପ୍ରବର ସାହୁ, ପ୍ରଭୁଦତ୍ତ ଭଞ୍ଜ କଂଗ୍ରେସ ଆଶାୟୀ ଦୌଡ଼ରେ ଅଛନ୍ତି। ଏ ନେଇ ଭବାନୀଶଙ୍କର କୁହନ୍ତି, ତାଙ୍କ ବାପା କୈଳାସ ଚନ୍ଦ୍ର ମହାପାତ୍ର ଏବଂ ମା' ପ୍ରେମଲତା ମହାପାତ୍ର ଉଭୟେ ବିଧାୟକ ଥିଲେ। ନିର୍ବାଚନମଣ୍ଡଳୀରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଗତ ନିର୍ବାଚନରେ ୪୭ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସମଗ୍ର ନିର୍ବାଚନମଣ୍ଡଳୀରେ ଲାଗିରହିଥିବା ସମସ୍ୟା ଜନଅସନ୍ତୋଷର କାରଣ ହୋଇଛି। ଟିକେଟ ମିଳିଲେ ନିଶ୍ଚିତ ସଫଳ ହେବେ। ସେହିପରି ବିପ୍ରବର କୁହନ୍ତି, ଦୀର୍ଘଦିନରୁ ସେ ଶିକ୍ଷକ, ଚାଷୀଙ୍କ ସମସ୍ୟା ବିରୋଧରେ ସ୍ୱର ଉଠାଉଛନ୍ତି। ଅନେକ ସଙ୍ଗଠନ ସହିତ ଜଡ଼ିତ ରହି ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିପାରିଛନ୍ତି। ଦଳ ଆସ୍ଥା ପ୍ରକଟ କଲେ ସେ ବିଜୟୀ ହେବେ।

ସେହିପରି ଭାଜପାର ୩ଥର ବିଧାୟକ ରହି ଆସିଥିବା ପ୍ରସନ୍ନ ପଟ୍ଟନାୟକ କୁହନ୍ତି, ଗତ ନିର୍ବାଚନରେ ୨୫,୯୨୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେବା ନିଶ୍ଚିତ। ଦଳ ଯଦି ପୁଣିଥରେ ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ କରେ ତେବେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଅପାରଗତାକୁ ପାଥେୟ କରି ବିଜୟୀ ହେବେ। ଭୁବନ ବ୍ଲକ୍‌ରୁ ୩ ଥର ଅଧ୍ୟକ୍ଷ ଥିବା ଶତ୍ରୁଘ୍ନ ଜେନା ୨୦୦୪ରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିଲେ। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ବର୍ଷେ ହେଲା ସେ ଭାଜପାରେ ଯୋଗଦେଇଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେବାକୁ ଦୃଢ଼ମନା ଅଛନ୍ତି। ସେ କୁହନ୍ତି, ବିଜେଡି ଶାସନରେ ଲୋକେ ଅସ୍ତବ୍ୟସ୍ତ ହୋଇଗଲେଣି। ହାତଗୁଞ୍ଜା ନ ଦେଲେ କାମ ହେଉନାହିଁ। ବିଭିନ୍ନ କ୍ଷେତ୍ରରେ ନିର୍ବାଚନମଣ୍ଡଳୀ ପଛୁଆ ଅଛି। ଏସବୁ ତାଙ୍କ ବିଜୟ ପାଇଁ ବାଟ ଖୋଲିବ। ଭାଜପା ଆଶାୟୀଙ୍କ ମଧ୍ୟରେ ଆଉଜଣେ ହେଲେ ଇଂ. ଦେବାଶିଷ ହୋତା। ଗତ ନିର୍ବାଚନରେ ତାଙ୍କୁ ଦଳୀୟ ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢ଼ିଥିଲେ। ଦଳ ବିରୋଧୀ କାର୍ଯ୍ୟଲାଗି ତାଙ୍କୁ ବହିଷ୍କୃତ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ବହିଷ୍କାର ପ୍ରତ୍ୟାହୃତ ହୋଇଥିଲା। ଏବେ ସେ ଜିଲା ଭାଜପା କିଷାନ ମୋର୍ଚ୍ଚା ପ୍ରଭାରୀ ଦାୟିତ୍ୱ ସମ୍ଭାଳୁଛନ୍ତି। ଚାଷୀ, ବିସ୍ଥାପିତ ସମସ୍ୟା, ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହାକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ବାନ୍ଧିଛନ୍ତି। ସେ କୁହନ୍ତି, ଦଳ ଉପରେ ତାଙ୍କର ଭରସା ରହିଛି। ସେ ନିଶ୍ଚୟ ଟିକେଟ ପାଇବେ ଓ ବିଜୟ ଲାଭ କରିବେ। ୨ଥର ସ୍ୱାଧୀନ ଭାବେ ବିଧାୟକ ପଦବୀରେ ଲଢ଼ିଥିବା ଦେବଦତ୍ତ ପଟ୍ଟନାୟକ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ରତ୍ନପ୍ରଭା ପଣ୍ଡା ମଧ୍ୟ ଟିକେଟ ଲବିରେ ଅଛନ୍ତି।

ସବୁଦଳର ନେତା ଟିକେଟ ଲାଗି ଅଣ୍ଟା ଭିଡ଼ିଥିବାବେଳେ କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧିକାଂଶ ସମୟରେ ଆଶାୟୀ ଦୌଡ଼ରେ ନ ଥିବା ପ୍ରାର୍ଥୀଙ୍କୁ ଦେଖିଆସିଛି। ତେଣୁ ଏଠାରୁ ବିଜେଡି, ଭାଜପାରୁ ନୂତନ ମୁହଁକୁ ଏଡ଼ାଇ ଦିଆଯାଇ ନ ପାରେ।

## ନିର୍ବାଚନମଣ୍ଡଳୀ ରୂପରେଖ

୨୦୦୯ ସୀମା ପୁନଃନିର୍ଦ୍ଧାରଣ ପରେ କାମାକ୍ଷାନଗରକୁ ମିଳିଥିଲା ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ମାନ୍ୟତା। କାମାକ୍ଷାନଗର ଏନ୍‌ଏସି, ବ୍ଲକର ୧୬ ପଞ୍ଚାୟତ, ଭୁବନ ଏନ୍‌ଏସି, ବ୍ଲକର ୧୮ ପଞ୍ଚାୟତ ଏବଂ ଢେଙ୍କାନାଳ ବ୍ଲକର ୯ ପଞ୍ଚାୟତକୁ ନେଇ ଏହା ଗଠିତ। ଏହା ସାଧାରଣ ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ରହିଛି।


ପ୍ରଫୁଲ୍ଲ କୁମାର ମଲ୍ଲିକ


ରଞ୍ଜନ ରାଉତ


ବିପ୍ରବର ସାହୁ


ଭବାନୀ ଶଙ୍କର ମହାପାତ୍ର


ପ୍ରସନ୍ନ ପଟ୍ଟନାୟକ


ଶତ୍ରୁଘ୍ନ ଜେନା

# କେବଳ ଥରେ ଜିତିଛି ବିଜେଡି



**ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ**

**ମୋଟ ଭୋଟର ସଂଖ୍ୟା**
୧,୯୩,୧୮୦

**ପୁରୁଷ ଭୋଟର**
୯୩,୮୫୨

**ମହିଳା ଭୋଟର**
୯୯,୨୮୯

**ଅନ୍ୟାନ୍ୟ**
୩୯

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| କଂଗ୍ରେସ | ଜାକବ ପ୍ରଧାନ | ୪୮,୯୫୮ |
| ବିଜେଡି | ପ୍ରଦୀପ ପ୍ରଧାନ | ୩୮,୬୬୯ |
| ଭାଜପା | ମାନଗୋବିନ୍ଦ ପ୍ରଧାନ | ୨୭,୨୯୫ |


ଜାକବ ପ୍ରଧାନ


ପ୍ରଦୀପ ପ୍ରଧାନ


ମାନଗୋବିନ୍ଦ ପ୍ରଧାନ

ଶିଶିର ପଟ୍ଟନାୟକ
ଜି.ଉଦୟଗିରି, ୧୨।୩(ଡି.ଏନ.ଏ.)

୨୦୧୯ ନିର୍ବାଚନକୁ ନେଇ ବିଭିନ୍ନ ରାଜନୈତିକ ଦଳ ତରଫରୁ ଅଙ୍କକଷା ଆରମ୍ଭ ହୋଇଛି। ଏ ନେଇ କନ୍ଧମାଳ ରାଜନୀତି ଚଳଚଞ୍ଚଳ ହୋଇ ପଡ଼ିଛି। ଜିଲାର ତିନିଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଜି.ଉଦୟଗିରି ଅନ୍ୟତମ। ଏହା ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଜି.ଉଦୟଗିରି, ଦାରିଙ୍ଗବାଡ଼ି, ରାଇକିଆ, ଟିକାବାଲି ବ୍ଲକ ଓ ଜି.ଉଦୟଗିରି ଏନ୍‌ଏସିକୁ ନେଇ ଗଠିତ।

ଏହି ନିର୍ବାଚନମଣ୍ଡଳୀରେ ଗତ ୧୫ ଥର ହୋଇଥିବା ସାଧାରଣ ନିର୍ବାଚନ ମଧ୍ୟରୁ କଂଗ୍ରେସ ସର୍ବାଧିକ ୮ ଥର ଜିତିଛି। କଂଗ୍ରେସ ଗଡ଼ କୁହାଯାଉଥିବା ଏହି ନିର୍ବାଚନମଣ୍ଡଳୀରେ ୧୯୮୦ରୁ ୧୯୯୫ ପର୍ଯ୍ୟନ୍ତ ନାଗାର୍ଜୁନ ପ୍ରଧାନ ୪ ଥର ବିଧାୟକ ହେବା ସହ ଏକାଧିକ ଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ଅନ୍ୟପକ୍ଷରେ ଶାସକ ବିଜେଡି ପାଇଁ ଏହି ଆସନ ହାତେଇବା କାଠିକର ପାଠ ହୋଇପଡ଼ିଛି। ଭାଜପା ସହ ମେଣ୍ଟ ଥିବା ସମୟରେ ୨୦୦୦ରେ ଗୋଟିଏ ଥର ପାଇଁ ବିଜେଡିର ସାଲୁଗା ପ୍ରଧାନ ବିଜୟୀ ହୋଇଥିଲେ। ଏହାପରଠାରୁ ୨୦୦୪ରେ କଂଗ୍ରେସର ଅଜୟନ୍ତୀ ପ୍ରଧାନ, ୨୦୦୯ରେ ଭାଜପାରୁ ମନୋଜ ପ୍ରଧାନ ବିଜୟୀ ହୋଇଥିଲେ। ୨୦୧୪ କଂଗ୍ରେସର ଜାକବ ପ୍ରଧାନ ବିଜୟୀ ହୋଇଥିଲେ। ଜାକବ ୪୮ ହଜାର ୯୫୮ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରଦୀପ ପ୍ରଧାନ ୩୮ ହଜାର ୬୬୯ ଏବଂ ଭାଜପା ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ ୨୭ ହଜାର ୨୯୫ ଭୋଟ ପାଇଥିଲେ।

ଆଗାମୀ ନିର୍ବାଚନରେ କଂଗ୍ରେସର ଗଡ଼ ଭେଦ କରିବାକୁ ଉଭୟ ବିଜେଡି ଏବଂ ଭାଜପା ଉଦ୍ୟମ ଆରମ୍ଭ କରିଛନ୍ତି। ସର୍ବାଧିକ ଭୋଟର ଦାରିଙ୍ଗବାଡ଼ି ବ୍ଲକରୁ ଥିବାରୁ ଉଭୟ ଦଳ ଏହାକୁ ଫୋକସ କରିଛି। କଂଗ୍ରେସ ପକ୍ଷରୁ ବିଧାୟକ ଜାକବ ପ୍ରଧାନ ଏବଂ ଯୁବ ନେତା ପ୍ରତାପ ପ୍ରଧାନ ଟିକେଟ୍ ଦୌଡ଼ରେ ରହିଥିବା ବେଳେ ବିଜେଡି ପକ୍ଷରୁ ଜିଲା ଯୁବ ବିଜେଡ଼ି ସଭାପତି ପ୍ରଦୀପ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ଜଲିନା ପ୍ରିୟଦର୍ଶିନୀ, ସ୍ୱତନ୍ତ୍ର ବିକାଶ ପରିଷଦ ସଦସ୍ୟା ତଥା ରାଇକିଆର ପୂର୍ବତନ ସରପଞ୍ଚ ଗୀତାଞ୍ଜଳି ନାୟକ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ରାଇକିଆ ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ, ପ୍ରଶାସିକା ନିରୁପମା ମଲିକ ଓ ସାମାଜିକ କର୍ମୀ ପାଉଲ ପ୍ରଧାନ ଆଶାୟୀ ରହିଛନ୍ତି।

ଭାଜପାରୁ ଗତଥର ପ୍ରାର୍ଥୀ ତଥା ଜିଲା ଉପସଭାପତି ମାନଗୋବିନ୍ଦ ପ୍ରଧାନ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବସନ୍ତ ପ୍ରଧାନ, ରାଇକିଆ ମଣ୍ଡଳ ସଭାପତି ଶରତ ପ୍ରଧାନ, କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଯାଜୁ ପ୍ରଧାନ, ଜିଲା ମହିଳା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ ଓ ସଂଘମିତ୍ରା ପ୍ରଧାନ ପ୍ରମୁଖ ଟିକେଟ୍ ଦୌଡ଼ରେ ଅଛନ୍ତି। ଆଶାୟୀ ପ୍ରାର୍ଥୀଙ୍କ ଲମ୍ବା ତାଲିକା ଏବେ ଭାଜପା ଏବଂ ବିଜେଡ଼ି ପାଇଁ ଚିନ୍ତାର ବିଷୟ ହୋଇଛି। ଗତ ୫ ବର୍ଷ ମଧ୍ୟରେ ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ବିକାଶ ହୋଇପାରି ନାହିଁ। ଜି.ଉଦୟଗିରି ସବ୍ ଡିଭିଜନ ଘୋଷଣା ହୋଇ ନ ପାରିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ବିଶେଷଜ୍ଞ ପଦବୀ ଅଭାବ, ଜି.ଉଦୟଗିରିରେ ବସ୍‌ଷ୍ଟାଣ୍ଡ ହୋଇ ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଉଥିବା ଆଇନଜୀବୀ ଫ୍ରାଙ୍କଲିନ ନାୟକ କହିଛନ୍ତି।

ବିଜେଡି ଆଶାୟୀ ପ୍ରାର୍ଥୀ ପ୍ରଦୀପ ପ୍ରଧାନ କହିଛନ୍ତି, ଗତ ୫ ବର୍ଷ ବିଧାୟକଙ୍କ ଦୁର୍ନୀତିର ବର୍ଷ ଥିଲା। ଏହି ସମୟରେ ଏହି ନିର୍ବାଚନ ମଣ୍ଡଳୀର ମୌଳିକ ସମସ୍ୟା ବିଧାନସଭାରେ ଉଠି ପାରିନାହିଁ। ତେଣୁ ବିଜେଡି ପ୍ରାର୍ଥୀ ଚଳିତ ଥର ବିଜୟୀ ହୋଇପାରନ୍ତି ବୋଲି ଆଶା କରାଯାଉଛି। ଭାଜପା ନେତା ମାନଗୋବିନ୍ଦ ପ୍ରଧାନ ଉଭୟ କଂଗ୍ରେସ ଓ ବିଜେଡିକୁ ସମାଲୋଚନା କରିବା ସହ ଶିକ୍ଷକ, ଅଧ୍ୟାପକ ଅଭାବ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିବା, ରାସ୍ତାଘାଟ ଓ ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ପାରୁ ନ ଥିବା ଯୋଗୁ ଭୋଟର ଭାଜପା ମୁହାଁ ହେଉଥିବା ସେ କହିଛନ୍ତି।

ବିଧାୟକ ଜାକବ ପ୍ରଧାନ କହିଛନ୍ତି, ତାଙ୍କ ସମୟରେ କୌଣସି ବିକାଶ ହୋଇ ନ ଥିବା ଅଭିଯୋଗ ଭିତ୍ତିହୀନ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏହି ନିର୍ବାଚନ ମଣ୍ଡଳୀ ପ୍ରତି ବୈମାତୃକ ମନୋଭାବ ଯୋଗୁ ବିକାଶ ହୋଇପାରିନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ, ଚାଷୀଙ୍କ ପାଇଁ ଜଳ ସେଚନ ସବୁଥିରେ ଅବହେଳା ଦେଖିବାକୁ ମିଳୁଛି। କିନ୍ତୁ ସେ ନିଜେ ଯେଉଁ ଜନହିତକର କାମ କରିଛନ୍ତି ସେଥିଯୋଗୁ ଭୋଟର ତାଙ୍କୁ ପୁଣିଥରେ ସୁଯୋଗ ଦେବେ ବୋଲି କହିଛନ୍ତି।

# ସ୍ଥାନୀୟ ଆଶାୟୀଙ୍କୁ ସୁଯୋଗ ଦେବାକୁ ଚାପ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ହେମେନ୍ଦ୍ର ସିଂ | ବିଜେଡି | ୪, ୨୧, ୪୫୮ |
| ହରିହର କରଣ | କଂଗ୍ରେସ | ୨, ୪୦, ୪୪୧ |
| ସୁକାନ୍ତ ପାଣିଗ୍ରାହୀ | ଭାଜପା | ୧,୦୮, ୭୪୪ |

| ୨୦୧୪ ଉପନିର୍ବାଚନ ଫଳାଫଳ | | |
|---|---|---|
| ପ୍ରତ୍ୟୁଷା ରାଜେଶ୍ୱରୀ ସିଂ | ବିଜେଡି | ୪, ୭୭, ୫୨୯ |
| ରୁଦ୍ରମାଧବ ରାୟ | ଭାଜପା | ୧,୭୮, ୬୬୧ |
| ଅଭିମନ୍ୟୁ ବେହେରା | କଂଗ୍ରେସ | ୯୦, ୫୩୬ |

**ମୋଟ ଭୋଟର ସଂଖ୍ୟା**
୧୨, ୫୯, ୦୮୮

**ପୁରୁଷ ଭୋଟର**
୬,୩୫, ୩୮୩

**ମହିଳା ଭୋଟର**
୬,୨୩, ୬୧୯

**ଅନ୍ୟାନ୍ୟ**
୮୬

ରାକେଶ କୁମାର ରାଉତ
ଫୁଲବାଣୀ ଅଫିସ, ୧୨।୩

କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପାରେ ପ୍ରାର୍ଥିତ୍ୱକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ନାମ ଅନୁସାରେ ନିର୍ବାଚନମଣ୍ଡଳୀ କନ୍ଧମାଳ ହୋଇଥିବାରୁ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଇବା ନେଇ ୩ ପ୍ରମୁଖ ଦଳର କର୍ମକର୍ତ୍ତାମାନେ ହାଇକମାଣ୍ଡମାନଙ୍କୁ ଜଣାଇ ଦେଲେଣି। ଜିଲା ବାହାରୁ କାହାକୁ ପ୍ରାର୍ଥୀ କରାଗଲେ ବିରୋଧ ହେବ ବୋଲି ସବୁ ଦଳର ସଭା ସମିତିରେ କୁହାଯାଉଛି। ଏଭଳି ଚାପରେ ରହିଥିବା ୩ ପ୍ରମୁଖ ଦଳ ଏବେ କାହାକୁ ପ୍ରାର୍ଥୀ କରିବ ସେନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଅନ୍ୟପକ୍ଷରେ ସବୁ ଦଳରେ ଅଧିକ ଆଶାୟୀ ରହିଥିଲେ ମଧ୍ୟ କେତେଜଣ ପ୍ରାର୍ଥୀ ପ୍ରମୁଖ ଦାବିଦାର ଅଛନ୍ତି।

୨୦୦୪ରୁ ବିଜେଡି ଏହି ଆସନକୁ ନିଜ ଅକ୍ତିଆରରେ ରଖିଛି। ୨୦୦୪ରେ ସୁଗ୍ରୀବ ସିଂ, ୨୦୦୯ରେ ରୁଦ୍ରମାଧବ ରାୟ, ୨୦୧୪ରେ ହେମେନ୍ଦ୍ର ସିଂ ଏବଂ ତାଙ୍କ ମୃତ୍ୟୁପରେ ସ୍ତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଉପନିର୍ବାଚନରେ ବହୁ ଭୋଟ ବ୍ୟବଧାନରେ ଜିତିଛନ୍ତି। ଏଥର କିନ୍ତୁ ସ୍ଥିତି ଅଲଗା। ସ୍ଥାନୀୟ ବିଜେଡି ପକ୍ଷରୁ ପ୍ରତ୍ୟୁଷାଙ୍କୁ ବିରୋଧ କରାଯାଉଛି। ସେହିପରି କଂଗ୍ରେସ ପକ୍ଷରୁ ନୟାଗଡ ଜିଲା ଦଶପଲ୍ଲାର ହରିହର କରଣ ୨୦୧୪ ନିର୍ବାଚନରେ ପ୍ରାର୍ଥୀ ହୋଇ ହାରିଥିଲେ ବି ଦ୍ୱିତୀୟ ସ୍ଥାନରେ ଥିଲେ। ଏବେ ସେ ପରଲୋକରେ। ଉପ ନିର୍ବାଚନରେ କନ୍ଧମାଳ ଜିଲାର ଅଭିମନ୍ୟୁ ବେହେରା କଂଗ୍ରେସର ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୨୦୧୪ରେ ଦଶପଲ୍ଲାର ସୁକାନ୍ତ ପାଣିଗ୍ରାହୀ ଭାଜପା ପ୍ରାର୍ଥୀ ହୋଇ ତୃତୀୟ ସ୍ଥାନରେ ରହିଥିଲେ। ହେଲେ ଉପନିର୍ବାଚନରେ ବିଜେଡି ଛାଡି ଭାଜପାରେ ମିଶିଥିବା ରୁଦ୍ରମାଧବ ରାୟ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ବର୍ତ୍ତମାନ ଜିଲାର ପ୍ରମୁଖ ଦଳ କର୍ମକର୍ତ୍ତାମାନେ ଏମ୍‌ପି ପ୍ରାର୍ଥୀଭାବେ ଲଢ଼ିବା ପାଇଁ ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି।

ପୂର୍ବରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀ କନ୍ଧମାଳ ଜିଲାର ଫୁଲବାଣୀ, ଜି.ଉଦୟଗିରି, ବାଲିଗୁଡା, ଗଞ୍ଜାମ ଜିଲାର ଭଞ୍ଜନଗର, ବୌଦ୍ଧ ଜିଲାର ବୌଦ୍ଧ, ସୋନପୁର ଜିଲାର ସୋନପୁର ଏବଂ ବିନିକା ବିଧାନସଭା ମଣ୍ଡଳୀକୁ ନେଇ ଗଠନ ହୋଇଥିଲା।




୨୦୦୯ ସୀମା ନିର୍ଦ୍ଧାରଣ ପରେ ଫୁଲବାଣୀ, ଜି. ଉଦୟଗିରି, ବାଲିଗୁଡା, ଭଞ୍ଜନଗର, ନୟାଗଡ ଜିଲାର ଦଶପଲ୍ଲା, ବୌଦ୍ଧ ଜିଲାର ବୌଦ୍ଧ ଏବଂ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠନ ହୋଇଛି। ପୂର୍ବରୁ ଏହି ଆସନ ଏସ୍‌ସି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ୨୦୦୯ଠାରୁ ଏହା ଅଣସଂରକ୍ଷିତ ରହିଛି।

ବର୍ତ୍ତମାନ ବିଜେଡିରେ ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ଏମପି ତଥା ବର୍ତ୍ତମାନର ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ, ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ଦଳର ଜଣେ ସଭ୍ୟ ବରେନ୍ଦ୍ର କୁମାର ଓ ସରକାରୀ ଚାକିରି ଛାଡିଥିବା କେତେଜଣ ବ୍ୟକ୍ତି ଆଶାୟୀ ଅଛନ୍ତି। କଂଗ୍ରେସରୁ ଏଥର ପ୍ରମୁଖ ଦାବିଦାରଙ୍କ ମଧ୍ୟରେ ଲୋକ ସଭା ଇସ୍ତାହାର କମିଟି ସଂଯୋଜକ ଚନ୍ଦ୍ରଶେଖର ପରିଡା, ପୂର୍ବତନ ଏମ୍‌ପି ନକୁଳ ନାୟକ ଓ ମୃତ୍ୟୁଞ୍ଜୟ ନାୟକ ଅଛନ୍ତି। ସେହିପରି ଭାଜପାର ତାଲିକା ଲମ୍ବା। ଅଶୋକ ସାହୁ, ସୁକାନ୍ତ ପାଣିଗ୍ରାହୀ, କମଳାକାନ୍ତ ପାଣ୍ଡେ, ନେତ୍ର ମାନସେଠ୍, ତପନ ପାତ୍ର, ଜଗନ୍ନାଥ ସାହୁ, ଡା. ରବିନାରାୟଣ ନନ୍ଦ ଭାଜପା ପ୍ରାର୍ଥୀ ଦୌଡ଼ରେ ଅଛନ୍ତି।

କଂଗ୍ରେସ ନେତା ଚନ୍ଦ୍ରଶେଖର ପରିଡ଼ା କୁହନ୍ତି, ୧୯୮୬ରୁ କଂଗ୍ରେସରେ ରହି ସେ ଦଳର ବିଭିନ୍ନ ଦାୟିତ୍ୱ ତୁଲାଇ ଆସିଛନ୍ତି। ବର୍ତ୍ତମାନ ଦଳର ସ୍ଥିତି ଭଲ ଅଛି। ୨୦୧୪ ସାଧାରଣ ନିର୍ବାଚନରେ ଦଳ ଦ୍ୱିତୀୟ ସ୍ଥାନରେ ଥିଲା। ମାତ୍ର ଉପନିର୍ବାଚନରେ ପରିଚାଳନାରେ ତ୍ରୁଟିଯୋଗୁ ହାରିଲା। ଏଥର ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ସେ ଆଶା ରଖିଥିବା କହିଛନ୍ତି।

ଭାଜପା ନେତା କମଳାକାନ୍ତ ପାଣ୍ଡେ କହିଛନ୍ତି, ସେ ୧୯୭୨ରେ କଂଗ୍ରେସରେ ଥିଲେ। ଫୁଲବାଣୀ ଏନଏସି ଚେୟାରମ୍ୟାନ ହୋଇଥିଲେ। ପରେ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରେ ମିଶିଥିଲେ। ୨୦୧୪ ଲୋକ ସଭା ଉପନିର୍ବାଚନ ସମୟରେ ସେ ଭାଜପାରେ ସାମିଲ ହୋଇଛନ୍ତି। ୪ ବର୍ଷ ହେଲା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏଥର ନିର୍ବାଚନରେ ସେ ଆଶାୟୀ ଅଛନ୍ତି। ଦଳ ଟିକେଟ ଦେଲେ ନିଶ୍ଚିତ ଜିତିବି। ନଚେତ ଶୃଙ୍ଖଳିତ କର୍ମୀ ହିସାବରେ ସମସ୍ତ ସହଯୋଗ କରିବେ ବୋଲି ପାଣ୍ଡେ କହିଛନ୍ତି।

ବିଜେଡି ନେତା ସରୋଜ କର୍ଣ୍ଣ କହିଛନ୍ତି, ସେ ୨୦ ବର୍ଷ ଧରି ବିଜେଡିରେ କାର୍ଯ୍ୟ କରି ଆସୁଛନ୍ତି। ଗତ ୬ବର୍ଷ ହେଲା ଜିଲା ସଭାପତି ଦାୟିତ୍ୱ ତୁଲାଉଛନ୍ତି। ୨୦୧୫ରୁ ରାଜ୍ୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ ଦଳ ତରଫରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ଦଳ ପ୍ରାର୍ଥୀ ନ କଲେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ। ସ୍ଥାନୀୟ ଅଞ୍ଚଳରୁ ପ୍ରାର୍ଥୀ କରିବା ଜିଲାର ଜନସାଧାରଣଙ୍କ ମତ ବୋଲି କର୍ଣ୍ଣ କହିଛନ୍ତି।


ପ୍ରତ୍ୟୁଷା ରାଜେଶ୍ୱରୀ ସିଂ


ଚନ୍ଦ୍ରଶେଖର ପରିଡା


କମଳାକାନ୍ତ ପାଣ୍ଡେ


ସରୋଜ କର୍ଣ୍ଣ

# ଭାଜପା କ୍ଷମତାକୁ ଆସିଲେ ବିକାଶର ଗତି ବଢ଼ିବ

ନୟାଗଡ଼ ଅଫିସ,୧୨।୩

ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀ ଡିମିଶର ଗ୍ରାମ ଖେଳପଡ଼ିଆଠାରେ ମଙ୍ଗଳବାର ଭାଜପାର ବିଜୟ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ୨ ମାସର ବ୍ୟବଧାନ ପରେ କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୟାଗଡ଼ ଜିଲା ଗସ୍ତ କରି ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଛନ୍ତି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଜିଲାବାସୀଙ୍କୁ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ରାଜ୍ୟରେ ଅଫିସରରାଜ୍ ଚାଲିଥିବାବେଳେ ତାହାକୁ ଶେଷ କରିବାକୁ ସେ କହିଥିଲେ। ରାଜ୍ୟ ସରକାରଙ୍କୁ ବଦଳାଇବା ସହ ପୁଣି ଥରେ ମୋଦି ସରକାରର ଆହ୍ୱାନ ଦେଇଥିଲେ। ଗରିବ କଲ୍ୟାଣକୁ ଭାଜପା ଜନଆନ୍ଦୋଳନରେ ପରିଣତ କରିଛି। ରାଜ୍ୟରେ ୨୦ ଲକ୍ଷ ଲୋକଙ୍କର ଘରଡିହ ନାହିଁ, ୩୦ ଲକ୍ଷ ପରିବାରଙ୍କ ଘର ଉପରେ ଛାତ ନାହିଁ, ତଥାପି ବିଜେଡି କହୁଛି ଉନ୍ନତି ହୋଇଛି। ପକ୍କାଘର ଯୋଜନାଠାରୁ ଆରମ୍ଭକରି ବିଭିନ୍ନ ଯୋଜନାରେ ପିସି କାରବାର ହେଉଛି, କାହାକୁ ଜଣାନାହିଁ କାଳିଆ ଯୋଜନାରେ କାହା ଆକାଉଣ୍ଟକୁ ଟଙ୍କା ଯାଉଛି। ଶିକ୍ଷକ ନିଯୁକ୍ତି କରିବାକୁ ଟଙ୍କା ନାହିଁ ଅଥଚ ବିଭିନ୍ନ ଯୋଜନା କରାଯାଉଛି। ସମୟ ଆସିଛି ଜଣେ ଭଲ ସେବକ (ହଳିଆ)ଙ୍କୁ ନିଜର ସେବା କରାଇବାର ଦାୟିତ୍ୱ ଦେବା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ଓଡ଼ିଶା ବିକାଶର ଗାଡ଼ିକୁ ଆଗକୁ ଗଡ଼ାଇବାକୁ ହେଲେ ଭାଜପାକୁ ସମର୍ଥନ କରିବାକୁ ସେ ଅନୁରୋଧ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗଦେଇ ରଣପୁର ନିର୍ବାଚନମଣ୍ଡଳୀରେ ହୋଇଥିବା ବିଭିନ୍ନ ଦୁର୍ନୀତି ବିଷୟରେ ବଖାଣିଥିଲେ। ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ପାଇଁ ଜଳସେଚନର ବ୍ୟବସ୍ଥା ନ ଥିବା, ସମସ୍ତ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଇ ନ ଥିବା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ସନ୍ତୋଷ କୁମାର ପ୍ରହରାଜ, ଭାଜପା ମୁଖପାତ୍ର ଗୋଲକ ମହାପାତ୍ର, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଜିଲା ପରିଷଦ ସଭ୍ୟ ସନ୍ନ୍ୟାସୀ ପ୍ରଧାନ, ସଭ୍ୟା ଭୁବନେଶ୍ୱରୀ ସାହୁ, ଲୁନାଡେକା ଛୋଟରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତେ ରାଜ୍ୟ ସରକାର ତଥା ବିଜେଡି ଉପରେ ପ୍ରବଳ ବର୍ଷିଥିଲେ। ୨୦ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କରିଥିଲେ ମଧ୍ୟ ରାଜ୍ୟରେ ଯେଉଁଭଳି ଭାବେ ବିକାଶ ହେବା କଥା ସେଭଳି ଆଖିଦୃଶିଆ ହୋଇ ନ ଥିବା ଅଭିଯୋଗ କରିଥିଲେ। ଜିଲା ପ୍ରଭାରୀ ଲୋଚନବିନ୍ଦୁ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ପରିଷଦ ସଭ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଜେଡିର ଉପେନ୍ଦ୍ର ବିଷୋୟୀ, ଅବନୀକାନ୍ତ ମାର୍ଥା, ସୂର୍ଯ୍ୟମଣି ମାର୍ଥା, ଅଗାଧୁ ସ୍ୱାଇଁ, ଯୁଧିଷ୍ଠିର ନାୟକ, ଚରଣ ମହାପାତ୍ର, କୈଳାସ ଚନ୍ଦ୍ର ସାହୁଙ୍କ ସମେତ ବହୁ ସଂଖ୍ୟାରେ ବ୍ୟକ୍ତି ଭାଜପାରେ ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ବରୁ ଜାନୁୟାରୀ ୬ ତାରିଖରେ ନୟାଗଡ଼ ଜିଲା ସଦର ବ୍ଲକ ଲାଠିପଡ଼ାଠାରେ 'ଜବାବ ମାଗୁଛି ନୟାଗଡ଼' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

- ଡିମିଶରରେ ଭାଜପାର ବିଜୟ ସଂକଳ୍ପ ସଭା
- ରାଜ୍ୟ ସରକାର ବଦଳିବା ଦରକାର
- ପୁଣି ଥରେ ମୋଦି ସରକାର

## ସଂକ୍ଷେପରେ

### ବିଏଆର୍‌ସି ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କଲେ ଅଜିତ୍ ମହାନ୍ତି

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ଓଡ଼ିଶା ଜନ୍ମିତ ଖ୍ୟାତନାମା ବୈଜ୍ଞାନିକ ଡ. ଅଜିତ୍ କୁମାର ମହାନ୍ତି ମଙ୍ଗଳବାର ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର(ବିଏଆର୍‌ସି)ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଣବିକ ଶକ୍ତି ମନ୍ତ୍ରଣାଳୟ ସଚିବ ତଥା ଆଟମିକ୍ ଏନର୍ଜି କମିଶନ୍ ଅଧ୍ୟକ୍ଷ କେ.ଏନ୍. ବ୍ୟାସଙ୍କଠାରୁ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୫୯ରେ ଓଡ଼ିଶାର ମୟୂରଭଞ୍ଜ ଜିଲା ଖିରିପଦାଠାରେ ଜନ୍ମଗ୍ରହଣ କରିଥିବା ଡ. ମହାନ୍ତି ଜଣେ ଜଣାଶୁଣା ନ୍ୟୁକ୍ଲିୟର ଫିଜିସିଷ୍ଟ। ୧୯୭୯ରେ ବାରିପଦାର ଏମ୍‌ପିସି କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ରେଭେନ୍‌ଶାରୁ ସ୍ନାତକୋତ୍ତର କରିଥିଲେ। ୧୯୮୩ରେ ବିଏଆର୍‌ସି ଟ୍ରେନିଂ ସ୍କୁଲର ୨୬ତମ ବ୍ୟାଚ୍‌ରେ ପ୍ରଶିକ୍ଷଣ ନେବା ପରେ ସେଠାରେ ସେ ନ୍ୟୁକ୍ଲିୟର ଫିଜିକ୍ସ ଡିଭିଜନରେ ବୈଜ୍ଞାନିକ ଭାବେ ଯୋଗଦେଇଥିଲେ। ଏହାସହ ବମ୍ବେ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଦୀର୍ଘ ୩୬ବର୍ଷର ବୈଜ୍ଞାନିକ ଜୀବନ ମଧ୍ୟରେ ଡ. ମହାନ୍ତି ନ୍ୟୁକ୍ଲିୟ୍ ବିଜ୍ଞାନର ବିଭିନ୍ନ ବିଭାଗରେ କାମ କରିଥିଲେ। ଏହାମଧ୍ୟରେ କୋଲାଇଜନ୍ ଏନର୍ଜି, ସବ୍-କଲମ୍ବ୍ ବ୍ୟାରିୟର୍, ରିଲେଟିଭିଷ୍ଟିକ୍ ରିଜାଇମ୍ ଭଳି କ୍ଷେତ୍ର ସାମିଲ ଥିଲା। କର୍ମକ୍ଷେତ୍ରରେ ଉତ୍କର୍ଷ ଲାଗି ୧୯୮୮ରେ ସେ ଇଣ୍ଡିଆନ୍ ଫିଜିକ୍ସ ସୋସାଇଟିରୁ 'ଯୁବ ବୈଜ୍ଞାନିକ ସମ୍ମାନ', ୧୯୯୧ରେ ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀରୁ 'ଯୁବ ପଦାର୍ଥ ବିଜ୍ଞାନୀ ସମ୍ମାନ' ଏବଂ ୨୦୦୧ରେ ଆଣବିକ ଶକ୍ତି ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା 'ହୋମି ଭାବା ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆୱାର୍ଡ' ପାଇଛନ୍ତି।

### ବାଣ ଭିଡୁଥିବାବେଳେ ବିସ୍ଫୋରଣ
#### ଜଳିଗଲା ଘର, ଜଣେ ଗୁରୁତର

**ବାଲକାଟୀ,୧୨।୩(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅନ୍ତର୍ଗତ ପୂରଣଶାସନ ମୌଜାରେ ମଙ୍ଗଳବାର ଏକ ବାଣ କାରଖାନାରେ ବାଣ ଭିଡୁଥିବା ସମୟରେ ଅସାବଧାନତାରୁ ବିସ୍ଫୋରଣ ଘଟି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଲକ୍ଷ୍ମଣ ବେହେରା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଲକ୍ଷ୍ମଣଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ କଟକ ବଡ ମେଡିକାଲୁ ସ୍ଥାନାନ୍ତରିତ କରାଯାଇଛି। ଖବର ମୁତାବକ, ସ୍ଥାନୀୟ ଅଞ୍ଚଳରେ ବାବୁଲି ବେହେରାଙ୍କ ଏକ ଲାଇସେନ୍ସ ପ୍ରାପ୍ତ ବାଣ କାରଖାନା ଦୀର୍ଘଦିନ ଧରି ଚାଲୁଥିଲା। ଏହି କାରଖାନାରେ ସକାଳେ ୯ଟାବେଳେ ଲକ୍ଷ୍ମୀଧର ଶ୍ରମିକ ଭାବେ ବାଣ ଭିଡୁଥିବା ବେଳେ ଆକସ୍ମିକ ବିସ୍ଫୋରଣ ଘଟିଥିଲା। ପ୍ରଚଣ୍ଡ ବିସ୍ଫୋରଣରେ ଆଖପାଖ ଲୋକେ ଆତଙ୍କିତ ହୋଇଯାଇଥିବା ବେଳେ ନିଆଁରେ ବାଣ ପ୍ରସ୍ତୁତ ହେଉଥିବା ଚାଳଘରଟି ଜଳିଯାଇଥିଲା। ଏହି ବିସ୍ଫୋରଣରେ ଲକ୍ଷ୍ମୀଧରଙ୍କ ୨ହାତ, ଗୋଡ଼, ବେକ, ମୁଣ୍ଡ ଓ ଶରୀରର ବିଭିନ୍ନ ଅଂଶ ପୋଡି କ୍ଷତାକ୍ତ ହୋଇଥିଲେ। ଖବରପାଇ ଅଗ୍ନିଶମ ଗାଡି ପହଞ୍ଚିବା ମଧ୍ୟରେ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୂଚନାଯୋଗ୍ୟ, ଫାଣ୍ଡିଠାରୁ କିଛି କିଲୋମିଟର ଦୂରରେ ପୂରଣଶାସନ ମୌଜାରେ ଏକାଧିକ ବାଣ କାରଖାନା ଚାଲୁଛି। ପୋଲିସ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି।

# ଦୁବାଇରେ ନିର୍ଯାତିତ ୪୨ ଓଡ଼ିଆ ଶ୍ରମିକ ଫେରିବେ
## ତତ୍ପରତା ପ୍ରକାଶ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଓ ବେଗୁନିଆ ବ୍ଲକର ୪୨ ଶ୍ରମିକ ଦୁବାଇରେ ଠିକାଦାରଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହା ପରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚଳିତ ମାସ ୧୧ ତାରିଖରେ କେନ୍ଦ୍ର ବୈଦେଶିକ ବ୍ୟାପାର ଯୁଗ୍ମସଚିବଙ୍କୁ ସେହି ୪୨ ଜଣଙ୍କୁ ଫେରାଇ ଆଣିବା ପାଇଁ ଅନୁରୋଧ କରାଯାଇଛି। ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ଗଣମାଧ୍ୟମକୁ ଅବଗତ କରାଯାଇଛି। ଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟକୁ ମଧ୍ୟ ଏହି ଘଟଣାରେ ବୈଦେଶିକ ମନ୍ତ୍ରଣାଳୟ ସହ ଯୋଗାଯୋଗ ରଖିବା ପାଇଁ କୁହାଯାଇଛି। ସେହିପରି ସେମାନଙ୍କ ଉଦ୍ଧାର ପରେ ଦିଲ୍ଲୀ ବିମାନଘାଟିରୁ ଆଣି ଓଡ଼ିଶା ସଦନରେ ରଖିବା ଏବଂ ସେମାନଙ୍କ ନିଜ ଗ୍ରାମକୁ ଫେରିବାର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟ ଶ୍ରମ ଓ ନିୟୋଜନ ବିଭାଗର ପ୍ରମୁଖ ସଚିବ ଓ ଶ୍ରମ କମିଶନରଙ୍କୁ ମଧ୍ୟ ଗଞ୍ଜାମ ଜିଲାପାଳଙ୍କ ସହ ଯୋଗସୂତ୍ର ରକ୍ଷାକରି ୪୨ ଶ୍ରମିକଙ୍କୁ ଓଡ଼ିଶାକୁ ଫେରାଇ ଆଣିବା ପାଇଁ ନିର୍ଦ୍ଦେଶ ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଉଦ୍ଧାରର ଶେଷ ପର୍ଯ୍ୟନ୍ତ କେନ୍ଦ୍ର ବୈଦେଶିକ ବ୍ୟାପାର ଓ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗରେ ରହିବା ପାଇଁ କୁହାଯାଇଛି।

# ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା ପ୍ରଦୀପ ଦିଶାରୀ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

## ବିଧାୟକ ପ୍ରାର୍ଥୀ ହେବା ସମ୍ଭାବନା

ନିର୍ବାଚନ ଆଚରଣବିଧି ଲାଗୁ ହୋଇସାରିଛି। ସାଧାରଣ ନିର୍ବାଚନ ଯେତିକି ପାଖଉଛି, ଦଳଡିଆଁ ସେହି ପରିମାଣରେ ବୃଦ୍ଧି ପାଉଛି। ପ୍ରଥମ ପର୍ଯ୍ୟାୟ ପାଇଁ ହେବାକୁ ଥିବା ଆସନକୁ ନେଇ ପ୍ରମୁଖ ଦଳଗୁଡ଼ିକ ମଧ୍ୟରେ ଛକାପଞ୍ଝା ଜାରି ରହିଛି। ସେହିକ୍ରମରେ କଳାହାଣ୍ଡି ଲୋକ ସଭା ଅନ୍ତର୍ଗତ ଲାଞ୍ଜିଗଡର କଂଗ୍ରେସ ନେତା ତଥା ଗତଥରର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ଦିଶାରୀ ମଙ୍ଗଳବାର ନିଜର ଶତାଧିକ ସମର୍ଥକଙ୍କ ସହ ନବୀନ ନିବାସରେ ମଙ୍ଗଳବାର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ବିଧାନସଭା ଆସନ ପାଇଁ ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ମଧ୍ୟ କୁହାଯାଇଛି। ସେଠାରୁ ବର୍ତ୍ତମାନ ବଳଭଦ୍ର ମାଝି ବିଧାୟକ ଅଛନ୍ତି, ତାଙ୍କୁ ପୁନର୍ବାର ଟିକେଟ୍ ମିଳିବା ନେଇ ସକାରାତ୍ମକ ସଙ୍କେତ ମଧ୍ୟ ଏ ଯାଏ ମିଳିନାହିଁ। ତେଣୁ ଲାଞ୍ଜିଗଡ଼ରୁ ପ୍ରଦୀପ ହିଁ ବିଜେଡି ପ୍ରାର୍ଥୀ ବୋଲି ଚର୍ଚ୍ଚା ଜୋର ଧରିଛି।

ପ୍ରଦୀପଙ୍କ ଯୋଗଦାନକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବା ଦିଶାରୀଙ୍କୁ ସ୍ୱାଗତ। ତାଙ୍କ ଯୋଗଦାନ କଳାହାଣ୍ଡି ଜିଲା ସହ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡିର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ। ସେହିପରି ପ୍ରଦୀପ କହିଛନ୍ତି ଯେ, ସ୍ୱାସ୍ଥ୍ୟ, ଗମନାଗମନ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ହେବା ସହ ଲୋକଙ୍କ ପାଖରେ ପହଞ୍ଚି ପାରିଛି। ଆଗାମୀ ଦିନରେ ଜିଲାରେ ବିଜେଡିକୁ କିପରି ମଜଭୁତ କରାଯାଇପାରିବ, ସେଥିଲାଗି ଦଳର ନିର୍ଦ୍ଦେଶମତେ କାମ କରିବି ବୋଲି ଦିଶାରୀ କହିଥିଲେ। ଏହି ମିଶ୍ରଣ ପର୍ବରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ବଳଭଦ୍ର ମାଝି, ଅନାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଦୀପ କୁମାର ଦିଶାରୀ ଶତାଧିକ ସମର୍ଥକଙ୍କ ସହ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

# ଲାଞ୍ଚ: ଭିଜିଲାନ୍ସ ହାତରେ ଧରାପଡ଼ିଲେ ଆର୍‌ଆଇ

କଟକ ଅଫିସ,୧୨।୩

୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମାହାଙ୍ଗା ତହସିଲ ଅଧୀନସ୍ଥ ଗୌଡ଼ପଡ଼ା ଆର୍‌ଆଇ ସର୍କଲର ରାଜସ୍ୱ ନିରୀକ୍ଷକ ମହେନ୍ଦ୍ର କୁମାର ବେହେରା। ଆର୍‌ଆଇ ବେହେରା ମଙ୍ଗଳବାର ଏହି ଲାଞ୍ଚ ରାଣୀଗୁଡ଼ା ଗ୍ରାମର ବାସୁଦେବ ରାଉତଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ବାସୁଦେବଙ୍କ ୩ଟି ମ୍ୟୁଟେଶନ କେଶ୍ ବାବଦୀୟ ତଦନ୍ତ ରିପୋର୍ଟ ତହସିଲଦାରଙ୍କ ନିକଟରେ ଦାଖଲ କରିବା ପାଇଁ ଆର୍‌ଆଇ ବେହେରା ତାଙ୍କଠାରୁ ଏହି ଲାଞ୍ଚ ଦାବି କରିଥିଲେ। ମଙ୍ଗଳବାର ଆର୍‌ଆଇ ଅଫିସରେ ବସି ବାସୁଦେବଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ସେଲ୍‌ର ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ । ଏଥିସହ ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିଥିଲେ। ଏହା ପରେ ତାଙ୍କର ଟାଙ୍ଗୀ ଥାନା ଅଧୀନସ୍ଥ ଭଗତପୁର ଗ୍ରାମରେ ଥିବା ଘରକୁ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୪/୧୯) ରୁଜୁ କରାଯାଇ ଆର୍‌ଆଇଙ୍କୁ ଗିରଫ କରାଯାଇଛି।

# ୩ ପର୍ଯ୍ୟାୟ ନିର୍ବାଚନ ପାଇଁ କଂଗ୍ରେସର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ସବୁ ଦଳ ଭଳି କଂଗ୍ରେସରେ ମଧ୍ୟ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜୋର୍‌ଦାର ଚାଲିଛି। ବରିଷ୍ଠ କଂଗ୍ରେସ ନେତା କେଭିପି ରାମଚନ୍ଦ୍ର ରାଓଙ୍କ ଦିଲ୍ଲୀସ୍ଥିତ ବାସଭବନରେ ଦୁଇଦିନ ଏଆଇସିସି ସ୍କ୍ରିନିଂ କମିଟି ବସି ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିଛି। ମାତ୍ର ଦୁଇଦିନ ମଧ୍ୟରେ ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଆସନ ପାଇଁ ଦଳ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରିପାରି ନାହିଁ। ବହୁ ଆସନ ପାଇଁ ଏକାଧିକ ଆଶାୟୀ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ଆଉ ଥରେ ବୈଠକ ବସି ସବୁ ଆସନ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ ବୋଲି ଜଣାପଡିଛି।

ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି ସାଥିସାନ ଏବଂ ଦୁଇ ସଦସ୍ୟ ଜିତିନ ପ୍ରସାଦ ଏବଂ ନୌସାଦ ସୋଲାଙ୍କିଙ୍କ ସହ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଭାରୀ ଜିତେନ୍ଦ୍ର ସିଂ ଓ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ପ୍ରଦୀପ ମାଝି ଏକାଠି ବସି ରାଜ୍ୟର ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବା ଦାୟିତ୍ୱ ତୁଲାଇଛନ୍ତି। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ପ୍ରଥମ ୩ଟି ପର୍ଯ୍ୟାୟରେ ହେବାକୁ ଥିବା ୧୫ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୧୦୫ ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯାଇଛି। ଏହି ତାଲିକା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ନିକଟକୁ ପଠାଯାଇଛି। ପୁନର୍ବାର ଦ୍ୱିତୀୟ ପର୍ଯ୍ୟାୟ ଏଆଇସିସି ସ୍କ୍ରିନିଂ କମିଟି ବୈଠକ ବସି ବାକି ୬ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ଆସନ୍ତା ସ୍କ୍ରିନିଂ କମିଟି ବୈଠକ ପୁନର୍ବାର ଦିଲ୍ଲୀଠାରେ ୧୬ରେ ଅନୁଷ୍ଠିତ ହେବ ବୋଲି ନିରଞ୍ଜନ ସୂଚନା ଦେଇଛନ୍ତି।

ନିରଞ୍ଜନ କହିଛନ୍ତି, ଏଥର ମୁଖ୍ୟତଃ ମହିଳା, ଯୁବକମାନଙ୍କୁ ପ୍ରାର୍ଥୀ କରିବାକୁ ଆପ୍ରାଣ ଉଦ୍ୟମ କରିଛୁ। ୩ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ସ୍ଥାନଗୁଡ଼ିକ ପାଇଁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହୋଇଛି। ୪ର୍ଥ ପର୍ଯ୍ୟାୟରେ ହେବାକୁ ଥିବା ଆସନଗୁଡିକରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ଏହା ଆରମ୍ଭ କରାଯାଇ ନାହିଁ। ଚୂଡ଼ାନ୍ତ ହୋଇଥିବା ପ୍ରାର୍ଥୀ ତାଲିକା ସିଇସିରେ ଅନୁମୋଦିତ ହେବା ପରେ ଘୋଷଣା ହେବ ବୋଲି ସେ କହିଛନ୍ତି।

## ■ ସରକାରୀ ଜମିରୁ ଜବରଦଖଲ ହଟିଲାନି
# ତହସିଲ କାର୍ଯ୍ୟାଳୟରେ ଭଙ୍ଗାରୁଜା: ୧୬ ଗିରଫ

ବେଗୁନିଆ,୧୨।୩ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଭଙ୍ଗାରୁଜା ଘଟଣାକୁ ୪୮ ଦିନ ନ ପୂରୁଣୁ ପୁଣି ମଙ୍ଗଳବାର ତହସିଲ ଅଞ୍ଚଳରେ ସରକାରୀ ଜମିରୁ ଜବରଦଖଲ ହଟାଇବାକୁ ନେଇ ଅଭାବନୀୟ ଘଟଣା ଘଟିଛି। ଲୋକେ ତହସିଲ କାର୍ଯ୍ୟାଳୟରେ ପଶି ଆସବାବପତ୍ର ଭାଙ୍ଗି ଦେବା ସହ ତହସିଲଦାରଙ୍କୁ ଧମକଚମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୬ ଜଣଙ୍କୁ ଗିରଫ କରିଛି। କେସ୍ ନଂ. ୪୧/୧୯। ଗିରଫ ୧୬ ଜଣଙ୍କ ମଧ୍ୟରେ ୩ ଜଣ ବୃଦ୍ଧ ଅଛନ୍ତି। ତହସିଲଦାର ବିବେକାନନ୍ଦ ପରିଡାଙ୍କ ଅଭିଯୋଗ ଅନୁସାରେ, କୁରାଡିଲୋ ରାଜସ୍ୱ କାର୍ଯ୍ୟାଳୟ ଅଧୀନ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଗୋଡିପୋଖରୀ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘଦିନ ହେଲା ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି। ଜମିରୁ ଜବରଦଖଲ ହଟେଇବାକୁ ଉକ୍ତ ଗ୍ରାମର ବହୁବ୍ୟକ୍ତି ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି। ହେଲେ ତହସିଲ ପ୍ରଶାସନ ଶୁଣି ନ ଥିଲା। ପରେ ଲୋକେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସରକାରୀ ଜମିରୁ ଅବରୋଧ ହଟେଇବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଭାଜପାରେ ଯୋଗଦେଲେ ବାବୁ ସିଂ
## ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ: ବାବୁ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ନିକଟରେ ବିଜେଡି ଛାଡିଥିବା ବରିଷ୍ଠ ନେତା ବାବୁ ସିଂ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ବାବୁ ନିଜର ଶତାଧିକ ସମର୍ଥକଙ୍କ ସହ ଏକ ବାଇକ ଶୋଭାଯାତ୍ରାରେ ଆସି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳରେ ସାମିଲ ହୋଇଛନ୍ତି। ଏହାସହ ବାବୁଙ୍କ ବହୁ ସମର୍ଥକ ମଧ୍ୟ ସୋମବାର ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଚିନ୍ମୟ ପ୍ରଧାନ, ଦିଲୀପ ସେନାପତି, ମନୋଜ ପଣ୍ଡିମ କବାଟ, ଭବାନୀ ସ୍ୱାଇଁ ପ୍ରମୁଖ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରାପଡା ଜିଲା ପୂର୍ବତନ କଂଗ୍ରେସ ସଭାପତି ଉମାକାନ୍ତ ନାୟକ, ପାଟକୁରା ଯୁବନେତା ଉମାକାନ୍ତ ଚୌଧୁରୀ, ପୂର୍ବତନ କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ମିନତି ରାଉତ, ଦେବକାନ୍ତ ରାଉତ, ଅମରଜିତ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି । ରାଜ୍ୟ ଉପସଭାପତି ସମୀର ମହାନ୍ତି ଦଳରେ ସାମିଲ ହୋଇଥିବା ସମସ୍ତ ନେତୃବୃନ୍ଦଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି। ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳରେ ସାମିଲ ହୋଇଥିବା ନେତାଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳରେ ସାମିଲ କରାଇଛନ୍ତି । ଭାଜପାରେ ମିଶିବା ପରେ ବାବୁ କହିଛନ୍ତି ଯେ, ଆସନ୍ତା ନିର୍ବାଚନରେ ଭ୍ରଷ୍ଟାଚାରୀ ଓ ଅଗଣତାନ୍ତ୍ରିକ ବିଜେଡିକୁ ହରାଇବା ସହ ଭାଜପାକୁ ବିଜୟୀ କରାଇବା ପାଇଁ ମୁଁ ସଂକଳ୍ପ ନେଇ କାର୍ଯ୍ୟ କରିବି । ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ସାମିଲ ହୋଇଛି। ଆସନ୍ତା ନିର୍ବାଚନରେ ଏକାମ୍ର ତଥା ଭୁବନେଶ୍ୱରର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ବିଜୟୀ ହେବ ବୋଲି ବାବୁ କହିଛନ୍ତି। ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟସରକାରଙ୍କ ସ୍ଥାଣୁତା ଏବଂ ଦୁର୍ନୀତି ବିରୋଧରେ ରାଜ୍ୟବାସୀ ଅତିଷ୍ଠ ହୋଇପଡିଛନ୍ତି। ୨୯ ରାଜ୍ୟରୁ ଆର୍ଥିକ ଦୃଷ୍ଟିରୁ ଓଡିଶା ଉପରୁ ୨୫ ନମ୍ବରରେ ରହିଛି । ନାରୀ ନିର୍ଯାତନାରେ ଓଡିଶା ତଳୁ ତୃତୀୟ ସ୍ଥାନରେ ଅଛି। ରାଜ୍ୟର ସବୁ ସ୍ଥାନରେ ପରିବର୍ତ୍ତନର ପବନ ବହୁଛି ବୋଲି ଅପରାଜିତା କହିଛନ୍ତି। ବିଜେଡି ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି ବୋଲି ନୂଆକରି ମିଶିଥିବା ନେତା କହିଛନ୍ତି।


ଭାଜପାରେ ସାମିଲ ପରେ ବାବୁ ସିଂ ଉଦ୍‌ବୋଧନ ଦେଉଛନ୍ତି।

# ଗରିବଙ୍କୁ ମାଗଣା ଚିକିତ୍ସା କରିବାକୁ ଘରୋଇ ହସ୍ପିଟାଲ ବାଧ

କଟକ ଅଫିସ, ୧୨।୩

- ବିଜ୍ଞପ୍ତି ପ୍ରକାଶ କଲେ ସରକାର
- ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ସରକାରଙ୍କଠାରୁ କମ୍ ମୂଲ୍ୟରେ କିମ୍ବା ମାଗଣାରେ ଜମି ନେଇ ବହୁ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ ଗଢ଼ିଉଠିଛି। ଏଣିକି ଏସବୁ ଘରୋଇ ଚିକିତ୍ସାଳୟ ଗରିବ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ବାଧ ହେବେ। ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀମାନଙ୍କୁ ଇନ୍‌ଡ୍ୱୋରରେ ୧୦ ପ୍ରତିଶତ ଏବଂ ଆଉଟ୍‌ଡ୍ୱୋରରେ ୨୫ ପ୍ରତିଶତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଏଥିସହ ଉକ୍ତ ଘରୋଇ ହସ୍ପିଟାଲ ଓ ନର୍ସିଂହୋମଗୁଡ଼ିକ ସରକାରଙ୍କ ଅବଗତି ନିମନ୍ତେ ଏ ସଂକ୍ରାନ୍ତ ସବିଶେଷ ତଥ୍ୟ ଅନ୍‌ଲାଇନରେ ଉପଲବ୍ଧ କରାଇବେ। ଏଥିରେ ଖିଲାପ କଲେ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ (କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୬ ଏବଂ ଓଡ଼ିଶା କ୍ଲିନିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ (କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ରୁଲ୍ ୨୦୧୮ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସରକାରଙ୍କଠାରୁ ଏମାନେ ନେଇଥିବା ଜମିର ମୂଲ୍ୟକୁ ବର୍ତ୍ତମାନର ବଜାର ଦର ଅନୁଯାୟୀ ଆଦାୟ କରାଯିବ। ମାର୍ଚ୍ଚ ୨ରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏହାର ନକଲ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି।

ସୂଚନାଥାଉ କି, ରାଜ୍ୟରେ ପାଖାପାଖି ୪୨ରୁ ଅଧିକ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମୂଲ୍ୟବାନ ସରକାରୀ ଜମିକୁ ମାଗଣାରେ ଅଥବା କମ୍ ମୂଲ୍ୟରେ ନେଇଛନ୍ତି। କିନ୍ତୁ ଚୁକ୍ତି ଓ ନିୟମ ଅନୁଯାୟୀ ଉପରୋକ୍ତ ହସ୍ପିଟାଲଗୁଡ଼ିକରେ ଗରିବ ରୋଗୀଙ୍କୁ ଚିକିତ୍ସା ସହାୟତା ମିଳୁନି। ସୂଚନା ଅଧିକାର କର୍ମୀ ତଥା ଓଡ଼ିଆ ଯୁବ ମଞ୍ଚର ସଭାପତି ରୋହନ ମହାନ୍ତି ସୂଚନା ଅଧିକାର ଆଇନ ବଳରେ ଉପରୋକ୍ତ ତଥ୍ୟ ହାସଲ କରିବା ପରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ସରକାରଙ୍କୁ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଦେଶ ଦେଇଥିଲେ। ୨୦୧୪ରେ ରାଜ୍ୟ ସରକାର ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏଥିରେ ରାଜ୍ୟର ୪୪ ଘରୋଇ ହସ୍ପିଟାଲ ଓ ନର୍ସିଂହୋମର ନାମ ପ୍ରକାଶ କରାଯିବା ସହ ଏଠାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରୋଗୀଙ୍କୁ ନିର୍ଦ୍ଧାରିତ ପ୍ରତିଶତ ମାଗଣାରେ ଚିକିତ୍ସା ସେବା ମିଳିବ ବୋଲି ଉଲ୍ଲେଖ କରାଯାଇଥିଲା। ମାତ୍ର ଏହାକୁ ଅନେକ ଘରୋଇ ଚିକିତ୍ସା ଅନୁଷ୍ଠାନଗୁଡ଼ିକ ଅନୁପାଳନ ନ କରିବାରୁ ଆବେଦନକାରୀ ମହାନ୍ତି ଏ ସମ୍ପର୍କରେ ପୁନର୍ବାର ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ହାଇକୋର୍ଟ ଉକ୍ତ ଘରୋଇ ହସ୍ପିଟାଲଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଜମିର ବଜାର ମୂଲ୍ୟ ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୩ ମାର୍ଚ୍ଚ, ୨୦୧୯



## ସଂକ୍ଷେପରେ

### କାର ଦୁର୍ଘଟଣାରେ ୫ ଆହତ

ଭଞ୍ଜନଗର,୧୨।୩(ଡି.ଏନ.ଏ.)- ଭଞ୍ଜନଗର କଳିଙ୍ଗାଘାଟି ମୁଖ୍ୟରାସ୍ତା ନିଧିଆପଲ୍ଲୀ ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଶିଶୁ ସମେତ ୫ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଖୋଲଖାଳିର ଅମୂଲ୍ୟ ସ୍ୱାଇଁ, ସଞ୍ଜୁ ସ୍ୱାଇଁ ଓ ଅରୁଣ ସ୍ୱାଇଁ ପ୍ରମୁଖ। ଭଞ୍ଜନଗର ଦମକଳ ବାହିନୀ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ୨ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି। ପ୍ରକାଶ ଯେ, ଅମୂଲ୍ୟ ଓ ଅନ୍ୟମାନେ କନ୍ଧମାଳ ଜିଲା ବାଲିଗୁଡ଼ା ଅଭିମୁଖେ ଏକ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ବାଟରେ ନିଧିଆପଲ୍ଲୀ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ କାରଟି ଏକ କଲଭର୍ଟରେ ପିଟିହୋଇ ରାସ୍ତା କଡକୁ ଖସିପଡିଥିଲା। ଫଳରେ ଚାଳକଙ୍କ ସମେତ ୫ଜଣ ଆହତ ହୋଇଥିଲେ।

### ଖେମୁଣ୍ଡି ଓକିଲ ସଂଘର ନିର୍ବାଚନ ପ୍ରସ୍ତୁତି

ଦିଗପହଣ୍ଡି,୧୨।୩(ଡି.ଏନ.ଏ.)-ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର ନିର୍ବାଚନ ପ୍ରସ୍ତୁତି ବୈଠକ ସଭାପତି ରସାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆଇନଜୀବୀ ପରିଷଦର ନିଷ୍ପତ୍ତି କ୍ରମେ ୱାନ ବାର ୱାନ ଭୋଟକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ୩୦ ତାରିଖରେ ସ୍ଥାନୀୟ ଓକିଲ ସଂଘର ନିର୍ବାଚନ କରାଯିବ। ବରିଷ୍ଠ ଓକିଲ ପ୍ରଭାକର ରାଉତଙ୍କୁ ସର୍ବସମ୍ମତକ୍ରମେ ନିର୍ବାଚନ ପରିଚାଳନା ଅଧିକାରୀ ଭାବେ ମନୋନୀତ କରାଯାଇଥିଲା। ଆସନ୍ତା ୧୫ ତାରିଖରେ ନିର୍ବାଚନ କାର୍ଯ୍ୟସୂଚୀ ସମ୍ବନ୍ଧିତ ବିଜ୍ଞପ୍ତି ପ୍ରକାଶ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇଥିବା ସଂଘର ଉପସଭାପତି ହରପ୍ରସାଦ ରଥ ଜଣାଇଛନ୍ତି। ବୈଠକରେ ସଂଘର ସମ୍ପାଦକ ଅଶେଷ ନାଥ ମିଶ୍ର, ସହ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଆଇନଜୀବୀ ଚନ୍ଦ୍ରଧ୍ୱଜ ସିଂହ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଏ. ସମେଶ୍ୱର ରାଓ, ପରେଶ ଚନ୍ଦ୍ର ରଥ, ରତ୍ନାକର ମେକାପ, ସନ୍ତୋଷ କୁମାର ସାହୁ, ସୀମାଞ୍ଚଳ ପ୍ରଧାନ, ଗିରିଜା ନନ୍ଦନ ମେକାପ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆକ୍ରମଣ ମାମଲାରେ ଜଣେ ଦୋଷୀ ସାବ୍ୟସ୍ତ

ଶେରଗଡ,୧୨।୩(ଡି.ଏନ୍.ଏ.)- ଶେରଗଡ଼ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ ରେଖରାଣୀ ନାୟକ ମଙ୍ଗଳବାର ଏକ ଗାଳିଗୁଲଜ ଓ ଆକ୍ରମଣ ମାମଲା ରେ ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଧବଳପୁର ଗ୍ରାମର ମୁନା ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ଚେତାବନି ଦେଇ ସେକ୍ସନ ୩ ଓ ପିଓ ଆକ୍ଟ ଅନୁସାରେ ଛାଡିଛନ୍ତି। ପ୍ରକାଶ ଯେ, ଉକ୍ତ ଗ୍ରାମର ଦେବି ପ୍ରସାଦ ଦାଶଙ୍କୁ ୨୦୧୭ ଡିସେମ୍ବର୧୦ରେ ମୁନା ଗାଳିଗୁଲଜ ସହ ମାରିବାକୁ ଧମକ ଦେଇଥିବା ଶେରଗଡ ଥାନାରେ ନଂ.୯୭/୨୦୧୭ରେ ଏକ ମାମଲା ହୋଇଥିଲା। ମୁନାଙ୍କୁ କୋର୍ଟ ଚାଲାଣ ପରେ ସେ ଜାମିନରେ ଆସିଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ସରୋଜ କୁମାର ମଲ୍ଲିକ ଓ ରାଧାକୃଷ୍ଣ ଡାକୁଆ ଓ ମୁଦଲାଙ୍କ ପକ୍ଷରୁ ଓକିଲ ରାମଚନ୍ଦ୍ର ଜେନା ମାମଲା ପରିଚାଳନା କରୁଥିଲେ।

### ଘୁଡୁକି ନୃତ୍ୟ ମାଧମରେ ସଚେତନତା

ପୁରୁଷୋତ୍ତମପୁର,୧୨।୩(ଡି.ଏନ୍.ଏ.)- ସମଗ୍ର ଦେଶରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ କେନ୍ଦ୍ର ସକରାରଙ୍କ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏ ନେଇ ଗଞ୍ଜାମ ଜିଲାର ବିଖ୍ୟାତ ଘୁଡୁକି ନୃତ୍ୟ ଗୁରୁ ଭାଟକୁମରଡ଼ାର ନୀଳକଣ୍ଠ ତରେଇ ତାଙ୍କ ସାଥୀ କଳାକାରମାନଙ୍କ ସହିତ ପ୍ରତ୍ୟେକ ଗ୍ରାମ ବୁଲି ଘୁଡୁକି ନୃତ୍ୟ ମାଧମରେ ଶୁକ୍ରବାରରୁ 'ବେଟି ବଚାଓ ବେଟି ପଢ଼ାଓ' ଜନସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ବ୍ଲକର ସୁନାଧର, ଶିକୁଳା, କୁଶପୁର ସହ ଛତ୍ରପୁର ବ୍ଲକ୍‌ର ସୁନ୍ଦରପୁର ଓ ହିଞ୍ଜିଳି ବ୍ଲକର ସାହାପୁର ଗ୍ରାମରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା।

■ସତ୍ୟପାଠରେ ଆପରାଧିକ ମାମଲା ସୂଚନା ବାଧ୍ୟତାମୂଳକ

# ୫ବର୍ଷର ସମ୍ପତ୍ତି ବିବରଣୀ ଦେବେ ପ୍ରାର୍ଥୀ

**ସର୍ବଦଳୀୟ ସମୀକ୍ଷା ବୈଠକ**

ଭଞ୍ଜନଗର,୧୨।୩(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଅଧିକାରୀ ଓ ନେତା।

ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କୁ ନେଇ ଏକ ସର୍ବଦଳୀୟ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ପ୍ରାର୍ଥିପତ୍ର ଦାଖଲ କିଭଳି ହେବ, ଆଦର୍ଶ ଆଚରଣ ବିଧି ପ୍ରମୁଖ ବିଷୟ ଉପରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପ୍ରାର୍ଥୀମାନେ ୫ବର୍ଷର ଆଇଟି ରିଟର୍ନ ଦେବେ। ସେହିଭଳି ପାନ୍ ନମ୍ବର ଦେବାକୁ ବାଧ କରାଯାଇଛି। ଯେଉଁମାନଙ୍କର ନାହିଁ ସେମାନେ ଆବେଦନ କରିଥିବାର ପ୍ରମାଣପତ୍ର ଦାଖଲ କରିବେ। ପ୍ରାର୍ଥି ଆପରାଧିକ ରେକର୍ଡ ସର୍ବସାଧାରଣଙ୍କୁ ଜଣାଇବେ। ଯେଉଁ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ଥିବ, ସମ୍ପୃକ୍ତ ପ୍ରାର୍ଥୀ ୩ଟି ଆଞ୍ଚଳିକ ପତ୍ରିକାରେ ବିଜ୍ଞାପନ ଦେବେ। ପ୍ରାର୍ଥୀପତ୍ର କାଏମ ଦିନଠୁ ମତଦାନର ୨ଦିନ ପୂର୍ବରୁ ଯେ କୌଣସି ଦିନ ପ୍ରାର୍ଥି ଉକ୍ତ ବିଜ୍ଞାପନ ଦେବେ। ଏଥିସହ ଇଭିଏମ୍ ଉପରେ ମତଦାନ ସମୟରେ ପ୍ରାର୍ଥୀଙ୍କ ଫଟୋ ରହିବ। ତେଣୁ ପ୍ରାର୍ଥୀମାନେ ଷ୍ଟାମ୍ପ ସାଇଜ୍ ଫଟୋ ଦାଖଲ କରିବାକୁ ପଡ଼ିବ ବୋଲି ବୈଠକରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବିଡ଼ିଓ ଅନିଲ ସେଠୀ, ଭଞ୍ଜନଗର ତହସିଲଦାର ଦୀନମଣି ନାୟକ, ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ, ଭାଜପା ଜିଲା ଉପ ସଭାପତି ସନ୍ତୋଷ ତିଆଡ଼ି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରକାଶଯେ ଚଳିତ ମାସ ୧୯ ରୁ ୨୬ ତାରିଖ ପର୍ଯ୍ୟନ୍ତ ଭଞ୍ଜନଗର ନିର୍ବାଚନମଣ୍ଡଳୀର ପ୍ରାର୍ଥିପତ୍ର ଦାଖଲ ହେବ। ୨୭ରେ ଯାଞ୍ଚ ଓ ୨୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଏପ୍ରିଲ ୧୮ରେ ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ମତଦାନ ହେବ।

## ଦୁର୍ଘଟଣାରେ ଆହତ ବୃଦ୍ଧାଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୧୨।୩(ଡି.ଏନ୍.ଏ.)
ଜଗନ୍ନାଥପ୍ରସାଦ ଥାନା ଗଣ୍ଡାଧର ନିକଟ ଟିକିଲି ଗ୍ରାମ ଛକରେ ରାସ୍ତାପାର ହେଉଥିବା ବେଳେ ସୋମବାର ଜଣେ ବୃଦ୍ଧାଙ୍କୁ ଏକ ବାଇକ୍ ଧକ୍କାଦେଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ସମ୍ପୃକ୍ତ ବୃଦ୍ଧାଙ୍କର ମଧ ମୃତ୍ୟୁ ଘଟିଛି।

ପ୍ରକାଶ ଯେ, ନୟାଗଡ଼ ଜିଲା ଓଡ଼ଗାଁ ଥାନା ନାଉରିଆଗୁଡ଼ା ଗ୍ରାମର ପପୁ ଓ ରଞ୍ଜନ ବେଲଗୁଣ୍ଠା ପଟୁ ବାଇକ୍ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଟିକିଲି ଗ୍ରାମ ଛକରେ ସେମାନଙ୍କ ବାଇକ୍ ରାସ୍ତା ପାର ହେଉଥିବା ବେଳେ ଟିକିଲି ଗ୍ରାମର ବୃଦ୍ଧ ସରଦି ଗୌଡ଼ଙ୍କୁ ଧକ୍କା ଦେଇଥିଲା। ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଜଗନ୍ନାଥପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପପୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରଞ୍ଜନ ଓ ସରଦିଙ୍କୁ ଅଧିକ ବ୍ରହ୍ମପୁର ସ୍ଥାନାନ୍ତରବେଳେ ସରଦିଙ୍କର ହିଞ୍ଜିଳିକାଟୁ ନିକଟରେ ମୃତ୍ୟୁ ଘଟିଥିଲା।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ପାତ୍ରପୁର,୧୨।୩ (ଡି.ଏନ୍.ଏ.):
ଜରଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି। ଛାତ୍ରୀଙ୍କ ଗାଁର ଜଣେ ଯୁବକଙ୍କୁ ପୋଲିସ ପଚରାଉଚୁରା କରୁଛି। ଝିଅ ସୋମବାର କଲେଜ୍‌ରୁ ଫେରୁଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ବଳପୂର୍ବକ ଅପହରଣ କରି ନେଇଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି, ତଦନ୍ତ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ।

## ପୋଲିସର ସଚେତନତା କାର୍ଯ୍ୟକ୍ରମ




ପୋଲିସର ସଚେତନତା ଗାଡି ବୁଲୁଛି।

ଛତ୍ରପୁର,୧୨।୩(ଡି.ଏନ.ଏ.)

ଛତ୍ରପୁର ଥାନା ପୋଲିସ ପକ୍ଷରୁ ସହରବାସୀଙ୍କୁ ଲୁଟ, ଠକେଇରୁ ବର୍ତ୍ତିବା ଓ ଟ୍ରାଫିକ ନିୟମ ମାନିବା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ମଙ୍ଗଳବାର ମାଇକ ଯୋଗେ ସଚେତନ କରାଯାଇଛି। ଗତ କିଛିଦିନ ମଧ୍ୟରେ ସହରରେ ଜଣେ ବ୍ୟବସାୟୀଙ୍କଠାରୁ ରୁପା ଅଳଙ୍କାର ଲୁଟ୍, ସଫେଇ ଆଳରେ ସୁନା ଅଳଙ୍କାର ଲୁଟ୍ ଓ ସହାୟତା ଯୋଗାଇବାକୁ କହି ଟଙ୍କା ଲୁଟ ଆଦି ଘଟଣା ଘଟିଥିବା ବେଳେ ଏଟିଏମ୍‌ରେ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଠକେଇ ମଧ ହୋଇଛି। ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଏସବୁ ଘଟୁଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସଚେତନ ହେଲେ ଠକଙ୍କ ଉପରେ ଅଙ୍କୁଶ ଲାଗିପାରିବ ବୋଲି ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି। ଏଥିସହ ହେଲମେଟ୍ ପିନ୍ଧି ଗାଡି ଚଳାଇବା ଓ ପାଖରେ ଗାଡି କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ରଖିବାକୁ ମଧ ପରାମର୍ଶ ଦିଆଯାଇଛି।

■ପୋଡ଼ାମାରିରେ ମେଶିନ କରୁଛି ପୋଖରୀ କାମ

## ଶ୍ରମିକଙ୍କ ମଜୁରି ଅର୍ଥ ଆତ୍ମସାତ୍ ମସୁଧା

ଦିଗପହଣ୍ଡି/ପାଟପୁର,୧୨।୩,(ଡି.ଏନ.ଏ.)



ମେଶିନ ଦ୍ୱାରା ପୋଖରୀ କାମ ଚାଲିଛି।

ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମ ବଳିପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟରେ ଶ୍ରମିକଙ୍କୁ ନ ଲଗାଇ ଟ୍ରାକ୍ଟର ଓ ଜେସିବି ମେଶିନ ଦ୍ୱାରା କରାଯାଉଥିବା ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ)ରେ ପୋଖରୀ ପୁନରୁଦ୍ଧାର ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ନିମନ୍ତେ ପଞ୍ଚାୟତର ଅନୁମୋଦନ କ୍ରମେ ଏହି କାର୍ଯ୍ୟରେ ଅଣକୁଶଳୀ ଶ୍ରମିକଙ୍କ ମଜୁରି ନିମନ୍ତେ ୨ ଲକ୍ଷ ଏବଂ ଅବଶିଷ୍ଟ ୮ ଲକ୍ଷ ଟଙ୍କାରେ ବାଲି, ସିମେଣ୍ଟ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରାଯିବାକୁ ଅଟକଳ କରାଯାଇଛି। ତେବେ ଯୋଜନା କାର୍ଯ୍ୟକାରିତାରେ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ଶ୍ରମିକଙ୍କ ମଜୁରି ବାବଦ ଅର୍ଥ ଆତ୍ମସାତ ପାଇଁ ମସୁଧା ଚାଲିଥିବା ଗ୍ରାମର ରଞ୍ଜନ ପରିଡ଼ା, ପିଙ୍କୁ ପ୍ରଧାନ, ତ୍ରିଲୋଚନ ମୂଳି, ରଞ୍ଜନ ଗୌଡ଼, ପ୍ରକାଶ ଗୌଡ଼, ରମେଶ ଗୌଡ଼, ହାଡ଼ିଆ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଶ୍ୱିନୀ କୁମାର ସୁବୁଦ୍ଧିଙ୍କୁ ପଚାରିବାରେ ସେ କହିଛନ୍ତି, ଅଭିଯୋଗ ମିଳିଛି। ଅନୁସନ୍ଧାନ ପରେ ସତ୍ୟତା ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରକଳ୍ପ କାର୍ଯ୍ୟର ବ୍ୟୟ ବାବଦ ମଜୁରି ଟଙ୍କା ପ୍ରଦାନ କରାଯିବ ନାହିଁ ବୋଲି କହିଛନ୍ତି।

### ଚମାଖଣ୍ଡି, ବଣବୁଲାପଲ୍ଲୀରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଛତ୍ରପୁର,୧୨।୩(ଡି.ଏନ.ଏ)

ଆସନ୍ତା ୧୮ ତାରିଖରୁ ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। ଏହା ପୂର୍ବରୁ ମଙ୍ଗଳବାର ଛତ୍ରପୁର ବ୍ଲକ ଚମାଖଣ୍ଡି ଥାନା ଅଧିନ ଚମାଖଣ୍ଡି ଓ ବଣବୁଲାପଲ୍ଲୀ ଗାଁରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଫ୍ଲାଗ ମାର୍ଚ୍ଚ କରାଯାଇଥିବା ସୂଚନା ଦିଆଯାଇଛି। ଛତ୍ରପୁର ଏସଡିପିଓ ଉତ୍କଳ କେଶରୀ ଦାଶ, ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଚମାଖଣ୍ଡି ଥାନା ଆଇଆଇସି ସହଦେବ ମହାପାତ୍ର ଓ ଗଞ୍ଜାମ ଥାନା ଆଇଆଇସି ସୁଦାମ ମଲ୍ଲିକଙ୍କ ସମେତ ଫୋର୍ସ ଏଥିରେ ସାମିଲ ହୋଇଥିଲେ।

## ଗୌତମୀରେ ସିପିଆଇ, କଂଗ୍ରେସ ନେତାଙ୍କ ମିଳିତ ସଭା



ଗ୍ରାମରେ ୨ ନେତାଙ୍କ ଶୋଭାଯାତ୍ରା।

ଦିଗପହଣ୍ଡି,୧୨।୩(ଡି.ଏନ.ଏ.)

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଅଧିନ ଲାଲଗଡ଼ ଭାବେ ବିବେଚିତ ଗୌତମୀ ଗ୍ରାମରେ ସୋମବାର କଂଗ୍ରେସ, ସିପିଆଇ ନେତା ନିର୍ବାଚନୀ ସଭା କରିଛନ୍ତି। ଆସିକା ସଂସଦୀୟ କ୍ଷେତ୍ର ନିମନ୍ତେ ସିପିଆଇରୁ ପ୍ରାର୍ଥୀ ହେବାକୁ ଥିବା ରାମକୃଷ୍ଣ ପଣ୍ଡା ଏବଂ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ରମେଶ ଚନ୍ଦ୍ର ଜେନା ଗୌତମୀ ଗ୍ରାମରେ ଉଭୟ ଦଳର ବହୁ କର୍ମୀଙ୍କ ଗହଣରେ ମିଳିତ ଶୋଭାଯାତ୍ରା କରିଥିଲେ। ଉଭୟ ନେତା ଗ୍ରାମ ଛକରେ ଥିବା ସ୍ୱର୍ଗତ ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ଦଣ୍ଡପାଣି ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଗୋପୀନାଥ କଲ୍ୟାଣ ମଣ୍ଡପରେ ଆୟୋଜିତ ନିର୍ବାଚନୀ ସଭାରେ ଉଭୟ ନେତା ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ କହିବା ସହ ନିର୍ବାଚନ ମଣ୍ଡଳୀର ସର୍ବବିଧ ବିକାଶ ପାଇଁ ଲଢ଼େଇରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ସିପିଆଇ ସାନଖେମୁଣ୍ଡି ଜୋନାଲ ସମ୍ପାଦକ କୈଳାସ ଚନ୍ଦ୍ର ପାତ୍ର ସଭାରେ ଅଧକ୍ଷତା କରିଥିଲେ। ସରପଞ୍ଚ ସୁଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀହର୍ଷ ରଥ, ଅଖିଳ ଭାରତ ଛାତ୍ର ସଂଘ ରାଜ୍ୟ ସମ୍ପାଦକ ଜଗନ୍ନାଥ ପାତ୍ର, ଜିଲା ସଭାପତି କାମଦେବ ନାହାକ, ଯୁବ କଂଗ୍ରେସ ନିର୍ବାଚନ ମଣ୍ଡଳୀ ସଭାପତି ଚିନ୍ମୟ କୁମାର ହୋତା, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ଜୟରାମ ଦୋରା, ପୂର୍ବତନ ସରପଞ୍ଚ ନୀଳାଞ୍ଚଳ ପଣ୍ଡା, ସିପିଆଇ ନେତା ଅନନ୍ତ ମହାଙ୍କୁଡ଼ ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ମଦ ଜବତ, ପୋଚ ନଷ୍ଟ: ୨ ଗିରଫ

ଆସିକା,୧୨।୩ (ଡି.ଏନ୍.ଏ)
ଗାଙ୍ଗପୁର ଥାନା କୁଲାଙ୍ଗି ଗ୍ରାମରେ ମଙ୍ଗଳବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଚଢାଉ ବେଳେ ବହୁ ପରିମାଣର ପୋଚ ନଷ୍ଟ କରାଯାଇଛି। ଏଥିସହ ତାଲା ବନ୍ଦ ଏକ କୋଠାରୀରୁ ପ୍ରାୟ ୧୦୫ ଲିଟର ମଦ ଜବତ କରାଯାଇଛି। ସୋରଡା ତହସିଲଦାର ଅମର କୁମାର ବସନ୍ତରାୟ ଚଢାଉରେ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରା, ବିରେନ କୁମାର ବେହେରା, ଗାଙ୍ଗପୁର ଥାନା ସବଇନ୍ସପେକ୍ଟର ସତ୍ୟଜିତ ବେଣିଆ ଓ ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ଏଥିରେ ସାମିଲ ଥିଲେ। ପରେ ଗାଙ୍ଗପୁର ପୋଲିସ ପକ୍ଷରୁ କୁଲାଙ୍ଗ ଗ୍ରାମରୁ ୧୨ ଲିଟର ମଦ ଜବତ କରାଯାଇ ରମେଶ କୁମାର ନାୟକଙ୍କୁ ଗିରଫ କରାଯାଇଥିଲା। ସେହିପରି ବିରିପୁର ଗ୍ରାମରୁ ସନ୍ତୋଷ କୁମାର ଦାସଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୬ ଲିଟର ରନ୍ଧା ମଦ ଜବତ ହୋଇଛି। ଏ ନେଇ ଗାଙ୍ଗପୁର ଥାନାରେ ନଂ.୪୫/୧୯ ଓ ୪୬/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।


### ବାଇକରେ ଆସି ମହିଳାଙ୍କ ହାର ଝାମ୍ପିନେଲେ

ଶେରଗଡ,୧୨।୩(ଡି.ଏନ୍.ଏ.)

ଶେରଗଡ଼ ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଜଣେ ମହିଳାଙ୍କ ବେକରୁ ହାର ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଲୁଟର ଶିକାର ହୋଇଛନ୍ତି ଅଶୋକପୁର ଗ୍ରାମର ସାଗରିକା ବରାଡ଼। ସାଗରିକା ସ୍ୱାମୀ କୈଳାସଙ୍କ ସହ ବାଇକ୍‌ରେ କରଡ଼ାକନା ଗ୍ରାମକୁ ଏକ ବନ୍ଧୁଙ୍କ ଭୋଜିରେ ଯୋଗଦେବା ପାଇଁ ଆସୁଥିଲେ। ଥାନାଠାରୁ ପ୍ରାୟ ୨ଶହ ମିଟର ଅତିକ୍ରମ କରିବା ପରେ ସାଗରିକା ଓ କୈଳାସଙ୍କୁ ଅନ୍ୟଏକ ବାଇକରେ ପିଛା କରୁଥିବା ଦୁର୍ବୃତ୍ତ ସାଗରିକାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ବଡଗଡ଼ ରାସ୍ତା ଆଡେ ଚାଲିଯାଇଥିଲେ। ସାଗରିକା ବାଇକ୍‌ରୁ ଖସି ପଡିଥିଲେ। ପରେ ଥାନାକୁ ଯାଇ ସାଗରିକାଙ୍କ ସ୍ୱାମୀ ଏତଲା ଦେଇଥିଲେ। ପୋଲିସ ନଂ.୨୦/୨୦୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ ଲୁଟେରାକୁ ଧରିବାକୁ ଚଢାଉ ଜାରି ରଖିଛନ୍ତି।

## ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ଧରାକୋଟ,୧୨।୩(ଡି.ଏନ୍.ଏ.)




ମଞ୍ଚାସୀନ ଅତିଥିମାନେ।

ଧରାକୋଟ ବ୍ଲକ ସରକାରୀ ଆଶ୍ରମ ବିଦ୍ୟାଳୟ ବଳରାମପୁରର ଅଷ୍ଟମ ବାର୍ଷିକ ଉତ୍ସବ ଜିଲା ମଙ୍ଗଳ ଅଧିକାରୀ ପରିକ୍ଷିତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଦ୍ୱାରା ପରିଚାଳିତ ବାର୍ଷିକ ଉତ୍ସବରେ ସ୍ଥାନୀୟ ତହସିଲଦାର ଗଦାଧର ପାତ୍ର ମୁଖ୍ୟଅତିଥି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର, ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ବେହେରା, ସମିତି ସଭ୍ୟ କୁନା ବେହେରା, ଶୋଭାରାଣୀ ପଟ୍ଟନାୟକ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଡ. ବିମଳ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଜନ ପ୍ରତିନିଧିଙ୍କ ଦସ୍ତଖତ ଅଭିଯାନ, ବୈଠକ

ପୋଲସରା,୧୨।୩(ଡି.ଏନ.ଏ.)



ଉପସ୍ଥିତ ଜନପ୍ରତିନିଧି।

ପୋଲସରା ବ୍ଲକ ଚିରିକିପଡ଼ା ଶାସନ ପଞ୍ଚାୟତ ଚିରିକି ଶାସନସ୍ଥିତ ଶୈବପୀଠ ପରିସରରେ ମଙ୍ଗଳବାର ଦସ୍ତଖତ ଅଭିଯାନ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ନିର୍ବାଚନ ମଣ୍ଡଳୀ ପୋଲସରା ଓ ବୁଗୁଡ଼ା ପଞ୍ଚାୟତ ସମିତିର ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ସମେତ ବିଜେଡିର ବହୁ କର୍ମକର୍ତ୍ତାଙ୍କୁ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ପୂର୍ବତନ ବିଧାୟକ ଶ୍ରୀକାନ୍ତ ସାହୁଙ୍କୁ ପୁଣି ଟିକେଟ ପ୍ରଦାନ କରାଯାଉ ବୋଲି ସମସ୍ତ ଜନପ୍ରତିନିଧିମାନେ ଦସ୍ତଖତ କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇବାର ବ୍ୟବସ୍ଥା କରାଯାଇଛି ବୋଲି ପୋଲସରା ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରକାଶ କରିଥିଲେ।

### ମଦ ଜବତ, ଜଣେ ଗିରଫ

ଶେରଗଡ,୧୨।୩(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଗୋଠଗାଁରୁ ମଙ୍ଗଳବାର ସକାଳେ ତହସିଲ ଓ ଆସିକା ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଏଥିରେ ୫ ଲିଟର ଦେଶୀ ମଦ ଜବତ ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଅରବିନ୍ଦ ସାହୁ। ଅରବିନ୍ଦ ସାଇକେଲରେ ଦେଶୀ ମଦ ନେଉଥିବା ଖବର ପାଇ ଶେରଗଡ଼ ତହସିଲଦାର ଡ଼. ଦୟାସିନ୍ଧୁ ପରିଡ଼ା, ଆସିକା ଅବକାରୀ ଇନ୍ସପେକ୍ଟର ବଳରାମ ସାହୁ ଓ ଟିମ୍ ପହଞ୍ଚି ଅରବିନ୍ଦଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ୬ ମାସ ହେଲା ସୋଲାର ପମ୍ପ ଜଳଯୋଗାଣ ବନ୍ଦ

ବୁଗୁଡ଼ା,୧୨।୩(ଡି.ଏନ.ଏ.)



ବନ୍ଦ ରହିଥିବା ସୋଲାର ପମ୍ପ।

ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ କନ୍ଧ ସିଙ୍ଗିପୁର ଗ୍ରାମରେ ପ୍ରାୟ ୬ ମାସ ହେଲା ସୋଲାର ପମ୍ପ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ସୁଫଳ ମିଳୁନଥିବା କହିଛନ୍ତି। ୨୦୧୭ରେ କେ.ସିଙ୍ଗିପୁରରେ ଅରେଡ଼ା କମ୍ପାନୀ ପକ୍ଷରୁ ଠିକା ମାଧମରେ ସୋଲାର ପମ୍ପ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ୨ ବର୍ଷ ଗ୍ରାମବାସୀ ପାନୀୟ ଜଳ ପାଇଥିଲେ। ଏବେ ୬ ମାସ ହେବ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେ.ସିଙ୍ଗିପୁରରେ ୪୦ ଆଦିବାସୀ ପରିବାର ବାସ କରୁଛନ୍ତି। ତେଣୁ ଶୀଘ୍ର ଏହାର ପ୍ରତିକାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ପରିମଳ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ଦାଶ କହିଛନ୍ତି, ଜଳ ଯୋଗାଣ ବନ୍ଦ ନେଇ କୌଣସି ଅଭିଯୋଗ ଆସିନି। ଯେଉଁ କମ୍ପାନୀ ଏହାକୁ ନିର୍ମାଣ କରିଛି, ଉକ୍ତ ବ୍ୟବସ୍ଥାକୁ ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷ ସମୟ ଦିଆଯାଇଛି। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଖବର ଆସିଲେ ସେମାନେ ଏଥିପାଇଁ କମ୍ପାନୀର ଦୃଷ୍ଟି ଆକର୍ଷଣ କରନ୍ତି। ତଥାପି ସେ କମ୍ପାନୀକୁ ଜଳ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଜଣାଇବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ବାଇକ୍‌ରେ ଆସି ଦେଢ଼ଲକ୍ଷ ଝାମ୍ପିନେଲେ

**ଫୁଲବାଣୀ ଅଫିସ, ୧୨।୩:** ଦିନ ଦ୍ୱିପ୍ରହରରେ ଟାଉନ ଥାନା ପୋଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି ଦୁର୍ବୃତ୍ତ। ଏସ୍‌ପିଙ୍କ କାର୍ଯ୍ୟାଳୟ ଏବଂ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ମଝି ରାସ୍ତାରେ ୨ଜଣ ଦୁର୍ବୃତ୍ତ ବାଇକରେ ଆସି ଏକ ଦମ୍ପତିଙ୍କଠାରୁ ଦେଢ଼ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ଫୁଲବାଣୀ ସହର କେନ୍ଦୁପଦରର ଦୁର୍ଯ୍ୟୋଧନ ନାୟକ ଜଣେ ଅବସରପ୍ରାପ୍ତ ମେଡିକାଲ କର୍ମଚାରୀ। ଆସନ୍ତା ୨୦ରେ ପୁଅ ବାହାଘର ଥିବାରୁ ସ୍ତ୍ରୀଙ୍କ ସହ ପୂର୍ବାହ୍ନରେ ବ୍ୟାଙ୍କରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ଘରକୁ ଚାଲି ଯାଉଥିବାବେଳେ ବାଇକରେ ୨ଜଣ ଦୁର୍ବୃତ୍ତ ଆସି ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ଧକ୍କାଦେଇ ଟଙ୍କା ବ୍ୟାଗ ଛଡାଇ ନେଇଥିଲେ। ଏ ନେଇ ଟାଉନ ଥାନାଧିକାରୀ ସତ୍ୟବ୍ରତ ରାଉତ କୁହନ୍ତି, ସିସିଟିଭି ଫୁଟେଜରୁ ସେମାନଙ୍କୁ ଚିହ୍ନଟ କରାଯାଇଛି, ଖୁବ୍‌ଶୀଘ୍ର ଗିରଫ କରାଯିବ। ଏ ନେଇ ନଂ.୩୨/୧୯ରେ ମାମଲା ରୁଜୁ ହୋଇଛି।

### ହଟିଲା ହୋର୍ଡିଂ, ପୋଷ୍ଟର

**ଜି.ଉଦୟଗିରି,୧୨।୩(ଡି.ଏନ୍.ଏ.):** ନିର୍ବାଚନ ଆଚରଣବିଧି ଲାଗୁହେବା ପରେ ପ୍ରଶାସନ ଓ ପୋଲିସ ତରଫରୁ ସହର ଓ ଥାନା ଅନ୍ତର୍ଗତ ସମସ୍ତ ସ୍ଥାନରୁ ଦଳୀୟ ହୋର୍ଡିଂ ଓ ପୋଷ୍ଟର ହଟାଇ ଦିଆ ଯାଇଛି। ଜି.ଉଦୟଗିରି ସହରରେ ଲାଗିଥିବା ବଡବଡ଼ ହୋର୍ଡିଂକୁ ମଧ ଉଠାଇ ନିଆଯାଇଛି। ଆହାର କେନ୍ଦ୍ରରେ ଲାଗିଥିବା ପୋଷ୍ଟର ସୋମବାର ବାହାର କରିଦିଆଯାଇଛି। ଆଚରଣବିଧି ଲାଗୁହେବା ପରେ ଏହି ଅଭିଯାନକୁ ଜୋରଦାର କରାଯାଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି।

■ ଦାରିଙ୍ଗବାଡ଼ି ଆଞ୍ଚଳିକ ହଳଦୀ ଚାଷୀ ମହାସଂଘ ବୈଠକ

# ବିଭିନ୍ନ ଦାବି ନେଇ ବିଡିଓଙ୍କୁ ଦାବିପତ୍ର

ଦାରିଙ୍ଗବାଡି,୧୨।୩(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘ ପକ୍ଷରୁ ପୁଣି ହଳଦୀ ଦର ବୃଦ୍ଧି ଦାବି ଜୋର ଧରିଛି। ମଙ୍ଗଳବାର ମହାସଂଘ ପକ୍ଷରୁ ସାରିଙ୍ଗିଇର୍ପି ପଡ଼ିଆରେ ସଭା କରାଯିବା ପରେ ଚାଷୀମାନେ ପ୍ଲାକାର୍ଡ ବ୍ୟାନର ଧରି ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ତ୍ରିଲୋଚନ ପାତ୍ର ଅନୁପସ୍ଥିତ ଥିବାରୁ ଏପିଓ କେଦାର ଚନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ଦେଇଥିଲେ। ଦାବି ଗୁଡିକ ମଧ୍ୟରେ ହଳଦୀ ଚାଷୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ ବ୍ୟବସ୍ଥା କରାଯାଉ। ଏହାର କାରଣ ସେମାନେ ଉଲ୍ଲେଖ କରିଛନ୍ତି ଯେ, ସାରା ଦେଶ ଓ ବିଦେଶରେ କନ୍ଧମାଳ ହଳଦୀର ଚାହିଦା ରହିଛି ତେଣୁ ଏହାର କିଲୋ ପିଛା ୧ଶହ ରୁ ୧ଶହ ୨୦ ଟଙ୍କା ପର୍ଯ୍ୟନ୍ତ କିଣାଯିବାକୁ ଦାବି ରହିଛି। ସେହିପରି ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସରକାରଙ୍କ ତରଫରୁ ଉଚିତ ମୂଲ୍ୟରେ କିଣାଯିବା ସହ ମୁଷ୍ଟିମେୟ ସାହୁକାରଙ୍କ ଶୋଷଣରୁ ଚାଷୀଙ୍କୁ ଉଦ୍ଧାର କରାଯିବା ସହ ସୁରକ୍ଷା ପ୍ରଦାନ, ସାହୁକାରମାନେ ଚାଷୀଙ୍କଠାରୁ ଅତି ଶସ୍ତାରେ ହଳଦୀ ନେଉଛନ୍ତି, ଏହାର ପ୍ରତିବାଦ କଲେ ଖରାପ ବ୍ୟବହାର ଦେଖାଯାଉଥିବାରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ, ହଳଦୀ ଚାଷ ପାଇଁ ଆବଶ୍ୟକ ହେଉଥିବା ଜଙ୍ଗଲରୁ ଡାଳକୁ ଚାଷୀ ବ୍ୟବହାର କରିବା ପାଇଁ ପୂର୍ଣ୍ଣ ସ୍ୱାଧୀନତା, ଚାଷୀଙ୍କୁ ପଞ୍ଜୀକରଣ କରାଯାଇ ବିପଦ ସମୟରେ ଆର୍ଥିକ ସହାୟତା, ଆନ୍ଧ୍ରପ୍ରଦେଶରେ ଚାଷୀ ବ୍ୟବହାର କରୁଥିବା ହଳଦୀ ବିହନ ସହ ସାରକୁ ଏଠାରେ ପ୍ରଦାନ କରାଯିବା ପାଇଁ ଦାବି ରହିଛି। ହଳଦୀ ଚାଷୀଙ୍କୁ ସହଯୋଗ ଓ ସହାୟତା କରିବା ପାଇଁ ୬୧ ଗୋଟି ମସଲା ଉନ୍ନୟନ ସମିତି ଗଠନ କରି ୧୯୯୭ ମସିହାରେ ପଞ୍ଜୀକରଣ କରାଯାଇଥିବା କସମ (କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏଶନ ଅଫ୍ ମାର୍କେଟିଂ) ତାର ଉପବିଧି ଅନୁଯାୟୀ କୌଣସି ହଳଦୀ ଚାଷୀଙ୍କୁ ବୋନସ, ଲାଭ କିମ୍ବା ଜମା ଟଙ୍କାର ସୁଧ କିମ୍ବା ସୁଦ୍ଧା ମୁକ୍ତ ଋଣ ପ୍ରଦାନ କରୁ ନ ଥିବା ଉଲ୍ଲେଖ କରିଛନ୍ତି। ସେହିପରି କନ୍ଧମାଳ ହଳଦୀକୁ ଜିଆଇ ଟ୍ୟାଗ କରିବାକୁ ଦାବି ରହିଛି। ଏହି କାର୍ଯ୍ୟକ୍ରମରେ ମହାସଂଘର ସଭାପତି ଶୋଭରାଜ ପ୍ରଧାନ, ସମ୍ପାଦକ ବୁଲୁ ଡିଗଲଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।



ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ୪୦ କି.ଗ୍ରା. ଗଞ୍ଜେଇ ଜବତ

ଫିରିଙ୍ଗିଆ,୧୨।୩

ଫିରିଙ୍ଗିଆ ପୋଲିସ କ୍ରାନ୍ତିବାଲି ଛକରେ ଚଢ଼ାଉ କରି ଜଣେ ଯୁବକଙ୍କ ପାଖରୁ ୪୦ କେଜି ଗଞ୍ଜେଇ ଜବତ କରିଛି। ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଯୁବକ ଜଣକ ହେଲେ କ୍ରାନ୍ତିବାଲି ଅଞ୍ଚଳର କଣ୍ଢେଶ୍ୱର କହଁର। ମିଳିଥିବା ସୂଚନା ଅନୁଯାୟୀ, କଣ୍ଢେଶ୍ୱର ଉକ୍ତ ଛକରେ ଏକ ବ୍ୟାଗ ଧରି ଗାଡିକୁ ଅପେକ୍ଷା କରିଥିଲେ। ସେ ବସ୍ କିମ୍ବା କାରରେ ଯାଇ ପାରନ୍ତି ବୋଲି ପୋଲିସକୁ ସୂଚନା ମିଳିଥିଲା। ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳକୁ ଯାଇ ବ୍ୟାଗ ଯାଞ୍ଚ କରିବା ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା।

# ଜିଲା ବିଜେଡି ସହପ୍ରଭାରୀଙ୍କ ତୁମୁଡ଼ିବନ୍ଧ ଗସ୍ତ




ମଞ୍ଚାସୀନ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟଅତିଥି।

ତୁମୁଡିବନ୍ଧ,୧୨।୩(ଡି.ଏନ୍.ଏ.)

କନ୍ଧମାଳ ଜିଲା ବିଜେଡି ସହପ୍ରଭାରୀ ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମଙ୍ଗଳବାର ତୁମୁଡିବନ୍ଧ ଗସ୍ତରେ ଆସିଥିଲେ। ତୁମୁଡିବନ୍ଧ ମିନି ଷ୍ଟାଡିୟମରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ 'ଏପରି ଜଣେ ଲୋକଙ୍କୁ ଆଶୀର୍ବାଦ କର, ଯିଏ ସମସ୍ତଙ୍କ ପାଇଁ କାମ କରିବ' ବୋଲି ଏମ୍‌ପି ସାମନ୍ତ କହିଥିଲେ। ଏହାସହ ଓଡିଶାର ସାଢେ ୪କୋଟି ଲୋକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିବାର। ସେ କନ୍ଧମାଳ ଜିଲା ଅନୁସୂଚିତ ଜାତି ଓ ଜନଜାତିଙ୍କ ସେବା କରିବାକୁ ମୋତେ ସୁଯୋଗ ଦେଇଥିବାରୁ ମୁଁ ଧନ୍ୟ ମନେ କରୁଛି ବୋଲି କହିଥିଲେ। ନୂତନ ଭାବେ ନିଯୁକ୍ତି ପାଇଥିବା ତୁମୁଡିବନ୍ଧ ବ୍ଲକ ମହିଳା ସଭାନେତ୍ରୀ ମୟନ୍ତୀ ପାଟ୍ଟମାଝୀ ଓ ତୁମୁଡିବନ୍ଧ ବ୍ଲକ ସଂଖ୍ୟାଲଘୁ ସେଲ୍ ସଭାପତି ଅରୁଣ କୁମାର ପରାସେଠଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବାଲିଗୁଡା ବିଧାୟକ ରାଜୀବ ପାତ୍ର, ବିଜୁ କୃଷକ ଜନତା ଦଳର ଜିଲା ସଭାପତି କୁନା ଦଣ୍ଡସେନା, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପାତ୍ର, ଉପାଧକ୍ଷା ବବିତା ନାୟକ, ଜିଲା ପରିଷଦ ସଭ୍ୟା ବାସନ୍ତୀ ପାତ୍ର, ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲା ସଭାପତି ଜୟାନନ୍ଦ ନାୟକ, ବିଜେଡି ଜିଲା କୋଷାଧକ୍ଷ ତଥା ସଂଖ୍ୟାଲଘୁ ସେଲ୍ ଜିଲା ଉପସଭାପତି ଏମ୍. ଡି. ୟାସିନ୍ ବାଇଗ, ଜିଲା ଏସ୍‌ଏସି ସେଲ୍ ସାଧାରଣ ସମ୍ପାଦକ ବଙ୍ଗାଳି ବଡସେଠ ପ୍ରମୁଖ ଉପସ୍ଥିତ ଥିଲେ। ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଫୁଲବାଣୀ ଅଫିସ/ବାଲିଗୁଡା,୧୨।୩,(ଡି.ଏନ୍.ଏ.)

ଏକ ହତ୍ୟା ମାମଲାର ବିଚାର କରି ମଙ୍ଗଳବାର ବାଲିଗୁଡା ଅତିରିକ୍ତ ଜିଲା ଜଜ୍ ଅରବିନ୍ଦ ପଟ୍ଟନାୟକ ଅଭିଯୁକ୍ତ ହତ୍ୟାକାରୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟେ ଅଧିକ ୩ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗିବାଡି ଥାନା ସିମନବାଡି ପଞ୍ଚାୟତ ସଲାବାଡି ଗ୍ରାମର ରୋହିତ ପ୍ରଧାନ। ସୂଚନା ଅନୁଯାୟୀ, ୨୦୦୭ ଜୁଲାଇ ୧୨ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରୋହିତ ନିଜ ଗ୍ରାମର ଅଭିମନ୍ୟୁ ପ୍ରଧାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଥାନାରେ ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବାରୁ ପୋଲିସ ନଂ.୭୪/୧୭ରେ ମାମଲା ରୁଜୁ କରି ରୋହିତଙ୍କୁ ଗିରଫ କରିଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁଧାଂଶୁ ମୋହନ ପତି ମାମଲା ପରିଚାଳନା କରୁଥିଲେ।

# କାଜୁ ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

ଜଗନ୍ନାଥପ୍ରସାଦ, ୧୨।୩

ଜଗନ୍ନାଥପ୍ରସାଦ ବ୍ଲକ କୁମ୍ଭାପଡା ଗ୍ରାମ ନିକଟ କାଜୁଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ ଏକ ଗଳିତ ମୃତଦେହ ପଡିଥିବା ଖବର ପାଇ ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସଦଳବଳ ପହଞ୍ଚିଥିଲେ। ମୃତଦେହଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ଏହାକୁ ଚିହ୍ନଟ କରାଯାଇପାରିନାହିଁ। ଏନେଇ ଥାନା ଅଧିକାରୀ ସ୍ୱାଇଁ କୁହନ୍ତି, ମୃତଦେହଟି ଏକ ପଣସ ଗଛତଳେ ପଡିଥିବାବେଳେ ଗଛରେ ଏକ ଗାମୁଛା ଝୁଲୁଛି। ମୃତଦେହଟି ୭/୮ଦିନ ତଳର ବୋଲି ଅନୁମାନ କରାଯାଉଛି। କିଛି ଚିରା କାଗଜପତ୍ର ଓ ପଲିଥିନ ବ୍ୟାଗ ଅନତି ଦୂରରେ ପଡିଥିବା ଦେଖିବାକୁ ମିଳିଛି। ଉକ୍ତ କାଗଜରୁ ୨ଟିଫୋନ୍‌ନମ୍ବର ମିଳିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମୃତବ୍ୟକ୍ତିଙ୍କ ବୟସ ୪୦ ପାଖାପାଖି ହେବ। ତାଙ୍କୁ ଅନ୍ୟତ୍ର ମାରି କେହି ଏଠାରେ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ବୁଧବାର ସାଇଣ୍ଟିଫିକ ଟିମ୍, ଡଗ୍‌ସ୍କ୍ୱାଡ ଆସିବା ପରେ ତଦନ୍ତ ଆରମ୍ଭ ହେବ। ରାତିରେ ସେଠାରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଉଛି। ଏନେଇ ନଂ.୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କହିଛନ୍ତି।

# ଭାଜପାର ବିଜୟ ସଂକଳ୍ପ ଅଭିଯାନ

ବୁଗୁଡା,୧୨।୩(ଡି.ଏନ୍.ଏ.)

ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏନେଇ ନଗୁଡୁ ଓ ମାଣିତରାର ବିଭିନ୍ନ ସାହିରେ ପଥପ୍ରାନ୍ତ ସଭା ହୋଇଥିଲା। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ ଗୋକୁଳାନନ୍ଦ ମଳିକ, ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ, ଜିଲା ଯୁବ ଭାଜପା ସମ୍ପାଦକ କେଦାର ନାଥ ମହାରଣା, ଛାତ୍ର ନେତା ପ୍ରକାଶ ଚନ୍ଦ୍ର ମହାରଥା, କାର୍ତ୍ତିକ ମଙ୍ଗାଳ, ଆଶିଷ ଦୋରା ପ୍ରମୁଖ ଉପସ୍ଥିତ ରହି ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଓ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିରେ ବହୁ ଭାଜପା କର୍ମୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

# ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେବା ସମସ୍ତଙ୍କ କର୍ତ୍ତବ୍ୟ

ଫୁଲବାଣୀ ଅଫିସ, ୧୨।୩

କନ୍ଧମାଳ ଏକତା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ମାନବିକ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ନାଗରିକ ସମାଜର ଭୂମିକା ସମ୍ପର୍କିତ ଏକ ଆଲୋଚନାଚକ୍ର ସ୍ଥାନୀୟ ଏକ ଚର୍ଚ୍ଚ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ମାନବିକ ଅଧିକାରକୁ ସମ୍ବିଧାନ ସୁରକ୍ଷା ଦେଇ ଆସିଛି। ମାତ୍ର ଅଧିକାରୀମାନେ ଆଉ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଉନାହାନ୍ତି। ନିଜ ଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ଯାହା ଗଣତନ୍ତ୍ର ଏବଂ ସମାଜ ପାଇଁ ଭଲ ନୁହେଁ। ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷ ଅଧିକାଂଶ ଲୋକେ ମାନବିକ ଅଧିକାର କ'ଣ ଜାଣୁ ନାହାନ୍ତି। ଯାହାର ଫାଇଦା ଶାସନରେ ଥିବା ରାଜନୈତିକ ଦଳ ଏବଂ ସରକାରୀ ଅଧିକାରୀ ଉଠାଉଛନ୍ତି। ସମ୍ବିଧାନର ବିଧି ବ୍ୟବସ୍ଥା ସୁଶାସନ ଏବଂ ସମାଜର ପ୍ରଗତି ପାଇଁ ଉଦ୍ଦିଷ୍ଟ। ପ୍ରତ୍ୟକ୍ଷରେ ସରକାର ଏବଂ ସରକାରୀ ଅଧିକାରୀ ଏହାକୁ କାର୍ଯ୍ୟକାରୀ କରାଇଥାନ୍ତି। ମାତ୍ର ଆଜିର ଦୁନିଆରେ ସବୁ ଭଲକୁ ମନ୍ଦ କରି ଦିଆଯାଉଛି। କ୍ଷମତାର ଅପପ୍ରୟୋଗ ହେତୁ ଅର୍ଥନୈତିକ ବୈଷମ୍ୟତା ଦେଖା ଦେଉଛି। ଶାସନ ବ୍ୟବସ୍ଥାରେ ଥିବା ବ୍ୟକ୍ତିମାନେ ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ସେବା ପ୍ରଦାନ କଲେ ଅଧିକାଂଶ ସମସ୍ୟାର ସମାଧାନ ହୁଅନ୍ତା ଏବଂ ସମାଜରେ ଏକ ପ୍ରକାର ସମାନତା ଆସନ୍ତା। ମାନବିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହୁଅନ୍ତା ନାହିଁ ବୋଲି ଏକତା ବିକାଶ ମଞ୍ଚ ସଭାପତି ଅଶୋକ ପରିଡା ପ୍ରକାଶ କରିଛନ୍ତି। ସେହିପରି ନିଷ୍ଠାପର ସମାଜସେବକ ଯଦି ମିଳିତ ଭାବେ କାର୍ଯ୍ୟ କରିବେ ତାହାଲେ ଅଧିକାଂଶ ସମସ୍ୟା ସମାଧାନ ହୋଇ ପାରିବ ବୋଲି ମଞ୍ଚ ଆବାହକ ପ୍ରଶନ୍ନ ବିଶୋଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁରଞ୍ଜନ ନାୟକ, ରାଜକିଶୋର ପାଢ଼ୀ, ଦୁର୍ବାସା ସେଠୀ, ମନୋଜ ଚୌଧୁରୀ, ବଟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।


## ଧରିତ୍ରୀ CAREER APPOINTMENT
every Wednesday & Saturday

**PLANT JOB**
Navay Power Plant Ltd
URGENT REQUIRED FOR 36 POST
Qualification : 8th, +2, +3, ITI, Diploma, B.Tech.
Salary : Rs.8200 to Rs.38000
Email : navaypowerplant@gmail.com
Jindal, Angul | 8895327403

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**VIGEN INDIA REQUIRED**
Smart Boys and Girls candidates for office Job.
Age: 18-32 yrs. Edu: 10th to Graduate.
910/1545, Sastri Nagar, Near The World, Backside of Axis Bank.
9348916882

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

**ଶୀଘ୍ର ଆବଶ୍ୟକ**
SALES MAN / OFFICE ASSISTANT
ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ।
Anu Traders, Mancheswar, Bhubaneswar.
Email-anu2014traders@gmail.com
Mob- 8908811231, 9776622166

**ପଞ୍ଚାୟତ, ବ୍ଲକସ୍ତରୀୟ ନିଯୁକ୍ତି**
ପ୍ରତ୍ୟେକ ଜିଲ୍ଲାର ପ୍ରାର୍ଥୀ ଆବେଦନ କରିପାରିବେ। Qualification: 10th above, Salary: 7,000/- to 42,000/-.
Contact: 9777639313

**GOGGLE INTERIOR**
Construction Plan & Interior Architecture Designer- 2D, 3D Plan Requirement.
: Only Beautiful - Girls :
Qualification - Any Degree
Job- Salary open
Mob- 9658961167, 9437516591,BBSR

**Urgent Required**
DTP (High Salary) Operator Required For SK PUBLISHERS BBSR
9040050905, 9778834794

**DOMINOS PIZZA HIRING**
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 7661887314

**Urgently Required**
INDIAN COOK: 2Nos., • House Keeper: 1 No., • Waiter: 2 Nos., • Tourist car Driver: 5 Nos. (License with heavy badge). Walk in Interview on 10.03. & 14.03.2019 (10 AM to 2 PM). At: 24 X 7 Residency, Plot No. 13 West, Ashok Nagar, (Behind Khadi Niketan), BBSR.
Contact: 0674-2533704 (only in office hour)

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412




AN OPPORTUNITY FOR THOSE WHO ARE DRIVEN BY SUCCESS
JOIN PIAGGIO DEALERSHIP TEAM
DHENKANAL
Salary is negotiable, candidate have own two Wheeler & Driving License
Send your update CV within 7 days to:
RITA AUTOMOBILES
Mandabasahi, Padma Bazar, Dhenkanal - 759013
Contact: 06762-227899, 9337859872
Application invited for below positions:
- SALES MANAGER - 01 No. (4 to 5 Yrs. Exp.)
- FIELD EXECUTIVE - 11 Nos. (Exp. / Freshers)
- AUTO DRIVER - 05 Nos. (Min. 1 Yr. Exp.)
- WORKSHOP Mgr. - 01 No. (Min. 5 Yrs. Exp.)
- BACK OFFICE - 02 Nos. (Graduate)

**WANTED DRIVER**
Experienced DRIVER for Private Car. Free Accommodation available.
59, Forest Park, In front of BJD Office, New Airport Chhak, Bhubaneswar.
Contact:- 7205027232, 9078177308

**URGENTLY REQUIRED**
ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
9178134788

**ଲଣ୍ଡ୍ରି କମ୍ପାନୀ ନିମନ୍ତେ ଆବଶ୍ୟକ**
• ଡ୍ରାଇଭର (ଅଟୋ ଏବଂ ଟାଟା ମ୍ୟାଜିକ୍)
• ଆଇରନ କାରିଗର
8018172594, 9078000108

**ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା**
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**WANTED**
1. Quality Incharge- (5 Nos.), Qua: Bsc. Graduate, 2. Maintenance Engineer, Qua: B.Tech., Diploma, ITI, 3. Tele Caller (Female 5 Nos.), 4. Sales Executive- (10 Nos.), 5. Labour- (50 Nos.).
7978787142, 7077700103

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା । ସେବକ । ବ୍ୟକ୍ତିଗତ ସହାୟକ ।
ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

**ZENITH INSTITUTE OF SCIENCE & TECHNOLOGY**
NH-5,PITAPALLI, BHUBANESWAR
(Approved by AICTE , Affiliated by SCTE&VT, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. OR M-TECH with 5 to 6 years experience Administrative field. |
| 2 | Lecturer | Civil Engg., Mechanical Engg., Electrical Engg., Mining Engg., Chemistry, Physics , Mathematics, English |
| 3 | Lab. Asst. | Civil Engg., Mechanical Engg., Electrical Engg., Mining Engg. |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per AICTE Norm
Salary : As per AICTE Norms (Negotiable)
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 18/03/2019
Sl. No. 4 only - 19/03/2019
For more details Contact to : 8908018083/85 , E-mail:- zistorissa@gmail.com
ZENITH GROUP OF INSTITUTIONS

**Kalinga Vision +2 Science Residential College**
NH-5,PITAPALLI, BHUBANESWAR
(Approved by State Government , Affiliated by CHSE, Odisha)
Applications are invited for the following Post:
Teaching & Non-Teaching Position

| Sl. No. | Position | Discipline |
|---|---|---|
| 1 | Principal | P.H.D. or Post Graduate (MSC) with 5 to 6 years experince Administrative field. |
| 2 | Lecturer | Chemistry, Physics , Mathematics, English, Botany, Zoology, Computer Science, Odiya, |
| 3 | Lab. Asst. | Chemistry, Physics , Botany, Zoology |
| 4 | Office Executive/ Asst. | Front Office Executives, Back Office Executives, Office Asst., Accountant, Gardener, Driver, office Attendant, Hostel Warden (Male/Female), Construction Supervisor etc. |

Qualification : As per State Government Norms
Salary : Negotiable
Eligible candidates bring compulsory their resume, Photo copies of educational certificates, PAN Card, Aadhar Card, and 4- passport size photograph.
Venue : College Campus
Date of Interview : Sl. No. 1/2/3 - 16/03/2019
Sl. No. 4 only - 17/03/2019
For more details Contact to : 8908018083/85 , E-mail:- kvrcodisha@gmail.com
ZENITH GROUP OF INSTITUTIONS

**WANTED**
DTP OPERATOR
High Salary for Page Maker Publication, Bapuji Nagar, BBSR.
Contact:- 9861150770, 6370523254

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**WALK – IN INTERVIEW**
AMB ENGLISH MEDIUM SCHOOL
DOBAL, DHAMNAGAR, BHADRAK (CBSE PATTERN)
Mob. No.-9090739750,9776655772
INVITES RESPECTIVE CANDIDATES IN FOLLOWING SUBJECTS TO ATTEND INTERVIEW.
1. NTT- 3 ( NUN FROM MISSION & OTHERS)
2. PRT -3 , Eligibility : (Hons in Resp. Sub- Math, Sci, Eng, Odiya & Hindi)
INTERVIEW DT :- 17/03/2019
Time - 11.00 a.m.
Venue - School Premises
Salary PRT- Rs.10,000/-
Salary NTT- Rs.5,000/-
Free Fooding & Lodging

**PARADIP PORT TRUST**
PARADIP PORT-754 142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA
No.AD/RSC-I-21/66/2011/753 Dated, the 05th March, 2019
ADVERTISEMENT
Applications are invited from Indian Nationals for filling up following Class-I posts on Direct Recruitment basis in Paradip Port Trust.
1. Dy. C.M.O., Surgery : 1 Post
2. Dy. C.M.O., Obstetrics & Gynecology : 1 Post
3. Dy. C.M.O., Pediatrics : 1 Post
4. Dy. C.M.O., Orthopedic : 1 Post
5. Dy. C.M.O., Pathology : 1 Post
6. Dy. C.M.O., Anesthesiology : 1 Post
7. Dy. C.M.O., Ophthalmology : 1 Post
For further details, refer to our website: www.paradipport.gov.in. Last date is 10.04.2019.
Sr. Dy. Secretary
For Secretary
PPT/PR/676/18-19, DT.08.03.2019

See CAREER APPOINTMENT on every Wednesday & Saturday

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ



### ନରେନ୍ଦ୍ର କଲେ ୫ ଦିନ ମାଗଣା ଆଟୋ ସେବା

**ଆନନ୍ଦପୁର,୧୨। ୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ଆନନ୍ଦପୁର ସହରରେ ଜଣେ ଅଟୋଚାଳକ ଦେଶଭକ୍ତିର ବିରଳ ଉଦାହରଣ ପାଲଟିଛନ୍ତି। ପୁଲ୍‌ୱାମା ବିସ୍ଫୋରଣ ଘଟଣାର ଶହୀଦ୍‌ମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୫ ଦିନ ଧରି ମାଗଣା ଆଟୋ ସେବା ଯୋଗାଇବା ଘଟଣା ଏକ ଉଦାହରଣ ସୃଷ୍ଟି କରିଛି। ଆନନ୍ଦପୁର ଅଟୋ ଚାଳକ ସଂଘର ସଭାପତି ନରେନ୍ଦ୍ର ଜେନା (୪୩) ୧୧ ତାରିଖ ସୋମବାର ଠାରୁ ୧୫ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ୫ ଦିନ ଧରି ଆନନ୍ଦପୁରର ଫକୀରମୋହନ ବଜାର ବସଷ୍ଟାଣ୍ଡ ଠାରୁ ଘସିପୁରାର ଖପରାଖାଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏହି ସେବା ଯୋଗାଇବେ ବୋଲି କହିଛନ୍ତି। ତାଙ୍କର ଏଭଳି ମହାନ କାର୍ଯ୍ୟକୁ ସାଧାରଣରେ ସାଧୁବାଦ ଜଣାଯାଇଛି।

### ଦାନ୍ତିଆରେ ବାଲ୍ୟ ବିବାହ ସଚେତନତା

**ଆନନ୍ଦପୁର,୧୨। ୩(ସ୍ୱ.ପ୍ର.)-** ଘସିପୁରା ବ୍ଲକ ଦାନ୍ତିଆ ଠାରେ ବାଲ୍ୟବିବାହ ସଚେତନତା କାର୍ଯ୍ୟକ୍ରମ ଆନନ୍ଦପୁର ଚାଇଲ୍ଡଲାଇନ୍ ଦ୍ୱାରା ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲ୍ୟବିବାହ ନିଷେଧ ଅଧିକାରୀ ତଥା ସିଡିପିଓ ସତ୍ୟଭାମା ସେଠୀ , ସୁପରଭାଇଜର୍ ଛବିରାଣୀ ଜେନା, ସାଇଁକୁଳ ପାଣ୍ଡି ଅଧିକାରୀ ଅଶୋକ କୁମାର ପହି, କନେଷ୍ଟବଳ ଗାୟତ୍ରୀ ରାଉତ, ଆନନ୍ଦପୁର ଚାଇଲ୍ଡଲାଇନ୍ ପକ୍ଷରୁ ନରେନ୍ଦ୍ର ପରିଡା, ଆଇନଜୀବୀ ଭାଗିରଥି ଦାଶ, ଆନନ୍ଦ ସାହୁ, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାଲ୍ୟବିବାହ ଆଇନତଃ ଅପରାଧ ଅଟେ ବୋଲି କହିଥିଲେ। ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ଜେଲ ଦଣ୍ଡର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ସମ୍ପୃକ୍ତ ନାବାଳିକାଙ୍କ ପରିବାରକୁ ଏଭଳି ବିବାହରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା।

### ସାଇ ଚେତନା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ହାଟଡ଼ିହୀ, ୧୨।୩ (ଡି.ଏନ.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢ଼ା ପଞ୍ଚାୟତର ନାଗାତୋଟାରେ ସାଇ ଚେତନା ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂସଦର ସଭାପତି କୀର୍ତ୍ତନ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଷଷ୍ଠ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ରାମଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ବନ୍ତ ସାହିତ୍ୟ ଘରର ସଭାପତି ଗୋବିନ୍ଦ ଚନ୍ଦ୍ର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଗ୍ରାମାଞ୍ଚଳରେ ଭାଷା ସାହିତ୍ୟର ବିକାଶ ହେଲେ ଆମ ସଂସ୍କୃତି ଓ ସାହିତ୍ୟର ସମୃଦ୍ଧି ବିନା ପ୍ରଗତି ଅସମ୍ଭବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବୈଲୋଚନ ସାହୁ ଓ ଅକ୍ଷୟ କୁମାର ଜେନା ଯୋଗ ଦେଇଥିଲେ । ସଂସଦର ମୁଖପତ୍ର 'ସମ୍ଭାବନା' ଓ କବି ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ପୁସ୍ତକ 'ଗୀତା ଶୋଲ୍କ ସନ୍ଧାନ'କୁ ଉନ୍ମୋଚନ କରିଥିଲେ । ସଂସଦର ସମ୍ପାଦକ କବି ଚତୁର୍ଭୁଜ ପହି ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କବି ରତ୍ନାକର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ବନ୍ତ ସାହିତ୍ୟ ଘର, ବଉଳା ସାହିତ୍ୟ ସଂସଦ ହାଟଡିହି, ପ୍ରତିଭା ପ୍ରଣାମ ମଞ୍ଚ ଆନନ୍ଦପୁର, ଚିନ୍ତା ଚେତନା ସାହିତ୍ୟ ସଂସଦ ଆଗରପଡ଼ା, ସାହିତ୍ୟ ଘର ହାଟଡିହୀ, ଅନ୍ୱେଷା ସାହିତ୍ୟ ସଂସଦର କବି କବୟିତ୍ରୀମାନେ ଯୋଗଦେଇ ନିଜ ନିଜର କବିତା ଆବୃତି କରିଥିଲେ।

# ଟଙ୍କା ନ ଦେଲେ ଚିକିତ୍ସା ମନା

## ପ୍ରସୂତିଙ୍କ ଠାରୁ ଟଙ୍କା ଆଦାୟ ଅଭିଯୋଗ

**କେନ୍ଦୁଝର ୧୨।୩ (ସ୍ୱ.ପ୍ର.)**

ସରକାର ପ୍ରସୂତି ମହିଳାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବା ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରି ମାଗଣାରେ ସ୍ୱାସ୍ଥ ସେବା ଯୋଗାଇଦେଉଥିବା କହୁଥିବା ବେଳେ ଆଦିବାସୀ ବହୁଳ କେନ୍ଦୁଝର ଜିଲାରେ ଏହାର ବାସ୍ତବ ଚିତ୍ର ଅଲଗା । ସଚେତନତାର ଅଭାବ ଏବଂ ଦୁର୍ନୀତିଗ୍ରସ୍ତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କ ଦୌରାତ୍ମ୍ୟ ଯୋଗୁଁ ନିରୀହ ଗରୀବ ଆଦିବାସୀ ମାନେ ଟଙ୍କା ଦେଇ ଚିକିତ୍ସିତ ହେଉଥିବା ଘଟଣା ଅଛପା ନୁହେଁ।

ଏନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ବା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ପଚାରିଲେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ କହି ଚୁପ ବସୁଥିବାରୁ ଗରୀବ ଲୋକଙ୍କୁ ନ୍ୟାୟ ମିଳୁନାହିଁ । ଏଭଳି ଆଦିବାସୀ ବହୁଳ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହୋଇଛି। ଟଙ୍କା ନ ଦେଲେ ଚିକିତ୍ସା ହେବ ନାହିଁ ବୋଲି କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ କହୁଥିବାରୁ ବାଧ ହାଇ ସରଳ ରୋଗୀ ମାନେ ଟଙ୍କା ଦେଇ ଚିକିତ୍ସିତ ହେଉଛନ୍ତି। ଚିକିତ୍ସାରେ




ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରସୂତି ବିଭାଗ ୱାର୍ଡ।

ଅବହେଳା କରିବା ଭୟରେ ମୁହଁ ଖୋଲି ଅଭିଯୋଗ କରି ପାରୁନାହାନ୍ତି। ରୋଗୀଙ୍କ ସମ୍ପର୍କୀୟ ମାନେ ସିଧାସଳଖ ୫୦୦ ରୁ ୬୦୦ ଟଙ୍କା ଦେଉଥିବା ଏବଂ ନ ଦେଲେ ଚିକିତ୍ସା ହେବ ନାହିଁ ବୋଲି କେତେକ କର୍ମଚାରୀ କହୁଥିବା ଅଭିଯୋଗ କରିଛନ୍ତି। ହରିଚନ୍ଦନପୁର ବ୍ଲକ ଧୁରୁଡିଆମ୍ବ ଗ୍ରାମର ଲାଦୁର ମୁଣ୍ଡାଙ୍କ ସ୍ତ୍ରୀ ଚାନ୍ଦିନୀ ମୁଣ୍ଡାଙ୍କ ପେଟ ଯନ୍ତ୍ରଣା ହେବାରୁ ଶୁକ୍ରବାର ସେ ହରିଚନ୍ଦନପୁର ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ଏକ ପୁତ୍ର ଜନ୍ମ ହୋଇଥିଲା ଶନିବାର ଡାକ୍ତରଖାନା କର୍ମଚାରୀ ୫୦୦ଟଙ୍କା ମାଗିଥିବା ବୋଲି ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ସେହିପରି ଜାମୋଦା ଗ୍ରାମର ଯମୁନା ମହାକୁଡଙ୍କର ପ୍ରସବ ପରେ ଶନିବାର ୬୦୦ଟଙ୍କା, ଶଗଡପଟା ପଞ୍ଚାୟତ ତେନ୍ତୁଳିପଶି ଗ୍ରାମର ଜଗନ୍ନାଥ କିସ୍କୋଙ୍କ ସ୍ତ୍ରୀ ଅନିତା କିସ୍କୋଙ୍କ ଠାରୁ ୬୦୦ଟଙ୍କା, ଧୁରୁଡିଆମ୍ବ ପଞ୍ଚାୟତର କରଡାପାଳ ଗ୍ରାମର ରନ ମହାରଣାଙ୍କ ସ୍ତ୍ରୀ ରଶ୍ମିତା ମହାରଣାଙ୍କ ଠାରୁ ୬୦୦ଟଙ୍କା, ଜାମୁଦା ଗ୍ରାମର ସଂଗ୍ରାମ ମୁଣ୍ଡାଙ୍କ ସ୍ତ୍ରୀ ତୁଳସୀ ମୁଣ୍ଡାଙ୍କ ଶିଶୁ ମୃତ ହୋଇଥିଲେ ମଧ କାର୍ଯ୍ୟରତ ଥିବା କର୍ମୀ ମାନେ ମାନବିକତା ହରାଇ ପରିବାର ଠାରୁ ୬୦୦ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ପଇସା ଦେଲେ ଏହିଠାରେ ପ୍ରସବ କରାଯିବ ନଚେତ କେନ୍ଦୁଝର ଚିକିତ୍ସାଳୟକୁ ପଠାଇଦିଆଯିବ ବୋଲି କହି ଟଙ୍କା ନେଉଥିବା କେତେକ କହିଛନ୍ତି। ତେବେ ହରିଚନ୍ଦନପୁର ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି। ତେବେ ଏହା ସତ୍ତ୍ୱେ ଗରୀବ ରୋଗୀ ମାନଙ୍କୁ କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଶୋଷଣ କରୁଥିବାରୁ ଅସନ୍ତୋଷ ବଢୁଛି ।

ଏନେଇ ହରିଚନ୍ଦନପୁର ଗୋଷ୍ଠୀ ଚିକିତ୍ସାଳୟର ମୁଖ୍ୟ ଅଧିକାରୀ ଡାକ୍ତର କୈଳାଶ ଚନ୍ଦ୍ର ନାଏକ ଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଟଙ୍କା ଫେରସ୍ତ ହେବ ବୋଲି କହିଛନ୍ତି। ସିଡିଏମଓ ଡାକ୍ତର ଚୌଧୁରୀ ସ୍ୱରୁପ ମିଶ୍ର କହିଛନ୍ତି ଯେ, ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ।

# ଦନ୍ତାହାତୀ ଖେଳାଉଛି ଆତଙ୍କ

**ଯୋଡ଼ା,୧୨।୩(ଡି.ଏନ.ଏ.)**

ଚମ୍ପୁଆ ରେଞ୍ଜ ଯୋଡ଼ା ବନପାଳ ଅଧୀନ ଗୁରୁବେଡ଼ା ଜଙ୍ଗଲରେ ଗୋଟିଏ ଦନ୍ତାହାତୀ ବିଚରଣ କରୁଥିବା ସୂତ୍ରରୁ ଜଣାପଡ଼ିଛି। ଯୋଡ଼ା ବନପାଳ ପିଅନ ନାଏକ ସୂଚନା ଦେଇ କହିଛନ୍ତି ଯେ,ମଙ୍ଗଳବାର ସକାଳ ସମୟରେ ଗୁରୁଡ଼ା ଗ୍ରାମରେ ହାତୀ ଧାନ ବିଲରେ ପଶି ଖାଉଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନକର୍ମଚାରୀମାନେ ସେଠାକୁ ଯାଇଥିଲେ । ବନକର୍ମଚାରୀଙ୍କୁ ଦେଖି ଦନ୍ତା ହାତୀଟି ଜଙ୍ଗଲ ମଧ୍ୟକୁ ପଶିଯାଇଥିଲା। ତେବେ ହାତୀର ଗତିବିଧିକୁ ବନକର୍ମଚାରୀମାନେ ନଜର ରଖିଥିବା ବନପାଳ ନାଏକ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଦନ୍ତା ହାତୀଟି ରେଳ ଲାଇନର ଆଖପାଖ ଜଙ୍ଗଲରେ ବିଚରଣ କରୁଥିବାରୁ ସମସ୍ତ ରେଳ ଷ୍ଟେଶନରେ ମଧ ଏ ନେଇ ସୂଚନା ଦିଆଯାଇଥିବା ସେ କହିଛନ୍ତି। ହାତୀଟି ନିକଟବର୍ତ୍ତୀ ଗୁରୁବେଡ଼ା ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ପାଟଣାରୁ ହୋର୍ଡିଂ ହଟାଇଲା ପ୍ରଶାସନ




ପାଟଣାରେ ପ୍ରଶାସନ ତରଫରୁ ହୋଡିଂ ଚିରାଯାଉଛି।

**ପାଟଣା,୧୨।୩(ସ୍ୱ.ପ୍ର.)**

ଭାରତ ନିର୍ବାଚନ ଆୟୋଗଙ୍କ ତରଫରୁ ବିଧିବଦ୍ଧ ଭାବେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ପାଟଣା ନିର୍ବାଚନ ମଣ୍ଡଳୀରେ ଆଦର୍ଶ ଦୁଇ ପ୍ରମୁଖ ରାଜନୈତିକ ଦଳ ତରଫରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଦେଖାଦେଇଥିଲା। କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ଭାଜପା ପକ୍ଷରୁ ଆଦର୍ଶ ଆଚରଣ ବିଧିର ଖୋଲା ଖୋଲି ଉଲ୍ଲଂଘନ ନେଇ ଖବର ମଙ୍ଗଳବାର ଧରିତ୍ରୀ ଖବର କାଗଜରେ ପ୍ରକାଶ ପାଇଥିଲା।ଏହା ପରେ ପ୍ରଶାସନ ପକ୍ଷରୁ ମଙ୍ଗଳବାର ତତ୍ପରତା ପ୍ରକାଶ ପାଇଛି। ପାଟଣା ମୁଖ୍ୟାଳୟର ମୁଖ୍ୟ ବଜାରର ବିଭିନ୍ନ ସର୍ବସାଧାରଣ ସରକାରୀ ଜମିରେ ଲାଗିଥିବା କାଳିଆ, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଓ ସୌଭାଗ୍ୟ ଯୋଜନାର ହୋର୍ଡିଂରେ ଥିବା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ପ୍ରଶାସନ ପକ୍ଷରୁ ଚିରାଯାଇଛି। ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ନିର୍ବାଚନ ଆଚରଣବିଧି ସୁରକ୍ଷାର ନୋଡ଼ାଲ ଅଫିସର ଅଶୋକ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ସମ୍ପାଦନ ହୋଇଥିଲା।

# ଧରାଛୁଆଁ ଦେଉନାହାନ୍ତି ନିଯୁକ୍ତିଦାତା

## ଦରମା ଦାବିରେ ଧାରଣା




ଧାରଣାରେ ବସିଛନ୍ତି ସିକ୍ୟୁରିଟି ଗାର୍ଡ଼

**ଆନନ୍ଦପୁର,୧୨।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦର ଶାଳପଡ଼ା ଠାରେ ଥିବା ଓପିଟିସିଏଲ୍ ଗ୍ରୀଡ୍‌ଠାରେ ଗତ ୮ବର୍ଷ ହେବ ସିକ୍ୟୁରିଟି କର୍ମଚାରୀ ଭାବେ କାମ କରିଆସୁଥିବା କର୍ମଚାରୀମାନେ ୫ ଦଫା ଦାବିରେ ଗ୍ରୀଡ୍ ମୁଖ୍ୟଫାଟକ ସମ୍ମୁଖରେ ତାଲା ପକାଇ ଧାରଣାରେ ବସିଛନ୍ତି। ଗତ ୩ମାସ ହେବ ଦରମା ମିଳି ନ ଥିବା, ବର୍ଦ୍ଧିତ ହାରରେ ଦରମା, ଦୀର୍ଘ ବର୍ଷର ବକେୟା ବୋନସ୍, ୮ ବର୍ଷର ପି.ଏଫ. ସ୍ଲିପ୍, ଇ.ଏସ.ଆଇ କାର୍ଯ୍ୟପତ୍ର ଆଦି ଦାବିରେ ଏହି ଧାରଣା ଦିଆଯାଇଛି। ଭାରତ ସିକ୍ୟୁରିଟି ନାମକ ଏକ ସଂସ୍ଥା ତରଫରୁ ସମ୍ପୃକ୍ତ ସିକ୍ୟୁରିଟି ଗାର୍ଡମାନଙ୍କୁ ନିଯୁକ୍ତି ମିଳିଥିଲା। ଗତବର୍ଷ ଜୁନ ମାସରୁ ଦରମା ଦେବାରେ ସଂସ୍ଥା ତରଫରୁ ଅନିୟମିତତା ହୋଇଆସୁଥିବା କର୍ମଚାରୀମାନେ କହିଛନ୍ତି। ତେବେ ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ମଧ ସେମାନେ ଧରାଛୁଆଁ ଦେଉନାହାନ୍ତି। ତିନି ମାସର ବକେୟା ଦରମା ଓ ନିୟମିତ ଦରମା ମିଳୁ ନ ଥିବାରୁ ପରିବାର ଭରଣପୋଷଣ ଠାରୁ ଆରମ୍ଭ କରି ପିଲାଛୁଆଙ୍କର ପାଠପଢାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସିକ୍ୟୁରିଟି ଗାର୍ଡ ପ୍ରେମା ଯେନା, ବୈଲୋଚନ ସେଠୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ସମ୍ପୃକ୍ତ ଗ୍ରୀଡରେ ମୋଟ ୫ ଜଣ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ପାଇ କାର୍ଯ୍ୟରତ ଅଛନ୍ତି।

## ଖୋଲାଗଲା ପୋଷ୍ଟର, ହୋର୍ଡିଂ

**ଚମ୍ପୁଆ, ୧୨।୩ (ଡି.ଏନ.ଏ.)**

୨୦୧୯ ସାଧାରଣ ନିର୍ବାଚନ ନିମନ୍ତେ ଗତ ରବିବାର ସନ୍ଧ୍ୟା ସମୟରେ ନିର୍ବାଚନ କମିଶନରଙ୍କ ଦ୍ୱାରା ତାରିଖ ଘୋଷଣା ଓ ଆଚରଣବିଧି ଲାଗୁ କରାଯାଇଛି। ଏହାକୁ ନେଇ ସୋମବାର ସକାଳୁ ଏନଏସି ନିର୍ବାହୀ ଅଧିକାରୀ, ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏନଏସି, ତହସିଲ ଓ ବ୍ଲକ ଅଞ୍ଚଳରେ ଲାଗି ଥିବା ରାଜନୈତିକ ପୋଷ୍ଟର ଓ ହୋଡିଂକୁ ଖୋଲାଯାଇଛି । ସୂଚନା ଅନୁସାରେ ଆଚରଣବିଧି ଲାଗୁ ପରେ ଗାଁଠାରୁ ସହର ପର୍ଯ୍ୟନ୍ତ ପୂର୍ବରୁ ଲାଗିଥିବା ବିଭିନ୍ନ ଯୋଜନା ଓ ଶୁଭେଚ୍ଛା ବାର୍ତ୍ତା ସମ୍ବଳିତ ହୋଡିଂ ପୋଷ୍ଟରକୁ ଖୋଲାଯାଇଛି । ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ନେତୃତ୍ୱରେ ଏନଏସି ଅଞ୍ଚଳରେ ଏହା ଖୋଲାଯାଇଥିବାବେଳେ ତହସିଲଦାର ଆଲୋକ କୁମାର ପଟେଲଙ୍କ ନେତୃତ୍ୱରେ ତହସିଲ ଅଞ୍ଚଳରେ ଓ ବିଡିଓ ନୂପୁର ଚାନ୍ଦଗୋଟିଆଙ୍କ ନେତୃତ୍ୱରେ ବ୍ଲକ ଅଞ୍ଚଳରେ ଉକ୍ତ କାର୍ଯ୍ୟ କରାଯାଇଛି । ଚମ୍ପୁଆ ପୋଲିସର ଉପସ୍ଥିତିରେ ଏହି କାର୍ଯ୍ୟ କରାଯାଇଛି ।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶିତ

**ହାଟଡ଼ିହୀ,୧୨। ୩ (ଡି.ଏନ.ଏ.)**

ହାଟଡିହୀ ବ୍ଲକର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି । ବୃତ୍ତି ପରୀକ୍ଷାରେ ମରୈଗାଁ ପ୍ରାଥମିକ ବିଦ୍ୟାଳୟର ଦେବାଶିଷ ମିଶ୍ର ୮୭ ମାର୍କ ରଖି ପ୍ରଥମ, ସଢ଼ଙ୍ଗ ବିଦ୍ୟାଳୟର ଶୁଭଶ୍ରୀ ବେହେରା ଦ୍ୱିତୀୟ, ଓରାଳି ପ୍ରାଥମିକ ବିଦ୍ୟାଳୟର ବିଭୁ ନାରାୟଣ ରାଉତ ତୃତୀୟ, ଅଶିକାନ୍ତ ବେହେରା ଶାଳଣିଆଁ ନୋଡ଼ାଲ ବିଦ୍ୟାଳୟର ଚତୁର୍ଥ, ସୂର୍ଯ୍ୟାଦିପା ମଲ୍ଲିକ ହାଟଡିହି ବିଦ୍ୟାଳୟର ପଞ୍ଚମ, ସ୍ମୃତି ରଞ୍ଜନ ସା ଷଷ୍ଠ, ଅନୁପ କୁମାର ବେହେରା ପଞ୍ଚୁଗୋଛିଆ ପ୍ରାଥମିକ ବିଦ୍ୟାଳୟର ସପ୍ତମ ସ୍ଥାନ ଅଧିକାର କରିଛନ୍ତି ।

# ଇଭିଏମ, ଭିଭିପଏଟି ସଚେତନତା





ବ୍ଲକ କାର୍ଯ୍ୟାଳୟରେ ଭିଭିପିଏଟି ମେଶିନ୍ ଦ୍ୱାରା ସଚେତନ କରାଯାଉଛି।

**ହାଟଡ଼ିହୀ, ୧୨।୩ (ଡି.ଏନ.ଏ.)**

ଆଗାମୀ ନିର୍ବାଚନ ପାଇଁ ଭୋଟ ଦେବା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ହାଟଡିହୀ ବ୍ଲକ କାର୍ଯ୍ୟାଳୟରେ ଇଭିଏମ ଏବଂ ଭିଭିପିଏଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହାଟଡିହୀ ବ୍ଲକ ବିଡିଓ ସୁଶାନ୍ତ କୁମାର ବାରିକଙ୍କ ଅଧକ୍ଷତାରେ ସିପିଓ ମିତାଲୀ ମୋନାଲିସା ମହାପାତ୍ର ନିର୍ବାଚନରେ ମତଦାତାମାନେ କିପରି ମତଦାନ କରିବେ ସେ ସମ୍ପର୍କରେ ସଚେତନ କରାଇଥିଲେ । ଏହି ସମୟରେ ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଜିପିଓ ନବୀନ ନାୟକ, ଏସିପି ପ୍ରଶାନ୍ତ ସେଠୀ, ନିରଞ୍ଜନ ବାରିକ, ସବିତା ଆୟଚ, ରତିକାନ୍ତ ଲେଙ୍କା, ପ୍ରଫୁଲ୍ଲ ବେହେରା, ସୁପ୍ରଭା ପ୍ରଧାନ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ପାଣି ପାଇଁ ପୁଣି ରାସ୍ତାରୋକୋ



ନରଣପୁରଠାରେ ମହିଳା ଓ ପୁରୁଷ ହାଣ୍ଡି, ଡେକଚି ଧରି ରାସ୍ତା ଅବରୋଧ କରିଛନ୍ତି।

**କେନ୍ଦୁଝର, ୧୨।୩ (ସ୍ୱ.ପ୍ର.)**

କେନ୍ଦୁଝର ସହର ଉପାନ୍ତ ନରଣପୁରଠାରେ ମଙ୍ଗଳବାର ଉକ୍ତ ଗ୍ରାମର ମହିଳା ଓ ପୁରୁଷ ମାନେ ହାଣ୍ଡି, ଡେକଚି ଧରି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଦୀର୍ଘ ୪ ଘଣ୍ଟା ଧରି ରାସ୍ତାରେ ବସି ରହିବା ଫଳରେ ଗାଡି ଚଳାଚଳ ବ୍ୟାହାତ ହୋଇଥିଲା। ଉକ୍ତ ଗ୍ରାମରେ ଜଳାଭାବ ନେଇ ପ୍ରଶାସନଙ୍କୁ ଜଣାଇଥିଲେ ହେଁ ନ ଶୁଣିବାରୁ ବାଧ ହୋଇ ରାସ୍ତା ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଉକ୍ତ ଗ୍ରାମରେ ପାଖାପାଖି ୨୦୦୦ ଲୋକ ବସବାସ କରୁଛନ୍ତି। ପାନୀୟଜଳ ପାଇଁ ଯୋଗାଇ ଦିଆଯାଉଥିବା ବ୍ୟବସ୍ଥାରେ ସେମାନଙ୍କ ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ଏଣୁ କାନଝରୀ ଡ୍ୟାମରୁ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପରୁ ଉକ୍ତ ଗ୍ରାମକୁ ପାଣି ଯୋଗାଇଦେବାକୁ ସେମାନେ ଦାବି କରିଆସୁଥିଲେ । ତେବେ ଏନେଇ କେହି ନ ଶୁଣିବାରୁ ସେମାନେ ବାଧ ହୋଇ ରାସ୍ତାକୁ ଓହ୍ଲାଇଥିବା କହିଛନ୍ତି। ଗତ ସୋମବାର ଏହା ନିକଟ ହଳଦିଆଟାଙ୍ଗିରି ଗ୍ରାମବାସୀ ମାନେ ଏହି ରାସ୍ତା ଅବରୋଧ କରି ଆନ୍ଦୋଳନରେ ବସିଥିଲେ । ପ୍ରଶାସନର ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ୨୦୧୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ହାଟଡ଼ିହୀ, ୧୨।୩ (ଡି.ଏନ.ଏ)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆଁ ହାଇସ୍କୁଲର ୨୦୧୬ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ ଉତ୍ସବ ହୋଇଯାଇଛି । ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅଭୟ ସାହୁ, ସମ୍ମାନିତ ଅତିଥି ଭାବେ ରାଧାଶ୍ୟାମ ନାୟକ, ସୁବାଷ ଚନ୍ଦ୍ର ଜେନା, ବଳରାମ ନାୟକ, ରବୀନ୍ଦ୍ର କୁମାର ବେହେରା, କୋଦଣ୍ଡଧର ମହାନ୍ତି, ନାରାୟଣ ବାରିକ, ହରିହର ବେହେରା, ଅଞ୍ଜନା ବେହେରା, ଉପସ୍ଥିତ ରହିଥିଲେ। ଭକ୍ତବନ୍ଧୁ ସା, ଶୁଭଜିତ୍ ଜେନା, ଭଦ୍ରତନୁ ସା, ନିତିଶ ପେଢ଼ା, ରାକେଶ ଦାସ, ସନ୍ତୋଷ ଶଙ୍ଖୁଆ, ସଞ୍ଜୀବନୀ ରାଉତଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ ।



ଛାତ୍ରୀଛାତ୍ର ବନ୍ଧୁମିଳନ ଉତ୍ସବ ପାଳନ କରୁଛନ୍ତି।

# ଉତ୍ତେଜନାପ୍ରବଣ ବୁଥ୍‌ରେ ସୁରକ୍ଷା କଡ଼ାକଡ଼ି ହେବ

**ଆନନ୍ଦପୁର,୧୨। ୩(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଆଣିବା ପାଇଁ ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଆନନ୍ଦପୁର ଅତିରିକ୍ତ ଉପଜିଲାପାଳ ପଞ୍ଚାନନ ନାୟକ, ରେଭେନ୍ୟୁ ଅଫିସର୍ କୀର୍ତ୍ତନ ବିହାରୀ ଓଝା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଥିଲେ। ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲର ସମୟ ୨୮।୩।୨୦୧୯ ରୁ ୪।୪।୧୯ ପର୍ଯ୍ୟନ୍ତ (ଛୁଟିଦିନକୁ ବାଦ ଦେଇ)ସ୍ଥିର କରାଯାଇଥିବାବେଳେ ୫।୪।୧୯ରେ ନାମାଙ୍କନ ପତ୍ର ଯାଞ୍ଚ, ୮।୪।୧୯ ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ତାରିଖ




ଉପଜିଲାପାଳଙ୍କ ଖବରଦାତା ସମ୍ମିଳନୀରେ ଅଧିକାରୀବୃନ୍ଦ।

ସ୍ଥିର କରାଯାଇଛି। ୨୩।୪।୧୯ରେ ଉଭୟ ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ତାରିଖ ସ୍ଥିର କରାଯାଇଥିବାବେଳେ ୨୩।୫।୧୯ରେ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଘସିପୁରା ନିର୍ବାଚନ ମଣ୍ଡଳୀରେ ମୋଟ ୩୦୦ ପୋଲିଂ ବୁଥ୍ ଧାର୍ଯ୍ୟ କରାଯାଇଛି। ସେଥିମଧ୍ୟରୁ ୬୯ଟି ବୁଥ୍ ଉତ୍ତେଜନାପ୍ରବଣ ରହିଛି ଏବଂ ୨୮ଟି ଅତି ଉତ୍ତେଜନାପ୍ରବଣ ରହିଛି। ଆନନ୍ଦପୁର ନିର୍ବାଚନମଣ୍ଡଳୀର ୭୫ଟି ଉତ୍ତେଜନା ପ୍ରବଣ ଓ ୧୭ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ରହିଥିବା ସୂଚନା ମିଳିଛି। ଭୋଟ କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ଘସିପୁରାକୁ ୨୮ ଗୋଟି ସେକ୍ଟରରେ ବିଭିକ୍ତ କରାଯାଇଥିବାବେଳେ ଆନନ୍ଦପୁରକୁ ୨୯ ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପ୍ରତି ବୁଥ୍ ପାଇଁ ଜଣେ ପ୍ରିଜାଇଡିଂ ଅଫିସର, ୫ ଜଣ ପୋଲିଂ ଅଫିସର ଓ ଜଣେ ସିକ୍ୟୁରିଟିର ବ୍ୟବସ୍ଥା କରାଯାଇଛି। ଘସିପୁରା ନିର୍ବାଚନମଣ୍ଡଳୀରେ ମୋଟ ୨,୧୭, ୫୭୫ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବାକୁ ଥିବାବେଳେ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ୨, ୨୨, ୯୦୧ ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ନିର୍ବାଚନରେ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଉତ୍ତେଜନା ଓ ଅତିଉତ୍ତେଜନା ପ୍ରବଣ ବୁଥ୍ ଗୁଡିକରେ ସିସିଟିଭି ଲଗାଇବାର ବ୍ୟବସ୍ଥା କରିବା ସହିତ ଭିଡିଓ ରେକଡିଂ ବ୍ୟବସ୍ଥା ମଧ ଗ୍ରହଣ କରାଯାଇଛି। ଭୋଟରମାନେ ଠିକ୍ ଭାବରେ ମତସାବ୍ୟସ୍ତ କରିବା ପାଇଁ ଉଭୟ ନିର୍ବାଚନମଣ୍ଡଳୀରେ ୭ଟି ଟିମ୍ ଗଠନ କରାଯାଇ ଇଭିଏମ ଓ ଭିଭିପାଟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ସେହିପରି ପ୍ରିଜାଇଡିଂ ଅଫିସର ଏବଂ ଫାଷ୍ଟ ପୋଲିଂ ଅଫିସରମାନଙ୍କୁ ତିନିସ୍ତରରେ ଇଭିଏମ ଓ ଭିଭିପାଟ ପରିଚାଳନା ତାଲିମ୍‌ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଦର୍ଶ ଆଚରଣବିଧି ଲାଗୁହେବା ପରେ ରାସ୍ତା କଡ ମାନଙ୍କରୁ ସରକାରୀ ହୋଡିଂ ମାନ ଉଠାଇବାର ମଧ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

# ମାଟିର ପୋଷକତତ୍ତ୍ୱ ପରିଚାଳନା





ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ପରିବର୍ଦ୍ଧିତ ଖାଦ୍ୟଶସ୍ୟ ଚାହିଦାକୁ ଆଖି ଆଗରେ ରଖି ଅଧିକ ଫସଲ ଉତ୍ପାଦନ ପାଇଁ ମୃତ୍ତିକାର ସମନ୍ୱିତ ପୋଷକତତ୍ତ୍ୱ ପରିଚାଳନା ଅପରିହାର୍ଯ୍ୟ। ମାଟିର ଉର୍ବରତା ବୃଦ୍ଧି ଲାଗି ପ୍ରଥମ, ଦ୍ୱିତୀୟ ଏବଂ ଅଣୁ ପୋଷକ ତତ୍ତ୍ୱଗୁଡିକର ସୁଷମ ଉପଲବ୍ଧତା ଆବଶ୍ୟକ।

ଖତ ଓ ରାସାୟନିକ ସାର ପ୍ରୟୋଗ ମାଟିର ଉର୍ବରତା ବୃଦ୍ଧି କରିବା ସଙ୍ଗେସଙ୍ଗେ ଅଧିକ ଅମଳ ପାଇବାରେ ସହାୟକ ହୋଇଥାଏ। ସବୁଜ ବିପ୍ଳବ ପରେ ଆମ ଦେଶରେ ଯବକ୍ଷାରଯାନ, ଫସ୍‌ଫରସ୍ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ୧.୧ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୨୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ଅନ୍ତର୍ଜାତୀୟ ସାର ସଂଘର ଆକଳନ ଅନୁସାରେ ୨୦୧୨ରେ ଭାରତ ରାସାୟନିକ ସାର ବ୍ୟବହାରରେ ଦ୍ୱିତୀୟ ସ୍ଥାନରେ ଥିଲା । ୧୯୯୧-୯୨ ମସିହାରେ ଆମଦେଶରେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୬୯.୮୪ କିଗ୍ରା ଥିଲାବେଳେ ବର୍ତ୍ତମାନ ଏହା ହେକ୍ଟର ପିଛା ୧୨୮.୮୪ କିଗ୍ରାରେ ପହଞ୍ଚିଛି। ଭାରତର ବିଭିନ୍ନ ପ୍ରଦେଶରେ ରାସାୟନିକ ସାରର ବ୍ୟବହାର ଅଲଗା ଅଲଗା । ପଞ୍ଜାବ, ହରିୟାଣା, ଆନ୍ଧ୍ର ପ୍ରଦେଶରେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୨୦୦ କିଗ୍ରା ଥିବା ସ୍ଥଳେ ଓଡ଼ିଶା, କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ଇତ୍ୟାଦି ରାଜ୍ୟରେ ଏହାର ବ୍ୟବହାର ହେକ୍ଟର ପିଛା ୧୦୦ କିଗ୍ରାରୁ କମ୍। ୨୦୧୫-୧୬ରେ ଓଡ଼ିଶାରେ ୫୧୯.୭ ହଜାର ଟନ୍ ରାସାୟନିକ ସାର ବ୍ୟବହୃତ ହୋଇଥିଲା। ଯେଉଁଥିରେ ଯବକ୍ଷାରଯାନ, ଫସ୍‌ଫରସ ଓ ପଟାସ ଜାତୀୟ ସାରର ବ୍ୟବହାର ଯଥାକ୍ରମେ ୩୨୭.୧୯, ୧୩୩.୬୬ ଏବଂ ୫୮.୮୫ ହଜାର ଟନ୍ ଥିଲା । ୨୦୧୫-୧୬ରେ ଓଡ଼ିଶାରେ ହେକ୍ଟର ପିଛା ରାସାୟନିକ ସାରର ବ୍ୟବହାର ୬୨.୬୪ କିଗ୍ରା ଥିଲା, ଯେଉଁଥିରେ ଯବକ୍ଷାରଜାନ, ଫସଫରସ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ଯଥାକ୍ରମେ ୩୯.୪୩, ୧୬.୧୧ ଏବଂ ୭.୦୯ କିଗ୍ରା ଥିଲା। ମୋଟାମୋଟି ଦେଖିବାକୁ ଗଲେ ଓଡ଼ିଶାରେ ରାସାୟନିକ ସାରର ବ୍ୟବହାର ସର୍ବଭାରତୀୟ ହାର ଅପେକ୍ଷା ଯଥେଷ୍ଟ କମ୍ । ପର୍ଯ୍ୟାପ୍ତ ଜଳସେଚିତ ଜମିର ଅଭାବ, ଚାଷୀମାନଙ୍କର ଆର୍ଥିକ ଦୁରବସ୍ଥା, ଠିକ୍ ସମୟରେ ରାସାୟନିକ ସାର ସମବାୟ ସଂସ୍ଥା ଓ ଖୋଲା ବଜାରରେ ଉପଲବ୍ଧ ନ ହେବା, ରାସାୟନିକ ସାରର କ୍ରମାଗତ ଦରବୃଦ୍ଧି, ବୈଷୟିକ ଜ୍ଞାନ କୌଶଳର ଅଭାବ ଏବଂ କ୍ରମାଗତ ରାସାୟନିକ ସାର ପ୍ରୟୋଗ ହେଲେ ଜମିର ଉର୍ବରତା କମ୍ ହୋଇଯିବା ଭଳି ଅନ୍ଧବିଶ୍ୱାସ ଏଥିପାଇଁ ଦାୟୀ । ଓଡ଼ିଶା ସରକାରଙ୍କ ତରଫରୁ ଘୋଷଣା କରାଯାଇଛି ଯେ ଯେ ରାସାୟନିକ ସାରର ବ୍ୟବହାର ହେକ୍ଟର ପିଛା ୬୭ କି.ଗ୍ରାକୁ ବୃଦ୍ଧି ପାଇବ ।

ରାସାୟନିକ ସାରର ବହୁଳ ବ୍ୟବହାର ଲାଗି ୨୦୧୦ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ଘୋଷଣା କରାଯାଇଛି । ଏହି ଯୋଜନାରେ ପ୍ରାଥମିକ ପୋଷକତତ୍ତ୍ୱ ଯବକ୍ଷାରଯାନ, ଫସଫରସ, ପଟାସ ଏବଂ ଅଣୁ ପୋଷକତତ୍ତ୍ୱ ଜିଙ୍କ୍ ଏବଂ ବୋରନ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି । ୟୁରିଆ ସାରର ବଜାର ଦରକୁ ନିୟନ୍ତ୍ରିତ କରାଯାଇଛି । ୨୦୧୦ଠାରୁ ଅନ୍ତର୍ଜାତୀୟ ରାସାୟନିକ ସାରର ବଜାର ଦରକୁ ଆଖରେ ରଖି ସାର ଉତ୍ପାଦନକାରୀ କମ୍ପାନୀଗୁଡିକ ସାରର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି । ପୋଷକ ତତ୍ତ୍ୱ ଉପରେ ଆଧାରିତ ଅନୁଦାନ ସରକାର ଘୋଷଣା କରିବା ପରେ ଫସ୍‌ଫରସ୍ ଓ ପଟାସ ସାରର ଆଶାତୀତ ଦର ବୃଦ୍ଧି ଘଟିଛି କିନ୍ତୁ ୟୁରିଆ ସାରର ବଜାର ଦରକୁ ନିୟନ୍ତ୍ରଣରେ ରଖାଯାଇ ପାରିଛି । ୨୦୦୧ରୁ ୨୦୦୯ ମଧ୍ୟରେ ଭାରତର ଯବକ୍ଷାରଯାନର ବ୍ୟବହାର ଶତକଡା ୩୮ ଭାଗ ବଢିଥିବା ବେଳେ ଫସଫରସ ଓ ପଟାସ ବ୍ୟବହାର ଯଥାକ୍ରମେ ଶତକଡା ୬୬ ଭାଗ ଓ ୧୧୮ ଭାଗ ବୃଦ୍ଧି ପାଇଥିଲା । କିନ୍ତୁ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ଲାଗୁହେବା ପରେ ଯବକ୍ଷାରଯାନ ଜାତୀୟ ସାରର ବ୍ୟବହାର ବୃଦ୍ଧି ପାଇଥିବାବେଳେ ପଟାସ ଓ ଫସଫରସ ଜାତୀୟ ସାରର ବ୍ୟବହାର ହ୍ରାସ ପାଇଛି । ଅପରପକ୍ଷେ ପୋଷକ ତତ୍ତ୍ୱ ଉପରେ ଆଧାରିତ ଅନୁଦାନ ମୃତ୍ତିକାର ସୁଷମ ପୋଷକ ତତ୍ତ୍ୱ ରଖିବାରେ ସହାୟକ ହୋଇନାହିଁ। ତେଣୁ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ବ୍ୟବସ୍ଥା ବ୍ୟାପକ ହେବା ଆବଶ୍ୟକ। ମାଟିର ପୋଷକତତ୍ତ୍ୱ ଓ ରାସାୟନିକ ସାରର ବ୍ୟବହାର ବହୁଳ ହେବା ସକାଶେ ଭାରତ ସରକାର କେତେକ ପଦକ୍ଷେପ ନେଇଛନ୍ତି । ୟୁରିଆ ସାରରେ ନିମ୍ବ ପ୍ରଲେପ ଦିଆଯାଇ ପ୍ରସ୍ତୁତ କରାଯାଉଛି । ସରକାର ମୃତ୍ତିକା ପରୀକ୍ଷା ଗାରରେ ମାଟି ପରୀକ୍ଷା କରାଇ ରାସାୟନିକ ସାର ବ୍ୟବହାର ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି । ମୃତ୍ତିକାର ଉତ୍ତମ ସ୍ୱାସ୍ଥ୍ୟ ଲାଗି ଖତ ଓ ରାସାୟନିକ ସାରର ମାତ୍ରାରେ ତାଳମେଳ ରହିବା ଆବଶ୍ୟକ । ସରକାର ମୃତ୍ତିକା ପରୀକ୍ଷା କେନ୍ଦ୍ର, ରାସାୟନିକ ସାରର ମାନ ପରୀକ୍ଷା ଓ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଉଛନ୍ତି । ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ରାସାୟନିକ ସାର ଅନୁଦାନ ପାଇଁ ସରକାର ୭୦୦୭୯.୮୫ କୋଟି ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛନ୍ତି, ଯେଉଁଥିରେ ୟୁରିଆ ସାର ଲାଗି ୪୨୭୨୧.୭୦ କୋଟି ଟଙ୍କା ଏବଂ ପୋଷକତତ୍ତ୍ୱ ଉପରେ ଆଧାରିତ ଅନୁଦାନ ପାଇଁ ୨୨୨୫୧.୮ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।

ଏଣୁ ଚାଷୀଭାଇମାନେ ଜମିରୁ ଅଧିକ ଅମଳ ପାଇବା ପାଇଁ ମୃତ୍ତିକା ପରୀକ୍ଷା କରି ଉପଯୁକ୍ତ ପରିମାଣର ଖତ ଏବଂ ସାର ପ୍ରୟୋଗ ଦ୍ୱାରା ମାଟିର ସ୍ୱାସ୍ଥ୍ୟ ଓ ଉର୍ବରତା ବୃଦ୍ଧି କରିପାରିବେ ।

ମୋ- ୭୮୯୪୩୩୫୩୭୧

> ଖତ ଓ ରାସାୟନିକ ସାର ପ୍ରୟୋଗ ମାଟିର ଉର୍ବରତା ବୃଦ୍ଧି କରିବା ସଙ୍ଗେସଙ୍ଗେ ଅଧିକ ଅମଳ ପାଇବାରେ ସହାୟକ ହୋଇଥାଏ। ସବୁଜ ବିପ୍ଳବ ପରେ ଆମ ଦେଶରେ ଯବକ୍ଷାରଯାନ, ଫସ୍‌ଫରସ୍ ଓ ପଟାସ ଜାତୀୟ ରାସାୟନିକ ସାରର ବ୍ୟବହାର ୧.୧ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇ ୨୫ ଲକ୍ଷ ଟନ୍‌ରେ ପହଞ୍ଚିଛି..

# ଧୈର୍ଯ୍ୟ ସଫଳତାର ବାଟ ଦେଖାଇଛି



ସଫଳ ଚାଷୀ
ହରେକୃଷ୍ଣ ରାଉଳ

ମାଟ୍ରିକ୍ ପାଶ୍ କରିବା ପରେ ତାଙ୍କର କେତେକ ସାଙ୍ଗ ଚାକିରି କଲେ ତ ଆଉ କେତେକ ଉଚ୍ଚଶିକ୍ଷା ପାଇଁ କଲେଜରେ ପଢିଲେ। ହେଲେ ଏସବୁ ପ୍ରତି ତାଙ୍କର ମନବଳିଲା ନାହିଁ। ଚାଷକାର୍ଯ୍ୟ କରି ସ୍ୱରୋଜଗାରକ୍ଷମ ହେବାକୁ ସେ ଅଣ୍ଟା ଭିଡ଼ିଲେ। ମାତ୍ର ବର୍ଷ କେଇଟାରେ ସେ ସ୍ଥାନୀୟ ଅଞ୍ଚଳର ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ହରେକୃଷ୍ଣ ରାଉଳ(ମୋ: ୭୭୫୦୦୯୬୪୫୪)। ବାଲେଶ୍ୱର ଜିଲା ଖଇରା ବ୍ଲକର ବଡନୂଆଗାଁ ଗ୍ରାମପଞ୍ଚାୟତ ଅଧୀନ ସଇଁ ଗ୍ରାମରେ ତାଙ୍କର ଘର।

୧୯୮୮ରେ ବାଘୁଆ ସ୍କୁଲରୁ ମାଟ୍ରିକ ପାଶ୍ ପରେ ଚାଷକାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ। ତାଙ୍କ ବାପା ଚିନ୍ତାମଣି ଚାଷ କରୁଥିବାର ଜମିର ଦାୟିତ୍ୱ ନେଲେ। ସାନଭାଇ ଗୋଲକ ପ୍ରସାଦ ଏଥିରେ ସହଯୋଗ କଲେ। ୨୦୦୨ମସିହାରେ ପ୍ରଥମେ ୫୦ଡେସିମିଲ ଜମିରେ ଚାଷକାମ ଆରମ୍ଭ କରିଥିଲେ ହରେକୃଷ୍ଣ । ସେହିବର୍ଷ କିଛି କ୍ଷତିସହିବାକୁ ପଡିଥିଲା। ତଥାପି ସେ ଧୈର୍ଯ୍ୟହରା ହୋଇ ନ ଥିଲେ । ପରବର୍ତ୍ତୀ ସମୟରେ ଲାଭ ହେଲା ଆଉ ଏହା ତାଙ୍କ ମନୋବଳ ବଢାଇଦେଲା । ଏବେ ସେ ୧ହେକ୍ଟର ଜମିରେ ବାଇଗଣ, ବିଲାତି, ଲଙ୍କା, ବନ୍ଧାକୋବି,ଫୁଲକୋବି,ମକା ଇତ୍ୟାଦି ଚାଷ କରୁଛନ୍ତି । ଅନ୍ୟ ଚାଷରୁ ଯାହାକିଛି ଲାଭ ମିଳୁଥିବା ବେଳେ ଏଥର ବିଲାତି ଚାଷସମ୍ପୂର୍ଣ୍ଣ କ୍ଷତି ପହଞ୍ଚାଇଛି । ୫୦ଡେସିମିଲ ଜମିରେ ସେ ବିଲାତି ଲଗାଇଥିଲେ । ମଞ୍ଜି ସାର ଔଷଧ ଏମିତି ସବୁ ମିଶାଇଲେ ତାଙ୍କର ୨୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ଠିକ ବିଲାତି ପାଚି ଆସିବା ବେଳକୁ ବର୍ଷା ହେବାରୁ ଅର୍ଦ୍ଧାଧିକ ବିଲାତି ପଚିଗଲା । ଆଉ ଯାହାବି କିଛି ବିକ୍ରି ଯୋଗ୍ୟଥିଲା ବଜାରରେ ଏବେ କିଲୋ ୨ରୁ ୩ଟଙ୍କା ଦରରେ ବିକ୍ରି ହେଉଥିବାରୁ ତୋଳାମଜୁରି ବି ଉଠିବା ସମ୍ଭାବନା ନ ଥିବାରୁ ଆଉ ତାକୁ ନ ତୋଳି ସେହି ଜମିରେ ଛାଡି ଦେଇଛନ୍ତି । ଅବଶ୍ୟ ବିବାହ ଋତୁ ଆସିଲେ ବିଶେଷ କରି ବାଇଗଣରୁ କିଛି ଅଧିକ ଲାଭ ମିଳିଥାଏ ବୋଲି ସେ କୁହନ୍ତି।

ନିଜର ପିଲାଙ୍କୁ ଲାଳନପାଳନ କଲାଭଳି ଗଛମୂଳରୁ ଅନାବନା ଘାସ ବାଛିବା, ସାର ଓ ପାଣିଦେବା, କୀଟନାଶକ ସ୍ପ୍ରେ କରିବା କାର୍ଯ୍ୟରେ ସବୁବେଳେ ଲାଗିଥାଆନ୍ତି ହରେକୃଷ୍ଣ । ଖଇରା ବ୍ଲକର ବର୍ତ୍ତନା, କୁପାରୀ ଇତ୍ୟାଦି ଅଞ୍ଚଳକୁ ପରିବା ଯୋଗାଇ ଗ୍ରାହକଙ୍କର ବିଶ୍ୱାସଭାଜନ ହୋଇପାରିଛନ୍ତି ସେ। ତେବେ ଏହି ଚାଷରୁ ନିଜ ପରିବାର ଚଳାଇବା ସହ ଘରଖଣ୍ଡେ କରିଛନ୍ତି । ନିଜ ପିଲା ଓ ଭାଇମାନଙ୍କର ପିଲାମାନଙ୍କୁ ମଧ୍ୟ ପାଠ ପଢାଉଛନ୍ତି । ସରକାରୀ ଯୋଜନାରୁ ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ସହାୟତା ମିଳି ନ ଥିବା କୁହନ୍ତି ସେ । ତେବେ ତାଙ୍କ ଜମି ସନ୍ନିକଟରେ ୫ବର୍ଷ ତଳୁ କେନାଲ ଖୋଳାଯାଇ ସାରିଥିଲେ ହେଁ ଦରକାର ସମୟରେ ପାଣିମିଳେ ନାହିଁ । ସେହି ବୋରୱେଲ ହିଁ ଏକମାତ୍ର ଜଳର ଉତ୍ସ । ପରିବା ନଷ୍ଟ ହେଉଥିଲେ ମଧ୍ୟ କୌଣସି ବିମା ନ ଥିବାରୁ ସେଥିରୁ ମଧ୍ୟ କିଛିମିଳିବାର ଆଶା ନ ଥାଏ । ଯଦି ସରକାର ଶୀତଳ ଭଣ୍ଡାରଟିଏ ପ୍ରତିଷ୍ଠା ପାଇଁ ଧ୍ୟାନ ଦିଅନ୍ତେ ତେବେ ଚାଷୀମାନଙ୍କୁ ଚାଷକାର୍ଯ୍ୟ ପାଇଁ ପ୍ରୋତ୍ସାହନ ମିଳିପାରନ୍ତା ବୋଲି କୁହନ୍ତି ହରେକୃଷ୍ଣ ।

- ଉତ୍କଳବନ୍ଧୁ ପଣ୍ଡା

## ସୂର୍ଯ୍ୟମୁଖୀର ସଙ୍କଟକାଳ

ଦାନାଗଠନ ସମୟ ହେଉଛି ସଙ୍କଟକାଳ। ଏହି ସମୟରେ ମାଟିର ବତରକୁ ଚାହିଁ ଜଳସେଚନ କରନ୍ତୁ। କାଳୀମୁଣ୍ଡି ପୋକର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଫସଲ ୪୦ ରୁ ୫୦ ଦିନର ହୋଇଯାଇଥିଲେ ଏକର ପ୍ରତି ଉନ୍ନତ କିସମ ଲାଗି ୩ କିଗ୍ରା ଓ ସଙ୍କରଜାତୀୟ ପାଇଁ ୬ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଫୁଲ ଆସିବା ପୂର୍ବରୁ ପ୍ରତି ଲିଟର ପାଣିରେ ୨ ରୁ ୩ ଗ୍ରାମ୍ ହିସାବରେ ବୋରକ୍ସ ମିଶାଇ ସିଞ୍ଚନ କରନ୍ତୁ।



## ମକାରେ ଜଳସେଚନ



ଦିନର ତାପମାତ୍ରା ବଢୁଥିବାରୁ ପାଣିର ଆବଶ୍ୟକତା ବଢିଥାଏ। ମାଟିର ଅବସ୍ଥା ଦେଖି ଜଳସେଚନ କରନ୍ତୁ। କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ। ମକା ଚଅଁର ବାହାରିବା ଅବସ୍ଥାରେ ଥିଲେ ଦ୍ୱିତୀୟ ବାର କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ତା'ପରେ ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ।

## ରାଶିରେ ସାର ପ୍ରୟୋଗ



ରାଶି ୨ରୁ ୩ ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛନ୍ତୁ। ଏକର ପ୍ରତି ୧ କିଗ୍ରା ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ। କୋଡାଖୁସା, ଘାସ ବଛା ଓ ସାର ପ୍ରୟୋଗ ଆଦି କାମ ମଞ୍ଜି ବୁଣିବାର ୨୫ ଦିନ ଭିତରେ ସାରି ଦିଅନ୍ତୁ। କାରଣ ୨୫ ଦିନ ପରେ ଫୁଲ ଧରିବା ଆରମ୍ଭ ହୁଏ। ପତ୍ରଛଦା ପୋକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି ଏଣ୍ଡୋସଲ୍‌ଫାନ୍ ସିଞ୍ଚନ କରନ୍ତୁ।

## ଜାତୀୟ ନିରାପତ୍ତା ...

ନେତା ଓ କର୍ମୀଙ୍କୁ ନେଇ ବୈଠକ କରିଥିଲେ। ଏଯାଏ କେବଳ ଉତ୍ତରପ୍ରଦେଶରେ ସୀମିତ ଥିବା ପ୍ରିୟଙ୍କା ଲୋକ ସଭା ନିର୍ବାଚନ ପୂର୍ବରୁ ମୋଦିଙ୍କ ଗଡ଼ ଗୁଜରାଟରେ ତାଙ୍କୁ ଟାର୍ଗେଟ କରି ନିଜ ରାଜନୈତିକ ପରିସର ବୃଦ୍ଧି କରିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବର୍ତ୍ତମାନର କେନ୍ଦ୍ର ସରକାରଙ୍କ ସମୟରେ କୃଷି ସମସ୍ୟା, ବିପର୍ଯ୍ୟସ୍ତ ଶିଳ୍ପ ଅଭିବୃଦ୍ଧି ଓ ବେକାରି ସମସ୍ୟା ବୃଦ୍ଧି ପାଇଛି ବୋଲି ସମାଲୋଚନା କରିଥିଲେ। ରାହୁଲ, ପ୍ରିୟଙ୍କା, ସୋନିଆ, ମନମୋହନଙ୍କ ସମେତ ଦଳର ବରିଷ୍ଠ ନେତା ଗୁଲାମନବୀ ଆଜାଦ୍, ଅହମ୍ମଦ ପଟେଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ନିଜ ବିଫଳତାରୁ ଧ୍ୟାନ ହଟାଇବା ପାଇଁ ମୋଦି ସରକାର ଜାତୀୟ ନିରାପତ୍ତା ସହ ସାଲିସ କରୁଥିବା ଦର୍ଶାଇ ଏହା ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା। ସଂକଳ୍ପନାମାକୁ ନେଇ ଏକ ବିବୃତି ମଧ୍ୟ ଦଳ ପକ୍ଷରୁ ଜାରି କରାଯାଇଥିଲା। ୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ 'ଦାଣ୍ଡି ସତ୍ୟାଗ୍ରହ' ଆରମ୍ଭ କରିଥିଲେ। ଏହାର ୮୯ତମ ବର୍ଷପୂର୍ତ୍ତି ଅବସରରେ କଂଗ୍ରେସ ନେତାମାନେ ପ୍ରଥମେ ସାବରମତୀ ଆଶ୍ରମରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପ୍ରକାଶ ଯେ, ଗୁଜରାଟର ଭାବନଗରରେ ୧୯୬୧ରେ ଶେଷଥର ପାଇଁ ସିଡବ୍ଲ୍ୟୁସି ବୈଠକ ହୋଇଥିଲା।

## ନୂଆ ନିୟମ...

କେବଳ ସେତିକି ନୁହେଁ ଗତ ୫ବର୍ଷର ଆୟକର ରିଟର୍ନ, ପାନ୍ ନମ୍ବର ମଧ୍ୟ ସତ୍ୟପାଠ ଦାଖଲ ବେଳେ ଦେବାକୁ ପଡ଼ିବ। ଯଦି ପାନ୍‌କାର୍ଡ ନ ଥିବ ତେବେ ଆବେଦନର ରସିଦ୍ ଦେବାକୁ ପଡ଼ିବ। ମଙ୍ଗଳବାର ସର୍ବଦଳୀୟ ବୈଠକପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଉପରେ ନଜର ରଖିବାକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛନ୍ତି। ସେମାନେ ନିୟମିତ ଖର୍ଚ୍ଚର ତର୍ଜମା କରିବେ। ସେସବୁର ଭିଡିଓଗ୍ରାଫି କରାଯିବ। ସୋସିଆଲ ମିଡିଆରେ ପ୍ରାର୍ଥୀମାନେ ପ୍ରଚାର କରିବାର ସମ୍ଭାବନା ରହିଛି। ଏହା ଉପରେ ନିର୍ବାଚନ ଆୟୋଗ ନଜର ରଖିଛନ୍ତି। ଏଥିପାଇଁ ରାଜ୍ୟରେ ସ୍ୱତନ୍ତ୍ର ସେଲ ଖୋଲାଯାଇଛି। ଯେଉଁସବୁ ଇସ୍ୟୁ ଭାଇରାଲ ହେବ ସେସବୁର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ସୁରେନ୍ଦ୍ର କହିଛନ୍ତି। ନିର୍ବାଚନ ଆୟୋଗଙ୍କ ଏହି ନୂଆ ନିୟମ ପ୍ରାର୍ଥୀଙ୍କୁ ଅଡୁଆରେ ପକାଇବ ବୋଲି ଆଲୋଚନା ହେଉଛି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ କିପରି ଅବାଧ, ନିରପେକ୍ଷ ଓ ସ୍ୱଚ୍ଛ ହୋଇ ପାରିବ ସେ ନେଇ ବିଭିନ୍ନ ରାଜନୈତିକ ଦଳ ସହିତ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଥିଲେ। ଭାରତର ନିର୍ବାଚନ ଆୟୋଗଙ୍କ ନୂତନ ନିୟମ ବିଷୟ ତଥା ଭିଭିପାଟ୍, ଦଳୀୟ ଖର୍ଚ୍ଚ, ପ୍ରାର୍ଥୀମାନଙ୍କ ଖର୍ଚ୍ଚ ବିଷୟରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଛି। ଏହାଛଡ଼ା ମୁଖ୍ୟ ନିର୍ବାଚନ ଅଧିକାରୀ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ଇଭିଏମ୍ ମେଶିନ, ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍‌ର ପେୟାରିଂ ସହ ଇଭିଏମ୍ କମିଶନିଂ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ପ୍ରଥମ କରି ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମୋବାଇଲ ଆପ୍ ସି-ଭିଜିଲ ନିର୍ବାଚନ ସମୟରେ ସାଧାରଣ ଲୋକମାନେ ବ୍ୟବହାର କରି ପାରିବେ। କୌଣସି ସ୍ଥାନରେ ନିର୍ବାଚନ ସମୟରେ ଗଣ୍ଡଗୋଳ କିମ୍ବା ଟଙ୍କା ବଣ୍ଟା ଯାଉଥିଲେ ଏହାର ଫଟୋ ଉଠାଇ ସି-ଭିଜିଲ ଆପ୍‌କୁ ପଠାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ମତଦାତା ଯେ କୌଣସି ସରକାରୀ ସ୍ୱୀକୃତି ପ୍ରାପ୍ତ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଲୋଚନାବେଳେ ଭୋଟରମାନଙ୍କ ନାମ ହଟାଯାଇଥିବା ଏବଂ ଅନେକ ସ୍ଥାନରେ ଏବେ ବି ଶାସକ ଦଳର ହୋର୍ଡିଂ ଲାଗି ରହିଥିବା ନେଇ ଭାଜପା ଅଭିଯୋଗ କରିଛି। ସେହିପରି ସଚିବାଳୟରୁ ବଦଳି ନିର୍ଦ୍ଦେଶ ଦିଆଯାଇଥିବାବେଳେ ଜିଲାପାଳ ଜିଲାସ୍ତରରେ ବଦଳି ନିୟମକୁ ଲାଗୁ କରୁ ନ ଥିବା ଭାଜପା ଅଭିଯୋଗ କରିଛି। ଅନ୍ୟପକ୍ଷରେ ନିର୍ବାଚନ କମିଶନ ଘୋଷଣା କରିଥିବା ୪ଟି ପର୍ଯ୍ୟାୟ ମତଦାନକୁ ନେଇ ବିଜେଡି ଆପତ୍ତି ଉଠାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨୪ ଘଣ୍ଟା ମଧ୍ୟରେ ୩୦ହଜାର ହୋର୍ଡିଂ ହଟାଯାଇଥିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ। ଏଥିସହିତ ଯେଉଁ ସରକାରୀ ସଂସ୍ଥାରେ ରାଜନୈତିକ ଦଳର ଫଟୋ ରହିଥିବ ସେସବୁକୁ ତୁରନ୍ତ ହଟାଇବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଧିକାରୀ ଏହି ନିର୍ଦ୍ଦେଶକୁ ପାଳନ ନ କରିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ମତଦାନ ସମୟରେ ହେଲିକପ୍ଟର ବ୍ୟବହାର କରାଯିବ। ମତଦାନ ସମୟ ପରିବର୍ତ୍ତନ କରିବାକୁ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ବୈଠକରେ କଂଗ୍ରେସର ଶିବାନନ୍ଦ ରାୟ, ଏନସିପିର ଏସ. ମକସଦ ଅଲ୍ଲୀ, ବିଜେଡିର ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର, ବହୁଜନ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ଟଙ୍କଧର ବାଗ, ଭାଜପାର ସମୀର ମହାନ୍ତି, ଜୟନ୍ତ କୁମାର ରାୟ, ରବିଶଙ୍କର ପ୍ରଧାନ, ସୁଦର୍ଶନ ନାୟକ, ସୂର୍ଯ୍ୟନାରାୟଣ ଦାସ, ସିପିଆଇର ସୌରୀବନ୍ଧୁ କର, ପ୍ରଶାନ୍ତ ମିଶ୍ର ଏବଂ ସିପିଆଇଏମର ଦୁଷ୍ମନ୍ତ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ୟବହାର କରୁଛନ୍ତି ...

ଗାଡ଼ି କିଣିପାରିବେ ନାହିଁ। କାରଣ, ସେଥିରେ କେବଳ ଆମ୍ବାସାଡର ଓ ଜିପ୍ କିଣାଯାଇପାରିବ। ସେହି ଗାଡ଼ିରେ ପୁଣି ଏସି ନ ଥିବ ଓ ତାହା ଡିଜେଲ ଦ୍ୱାରା ଚାଲୁଥିବ। ତେଣୁ ଅଧିକାରୀମାନେ ନିଜର ଅତି ଆବଶ୍ୟକତା ପାଇଁ ବିଭିନ୍ନ ଉପାୟରେ କମ୍ପାନୀଗୁଡ଼ିକୁ ଗାଡ଼ି ମାଗୁଛନ୍ତି ବୋଲି ବିଶ୍ୱଜିତ୍ ଅଭିଯୋଗ କରିଛନ୍ତି।

ତାଙ୍କ କହିବାନୁଯାୟୀ, ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୫ପ୍ରତିଶତ ଏମିତି ଗାଡ଼ି ରହିଛି, ଯେଉଁଗୁଡ଼ିକ ସଂରକ୍ଷଣ ଓ ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରେ ଲାଗୁଛି। ଖଣି କମ୍ପାନୀ ଦେଇଥିବା ଗାଡ଼ିକୁ ଯଦି ବନ ବିଭାଗ ଅଧିକାରୀମାନେ ଚଲାଇବେ, ତେବେ ସେମାନଙ୍କ ପ୍ରତି ଏମାନଙ୍କର ଦରଦ ବା ଅନୁଗ୍ରହ ରହିବ। ଏନ୍‌ଫୋର୍ସମେଣ୍ଟ କରିପାରିବେ ନାହିଁ। ୨୦୧୮ ଡିସେମ୍ବର ୧୦ରେ ଆର୍‌ଟିଆଇ ତଥ୍ୟ ଏକ ବଡ଼ ଗୁମରକୁ ସାମ୍ନାକୁ ଆଣିଛି। ସେଥିରେ ଉଲ୍ଲେଖ ରହିଛି ଯେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ବ୍ୟବହାର କରୁଥିବା ଗାଡ଼ିର ଦାମ ୨୫ଲକ୍ଷ ଟଙ୍କା। ଏହାକୁ ଟାଟା କମ୍ପାନୀ ଦେଇଛି। ଯୋଡ଼ା ୱେଷ୍ଟ ମାଙ୍ଗାନିଜ୍ ମାଇନ୍ସରେ ସଂରକ୍ଷଣ ପାଇଁ ଟାଟା କମ୍ପାନୀ ଉକ୍ତ ଗାଡ଼ିକୁ କେନ୍ଦୁଝର ବନଖଣ୍ଡକୁ ଦେଇଥିଲା, ଯାହା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୭ ଫେବୃଆରୀ ୪ରେ ତାହା ମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଏହି ଆର୍‌ଟିଆଇ ତଥ୍ୟରେ ଉଲ୍ଲେଖ ରହିଛି। କେବଳ ମନ୍ତ୍ରୀ ନୁହନ୍ତି, ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ଭୁବନେଶ୍ୱରର ଅନେକ ବରିଷ୍ଠ ବନ ଅଧିକାରୀ ଏବଂ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀମାନେ ବିଭିନ୍ନ କମ୍ପାନୀର ଦାମୀ ଗାଡ଼ି ବ୍ୟବହାର କରୁଥିବା ଜଣାପଡ଼ିଛି।

## ବିଜେଡି ସଫା ...

ବ୍ରଜ କିଶୋର ତ୍ରିପାଠୀ ଏବଂ ଖାରବେଳ ସ୍ୱାଇଁଙ୍କ ଭାଜପାରେ ଯୋଗଦାନ ପ୍ରସଙ୍ଗରେ ସେ କହିଛନ୍ତି, ବହୁତ ନେତା ବର୍ତ୍ତମାନ ଭାଜପା ଆସିବାକୁ ଚାହୁଁଛନ୍ତି। ଏନେଇ ସବୁଦିନ ଯୋଗାଯୋଗରେ ମଧ୍ୟ ରହୁଛନ୍ତି। ବିଜେଡି ଓ କଂଗ୍ରେସରେ ନେତାମାନେ ଏପଟସେପଟ ହେବା ଆରମ୍ଭ କରିଦେଲେଣି। ବିଜେଡିରେ ଏକ ପ୍ରକାର କମ୍ପନ ଆରମ୍ଭ ହୋଇଛି। ଆଗକୁ ସବୁ ଭଲ ଖବର ମିଳିବ। ବୈଜୟନ୍ତ ପଣ୍ଡା ଦଳରେ ମିଶିବା ପରେ ଓଡିଶାରେ ଖୁସିର ପରିବେଶ ଦେଖିବାକୁ ମିଳିଛି। ଆଗକୁ ଏହିଭଳି ଖୁସି ଦେଖିବାକୁ ମିଳିବ। ବହୁ ନେତା ଭାଜପାରେ ମିଶିବେ ବୋଲି ସିଂ କହିଛନ୍ତି। ଏହି ଅବସରରେ ୩ମାସ ତଳେ ଦଳ ଛାଡିଥିବା ଦିଲୀପ ରାୟ ଏବଂ ବିଜୟ ମହାପାତ୍ରଙ୍କ ପ୍ରସଙ୍ଗରେ ପ୍ରଶ୍ନ ପଚରାଯିବାରୁ ଅରୁଣ କହିଛନ୍ତି, ଆମକୁ କେହି ଛାଡ଼ି ଯାଇନାହାନ୍ତି। ସମସ୍ତେ ଆମ ସହିତ ଅଛନ୍ତି। ରାଜ୍ୟ ପ୍ରଭାରୀଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦୁଇ ବରିଷ୍ଠ ନେତା ବିଜୟ ଏବଂ ଦିଲୀପ ଭାଜପା ଛାଡିବାର ଏତେଦିନ ପରେ ମଧ୍ୟ ଅନ୍ୟ ଦଳରେ ସାମିଲ ହୋଇନାହାନ୍ତି। ଏହି ଦୁଇ ନେତା ବିଜେଡିରେ ମିଶିବା ଖବର ଦୀର୍ଘଦିନ ଧରି ପ୍ରଚାର ହେବା ପରେ ଏବେ ସେଥିରେ ବ୍ରେକ୍ ଲାଗିଛି। ଏଭଳି ସ୍ଥିତିରେ କେହି ଆମକୁ ଛାଡି ଯାଇନାହାନ୍ତି ସମସ୍ତେ ଆମ ସହିତ ଅଛନ୍ତି ବୋଲି ସିଂ କହିବା ଭିନ୍ନ ଦିଗ ଆଡ଼କୁ ଇଙ୍ଗିତ କରିଛି। ଏହି ଦୁଇନେତାଙ୍କୁ ପୁଣିଥରେ ଭାଜପା ଫେରାଇ ଆଣିବା ପାଇଁ ଦଳ ଭିତରେ ପ୍ରୟାସ ଚାଲିଥିବା ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥର ପୁରୀରୁ ପ୍ରାର୍ଥୀ ହେବା ନେଇ ପଚରାଯିବାରୁ ଅରୁଣ କହିଛନ୍ତି, ଏଥର ପ୍ରଧାନମନ୍ତ୍ରୀ ପୁରୀ ଲୋକ ସଭା ଆସନରୁ ଠିଆ ହେବେ ନା ନାହିଁ ସେହି ନିଷ୍ପତ୍ତି ଦଳର ପାର୍ଲାମେଣ୍ଟାରୀ ବୋର୍ଡ ବିଚାର କରିବ। ଏହାସହ ଏନେଇ ଖୋଦ୍ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ ଯେଉଁଠାରୁ ଲଢିଲେ ମଧ୍ୟ ଓଡିଶା ପ୍ରତି ତାଙ୍କର ସ୍ନେହ, ଆଦର, ଭଲପାଇବା ଏବଂ ସମ୍ମାନ ରହିଛି ବୋଲି ଅରୁଣ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଅରୁଣଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ଏମ୍‌ପି କଳିକେଶ ସିଂ ଦେଓ କହିଛନ୍ତି, ସେମାନଙ୍କ ଦଳରେ ପ୍ରାର୍ଥୀ କମ୍ ଅଛନ୍ତି ସେଥିଲାଗି ଅନ୍ୟ ଦଳ ଉପରେ ନିର୍ଭର କରି ରହୁଛନ୍ତି। ବିଜେଡି ଏବେ ମଧ୍ୟ ସୁରକ୍ଷିତ ସ୍ଥାନରେ ରହିଛି। ଉଭୟ ଲୋକ ସଭା ଏବଂ ବିଧାନସଭା ଆସନରେ ଲଢ଼ି ବିଜେଡି ବହୁମତ ପାଇବ ବୋଲି କଳିକେଶ କହିଛନ୍ତି।

## କାହା ସହ ମେଣ୍ଟ...

କଳାହାଣ୍ଡି ଲୋକ ସଭା ପାଇଁ ଅର୍କକେଶରୀ ଦେଓଙ୍କୁ ପରିବର୍ତ୍ତନ କରି ପ୍ରଶାସନିକ ଅଧିକାରୀ ସୁଜିତ କୁମାରଙ୍କୁ ପ୍ରାର୍ଥୀ କରାଯିବ ବୋଲି ବିଚାରବିମର୍ଶ ଚାଲିଛି। ହେଲେ ସେହି ନିର୍ବାଚନମଣ୍ଡଳୀରେ ଅନୁସୂଚିତ ଜାତି(ଏସ୍‌ସି) ଭୋଟ ସଂଖ୍ୟା ଅଧିକ, ସେଠାରୁ କଂଗ୍ରେସରୁ ଭକ୍ତଚରଣ ଦାସ ଲୋକ ସଭା ପ୍ରାର୍ଥୀ ହୋଇ ପାରନ୍ତି। ତାଙ୍କୁ ମାତ୍ ଦେବା ପାଇଁ ବିଜେଡି ଅନ୍ୟ ଦଳର ଏସ୍‌ସି ପ୍ରାର୍ଥୀ ଉପରେ ଆଖି ପକାଇଛି। ଏମିତି କି ଭାଜପା ନେତା ପ୍ରଦୀପ କୁମାର ନାଏକଙ୍କ ସହ ଯୋଗାଯୋଗରେ ମଧ୍ୟ ବିଜେଡି ରହିଛି। ହେଲେ ଭାଜପା ସଭାପତି ବସନ୍ତ ପଣ୍ଡା ଯଦି ଦଳୀୟ ପ୍ରାର୍ଥୀ ହୁଅନ୍ତି, ପ୍ରଦୀପ ନାଏକଙ୍କୁ ବିଜେଡି ନିଜ ଦଳକୁ ଆଣିବାକୁ ଚେଷ୍ଟା କରିବ। ମାତ୍ର ପ୍ରାଥମିକ ଭାବେ ବିଜେଡିରେ ଯୋଗଦାନକୁ ପ୍ରଦୀପ ଖଣ୍ଡନ କରିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ। କୋରାପୁଟ ଏବଂ ବ୍ରହ୍ମପୁର ଲୋକ ସଭାରେ ବିଜେଡି ମହିଳା ପ୍ରାର୍ଥୀ ଦେବାର ସମ୍ଭାବନା ରହିଛି। ନବରଙ୍ଗପୁର ଆସନ ପାଇଁ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କଂଗ୍ରେସ ଛାଡି ବିଜେଡି ଆସିଥିବା ଚନ୍ଦ୍ରଶେଖର ସାହୁ ବିଧାନସଭା ପ୍ରାର୍ଥୀ ହେବାକୁ ଚାହୁଁଥିବା ସୂତ୍ରରୁ ପ୍ରକାଶ। ବ୍ରହ୍ମପୁରର ବର୍ତ୍ତମାନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କୁ ଆସ୍କା ଲୋକ ସଭାରେ ପ୍ରାର୍ଥୀ କରିବା ନେଇ ବିଚାରବିମର୍ଶ ଚାଲିଛି। କଳାହାଣ୍ଡିରେ ଉପଯୁକ୍ତ ଲୋକ ସଭା ପ୍ରାର୍ଥୀ ଚୟନ ଶାସକ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଆସନ୍ତା ୧୬ ତାରିଖ ପୂର୍ବରୁ ବିଜେଡି ୪ ଲୋକ ସଭା ଏବଂ ୨୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଜାରି କରିବ ବୋଲି ଦଳର କେତେଜଣ ବରିଷ୍ଠ ନେତା ମତ ରଖିଛନ୍ତି।

“ ଉନ୍ନତ ସ୍କିମ ଦ୍ୱାରା ଜୁଏଲେରି କ୍ରୟ ସୁବିଧା ସହ ବାଣିଜ୍ୟରେ ଉନ୍ନତ ଅଭିବୃଦ୍ଧି ନେଇ ଆଶାବାଦୀ।

– ରାଜେଶ କଲ୍ୟାଣ ରମଣ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କଲ୍ୟାଣ ଜୁଏଲର୍ସ



“ ନୂଆ ‘ପ୍ରପର୍ଟି କଲେକ୍ସନ ଓ’ ଯୋଜନା ଦ୍ୱାରା ୧୪୦୦ କୋଟି ଟଙ୍କା ନିବେଶ ଯୋଜନା ଧାର୍ଯ୍ୟ କରାଯାଇଛି।

– ଆଦିତ୍ୟ ଘୋଷ, ଓୟୋ ଇଣ୍ଡିଆ–ଦକ୍ଷିଣ ଏସିଆ ସିଇଓ



## ସଂକ୍ଷେପରେ

### ହୋଲି ପାଇଁ କଲିକତା-ପୁରୀ ମଧରେ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୧୨-୩

ଦୋଳ ପୂର୍ଣ୍ଣିମା ଓ ହୋଲି ପର୍ବ ସମୟରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ରେଳଯାତ୍ରୀଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ଅନ୍ତର୍ଗତ କଲିକତା ଏବଂ ପୁରୀ ମଧରେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇଁ ରେଳବାଇ ପକ୍ଷରୁ ନିଷ୍ପତ୍ତି ହୋଇଛି। କଲିକତା-ପୁରୀ ସ୍ୱତନ୍ତ୍ର ଟ୍ରେନ କଲିକତାରୁ ମାର୍ଚ୍ଚ ମାସ ୨୦(ବୁଧବାର) ଛାଡି ତା'ପରଦିନ ପୂର୍ବାହ୍ନ ୯ଘ.୩୫ରେ ପୁରୀରେ ପହଞ୍ଚିବ। ଏହା ପୁରୀଠାରୁ ପୁରୀ-କଲିକତା ସ୍ୱତନ୍ତ୍ର ଟ୍ରେନ ଭାବେ ସେହିଦିନ ଅପରାହ୍ନରେ ଛାଡି କଲିକତାଠାରେ ରାତ୍ରିରେ ପହଞ୍ଚିବ। ଟ୍ରେନରେ ୨ଟି ଏ.ସି.-୨ ଟାୟାର, ୨ଟି ଏ.ସି.-୩ ଟାୟାର, ୧୧ଟି ଶୟନ ଶ୍ରେଣୀ, ୪ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଓ ୨ଟି ଗାର୍ଡ ଏବଂ ଦିବ୍ୟାଙ୍ଗ କୋଚ ଉପଲବ୍ଧ ରହିଛି। ଏହା କଲିକତା ଓ ପୁରୀ ମଧରେ ଖୋର୍ଦ୍ଧା ରୋଡ଼, ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର,ଖଡ଼ଗପୁର ଓ ଆନ୍ଦୁଲଠାରେ ରହିବ। ସେହିଭଳି ଏପ୍ରିଲ ପହିଲାରୁ ଜୁନ ମାସ ୨୬ ତାରିଖ ମଧରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣା-ସିକନ୍ଦରାବାଦ ଏବଂ ବିଶାଖାପାଟଣା-ତିରୁପତି ମଧରେ ଚଳାଚଳ କରିବାକୁ ନିଷ୍ପତି ହୋଇଛି। ଏହାବାଦ ଯାତ୍ରୀ ଚାହିଦାକୁ ବିଚାର କରି ପରୀକ୍ଷାମୂଳକ ଭାବେ ଛ ମାସ ପାଇଁ ବିଶାଖାପାଟଣା-ଏଲଟିଟି ଟ୍ରେନକୁ ପିଠାପୁରମଠାରେ ଓ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସକୁ ସଇଁତଳାଠାରେ ରହଣି ବ୍ୟବସ୍ଥା କରିଛି।

### ଏସ୍‌ବିଆଇର ଡୋର ଷ୍ଟେପ ବ୍ୟାଙ୍କିଙ୍ଗ

State Bank of India

ଭୁବନେଶ୍ୱର,୧୨-୩

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ସ୍ୱତନ୍ତ୍ର ଗ୍ରାହକଙ୍କ ଲାଗି ଡୋର ଷ୍ଟେପ ବ୍ୟାଙ୍କିଙ୍ଗ ସେବା ଆରମ୍ଭ ହୋଇଛି। ଏହି ଗ୍ରାହକଙ୍କ ମଧରେ ୭୦ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଦୃଷ୍ଟିହୀନ ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ବଛା ବଛା ଶାଖା ପକ୍ଷରୁ ଗ୍ରାହକମାନେ ଏହି ସେବା ଲାଭ କରିପାରିବେ। ସେବା ଉପଲବ୍ଧ ଥିବା ଶାଖାଗୁଡ଼ିକର ତାଲିକା ବ୍ୟାଙ୍କ ୱେବସାଇଟରେ ସୂଚନା ଦିଆଯାଇଛି। ସମ୍ପୂର୍ଣ୍ଣ କେୱାଇସି ଆକାଉଣ୍ଟ, ବୈଧ ପଞ୍ଜୀକୃତ ମୋବାଇଲ ନମ୍ବର, ନିଜ ବ୍ୟାଙ୍କ ଶାଖାଠାରୁ ୫ କିମି ଦୂରତା ମଧରେ ଗ୍ରାହକଙ୍କୁ ଏହି ସେବା ଉପଲବ୍ଧ ହେବ। ଯୁଗ୍ମ ଖାତା ନାବାଳକ କିମ୍ବା ଅଣବ୍ୟକ୍ତିଗତ ଶ୍ରେଣୀର ଖାତାରେ ଏହି ସୁବିଧା ଉପଲବ୍ଧ ହେବ ନାହିଁ। କାରବାର ପିଛା ଏକ ନିର୍ଦ୍ଦିଷ୍ଟ ଦେୟ ପ୍ରଦାନ କରିବାକୁ ହେବ। ଏହି ସେବା ଲାଭ କରିବା ପାଇଁ ପ୍ରଥମେ ପଞ୍ଜୀକରଣ କରିବାକୁ ହେବ। ଗ୍ରାହକମାନେ ବ୍ୟାଙ୍କ ପକ୍ଷରୁ କ୍ୟାଶ ପିକ୍ ଅପ୍ କ୍ୟାଶ ଡେଲିଭରି, ଚେକ୍ ଗ୍ରହଣ, ଚେକ୍ ବୁକ୍ ରିକ୍ୟୁଜେଶନ ସ୍ଲିପ୍ ପିକ୍‌ଅପ୍, ଡ୍ରାଫ୍ଟ ଡେଲିଭରି, ଟର୍ମ ଡିପୋଜିଟ ପରାମର୍ଶ, ଲାଇଫ୍ ସାର୍ଟିଫିକେଟ ପିକ୍ ଅପ୍ ଭଳି ବିଭିନ୍ନ ସେବା ଲାଭ କରିପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ତୈଳ କ୍ରୟ ନେଇ ଭାରତକୁ ପୁଣି ଧମକାଇଲା ୟୁଏସ୍

ନୂଆଦିଲ୍ଲୀ,୧୨-୩

ଭେନେଜୁଏଲାଠାରୁ ତୈଳ କ୍ରୟ ନ କରିବାକୁ ଆମେରିକା ଭାରତକୁ ପୁଣି ଧମକାଇଛି। ଭେନେଜୁଏଲାର ଶାସନ କ୍ଷମତାରେ ରହିଥିବା ନିକୋଲାସ ମାଡୋରୋଙ୍କ ସରକାରଙ୍କୁ କ୍ଷମତାରୁ ହଟାଇବା ଲାଗି ଆମେରିକା ଏଭଳି କରୁଥିବା ଜଣାପଡିଛି। ଭାରତ ସମେତ ଅନ୍ୟ ଦେଶଗୁଡ଼ିକୁ ଏ ନେଇ ଆମେରିକା ଧମକାଉଛି। ସେହିଭଳି ମାଡୋରୋ ସରକାରଙ୍କ ସହ କାର୍ଯ୍ୟ କରୁଥିବା ବିଦେଶୀ ବ୍ୟାଙ୍କ କମ୍ପାନୀଗୁଡ଼ିକୁ ମଧ ଟ୍ରମ୍ପ ପ୍ରଶାସନ ଏଭଳି କଟକଣା ଜାରି କରିଛି। ଆର୍ଥିକ ଦୃଷ୍ଟିକୋଣରୁ ଭେନେଜୁଏଲାକୁ ପ୍ରଭାବିତ କରି ବର୍ତ୍ତମାନର ସରକାରକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟ ନେଇ ଆମେରିକା ବର୍ତ୍ତମାନ ବିଭିନ୍ନ କୌଶଳ ଉପରେ କାର୍ଯ୍ୟ କରୁଛି। ଭେନେଜୁଏଲା ଅର୍ଥନୀତି ପାଇଁ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଅଶୋଧିତ ତୈଳ କ୍ରୟ କରୁଥିବା ଦେଶଗୁଡ଼ିକ ମଧରେ ଆମେରିକା ପରେ ଭାରତଠାରୁ ଭେନେଜୁଏଲା ସର୍ବାଧିକ ଅର୍ଥ ଲାଭ କରିଥାଏ। ଆମେରିକା କଥାରେ ଭାରତ ପରିଚାଳିତ ହେଉ ବୋଲି ଏହା ନିର୍ଦ୍ଦେଶ ଦେଇଛି। ଆମେରିକା ପୂର୍ବରୁ ଇରାନଠାରୁ ତୈଳ କ୍ରୟ ନେଇ ଭାରତକୁ ତାଗିଦ କରିବା ପରେ ୱାଶିଂଟନ ଏବଂ ନୂଆଦିଲ୍ଲୀ ମଧରେ ବାଣିଜ୍ୟିକ ପ୍ରଭାବ ପରିଲକ୍ଷିତ ହୋଇଥିଲା।

## ■ନିର୍ବାଚନ ପୂର୍ବରୁ ସେନ୍‌ସେକ୍ସରେ ଉତ୍ସାହ

# ନିବେଶକଙ୍କୁ ଲାଭ ୧.୨୩ ଲକ୍ଷ କୋଟି

ବମ୍ବେ,୧୧-୩



ଦେଶରେ ସାଧାରଣ ନିର୍ବାଚନ ସମ୍ପର୍କରେ ଘୋଷଣା ହୋଇସାରିଥିବା ବେଳେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ସୂଚକାଙ୍କରେ ବୃଦ୍ଧି ପରିଲକ୍ଷିତ ହୋଇଛି। ମଙ୍ଗଳବାର ଶେୟାର କାରବାର ଉନ୍ନତ ହେବା ସହ ସେନସେକ୍ସ ୪୮୧ ପଏଣ୍ଟ(୧%) ବଢ଼ିଛି। ଫଳରେ ନିବେଶକଙ୍କ ସମ୍ପତ୍ତିରେ ୧.୨୩ ଲକ୍ଷ କୋଟି ଟଙ୍କା ଯୋଡି ହୋଇଛି। କେନ୍ଦ୍ରରେ ଶାସନ କରୁଥିବା ଭାଜପା ସରକାର ପୁଣି ଥରେ କ୍ଷମତାକୁ ଆସିବା ନେଇ ନିବେଶକ ଆଶାବାଦୀ ଅଛନ୍ତି। ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଛି। ଏପ୍ରିଲ ୧୧ରୁ ଲୋକସଭା ନିର୍ବାଚନ ଆରମ୍ଭ ହେବାକୁ ଥିବା ବେଳେ ଏହା ମେ ୧୯ ଯାଏ ଚାଲିବ। ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ମେ ୨୩ରେ ଭୋଟ ଗଣତି ହେବ ବୋଲି ଗତ ରବିବାର ନିର୍ବାଚନ କମିଶନ ତାଙ୍କ ଘୋଷଣାରେ କହିଛନ୍ତି।

ଶେୟାର କାରବାରରେ ବୃଦ୍ଧି ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜିକରଣ ୧,୨୩,୪୩୨.୯୬ କୋଟି ଟଙ୍କାରୁ ବୃଦ୍ଧି ଘଟି କାରବାର ବନ୍ଦ ହେବା ବେଳକୁ ୧,୪୮,୧୭,୦୦୪.୯୭ କୋଟି ଟଙ୍କା ରହିଛି। ମଙ୍ଗଳବାର ଆର୍ଥିକ, ଶକ୍ତି ଏବଂ ଟେଲିକମ ଷ୍ଟକ କାରବାର ଉନ୍ନତ ରହିଛି। ବିଶ୍ୱ ବଜାର ଏବଂ ବିଦେଶୀ ପୁଞ୍ଜି ଆଗମନ ମଧ ଦୃଢ ରହିଛି। ୩୦ ଶେୟାର ଭିତ୍ତିକ ବିଏସ୍‌ଇ ୪୮୧.୫୬ ବୃଦ୍ଧି ଘଟି ୩୭,୫୩୫.୬୬ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି କାରବାର ୧୩୩.୧୫ ପଏଣ୍ଟ ବୃଦ୍ଧି ଘଟି ୧୧,୩୦୧.୨୦ ପଏଣ୍ଟରେ ବନ୍ଦ ହୋଇଛି। ବଜାରର ଏହି ଉନ୍ନତ ଅବସ୍ଥା ବିଶେଷକରି ରାଜନୈତିକ ଅସ୍ଥିରତା ହ୍ରାସ ଯୋଗୁ ଆସିଥିବା ସେଣ୍ଟ୍ରମ ୱେଲଥ ମ୍ୟାନେଜମେଣ୍ଟର ମୁଖ୍ୟ ଇକ୍ୱିଟି ପରାମର୍ଶଦାତା ଦେବାଙ୍ଗ ମେହେଟା କହିଛନ୍ତି। ସେହିଭଳି ବିଦେଶୀ ନିବେଶକଙ୍କ ନିବେଶ ଧାରା ବଜାରରେ ଉନ୍ନତ ରହିଛି। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଫରେନ ଇନଷ୍ଟିଚ୍ୟୁଶନାଲ ଇନଭେଷ୍ଟର(ଏଫ୍‌ଆଇଆଇ)ମାନେ ୩୮୧୦.୬୦ କୋଟି ଟଙ୍କାର ଶେୟାର କିଣିଥିଲେ। ଏହି ସମୟରେ ଏସିଆର ଅନ୍ୟ ଷ୍ଟକ ବଜାର ଯଥା- ହଂକଂର ହଂଗସେଙ୍ଗ ୧.୪୬% ବୃଦ୍ଧି ହୋଇଥିବା ବେଳେ ସାଂଘାଇର କମ୍ପୋଜିଟ ଇଣ୍ଡେକ୍ସ ୧.୧୦%, କୋରିଆର କୋସ୍ପି ୦.୮୯% ଏବଂ ଜାପାନର ନିକେଇ କାରବାର ୧.୬୯%ଉଚ୍ଚରେ ରହି ବନ୍ଦ ହୋଇଛି। ସେହିଭଳି ୟୁରୋପର ଫ୍ରାଙ୍କଫର୍ଟ ଡିଏକ୍ସ ୦.୨୮%, ପ୍ୟାରିସ ସିଏସି ୪୦ ୦.୨୮%, ଲଣ୍ଡନ ଏଫ୍‌ଟିଏସ୍‌ଇରେ କାରବାର ୦.୩୨% କମ୍ ରହିଛି। ବିଶ୍ୱ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ୦.୯୮ବୃଦ୍ଧି ଘଟି ବ୍ୟାରେଲ ପିଛା ୬୭.୨୩ ଡଲାର ରହିଛି।

### ୪୭ ହଜାର ପଏଣ୍ଟ ଛୁଇଁପାରେ ସୂଚକାଙ୍କ

ବର୍ତ୍ତମାନ କେନ୍ଦ୍ରରେ ଶାସନ କରୁଥିବା ଭାଜପା ପୁଣି ଥରେ ଯଦି କ୍ଷମତାକୁ ଆସେ ଏହାର ପ୍ରଭାବ ଶେୟାର ବଜାର ଉପରେ ଉନ୍ନତ ରହିବ। ନିବେଶକଙ୍କ ଆଶା ଯୋଗୁ ଶେୟାର ବଜାରର ସୂଚକାଙ୍କ ୪୭ ହଜାର ପଏଣ୍ଟ ଛୁଇଁପାରେ ବୋଲି ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। କେନ୍ଦ୍ରରେ ଏକ ସ୍ଥିର ସରକାର ଆସୁ ବୋଲି ବଜାରର ଆଶା ରହିଥିବା ବ୍ରୋକରେଜ ଫାର୍ମ ମୋର୍ଗାନ ଷ୍ଟାନଲେ କହିଛି। ସ୍ଥିର ସରକାର ଆସିଲେ ଏହା ଶେୟାର ବଜାର ଉପରେ ପ୍ରଭାବକୁ ସକାରାତ୍ମକ କରିବା ସହ ଅଭିବୃଦ୍ଧି ଦିଗରେ ସହାୟକ ହେବ। ସୂଚନା ଯୋଗ୍ୟ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ପୁଞ୍ଜି ବଜାରରେ କାରବାର ଉନ୍ନତ ରହିଛି। ସେନସେକ୍ସରେ ୩୦୦ ପଏଣ୍ଟରୁ ଅଧିକ ଉନ୍ନତି ଆସିଥିବା ବେଳେ ବର୍ତ୍ତମାନ ନିଫ୍ଟି ୧୧ ପଏଣ୍ଟ ସ୍ତର ଅତିକ୍ରମ କରିଛି। ଉନ୍ନତ ସ୍ଥିତି ଲାଗି ରହିଲେ ସେନସେକ୍ସ ଚଳିତ ବର୍ଷ ୪୨ ହଜାର ଏବଂ ପରବର୍ତ୍ତୀ ସମୟରେ ୪୭,୦୦୦ ପଏଣ୍ଟ ଛୁଇଁବା ନେଇ ସମ୍ଭାବନା ରହିଥିବା ଷ୍ଟାନଲେ କହିଛି।

## ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏମ୍‌୩୦

ନୂଆଦିଲ୍ଲୀ,୧୨-୩




ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ନୂଆ ଗାଲାକ୍ସି ଏମ୍ ୩୦ ସ୍ମାର୍ଟଫୋନ୍ ବଜାରକୁ ଆସିଛି। ଟେକ୍ନୋଲୋଜିପ୍ରିୟ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ ଏଭଳି ଏକ ମଡେଲ ବଜାରକୁ ଆସିଛି। ନୂଆ ମଡେଲରେ ଟ୍ରିପଲ୍ ରିୟର କ୍ୟାମେରା, ସୁପର ଆମୋଲେଡ ଇନ୍‌ଫିନିଟି ୟୁ ଡିସ୍ପ୍ଲେ, ୫୦୦୦ ଏମ୍‌ଏଏଚ୍ ଫାଷ୍ଟ ଚାର୍ଜ ବ୍ୟାଟେରି ରହିଛି। କମ୍ପାନୀ ନିକଟରେ ଗାଲାକ୍ସି ଏମ୍ ୨୦ ଏବଂ ଏମ୍ ୧୦ ବଜାରକୁ ଛାଡିଥିଲା। ଯୁବ ଭାରତୀୟ ଗ୍ରାହକଙ୍କ ଟେକ୍ନୋଲୋଜି ଆବଶ୍ୟକତା ଆଧାରରେ ନୂଆ ସ୍ମାର୍ଟଫୋନ ବଜାରକୁ ଆସିଥିବା ସାମ୍‌ସଙ୍ଗ ଇଣ୍ଡିଆର ବରିଷ୍ଠ ଉପସଭାପତି ଅସୀମ ୱାର୍‌ସୀ ସୂଚନା ଦେଇଛନ୍ତି।

## ମୋଟର ସ୍ପୋର୍ଟ୍ସକୁ ହୋଣ୍ଡା ଟୁହ୍ୱିଲର୍ସର ପ୍ରୋତ୍ସାହନ

ନୂଆଦିଲ୍ଲୀ,୧୨-୩



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ୨୦୧୯ ଅନ୍ତର୍ଜାତୀୟ ମୋଟର ସ୍ପୋର୍ଟ୍ସ ଲାଗି ଟିମ୍ ଘୋଷଣା କରାଯାଇଛି। ଦେଶରେ ଅନ୍ତର୍ଜାତୀୟ ସ୍ତରର ମୋଟର ଚାଳକ ପ୍ରସ୍ତୁତି ନେଇ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ଏ ପଦକ୍ଷେପ ଅନ୍ତର୍ଗତ ୩ ପ୍ରକାରର ରଣନୀତି ଉପରେ କମ୍ପାନୀ କାର୍ଯ୍ୟ କରିବ। ଜିତିବା ପାଇଁ ହୋଣ୍ଡା ଆହ୍ୱାନ ଏବଂ ଅଭିଳାଷ ଉପରେ କାର୍ଯ୍ୟ କରୁଥିବା କମ୍ପାନୀର ବ୍ରାଣ୍ଡ ଏବଂ ଯୋଗାଯୋଗ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି। କମ୍ପାନୀ ପକ୍ଷରୁ ଏପି ୨୫୦ ବର୍ଗ ଲାଗି ଦୁଇ ଜଣ ଅଭିଜ୍ଞ ଚାଳକ ରାଜୀବ ସେତୁ ଏବଂ ସେନ୍ଥିଲ କୁମାରଙ୍କୁ ଚୟନ କରାଯାଇଛି। ହୋଣ୍ଡା ଟ୍ୟାଲେଣ୍ଟ ହଣ୍ଟ ଦ୍ୱାରା ଚାଳକଙ୍କୁ ଏସିଆ ସ୍ତରରେ ପହଞ୍ଚାଇବା ଲାଗି ଉଦ୍ୟମ କରାଯାଉଛି। ଏମାନଙ୍କ ମଧରେ ୧୪ ବର୍ଷୀୟ ମହମ୍ମଦ ମିକାଇଲ ଏବଂ ୧୮ ବର୍ଷୀୟ କାର୍ତ୍ତିକ ହବିବ ରହିଛନ୍ତି। ଏମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତରରେ

ନୂଆଦିଲ୍ଲୀ,୧୨-୩

ଫେବୃୟାରୀ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪ ମାସର ସର୍ବୋଚ୍ଚ ସ୍ତର ୨.୭୫%କୁ ବୃଦ୍ଧି ଘଟିଛି। ଘରୋଇ ବଜାରରେ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ଖାଉଟି ମୂଲ୍ୟସୂଚୀ (ସିପିଆଇ) ଭିତ୍ତିରେ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରାଯାଇଥାଏ। ଏହା ଜାନୁୟାରୀରେ ୧୯ ମାସର ସର୍ବନିମ୍ନ ସ୍ତର ୧.୯୭%କୁ ହ୍ରାସ ଘଟିଥିଲା। ୨୦୧୮ ଫେବୃୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୪୪% ରହିଥିଲା। ଫେବୃୟାରୀରେ ସିପିଆଇ ୨.୪୩ ସ୍ତରରେ ରହିବ ବୋଲି ରଏଟର ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରେ ଅର୍ଥନୀତିଜ୍ଞମାନେ ପୂର୍ବାନୁମାନ କରିଥିଲେ।

### ଶିଳ୍ପ ଉତ୍ପାଦନରେ ହ୍ରାସ



ବର୍ତ୍ତମାନ ସମୟରେ ସିପିଆଇ ଭିତ୍ତିକ ଖାଦ୍ୟ ମୁଦ୍ରାସ୍ଫୀତି ନକରାତ୍ମକ ସ୍ତରରେ ରହି ୦.୬୬% ରହିଛି। ଏହା ଜାନୁୟାରୀରେ (-) ୨.୨୪ %ରହିଥିଲା। ପୂର୍ବରୁ ନଭେମ୍ବର ୨୦୧୮ରେ ଖୁଚୁରା ମୁଦ୍ରାସ୍ଫୀତି ୨.୩୩% ରହିଥିଲା। ସୂଚନାଦଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର ସୁଧହାର ଘୋଷଣା ବେଳେ ଖୁଚୁରା ମୁଦ୍ରାସ୍ଫୀତିକୁ ବିଚାର କରି ନିଷ୍ପତ୍ତି ନେଇଥାଏ। ଅପରପକ୍ଷରେ ସରକାର ପ୍ରଦାନ କରିଥିବା ତଥ୍ୟ ମୁତାବକ, ଜାନୁୟାରୀରେ ଶିଳ୍ପ ଉତ୍ପାଦନ ହ୍ରାସ ଘଟି ୧.୭% ରହିଛି। ଏହା ୨୦୧୮ ଡିସେମ୍ବରରେ ୨.୪% ରହିଥିଲା। ଶିଳ୍ପ ଉତ୍ପାଦନ ସୂଚୀ(ଆଇଆଇପି)ରେ ଏହାକୁ ବିଚାର କରାଯାଉଥିବା ବେଳେ ଗତ ବର୍ଷ ଜାନୁୟାରରେ ୭.୫% ବୃଦ୍ଧି ଘଟିଥିଲା। ୨୦୧୮-୧୯ ବର୍ଷର ଏପ୍ରିଲ-ଜାନୁୟାରୀ ସମୟରେ ଶିଳ୍ପ ଉତ୍ପାଦନ ୪.୪% ବୃଦ୍ଧି ଘଟିଛି। ଏହା ୨୦୧୭-୧୮ ସମୟରେ ୪.୧% ରହିଥିବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ତଥ୍ୟରୁ ସାମ୍ନାକୁ ଆସିଛି।




ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ଆଣ୍ଡ ସର୍ଭିସେସ୍ ଲିମିଟେଡ ପକ୍ଷରୁ ନୂଆ ସକ୍, ଆବ୍‌ଜରବର୍‌ସ ପ୍ରଡକ୍ଟ ବଜାର ପ୍ରବେଶ ଅବସରରେ କମ୍ପାନୀର ଅଧିକାରୀବୃନ୍ଦ।

## ବ୍ୟକ୍ତିଗତ ଆକାଉଣ୍ଟସକୁ ୯୩୪ କୋଟି ଚାଲାଣ କରିଛନ୍ତି ନୀରବ

ବମ୍ବେ,୧୨-୩

ପଳାତକ ଘୋଷିତ ହୀରା ବ୍ୟବସାୟୀ ନୀରବ ମୋଦି ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟ ସହ ଅନ୍ୟ ଦୁଇ ଆକାଉଣ୍ଟକୁ ୯୩୪ କୋଟି ଟଙ୍କା ବେଆଇନ ଚାଲାଣ କରିଥିବା ଜଣାପଡ଼ିଛି। ଅନ୍ୟ ଆକାଉଣ୍ଟଗୁଡ଼ିକ ମଧରେ ଗୋଟିଏ ତାଙ୍କର ସ୍ତ୍ରୀ ଆମୀ ଏବଂ ଅନ୍ୟଟି ତାଙ୍କର ବାପାଙ୍କର ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏହାର ଅତିରିକ୍ତ ଚାର୍ଜଶିଟରେ ଦର୍ଶାଇଛି। ସୋମବାର ବମ୍ବେର ସ୍ୱତନ୍ତ୍ର ବେଆଇନ ଅର୍ଥ କାରବାର ନିରୋଧୀ ଆଇନ(ପିଏମ୍‌ଏଲ୍‌ଏ) କୋର୍ଟରେ ଇଡି ଏହି ଚାର୍ଜଶିଟ୍ ଦାଖଲ କରିଛି। ମୋଟ ଅର୍ଥ ମଧ୍ୟରୁ ୫୬୦ କୋଟି ନୀରବଙ୍କ ବିଦେଶ ଆକାଉଣ୍ଟକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଆମୀଙ୍କ ଆକାଉଣ୍ଟକୁ ୨୦୦ କୋଟି ଏବଂ ବାପା ଦୀପକ ମୋଦିଙ୍କ ଆକାଉଣ୍ଟକୁ ୧୭୪ କୋଟି ଟଙ୍କା ଚାଲାଣ ହୋଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ୧୪,୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ମହାଘୋଟାଲାରେ ନୀରବ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ପଳାତକ ଘୋଷଣା ହୋଇ ବର୍ତ୍ତମାନ ଲଣ୍ଡନରେ ରହୁଛନ୍ତି। ନୀରବ ଏବଂ ତାଙ୍କ ପରିବାର ସ୍ଥାପନ କରିଥିବା ବିଭିନ୍ନ କମ୍ପାନୀର ବ୍ୟାଙ୍କ କାରବାର ତଥ୍ୟ ଇଡ଼ି ଚାର୍ଜଶିଟରେ ପ୍ରଦାନ କରିଛି। ଏହି ଆକାଉଣ୍ଟଗୁଡ଼ିକ ଦୁବାଇ, ୟୁନାଇଟେଡ ଆରବ ଏବଂ ସିଙ୍ଗାପୁର ଭଳି ସ୍ଥାନରେ ରହିଛି। କୌଶଳ କ୍ରମେ ବେଆଇନ ଭାବେ ନୀରବ ନିଜ ତଥା ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟଙ୍କା ଚାଲାଣ କରିବାକୁ ସକ୍ଷମ ହୋଇଥିବା ଇଡି କହିଛି। ଏହି ମାମଲାରେ ନୀରବଙ୍କ ସ୍ତ୍ରୀ ଆମିଙ୍କୁ ଇଡି ଅଭିଯୁକ୍ତ ଭାବେ ଦର୍ଶାଇଛି।

## ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ




ନୂଆଦିଲ୍ଲୀ,୧୨-୩

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନୂଆଦିଲ୍ଲୀଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଏଫଜିଏମ୍‌ଓ ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ମହିଳା ଶ୍ରମ ଶକ୍ତିକୁ ପ୍ରଶଂସା କରିଥିଲେ। ନେତୃତ୍ୱ ଗ୍ରହଣ ଦିଗରେ ମହିଳାଙ୍କୁ ପ୍ରୋତ୍ସାହନ ଉପରେ ସେ ମତ ରଖିଥିଲେ। ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକରେ ମହିଳା ଦିବସ ପାଳନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବରିଷ୍ଠ କାର୍ଯ୍ୟ ନିର୍ବାହୀ, ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଫସିପାରନ୍ତି ଦୀପକ କୋଚ୍ଛର

ବମ୍ବେ,୧୨-୩

ଆଇସିଆଇସିଆଇ-ଭିଡ଼ିଓକନ୍ ଋଣ ମାମଲାରେ ବିବାଦୀୟ ହୋଇ ପଡିଥିବା ଚନ୍ଦା କୋଚ୍ଛରଙ୍କ ସ୍ୱାମୀ ଦୀପକ କୋଚ୍ଛରଙ୍କ ଅଡୁଆ ବଢ଼ିପାରେ। ଦୀପକ କୋଚ୍ଛରଙ୍କ ନ୍ୟୁପାୱାର ରିନ୍ୟୁଏବଲ୍ସରେ ଟିକସ ଠକେଇ ନେଇ ଆୟକର ବିଭାଗ ଠୋସ ପ୍ରମାଣ ପାଇ ନାହିଁ। ମାତ୍ର ବେନାମୀ କାରବାର ନିରୋଧ ଆଇନ ଅଧୀନରେ ଦୀପକଙ୍କ କିଛି ସମ୍ପତ୍ତିର ଯାଞ୍ଚ କରିବାକୁ ଟିକସ ଅଧିକାରୀମାନେ ବିଚାର କରୁଛନ୍ତି। କମ୍ପାନୀରେ ୪୦୫ କୋଟି ବିଦେଶୀ ନିବେଶ ନେଇ ଗତ ବର୍ଷ ଏପ୍ରିଲରେ ତାଙ୍କୁ ଟିକସ ଅଧିକାରୀମାନେ ଜେରା କରିଥିଲେ। ସିଙ୍ଗାପୁର ଭିତ୍ତିକ ଏସିଅନ୍ ଡାଇଭର୍ସିଫାଏଡ ଷ୍ଟ୍ରାଟେଜିକ ଫଣ୍ଡ (ଏଡିଏସ୍‌ଏଫ୍) ପକ୍ଷରୁ ଏହି ନିବେଶ କରାଯାଇଥିଲା। ଏଡିଏସ୍‌ଏଫ୍ ଏହାର ମରିସସ୍ ଭିତ୍ତିକ ସହଯୋଗୀ ସଂସ୍ଥା ଡି.ଏଚ୍. ରିନ୍ୟୁଏବଲ ହୋଲ୍ଡିଂ ଦ୍ୱାରା କରିଥିବା ଜଣା ପଡିଛି।

## ପୁଞ୍ଜିବାଦ ଉପରେ ଏବେ ବିପଦ:ରାଜନ

ଲଣ୍ଡନ,୧୨-୩



ବର୍ତ୍ତମାନ ସମୟରେ ପୁଞ୍ଜିବାଦ ଉପରେ ବଡ ବିପଦ ଲାଗି ରହିଛି। ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ମଧରେ ସଂଘର୍ଷ ଯୋଗୁ ପୁଞ୍ଜିବାଦ ବର୍ତ୍ତମାନ ବିପଦରେ ରହିଥିବା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ମଙ୍ଗଳବାର ସତର୍କ କରାଇଛନ୍ତି। ୨୦୦୮ ପରେ ବିଶ୍ୱ ଅର୍ଥନୀତି ଉପରେ ଆସିଥିବା ପ୍ରଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଏହା ଦ୍ୱାରା ଲୋକଙ୍କ ହିତକୁ ଅଣଦେଖା କରାଯାଉଥିବା ସେ କହିଛନ୍ତି। ଶିକାଗୋ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଥିବା ରାଜନ ବିବିସି ରେଡିଓ୪କୁ ଏକ ସାକ୍ଷାତକାରରେ କହିଛନ୍ତି, ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକ ସାମାଜିକ ଅସମାନତାକୁ ଧ୍ୟାନରେ ରଖି ପଦକ୍ଷେପ ନେବା ଆବଶ୍ୟକ। ଏହାକୁ ଅଣଦେଖା କରିବା ଅର୍ଥନୀତିଗୁଡ଼ିକ ପକ୍ଷରେ କ୍ଷତିକାରକ ହେବ ବୋଲି ରାଜନ ଚେତାଇଛନ୍ତି। ସିଂହଭାଗ ଲୋକଙ୍କ ହିତକୁ ଧ୍ୟାନରେ ରଖି ସେହି ଅନୁସାରେ ସୁବିଧା ସୁଯୋଗ ପ୍ରଦାନ ସମ୍ପର୍କରେ ବିଚାର କରାଯିବା ଆବଶ୍ୟକ। ମାତ୍ର ଏହା ବର୍ତ୍ତମାନ ହେଉ ନ ଥିବା ଦେଖାଯାଉଛି। ଏହା ହେଲେ ଅନେକ ପୁଞ୍ଜିବାଦ ବିରୋଧରେ ବିଦ୍ରୋହ କରିବାକୁ ଆଗେଇ ଆସିବେ ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ)ର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟ କରିଥିବା ରାଜନ କହିଛନ୍ତି। ସମାନ ପ୍ରକାରର ସୁବିଧା ସୁଯୋଗ ଯୋଗାଣ ଦିଗରେ ସକ୍ଷମ ହେଉନ ଥିବାରୁ ଧୀରେ ଧୀରେ ପୁଞ୍ଜିବାଦ କ୍ଷତିଗ୍ରସ୍ତ ହେଉଥିବା ସେ ମତ ରଖିଛନ୍ତି। ସୁବିଧା ସୁଯୋଗ ଲାଭ କରୁ ନ ଥିବା ଲୋକଙ୍କର ସ୍ଥିତି ଅତ୍ୟନ୍ତ ଖରାପ ହୋଇଛି। ଉତ୍ପାଦନର ସବୁ ଧାରାକୁ ସାମାଜିକୀକରଣ କରିବା ଦ୍ୱାରା ପ୍ରଭୁତ୍ୱବାଦ ଭଳି ସ୍ଥିତି ଉପୁଜୁଛି। ଏ ଦିଗରେ ଏକ ସମତୁଲ ପଦକ୍ଷେପ ଆବଶ୍ୟକ। ସୁବିଧା ସୁଯୋଗକୁ ଉନ୍ନତ କରିବା ଦ୍ୱାରା ସ୍ଥିତିରେ ପରିବର୍ତ୍ତନ ଆସିବ ବୋଲି ରାଜନ ମତ ଦେଇଛନ୍ତି।


### ବିଜ୍ଞାପନ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିଜ୍ଞାପନ ଅନୁଯାୟୀ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ୨୧୪ଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ ସିଓଆର ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ (ଦିବ୍ୟାଧାୟୀ) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୧୫।୦୩।୨୦୧୯, ପ୍ରବେଶିକା ପରୀକ୍ଷା ୨୪।୦୩।୨୦୧୯ରେ ହେବ। ପ୍ରକାଶଥାଉକି ଚଳିତ ବର୍ଷ ପ୍ରଥମ ଥର ପାଇଁ ଦେଓଗାଁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲା ଯାଉଛି। କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ। ନାମ ଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଓ ବିଦ୍ୟାଳୟକୁ ଯିବା ଆସିବା କରିବେ।

Sd./- I/C Principal of OAV Deogaon
BEO Deogaon Block

“ ମହେନ୍ଦ୍ର ସିଂ ଧୋନୀଙ୍କ ଭଳି ଖେଳାଳି ମଧ୍ୟ ତାଙ୍କ କ୍ୟାରିୟର ଆରମ୍ଭରେ କ୍ୟାଚ୍ ଓ ଷ୍ଟମ୍ପିଂ ମିସ୍ କରୁଥିଲେ ।

–ତାରକ ସିହ୍ନା, ରିଷଭ ପନ୍ତଙ୍କ କୋଚ୍



“ ଚଳିତବର୍ଷ ୧୧ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିଥିବାରୁ ଆମ ଦଳର ପ୍ରଦର୍ଶନରେ ଉନ୍ନତି ଘଟିଛି ।

–ମେମୋଲ ରକି
ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



## ସଂକ୍ଷେପରେ

### କାତାରଠାରୁ ହାରିଲା ଭାରତ

**ଦୋହା, ୧୨।୩(ପି.ଟି.):** ଉଜବେକିସ୍ତାନରେ ଚାଲିଥିବା ଏଏଫ୍‌ସି ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ (୨୩ ବର୍ଷରୁ କମ୍)ର ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୧-୦ ଗୋଲରେ କାତାର ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ରେ ଭାରତୀୟ ଖେଳାଳି ଗୋଲ କରିବାର କେତେକ ସୁବର୍ଣ୍ଣ ସୁଯୋଗ ପାଇଥିଲେ ମଧ୍ୟ ଏହାର ସଦୁପଯୋଗ କରିପାରି ନ ଥିଲେ। ପ୍ରଥମାର୍ଦ୍ଧର ଶେଷ ଭାଗରେ ନରେନ୍ଦ୍ର ଏକ ଚମତ୍କାର ହେଡ୍ କରିଥିଲେ। କିନ୍ତୁ ପ୍ରତିପକ୍ଷ କାତାର ଗୋଲକିପର ୟାଜନ ନଇମ ହୁସେନ ଏହାକୁ ସେଭ୍ କରି ଏକ ନିଶ୍ଚିତ ଗୋଲରୁ ଦଳକୁ ରକ୍ଷା କରିଥିଲେ। ଏହାର କିଛି ସମୟ ପରେ କିନ୍ତୁ ସଲମିନ ଅତିକ୍‌ଙ୍କ ପାସ୍‌କୁ କୌଣସି ତ୍ରୁଟି ନ କରି ଆମ୍ରୋ ଆବଦେଲଫାତ୍ କାତାର ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଖେଳାଳି ପୁଣି କେତେକ ସୁଯୋଗ ହାତଛଡ଼ା କରିଥିଲେ। ଇଣ୍ଡିଆନ ଆରୋଜ ଟିମ୍‌ର ଧୀରଜ ସିଂ, ଅନୱର ଅଲି ଓ ରାହୁଲ କେପି ଓ କୋମଲ ଥଟାଲ ପ୍ରାରମ୍ଭିକ ଏକାଦଶରେ ଦଳରେ ସ୍ଥାନ ପାଇଥିଲେ।

### ଇଣ୍ଡିଆନ ୱେଲ୍ସରୁ ପ୍ରଜନେଶଙ୍କ ବିଦାୟ

**ଇଣ୍ଡିଆନ ୱେଲ୍ସ (ୟୁଏସ୍), ୧୨।୩(ପି.ଟି.):** ଚଳିତ ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସରୁ ଭାରତୀୟ ଉଦୀୟମାନ ଟେନିସ ତାରକା ପ୍ରଜନେଶ ଗୁଣେଶ୍ୱରନଙ୍କ ଦମ୍‌ଦାର ଅଭିଯାନ ଶେଷ ହୋଇଛି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚ୍‌ରେ ପ୍ରଜନେଶ ୩-୬, ୬-୭ (୪) ସେଟ୍‌ରେ କ୍ରୋଏସିଆର ଇଭୋ କାର୍ଲୋଭିକଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ଏକ ଘଣ୍ଟା ୧୩ ମିନିଟ୍ ଧରି ଅନୁଷ୍ଠିତ ହୋଇଥିଲା। ଏଟିପି ମାଷ୍ଟର୍ସରେ ପ୍ରଜନେଶଙ୍କ ଏହା ପଦାର୍ପଣ ଟୁର୍ନାମେଣ୍ଟ ଥିଲା। ଏଥିପୂର୍ବରୁ ରାଉଣ୍ଡ-୬୪ ଏକ ମୁକାବିଲାରେ ପ୍ରଜନେଶ ୬-୪, ୬-୭ (୬/୮), ୭-୬ ସେଟ୍‌ରେ ନିଜଠାରୁ ଉଚ୍ଚ ର୍‌ୟାଙ୍କପ୍ରାପ୍ତ ଜର୍ଜିଆର ନିକୋଲୋଜ ବାସିଲାଭିଲିଙ୍କୁ ହରାଇ ଦେଇଥିଲେ। ଏହି ଟୁର୍ନାମେଣ୍ଟରୁ ପ୍ରଜନେଶଙ୍କୁ ୬୧ ପଏଣ୍ଟ ମିଳିଛି। ଏଥିସହ ସେ ବିଶ୍ୱ ପୁରୁଷ ସିଙ୍ଗଲ୍ସ ମାନ୍ୟତାର ୮୨ତମ ସ୍ଥାନକୁ ଉଠିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ମଧ୍ୟ ଭାରତକୁ ନିରାଶ ହେବାକୁ ପଡ଼ିଛି। ରୋହନ୍ ବୋପାନ୍ନା ଓ ତାଙ୍କ କାନାଡିଆନ ସାଥୀ ଡେନିସ ସାପାଲୋଭା ଯୋଡ଼ି ୬-୪, ୧-୬, ୮-୧୦ ସେଟ୍‌ରେ ନୋଭାକ ଜୋକୋଭିଚ୍ ଓ ଫାବିଓ ଫୋଗନିନିଙ୍କଠାରୁ ହାରିଯାଇଛନ୍ତି।

### ୨୩ବର୍ଷରୁ କମ୍ ମହିଳା କ୍ରିକେଟ: ସୁଶ୍ରୀ ଅଧିନାୟିକା

**କଟକ ଅଫିସ,୧୨।୩:** ଆସନ୍ତା ୧୭ରୁ ଗୁଜରାଟର ସୁରଟଠାରେ ଆରମ୍ଭ ହେବ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ । ପ୍ରଥମ ଦିବସରରେ ଓଡ଼ିଶା ଘରୋଇ ଗୁଜରାଟ ଦଳକୁ ଭେଟିବ । ୧୮ ତାରିଖରେ କେରଳ ଓ ୨୧ ତାରିଖରେ ରେଲୱେ ବିପକ୍ଷରେ ମ୍ୟାଚ୍ ଖେଳିବ। ଓଡ଼ିଶା ଏଲିଟ ଗ୍ରୁପ-ଏ ଓ ବିରେ ସ୍ଥାନ ପାଇଛି । ଓଡ଼ିଶା ଦଳ: ସୁଶ୍ରୀ ଦିବ୍ୟଦର୍ଶିନୀ(ଅଧିନାୟିକା), କାଜଲ ଜେନା, ଅଞ୍ଜଳି ସିଂ, ରାଣୀ ଟୁଡୁ, ପୁନମ ନାୟକ, ସୁନୀତା ମୁର୍ମୁ, କୁନି ବଦରା, ରାଜଶ୍ରୀ ସ୍ୱାଇଁ, ରିମାଲକ୍ଷ୍ମୀ ଏକ୍କା, ଇନ୍ଦ୍ରାଣୀ ଛତ୍ରିଆ, ଲୁଇସା ଦାସ, ବର୍ଷାରାଣୀ ସିଂ, ରଶ୍ମିତା ଗିନ୍ନାରା(ଉଇକେଟ କିପର), ପୂର୍ଣ୍ଣିମା ରାୟ, ମୋନାଲିସା ରାଉତ(ଉଇକେଟ କିପର) । ଇନ୍ଦିରା ନନ୍ଦିନୀ ନାଥ-ମ୍ୟାନେଜର, ଇତିଶ୍ରୀ ପଟ୍ଟନାୟକ-କୋଚ୍, ଅପର୍ଣ୍ଣା ମିଶ୍ର-ଫିଜିଓ, ଶ୍ୱେତା ସାମନ୍ତରାୟ-ଟ୍ରେନର ।

### ବିଦ୍ୟାଧରପୁର ଚାମ୍ପିୟନ

**ନରାଜ/କଟକ ଅଫିସ, ୧୨।୩:** ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳିସ୍ଥିତ ଖେଳପଡିଆରେ ମୁଣ୍ଡଳି କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ବିଦ୍ୟାଧରପୁର କ୍ରିକେଟ କ୍ଲବ ଓ ବାଲିବନ୍ଧ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଧରପୁର ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ହରାଇ ୧୨ ଓଭରରେ ୯୯ ରନ ସଂଗ୍ରହ କରିଥିଲା। ଜବାବରେ ବାଲିବନ୍ଧ କ୍ରିକେଟ କ୍ଲବ ୧୨ ଓଭର ଖେଳି ୪ଟି ଉଇକେଟ ହରାଇ ୯୦ ରନ କରି ପରାଜୟ ବରଣ କରିଥିଲା । ବାଙ୍କୀ ଭାଜପା ଯୁବନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ଅମୂଲ୍ୟ କୁମାର ରାଉତ, ସମିତି ସଭ୍ୟ ଦେବାଶିଷ ରାଉତ ଓ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଧରପୁର ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଏବଂ ବାଲିବନ୍ଧ ଦଳକୁ ୩ ହଜାର ଟଙ୍କା ସହ ରନର୍ସ ଟ୍ରଫି ପ୍ରଦାନ କରିଥିଲେ ।

# ସଙ୍ଗୀତରୁ ଭଲ ପ୍ରଦର୍ଶନ ପାଇଁ ପ୍ରେରଣା ପାଏ

**ଭାରତୀୟ ତୀରନ୍ଦାଜୀ କ୍ରୀଡ଼ାରେ ଚର୍ଚ୍ଚିତ ଚେହେରା ହେଉଛନ୍ତି ଦୀପିକା କୁମାରୀ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଦୀପିକା ଭାରତୀୟ ମହିଳା ତୀରନ୍ଦାଜୀ କ୍ରୀଡ଼ାର ମଙ୍ଗ ଧରିବା ସହ ଦେଶ ପାଇଁ ଅନେକ ପଦକ ବିଜୟୀ ହୋଇ ସାରିଲେଣି । ଜୁନିୟର ବର୍ଗରେ ପ୍ରତିନିଧିତ୍ୱ କରୁଥିବା ବେଳେ ସେ ବିଶ୍ୱକପ୍ ଟାଇଟଲ ମଧ୍ୟ ବିଜୟୀ ହୋଇଥିଲେ। କ୍ରୀଡ଼ା କ୍ଷେତ୍ରରେ ଅବଦାନ ପାଇଁ ୨୦୧୨ ମସିହାରେ ଅର୍ଜୁନ ପୁରସ୍କାର ଓ ୨୦୧୬ରେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଥିବା ଦୀପିକା ବାରବାଟୀରେ ଚାଲିଥିବା ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କ ସହ ସାକ୍ଷାତ୍‌କାର**

ସାକ୍ଷାତ: କୁମାରଶ୍ରୀ

**ଝାଡ଼ଖଣ୍ଡର ଝିଅ ଏବେ ଭାରତୀୟ ତୀରନ୍ଦାଜୀର ମୁଖ୍ୟ ଖେଳାଳି ଯାତ୍ରା କିପରି ରହିଥିଲା?**

❖ ତୀରନ୍ଦାଜୀ ସହିତ ପୂର୍ବରୁ ପରିଚିତ ନ ଥିଲି। ଖେଳ ବିଷୟରେ ଜାଣିବା ପରେ ଏଥିରେ ସାମିଲ ହେବାକୁ ଇଚ୍ଛା ହୋଇଥିଲା। ଦାମୀ ଖେଳ ସରଞ୍ଜାମ କିଣିବାକୁ ପଇସା ନ ଥିବାରୁ ଘରେ ବାଉଁଶରେ ତିଆରି ଧନୁ ଓ ତୀର ତିଆରି କରି ଶିଖିବା ଆରମ୍ଭ କରିଥିଲି। ସମୟକ୍ରମେ ଖେଳ ସହିତ ଜଡ଼ିତ ହେଲି। ଇଣ୍ଡିଆନ ରାଉଣ୍ଡ ପ୍ରଥମେ ଖେଳିବା ପରେ ରିକର୍ଭ ରାଉଣ୍ଡ ପ୍ରଶିକ୍ଷଣ ନେଇଥିଲି। ପରେ ଟାଟା ତୀରନ୍ଦାଜୀ ଏକାଡେମୀରେ ଭର୍ତ୍ତି ହୋଇଥିଲି। ପ୍ରଥମ ବର୍ଷରୁ ହିଁ ମୋତେ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ଖେଳିବାର ସୁଯୋଗ ମିଳିଥିଲା ।

**ଝାଡ଼ଖଣ୍ଡରେ ତୀରନ୍ଦାଜୀ ଓ କ୍ରୀଡ଼ାବିତଙ୍କ ଭବିଷ୍ୟତ କିପରି ଅଛି?**

❖ ଭଲ ଅଛି ବୋଲି କହି ପାରିବି ନାହିଁ। କାରଣ ମୁଁ ବି ରାଞ୍ଚିରେ ନ ରହି ଜାମସେଦପୁରରେ ରହି ପ୍ରଶିକ୍ଷଣ ନେଇଛି। ଅଧିକ ସମୟ ମୋର ସେଠାରେ କଟିଛି। ଝାଡ଼ଖଣ୍ଡରେ ଭିତ୍ତିଭୂମିର ଅଭାବ ରହିଛି ବୋଲି କହି ପାରିବି ।

**ଖେଳ ବାଦ୍ ସଙ୍ଗୀତ ଓ ଖାଇବା ଉପରେ ଆପଣଙ୍କର ଦୁର୍ବଳତା ଅଛି । କେଉଁ ଗୀତ ଶୁଣିବାକୁ ଭଲ ପାଆନ୍ତି ଓ କ'ଣ ଖାଇବାକୁ ବେଶି ଇଚ୍ଛା କରନ୍ତି?**

❖ ସଙ୍ଗୀତ ଓ ଖାଇବା ମୋର ସବୁଠାରୁ ଦୁଇଟି ବଡ଼ ଦୁର୍ବଳତା। ଦିନକୁ ଦିନ ମୋଟି ହେବାରେ ଲାଗିଛି, ମାନେ ବୁଝି ପାରୁଥିବେ ଖାଇବାକୁ କେତେ ଭଲପାଏ। ଖାଇବାରେ ସେମିତି କିଛି ନିର୍ଦ୍ଦିଷ୍ଟ ରୁଚି ନାହିଁ। ଏହାଛଡ଼ା ସଙ୍ଗୀତ ମାନେ ସ୍ଲୋ-ମ୍ୟୁଜିକ ବେଶି ପସନ୍ଦ। ୯୦ ଦଶକର ତଥା ପୁରୁଣା ଗୀତ ଗୁଡ଼ିକ ବେଶି ଶୁଣି ଥାଏ। ଯେତେ ଚାପରେ ଥିଲେ ବି ଗୀତ ମୋତେ ରିଲାକ୍ସ କରିବା ସହ ଆଗକୁ ଯିବା ପାଇଁ ପ୍ରେରଣା ଦିଏ ବୋଲି ମୁଁ ଭାବେ।



ଦୀପିକା କୁମାରୀ

**ଭାରତରେ ତୀରନ୍ଦାଜୀର ଭବିଷ୍ୟତ କିପରି ଦେଖୁଛନ୍ତି?**

❖ ସମୟ ଲାଗିବ ଏକ ସୁନ୍ଦର ଭବିଷ୍ୟତ ଗଠନ କରିବା ପାଇଁ। କାରଣ ବର୍ତ୍ତମାନ ପରିସ୍ଥିତିରେ ସିନିୟର ଖେଳାଳିମାନେ ଖେଳଠାରୁ ଦୂରେଇ ଯିବା ସହ ପ୍ରଦର୍ଶନ ମଧ୍ୟ ଭଲ କରି ପାରୁନାହାନ୍ତି। ଜୁନିୟରମାନେ ଖେଳରେ ଅଧିକ ସମୟ ତିଷ୍ଠି ପାରୁନାହାନ୍ତି। ସମୟ ଦିଆଯାଉ ଖେଳ ଓ ଖେଳାଳିମାନଙ୍କୁ। ଭାରତର ପ୍ରଦର୍ଶନ ନିଶ୍ଚିତ ଭାବେ ଭଲ ରହିବ ବୋଲି ଆଶା।

**ଯେମିତି ସଚିନ ତେନ୍ଦୁଲକର ଗ୍ରାଉଣ୍ଡକୁ ଯିବା ପୂର୍ବରୁ ବାମ ପାର୍ଶ୍ୱର ପ୍ୟାଡ୍ ଆଗ ବାନ୍ଧନ୍ତି। ତାହା ସଚିନଙ୍କର ଏକ ଅନ୍ଧବିଶ୍ୱାସ ବୋଲି ବିଚାର କରାଯାଏ। ସେମିତି ଦୀପିକା ମୁକାବିଲାକୁ ଓହ୍ଲାଇବା ପୂର୍ବରୁ କ'ଣ କରନ୍ତି?**

❖ ସେମିତି କିଛି କାର୍ଯ୍ୟର ପ୍ରଭାବ ଖେଳରେ ପଡ଼େ ବୋଲି ମୁଁ ବିଶ୍ୱାସ କରେନି। କୌଣସି ଖେଳାଳି କିମ୍ବା ସାଧାରଣ ଲୋକ ଏପରି କରି ନିଜର ମାନସିକତାକୁ ଶକ୍ତ କରିବା ଭୁଲ ନୁହେଁ। ଏହାର ପ୍ରଭାବ ଥାଏ ବୋଲି ମଧ୍ୟ ଅବିଶ୍ୱାସ କରି ହେବନି। ହେଲେ ପରିଶ୍ରମ ଠିକ ରହିଲେ ଭଗବାନ ଫଳ ଦେବେ ବୋଲି ମୋର ବିଶ୍ୱାସ।

## ପ୍ରମୋଦ, ଅନୁରାଧାଙ୍କୁ ଟାଇଟଲ

**କଟକ ଅଫିସ,୧୨।୩:** ପୁରୀର କିଶୋର କ୍ଲବଠାରେ ୪୦ତମ ରାଜ୍ୟ ବାହୁକୁସ୍ତି ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବର୍ଗରେ ପ୍ରମୋଦ ମୁଖୀ ଚାମ୍ପିୟନ ଅଫ ଚାମ୍ପିୟନ ହୋଇଥିବା ବେଳେ ଅନୁରାଧା ବେହେରା ମହିଳା ବର୍ଗରେ ଟାଇଟଲ ବିଜୟୀ ହୋଇଛନ୍ତି। ପୁରୁଷ ୫୫ କେଜି ବିଭାଗରେ ଚରଣ ନାୟକ, ୬୦ କେଜି ବିଭାଗରେ କୁନୁ ମୁଖୀ, ୬୫ କେଜି ବିଭାଗରେ ପ୍ରବୀର ଷଡ଼ଙ୍ଗୀ, ୭୦ କେଜି ବିଭାଗରେ କୁନା ମହାନ୍ତି, ୭୫ କେଜି ବିଭାଗରେ ମାନସ ଓଝା, ୮୦ କେଜି ବିଭାଗରେ ସୋମନାଥ ପାତ୍ର, ୮୫ କେଜି ବିଭାଗରେ ପି. ରବି କୁମାର, ୯୦ କେଜି ବିଭାଗରେ ରବୀନ୍ଦ୍ର ବରାଳ, ୧୦୦ କେଜି ବିଭାଗରେ ମହମ୍ମଦ ରାଜ, ୧୧୦ କେଜି ବିଭାଗରେ ପ୍ରମୋଦ ମୁଖୀ, ୧୨୦ କେଜି ବିଭାଗରେ ରଞ୍ଜିତ କୁମାର ସାମଲ, ବାଳକ ୭୦ କେଜି ବିଭାଗରେ ତାପସ ଓଝା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି ମହିଳା ୫୦ କେଜି ବିଭାଗରେ ଅନୁରାଧା ବେହେରା ସ୍ୱର୍ଣ୍ଣ ପଦକ ଜିତିଥିଲେ।

## କିଶୋର କ୍ଲବ ୩-୦ରେ ବିଜୟୀ



ରାଇସେନ ଟୁଡୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)**

ନୟାପଲ୍ଲୀ ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱରର କିଶୋର କ୍ଲବ ୩-୦ ଗୋଲରେ ନାଲ୍‌କୋ ଅନୁଗୋଳକୁ ପରାସ୍ତ କରିଛି। ବିଜୟୀ ଦଳର ସନ୍ତୋଷ ବେହେରା ୫, ରାଇସେନ ଟୁଡୁ ୩୮ ଓ ଶଶିକାନ୍ତ ସାଣ୍ଡେଲ ୮୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ରାଇସେନ ଟୁଡୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ରେଫରି ଦୁର୍ଗା ଆଚାର୍ଯ୍ୟ। ତାଙ୍କୁ ଲାଇନ୍‌ରେ ସହାୟତା କରିଥିଲେ ସୁଜିତ କୁମାର ପାତ୍ର ଓ ସୁଶାନ୍ତ କୁମାର ମିଶ୍ର। ଶେଖାଓ୍ୱତ ଖାଁ ୪ର୍ଥ ରେଫରି ଥିଲେ। ଶରତ ଚନ୍ଦ୍ର ବିଶ୍ୱାଳ, ପାର୍ଥବୀର ଭୂୟାଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ବୁଧବାର କଟକ ସ୍ପୋର୍ଟ୍ସ ହଷ୍ଟେଲ ଓ କ୍ଲବ-୭୩ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ବେଙ୍ଗାଲୁରୁ-ଗୋଆ ଫାଇନାଲ

**ମାର୍ଗାଓ, ୧୨।୩**

ଚଳିତ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ବେଙ୍ଗାଲୁରୁ ଏଫସି ଓ ଗୋଆ ଏଫସି ମଧ୍ୟରେ ଫାଇନାଲ ମୁକାବିଲା ହେବ। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲର ଦ୍ୱିତୀୟ ଚରଣରେ ରାଫାଲ ବାଷ୍ଟୋସଙ୍କ ଗୋଲ ବଳରେ ମୁମ୍ବାଇ ସିଟି ଏଫସି ୧-୦ ଗୋଲରେ ଗୋଆ ଏଫସିକୁ ପରାସ୍ତ କରିଛି। ମାତ୍ର ସେମିଫାଇନାଲର ପ୍ରଥମ

**ଇଣ୍ଡିଆନ ସୁପର ଲିଗ୍**

ଚରଣରେ ଗୋଆ ଦଳ ୫-୧ ଗୋଲରେ ମୁମ୍ବାଇକୁ ହରାଇଥିବାରୁ ମୋଟ ଗୋଲ ବ୍ୟବଧାନ(୫-୨)ରେ ଆଗରେ ରହି ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ବେଙ୍ଗାଲୁରୁ ଏଫସି ସେମିଫାଇନାଲର ପ୍ରଥମ ଚରଣରେ ୧-୨ ଗୋଲରେ ନର୍ଥ ଇଷ୍ଟ ୟୁନାଇଟେଡଠାରୁ ହାରିଥିଲେ ହେଁ ଦ୍ୱିତୀୟ ଚରଣରେ ୩-୦ ଗୋଲରେ ବିଜୟୀ ହୋଇ ମୋଟ ଗୋଲ ବ୍ୟବଧାନ (୪-୨)ରେ ଆଗରେ ରହି ଟାଇଟଲ ମୁକାବିଲାରେ ପ୍ରବେଶ କରିଥିଲା।



ଗୋଲ୍ ସ୍କୋର କରିବା ପରେ ରାଫାଲ ବାଷ୍ଟୋସଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

୧୭ ତାରିଖରେ ମୁମ୍ବାଇ ଫୁଟବଲ ଆରେନାରେ ବେଙ୍ଗାଲୁରୁ ଓ ଗୋଆ ଏଫସି ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ସେମିଫାଇନାଲ ପ୍ରଥମ ଚରଣରେ ବୃହତ ବ୍ୟବଧାନରେ ହାରିଥିବାରୁ ମୁମ୍ବାଇ ସିଟି ଦ୍ୱିତୀୟ ଚରଣ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଦଳ ୬ଷ୍ଠ ମିନିଟରେ ବାଷ୍ଟୋସଙ୍କ ଗୋଲ ବଳରେ ଅଗ୍ରଣୀ ହାସଲ ମଧ୍ୟ କରିଥିଲା। ଅହମଦ ଜାହୋଉଙ୍କଠାରୁ ପାସ୍ ପାଇବାପରେ ଆର୍ନୋଲ୍ଡ ଇସୋକୋ ପ୍ରତିପକ୍ଷ ଗୋଲପୋଷ୍ଟ ବକ୍ସ ଆଡ଼କୁ ବ୍ରାଜିଲିଆନ ବାଷ୍ଟୋସ ଦ୍ରୁତ ବେଗରେ ଯାଉଥିବାର ଦେଖିଥିଲେ। ତେଣୁ ସେ ବାଷ୍ଟୋସଙ୍କ ନିକଟକୁ ବଲ ପାସ୍ ଦେଇଥିଲେ ଏବଂ ବ୍ରାଜିଲିଆନ ଷ୍ଟ୍ରାଇକର ଗୋଲ ଦେବାରେ କୌଣସି ଭୁଲ କରି ନ ଥିଲେ। ଆରମ୍ଭରୁ ଅଗ୍ରଣୀ ନେଇଥିଲେ ହେଁ ଏଥିରୁ ଫାଇଦା ଉଠାଇ ମୁମ୍ବାଇ ଦଳ ଅଧିକ ଗୋଲ ଦେବାରେ ସକ୍ଷମ ହୋଇପାରି ନ ଥିଲା। ଗୋଆ କ୍ରମେ ଉନ୍ନତ ପ୍ରଦର୍ଶନ କରି ମ୍ୟାଚକୁ ନିୟନ୍ତ୍ରଣରେ ରଖିଥିଲା।

## ଅଲିମ୍ପିକ ପଦକ ବିଜୟିନୀଙ୍କ ସନ୍ଦେହଜନକ ମୃତ୍ୟୁ

**କୋଲୋରାଡୋ, ୧୨।୩**

ଟିମ୍ ପର୍ସୁଟ ବିଭାଗରେ ତିନିଥର ବିଶ୍ୱ ଚାମ୍ପିୟନ ଏବଂ ୨୦୧୬ ରିଓ ଅଲିମ୍ପିକ ରନର୍ସ ଅପ୍ ଆମେରିକାନ ମହିଳା ସାଇକ୍ଲିଷ୍ଟ କେଲି କାଟଲିନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ୟୁଏସ୍‌ଏ ସାଇକ୍ଲିଂ ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଆମେରିକା ପର୍ସୁଟ ଟିମ୍ ୨୦୧୬, ୨୦୧୭ ଓ ୨୦୧୮ରେ ବିଶ୍ୱ ଟାଇଟଲ ଜିତିଥିଲା। କିନ୍ତୁ ପୋଲାଣ୍ଡରେ ୨୦୧୯ ଫେବୃୟାରୀ ୨୭-୨୮ରେ ଟାଇଟଲ ବଜାୟ ରଖିବାରେ ଆମେରିକା ବିଫଳ ହୋଇଥିଲା, ଯେଉଁ ଟିମ୍‌ରୁ ୨୩ ବର୍ଷୀୟା କାଟଲିନ୍ ଓହରି ଯାଇଥିଲେ। କାଟଲିନ୍ ଷ୍ଟାଣ୍ଡଫୋର୍ଡ ୟୁନିଭର୍ସିଟିର ଜଣେ ଛାତ୍ରୀ ଥିଲେ। ସେ କମ୍ପ୍ୟୁଟେଶନାଲ ଓ ମାଥମେଟିକାଲ ଇଞ୍ଜିନିୟରିଂରେ ଗ୍ରାଜୁଏଟ୍ ଡିଗ୍ରୀ କରୁଥିଲେ। ୟୁନିଭର୍ସିଟି କ୍ୟାମ୍ପସରେ ଥିବା ନିଜ ପ୍ରକୋଷ୍ଠରୁ କାଟଲିନ୍‌ଙ୍କ ମରଶରୀରକୁ ଉଦ୍ଧାର କରାଯାଇଛି।



କେଲି କାଟଲିନ୍

## ଫୁଲବାଣୀ ଏକାଦଶ ସେମିଫାଇନାଲରେ

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଓଡ଼ିଶା ପୋଲିସକୁ ୧-୦ ଗୋଲରେ ହରାଇ ଫୁଲବାଣୀ ଏକାଦଶ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୯ତମ ମିନିଟରେ ଫୁଲବାଣୀ ଫରୱାର୍ଡ ରଜତ ନାଗ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁଗୋଳ-ସୁକିନ୍ଦା ରେଲୱେ ଏମଡି ଦିଲୀପ କୁମାର ସାମନ୍ତରାୟ, ଟାଟା ଷ୍ଟିଲ ଚିଫ୍ ରେସିଡେଣ୍ଟ ଏକ୍‌ଜିକ୍ୟୁଟିଭ୍ ଦେବାଶିଷ ଜେନା, ମଧୁସୂଦନ ମଲିକ, ଅମିୟକାନ୍ତ ମିଶ୍ର, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ, ଦେବେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଏବଂ ଫାଓ ଇଲେଭେନ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।



ଟାଟା ଉତ୍କଳିକା କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

### ସୟଦ ମୁସ୍ତାକ ଅଲି ଟି୨୦
## ୟୁପି ବିପକ୍ଷରେ ମୁମ୍ବାଇର ବୃହତ୍ ବିଜୟ

**ଇନ୍ଦୋର, ୧୨।୩ (ପି.ଟି.):** ଘରୋଇ ଟି୨୦ ପ୍ରତିଯୋଗିତା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ମଙ୍ଗଳବାର ଖେଳାଯାଇଥିବା ସୁପର୍ ଲିଗ୍ ପର୍ଯ୍ୟାୟ ଗ୍ରୁପ୍-ବି'ର ଅନ୍ତିମ ମ୍ୟାଚ୍‌ରେ ମୁମ୍ବାଇ ବୃହତ୍ ବିଜୟ ହାସଲ କରିଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୮୩ ରନର ବୃହତ୍ ସ୍କୋର କରିଥିଲା। ଦଳ ପକ୍ଷରୁ ସିଦ୍ଧେଶ ଲାଡ୍ ୬୨, ଏକନାଥ କେର୍କର ୪୬ ଓ ଅଧିନାୟକ ଶ୍ରେୟାସ ଆୟାର ୪୩ ରନ କରିଥିଲେ। ଉତ୍ତରପ୍ରଦେଶ ଅଧିନାୟକ ଅଙ୍କିତ ରାଜପୁତ୍ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ଉତ୍ତରପ୍ରଦେଶ ସୌରଭ କୁମାର (୨୪) ଓ ପ୍ରିୟମ ଗର୍ଗ (୨୩)ଙ୍କ ଉପଯୋଗୀ ଇନିଂସ ସତ୍ତ୍ୱେ ୧୩୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଶାର୍ଦ୍ଦୁଲ ଠାକୁର ଓ ଶିଭମ ଦୁବେ ୩ଟି ଲେଖାଏ ଉଇକେଟ୍ ସଫଳତା ପାଇଥିଲେ।

## ଜେଭ୍‌ରେଭ୍ ପରାସ୍ତ

**ଇଣ୍ଡିଆନ୍ ୱେଲ୍ସ, ୧୨।୩ (ଏଏଫ୍‌ପି):** ବିଶ୍ୱର ୩ ନମ୍ବର ଖେଳାଳି ଆଲେକ୍‌ଜାଣ୍ଡର ଜେଭେରେଭ ଏଟିପି ଇଣ୍ଡିଆନ୍ ୱେଲ୍ସ ମାଷ୍ଟର୍ସରୁ ବିଦାୟ ନେଇଛନ୍ତି। ଅନ୍ୟପକ୍ଷରେ ବର୍ଷାଯୋଗୁ ଗୋଟିଏ ଗେମ୍ ପରେ ନୋଭାକ୍ ଜୋକୋଭିଚ୍ ତୃତୀୟ ରାଉଣ୍ଡ ମ୍ୟାଚ ସସ୍‌ପେଣ୍ଡ କରାଯାଇଛି। ବିଶ୍ୱର ୫୫ ନମ୍ବର ର୍‌ୟାଙ୍କିଙ୍ଗ ଜାନ୍-ଲେନାର୍ଡ ଷ୍ଟ୍ରଫ୍ ୫ ଥର ଚେଷ୍ଟାରେ ଜେଭରେଭଙ୍କୁ ପରାସ୍ତ କରିଛନ୍ତି।

## ସେମିରେ ରାମେଶ୍ୱର ସ୍ପୋର୍ଟିଂ



ସାରାଂଶ କୁମାର ଓ ଦିବ୍ୟ ପ୍ରକାଶ ସାହୁଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି)**

ବିଏମ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ୧୨୨ ରନରେ ସହିଦ ସ୍ପୋର୍ଟିଂକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୪୦ ଓଭରରେ ସମସ୍ତ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ କୁମାର ୪୦, ତନୟ ବିଶ୍ୱାଳ ୩୪ ଓ ସ୍ୱସ୍ତିକ ସାମଲ ୨୮ ରନ କରିଥିଲେ। ପ୍ରତିପକ୍ଷ ଦଳର ଅଂଶ ମଲିକ ୩୫ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୨୪.୫ ଓଭରରେ ୧୦୨ ରନରେ ଅଲଆଉଟ ହୋଇ ଯାଇଥିଲା। ଅଂଶ ମଲିକ ସର୍ବାଧିକ ୩୭ ରନ କରିଥିଲେ। ବିଜୟୀ ଦଳର ରାଜେଶ ମହାନ୍ତି ଓ ଦିବ୍ୟ ପ୍ରକାଶ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ସାରାଂଶ କୁମାର ଓ ଦିବ୍ୟ ପ୍ରକାଶ ସାହୁଙ୍କୁ ଯୁଗ୍ମ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ମହାପାତ୍ର ଓ ପୂର୍ବତନ ରଣଜୀ ତାରକା ଦୀପକ ମଙ୍ଗରାଜ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟବ୍ରତ ମହାପାତ୍ର ଓ ତପନ ବେହେରା ମ୍ୟାଚ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ବୁଧବାର, ୧୩ ମାର୍ଚ୍ଚ, ୨୦୧୯






"ବିଶ୍ୱକପ୍ ବେଳେ ଷ୍ଟିଭ୍ ସ୍ମିଥ୍ ଓ ଡେଭିଡ୍ ୱାର୍ନରଙ୍କଠାରୁ ଅଧିକ ଆଶା କଲେ ଏହା ଦଳର ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ ।

–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

"ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଯେଉଁ କମ୍ବିନେଶନ ନେଇ ଖେଳିଛି ବିଶ୍ୱକପ୍‌ରେ ହୁଏତ ଏଥିରେ ପରିବର୍ତ୍ତନ କରାଯାଇ ପାରେ ।

–ଭରତ ଅରୁଣ, ଭାରତୀୟ ବୋଲିଂ କୋଚ୍



## ସଂକ୍ଷେପରେ

### ମୁମ୍ବାଇ ଇଣ୍ଡିଆନ୍ସର ଟ୍ରେନିଂ ଆରମ୍ଭ

**ନବି ମୁମ୍ବାଇ, ୧୨।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆସନ୍ତା ୧୨ଶ ସଂସ୍କରଣ ପାଇଁ ତିନିଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏହାର ଟ୍ରେନିଂ କ୍ୟାମ୍ପ ଆରମ୍ଭ କରିଛି। ଏହା ଘାନ୍‌ସୋଲିସ୍ଥିତ ରିଲାଏନ୍ସ କର୍ପୋରେଟ୍ ପାର୍କ କ୍ରିକେଟ ଗ୍ରାଉଣ୍ଡରେ ଆୟୋଜିତ ହୋଇଛି। ଏଥିରେ ଯୋଗଦେଇଥିବା ଖେଳାଳିଙ୍କ ମଧ୍ୟରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ବଡ଼ ଭାଇ କ୍ରୁନାଲ ଅଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଜଣେ ଅଫିସିଆଲଙ୍କ କହିବା ଅନୁସାରେ ଏହି କ୍ୟାମ୍ପରେ ଅଫ୍ ସ୍ପିନର ଜୟନ୍ତ ଯାଦବ, ଲେଗ୍‌ସ୍ପିନର ରାହୁଲ ଚହର, ପେସର ବରିନ୍ଦର ଶ୍ରନ୍, ରାଶିଖ ସଲାମ, ମିଚେଲ ମ୍ୟାକ୍‌କ୍ଲିନାହାନ ଏବଂ ଉଇକେଟକିପର ଈଶାନ କିଶାନ ପ୍ରମୁଖ ମଧ୍ୟ ଯୋଗ ଦେଇଛନ୍ତି। ନ୍ୟୁ ମୁମ୍ବାଇସ୍ଥିତ ଉକ୍ତ ଷ୍ଟାଡିୟମରେ ଏକ ସପ୍ତାହ ଧରି ଟ୍ରେନିଂ କାର୍ଯ୍ୟକ୍ରମ ଚାଲିବା ପରେ ମାର୍ଚ୍ଚ ୧୭ରେ ଏହା ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମକୁ ସ୍ଥାନାନ୍ତର ହେବ। ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ମାର୍ଚ୍ଚ ୨୪ରେ ୱାଙ୍ଖେଡେ ଷ୍ଟାଡିୟମରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

### ସ୍କ୍ୱାଶ କିମ୍ବଦନ୍ତୀଙ୍କୁ ହରାଇଲେ ଜ୍ୟୋତ୍ସ୍ନା

**କାଇରୋ, ୧୨।୩ (ପି.ଟି.):** ଏଠାରେ ଚାଲିଥିବା ୧,୦୭,୦୦୦ ଡଲାର ପୁରସ୍କାର ବିଶିଷ୍ଟ ମହିଳା ବ୍ଲାକବଲ୍ ସ୍କ୍ୱାଶ୍ ଓପନ୍‌ରେ ଭାରତ ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ପ୍ରଥମ ରାଉଣ୍ଡରେ ୮ଥର ବିଶ୍ୱ ଚାମ୍ପିୟନ ନିକୋଲ ଡେଭିଡ୍‌ଙ୍କୁ ହରାଇ ଦେଇଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ସେ ୧୧-୮, ୧୧-୬, ୧୨-୧୦ରେ ମାଲେସିଆନ କିମ୍ବଦନ୍ତୀଙ୍କୁ ହରାଇ ଦେଇଥିଲେ। ୨୧ଶ ର୍‍ୟାଙ୍କିଙ୍ଗପ୍ରାପ୍ତ ନିକୋଲଙ୍କ ବିପକ୍ଷରେ ଜ୍ୟୋତ୍ସ୍ନାଙ୍କର ଏହା ତୃତୀୟ ବିଜୟ। ଇଣ୍ଡୋନେସିଆରେ ୨୦୧୮ ଏସିଆନ ଗେମ୍ସରେ ମଧ୍ୟ ଭାରତୀୟ ଖେଳାଳି ମାଲେସିଆନ କିମ୍ବଦନ୍ତୀଙ୍କୁ ପରାସ୍ତ କରିଥିଲେ। ନିକୋଲ ସିଜନ ଶେଷରେ ଖେଳରୁ ଅବସର ନେବେ। ଜ୍ୟୋତ୍ସ୍ନା ବର୍ତ୍ତମାନ ୬ଷ୍ଠ ସିଡ୍ ତଥା ଇଂଲଣ୍ଡର ସାରା ଜେନ୍ ପେରୀଙ୍କୁ ଭେଟିବେ।

### ରାଜ୍ୟ ଓପନ ଚେସ୍ ୧୭ରେ

**ଭୁବନେଶ୍ୱର, ୧୨।୩(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ(ଓଏସସିଏ) ଆନୁକୂଲ୍ୟରେ ସତ୍ୟ ସାଇ ଓପନ ଚେସ୍ ଚଳିତମାସ ୧୭ରେ ଜଟଣୀସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ପାଇଁ ୧୩,୧୦୦ଟଙ୍କାର ପୁରସ୍କାର ରାଶି ରଖା ଯାଇଛି। ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନର ବ୍ୟବସ୍ଥା ଥିବାବେଳେ ସ୍କୁଲ ପିଲା, ଶ୍ରେଷ୍ଠ ଭେଟେରାନ ଓ ମହିଳା ପ୍ରତିଯୋଗୀଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାର ସ୍ୱରୂପ ୧୮ଟି ଟ୍ରଫି ପ୍ରଦାନ କରାଯିବ। ୨୮୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ସିରିଜ ନିର୍ଣ୍ଣାୟକ ମ୍ୟାଚ୍ ଆଜି

**ନୂଆଦିଲ୍ଲୀ, ୧୨।୩(ପି.ଟି.)**

ସାଂଘାତିକ ବୋଲିଂ ବିଫଳତା, ଆଭରେଜ ଫିଲ୍ଡିଂ ଓ କେତୋଟି ବୈଷୟିକ ତ୍ରୁଟିକୁ ପଛରେ ପକାଇ ଭାରତ ବୁଧବାର ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ଭେଟିବାକୁ ଯାଉଛି। ସିରିଜ ଏବେ ୨–୨ ସମାନ ସ୍ତରରେ ଥିବାରୁ ଏହି ମ୍ୟାଚର ଗୁରୁତ୍ୱ ବଢ଼ିଯାଇଛି। ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ୍‌କୁ ଜିତି ଉଭୟ ଦଳ ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ଏବେକାର ଭାରତୀୟ ବୋଲିଂ ବିଭାଗକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଥିଲା। ତେବେ ମୋହାଲିରେ ଅନୁଷ୍ଠିତ ଚତୁର୍ଥ ଦିନିକିଆରେ ୩୫୮ ରନ ସଂଗ୍ରହ କରିବା ସତ୍ତ୍ୱେ ଭାରତ ପରାଜୟ ବରଣ କରିବାପରେ ଏବେ ବୋଲିଂକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ନିର୍ଭରଯୋଗ୍ୟ ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ମଧ୍ୟ ଆଷ୍ଟନ ଟର୍ନର ଅତି ସହଜରେ ଶଟ୍ ମାନ ଖେଳିଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଅନୁପସ୍ଥିତି ଅଧିନାୟକ ବିରାଟ କୋହଲି ଓ ଭାରତୀୟ ଦଳ ଅନୁଭବ କରିଛନ୍ତି। ଚାପରେ ଧୋନୀ ବେଶ୍ ଶାନ୍ତ ରହିବା ସହ ଠିକ୍ ତଥା ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥାନ୍ତି ଓ ଦଳ ପାଇଁ ଏହା ବେଶ୍ ସହାୟକ ସାବ୍ୟସ୍ତ ହୋଇଥାଏ। ମୋହଲି ଷ୍ଟାଡିୟମ ଅବଶ୍ୟ ଫ୍ଲାଟ୍ ଥିଲା ଓ ଏହି ଉଇକେଟରେ ବୋଲରଙ୍କ ପାଇଁ ଆଦୌ ସହାୟ ନ ଥିଲା। କିନ୍ତୁ ବିଶ୍ୱସ୍ତରୀୟ ବିବେଚିତ ହେଉଥିବା ଭାରତୀୟ ବୋଲିଂ ବିଭାଗ ସତ୍ତ୍ୱେ ଅଷ୍ଟ୍ରେଲିଆ ୩୫୦ରୁ ଉର୍ଦ୍ଧ୍ୱ ରନକୁ ଚେଜ୍ କରି ବିଜୟୀ ହେବା କେତେକଙ୍କର ହଜମ ହୋଇନାହିଁ। ଭାରତର ଦୁର୍ବଳ ଫିଲ୍ଡିଂର ସୁଯୋଗ ନେଇ ଟର୍ନର ୪୩ ବଲରୁ ୫ ଚୌକା ଓ ୬ ଛକା ସହ ଦ୍ରୁତ ତଥା ଅପରାଜିତ ୮୪ ରନ କରି ଦଳକୁ ଅତି ସହଜରେ ବିଜୟୀ କରାଇଥିଲେ। ଅବଶ୍ୟ କାକର ଭାରତୀୟ ବୋଲରଙ୍କୁ ସମସ୍ୟାରେ ପକାଇଥିଲା। ବୋଲରମାନେ ବଲ୍‌କୁ ନିଜ ଇଚ୍ଛା ମୁତାବକ ଧରିବା ସହ ବୋଲିଂ କରିବାରେ ସଫଳ ହୋଇ ନ ଥିଲେ।

ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ଉଇକେଟ ମନ୍ଥର ହେବା ସହ ନିଚା ରହିବ। ଫଳରେ ଏଠାରେ ଟସ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ। ଏଠାରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ବେଶି ରନ୍ ସଂଗ୍ରହ ହୋଇ ନ ଥିଲା। ୨୦୧୬ ଅକ୍ଟୋବରରେ ଭାରତ ଏଠାରେ ନ୍ୟୁଜିଲାଣ୍ଡଠାରୁ ୬ ରନରେ ପରାସ୍ତ ହୋଇଥିଲା। ଏହା ପୂର୍ବରୁ ୨୦୧୪ ଅକ୍ଟୋବରରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୪୮ ରନରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଥିଲା। ତେବେ ଏଠାରେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ବିପୁଳ ସଂଖ୍ୟାରେ ରନ ସଂଗ୍ରହ ହୋଇଥିଲା। ପରାଜୟ ସତ୍ତ୍ୱେ ଭାରତ ପାଇଁ ସବୁଠାରୁ ବଡ଼ ଖୁସି ଖବର ହେଉଛି ଶିଖର ଧାୱନ ଫର୍ମକୁ ଫେରିବା। ୧୧୫ ବଲରୁ ୧୮ ଚୌକା ଓ ୩ ଛକା ସହ ଦ୍ରୁତ ୧୪୩ ରନର ଇନିଂସ ଖେଳି ସେ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଏବେ ନିଜ ଘରୋଇ ଗ୍ରାଉଣ୍ଡରେ ଶିଖର ପୁଣି ଥରେ କମାଲ କରିବେ ବୋଲି ଆଶା କରାଯାଉଛି। ତେବେ ଏହି ପିଚ୍ ବ୍ୟାଟିଂକୁ କେତେ ସୁହାଉଛି ତାହା ଦେଖିବାକୁ ବାକି ରହିଲା। ଇତିହାସକୁ ଦେଖିବାକୁ ଗଲେ ଏଠାରେ ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ। କାରଣ ପୂର୍ବରୁ ଏହି ପିଚ୍‌ରେ ସ୍ଲୋ ବୋଲରମାନେ ଭଲ ପ୍ରଦର୍ଶନ କରିଛନ୍ତି।

ଅଷ୍ଟ୍ରେଲୀୟ ଦୃଷ୍ଟିକୋଣରୁ ବିଚାର କଲେ ଉସ୍‌ମାନ ଖ୍ୱାଜା ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଟପ୍ ଅର୍ଡରରେ ତାଙ୍କ ପ୍ରଭାବୀ ବ୍ୟାଟିଂ ଦଳ ପାଇଁ ଲାଭବାନ ସାବ୍ୟସ୍ତ ହୋଇଛି। ଖ୍ୱାଜାଙ୍କୁ ସଅଳ ଆଉଟ କରିପାରିଲେ ଭାରତ ସୁବିଧାରେ ରହିବ। ଅଧିନାୟକ ଆରୋନ ଫିଞ୍ଚ୍, ପିଟର ହ୍ୟାଣ୍ଡସ୍କମ୍ବ ଓ ଟର୍ନରଙ୍କ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ଏବେ ନୂଆ ରୂପ ପାଇଛି। ବିଶ୍ୱକପ୍ ପୂର୍ବରୁ ଭାରତ ତା'ର ଶେଷ ଦିନିକିଆ ମ୍ୟାଚ୍ ଖେଳିବାକୁ ଯାଉଛି। ତେଣୁ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ପାଇଁ ଖେଳାଳିମାନେ ଏହି ଶେଷ ସୁଯୋଗର ସଦ୍ ବ୍ୟବହାର କରିବେ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ବିଜୟ ଶଙ୍କର ସୀମିତ ସୁଯୋଗରେ ଭଲ ପ୍ରଦର୍ଶନ କରିଛନ୍ତି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମୋହାଲିରେ କେତୋଟି ସୁଯୋଗ ହାତଛଡ଼ା କରିଛନ୍ତି। ତେବେ ଜଣେ ବ୍ୟାଟ୍ସମ୍ୟାନ ହିସାବରେ ସେ ଅବଶ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଭାରତୀୟ ଟପ୍ ଓ ମିଡିଲ ଅର୍ଡର ସ୍ଥିର ମନେହେଉଛି। ତେବେ ପନ୍ତ, ଶଙ୍କର, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ନିଜକୁ ପ୍ରମାଣ କରିବା ପାଇଁ ଏହି ମ୍ୟାଚ୍‌ରେ ଶେଷ ସୁଯୋଗ ପାଇଛନ୍ତି ଓ ଏଥିରେ ଏମାନେ ସଫଳ ହେବେ ବୋଲି ଆଶା କରାଯାଉଛି। କୋଟଲା ପିଚ୍‌ରେ ବାମହାତୀ ସ୍ପିନ ପ୍ରଭାବୀ ସାବ୍ୟସ୍ତ ହେବ। ଫଳରେ ଜାଡେଜା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଖେଳିବା ନିଶ୍ଚିତ ମନେହେଉଛି।



ଅଭ୍ୟାସ ସେସନ୍ ଅବସରରେ ଅଷ୍ଟ୍ରେଲିଆ ଖେଳାଳି ଓ ସପୋର୍ଟ ଷ୍ଟାଫ୍।

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, କେଦାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ବିଜୟ ଶଙ୍କର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା, ୟୁଜବେନ୍ଦ୍ର ଚହଲ ଓ ଭୁବନେଶ୍ୱର କୁମାର | ଆରୋନ ଫିଞ୍ଚ୍ (ଅଧିନାୟକ), ଉସ୍‌ମାନ ଖ୍ୱାଜା, ପିଟର ହ୍ୟାଣ୍ଡସ୍କମ୍ବ, ଶନ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଆଷ୍ଟନ ଟର୍ନର, ଝେ ରିଚାର୍ଡ଼ଶନ, ଆଡାମ ଜାମ୍ପା, ଆଣ୍ଡ୍ରୁ ଟାଏ, ପ୍ୟାଟ୍ କୁମିନ୍ସ, ନାଥନ କୁଲ୍ଟର ନିଲ, ଆଲେକ୍ସ କେରୀ, ନାଥନ ଲିୟନ ଓ ଜାସନ ବେହରେନଡୋର୍ଫ |

**ସମୟ: ଅପରାହ୍ଣ ୧.୩୦**
**ସ୍ଥାନ: ନୂଆଦିଲ୍ଲୀ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍
## ରାହୁଲ ଉଠିଲେ, କୁଲଦୀପ୍ ଖସିଲେ

**ଦୁବାଇ, ୧୨।୩:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ବିଶ୍ୱ ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କ ଅବନତି ଘଟିଛି। ବୋଲିଂ ତାଲିକାରେ କୁଲଦୀପ ଗୋଟିଏ ସ୍ଥାନ ତଳକୁ ଖସି ୫ମ ସ୍ଥାନ ଲାଭ କରିଛନ୍ତି। ନିକଟରେ କୁଲଦୀପ ଅଷ୍ଟ୍ରେଲିଆ ବିପକ୍ଷ ୨ଟି ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ଫଳରେ ଏହା ତାଙ୍କ ର୍‍ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପକାଇଥିଲା। ଅପରପକ୍ଷରେ ଇଂଲଣ୍ଡ ଲେଗ୍–ସ୍ପିନର ଆଦିଲ ରଶିଦ ୨ଟି ପାହାଚ ଉପରକୁ ଉଠି ୩ୟ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ରଶିଦ ମୋଟ୍ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏଥିସହ ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ସେ ପ୍ରଥମଥର ପାଇଁ ୭୦୦ ପଏଣ୍ଟ ଅତିକ୍ରମ କରିଛନ୍ତି। ଏହି ସିରିଜରେ ଇଂଲଣ୍ଡ ୩–୦ରେ ଘରୋଇ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସିରିଜ କ୍ଲିନ୍‌ସୁଇପ କରିଥିଲା। ଅନ୍ୟତମ ଇଂଲଣ୍ଡ ବୋଲର କ୍ରିସ ଜୋର୍ଡାନ କ୍ୟାରିୟର ଶ୍ରେଷ୍ଠ ୧୦ମ ସ୍ଥାନ ଲାଭ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ସେ ୬ଟି ଉଇକେଟ୍ ନେଇଥିଲେ। ବ୍ୟାଟିଂ ତାଲିକାରେ ଭାରତର ଲୋକେଶ ରାହୁଲ ୨ଟି ସ୍ଥାନ ଉପରକୁ ଉଠି ୫ମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୨ଟି ଟି୨୦ ମ୍ୟାଚ୍‌ରେ ସେ ଯଥାକ୍ରମେ ୪୭ ଓ ୫୦ ରନର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ, ଯାହା ତାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିଥିଲେ। ସେହିଭଳି ଦୁଇ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜନୀ ବେୟାରଷ୍ଟୋ ଓ ସାମ୍ ବିଲିଙ୍ଗ୍ସ ଯଥାକ୍ରମେ ୫୫ତମ ଓ ୮୪ତମ ସ୍ଥାନକୁ ଉଠିଛନ୍ତି। ଆଇସିସି ଟି୨୦ ଟିମ୍ ତାଲିକାରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆକୁ ପଛରେ ପକାଇ ଇଂଲଣ୍ଡ ୩ୟ ସ୍ଥାନକୁ ଲମ୍ଫ ପ୍ରଦାନ କରିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ସିରିଜ କ୍ଲିନ୍‌ସୁଇପ କରିଥିବାରୁ ଇଂଲଣ୍ଡକୁ ର୍‍ୟାଙ୍କିଙ୍ଗ୍‌ରେ ଉପରକୁ ଉଠିବାରେ ଏହା ସହାୟକ ହୋଇଥିଲା। ପାକିସ୍ତାନ ଓ ଭାରତ ଯଥାକ୍ରମେ ପୂର୍ବବତ୍ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।

### ■ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ
## ରାନୀଙ୍କୁ ସ୍ୱର୍ଣ୍ଣ, ଉତ୍କଳକୁ ୩ ପଦକ

**ଭୁବନେଶ୍ୱର, ୧୨।୩(ସ୍ପୋର୍ଟ୍ସ ବ୍ୟୁରୋ)**

ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିଶାଖାପାଟଣାଠାରେ ମାର୍ଚ୍ଚ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମୋଟ୍ ୩ଟି ପଦକ ମିଳିଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ରହିଛି। ମହିଳା ତାତ୍‌ମୀ ପଏଣ୍ଟ ଫାଇଟ୍‌ର ୭୦ କିଗ୍ରା ବର୍ଗରେ ରାନୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଶ୍ରୁତି ସିଂଙ୍କୁ ପରାସ୍ତ କରିଥିଲେ। ସେହିଭଳି ପୁରୁଷ ୬୯ କିଗ୍ରା ବର୍ଗରେ ଜଗନ୍ନାଥ ଦାସ ଓ ୭୪ କିଗ୍ରାରେ ଆଦିତ୍ୟ ନାରାୟଣ ଲେଙ୍କାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଉଭୟ ଜଗନ୍ନାଥ ଓ ଆଦିତ୍ୟ ସେମିଫାଇନାଲରେ ରୋହତକ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀଙ୍କ ନିକଟରୁ ହାରି ବ୍ରୋଞ୍ଜରେ ସନ୍ତୁଷ୍ଟ ରହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଓଡ଼ିଶା ଆମେଚର କିକ୍ ବକ୍ସିଂ ସଂଘର ସହଯୋଗରେ ଉତ୍କଳ ପ୍ରଥମଥର ପାଇଁ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଦଳର ସଫଳତା ଲାଗି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବିର ମୋହନ ସେଠୀ, ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ ଓ ଓଡ଼ିଶା ଆମେଚର କିକ୍ ବକ୍ସିଂ ସଂଘର ସଭାପତି କାର୍ତ୍ତିକ ଚନ୍ଦ୍ର ଡାକୁଆ, ସହ ସମ୍ପାଦକ କୃଷ୍ଣଚନ୍ଦ୍ର ଡାକୁଆ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ୍: ମହିଳା–** ମଧୁସ୍ମିତା ସାହୁ, ନମ୍ରତା ନନ୍ଦା, ସୁଜାତା ସାହୁ, କୀର୍ତ୍ତିରାନୀ ସାହୁ। **ପୁରୁଷ ଟିମ୍–** ସନ୍ତୋଷ କୁମାର ରାଉତ, ଜଗନ୍ନାଥ ଦାସ, ଆଦିତ୍ୟ ନାରାୟଣ ଲେଙ୍କା, ଅବିନାଶ ଦାସ। **କୋଚ୍–** ମିହିର କୁମାର ସାହୁ, **ମ୍ୟାନେଜର–** ପ୍ରବୀର କୁମାର ମହାନ୍ତି।



ପଦକ ସହ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀମାନେ।

## ଆଜରବୈଜାନ ସହ ଡ୍ର ରଖିଲା ଭାରତୀୟ ପୁରୁଷ ଦଳ

**ଅଷ୍ଟାନା, ୧୨।୩ (ପି.ଟି.):** ୱାର୍ଲ୍ଡ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ୭ମ ରାଉଣ୍ଡରେ ଭାରତୀୟ ପୁରୁଷ ଦଳ ଆଜରବୈଜାନ ବିପକ୍ଷ ମୁକାବିଲା ୨–୨ରେ ଡ୍ର ରଖିଛି। ଫଳରେ ଦଳ ୧୦ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନ ଅଧିକାର କରିଛି। ୭ମ ରାଉଣ୍ଡର ଅନ୍ୟ ମୁକାବିଲାଗୁଡ଼ିକ ମଧ୍ୟରେ ଇଜିପ୍ଟ ବିପକ୍ଷରେ ଇଂଲଣ୍ଡ ଟିମ୍ ୨.୫–୧.୫ ବ୍ୟବଧାନରେ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାକୁ ୨.୫–୧.୫ ପଏଣ୍ଟରେ ପରାସ୍ତ କରି ରୁଷିଆ ସ୍ୱର୍ଣ୍ଣ ପଦକ ନିକଟତର ହୋଇଛି। ଟେବୁଲରେ ୧୨ ପଏଣ୍ଟ ସହ ରୁଷିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଇଂଲଣ୍ଡ ୧୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି। ପୁରୁଷ ସହିତ ଏକ ସଙ୍ଗରେ ଅନୁଷ୍ଠିତ ହେଉଥିବା ମହିଳା ଟୁର୍ନାମେଣ୍ଟରେ ଭାରତ ଯୁକ୍ତରାଷ୍ଟ୍ର ଆମେରିକାକୁ ୪–୦ରେ ହରାଇ ଦେଇଛି। ତେବେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଜିପ୍ଟ ବିପକ୍ଷରେ ୪–୦ରେ ବିଜୟ ଦ୍ୱାରା ଚାଇନା ଆପାତତଃ ସ୍ୱର୍ଣ୍ଣ ପଦକ ଜିତିବା ସ୍ପଷ୍ଟ ହୋଇଛି। ଚାଇନା ସର୍ବାଧିକ ୧୪ ପଏଣ୍ଟରୁ ୧୪ ପଏଣ୍ଟ ଅର୍ଜନ କରି ଟେବୁଲର ପ୍ରଥମ ସ୍ଥାନ ଅଧିକାର କରିଛି। ରୁଷିଆ ୟୁକ୍ରେନ୍ ସହ ଡ୍ର ରଖି ୧୧ମ୍ୟାଚ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଜର୍ଜିଆ ଓ ୟୁକ୍ରେନ୍ ୧୦ ପଏଣ୍ଟ ସହ ମିଳିତ ତୃତୀୟ ସ୍ଥାନରେ ଅଛନ୍ତି। ପୋଡିୟମ ଫିନିଶ କରିବାକୁହେଲେ ଭାରତୀୟ ମହିଳା ଦଳକୁ ହଙ୍ଗେରୀ ଓ ୟୁକ୍ରେନ ବିପକ୍ଷ ଏହାର ଅବଶିଷ୍ଟ ଦୁଇଟି ମ୍ୟାଚରେ ବିଜୟ ହାସଲ କରିବାକୁ ପଡ଼ିବ।

**ୱାର୍ଲ୍ଡ ଟିମ୍ ଚେସ୍**

## ଲଗାତର ୫ ଟେଷ୍ଟ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ୱେଲିଂଟନ, ୧୨।୩(ଏଏଫପି)**

ୱେଲିଂଟନ ଟେଷ୍ଟରେ ଭ୍ରମଣକାରୀ ବାଂଲାଦେଶକୁ ଏକ ଇନିଂସ ଓ ୧୨ ରନରେ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୨–୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ମଧ୍ୟ ନ୍ୟୁଜିଲାଣ୍ଡ ଇନିଂସ ଓ ୫୨ ରନରେ ବିଜୟ ଲାଭ କରିଥିଲା। ଏଥିସହ ନ୍ୟୁଜିଲାଣ୍ଡ ଟେଷ୍ଟ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ ଲଗାତର ୫ମ ଟେଷ୍ଟ ସିରିଜ ଜିତିବାର ସଫଳତା ପାଇଛି। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଆସନ୍ତା ୧୬ରୁ ଖ୍ରୀଷ୍ଟଚର୍ଚ୍ଚରେ ଆରମ୍ଭ ହେବ।

ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୨୧୧ ରନ ଜବାବରେ ନ୍ୟୁଜିଲାଣ୍ଡ ରସ୍ ଟେଲରଙ୍କ ୨୦୦ ରନ (୨୧୨ ବଲ, ୧୯ ଚୌକା, ୪ ଛକା), ହେନରୀ ନିକୋଲାସ ୧୦୭ (୧୨୯ ବଲ, ୯ ଚୌକା) ଓ ଅଧିନାୟକ କେନ୍ ୱିଲିୟମସନଙ୍କ ୭୪ ରନ ବଳରେ ପ୍ରଥମ ଇନିଂସରେ ୬ ଉଇକେଟ୍ ବିନିମୟରେ ୪୩୨ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ୨୨୧ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ବାଂଲାଦେଶ ସୋମବାର ୪ର୍ଥ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଥିଲା। ପରାଜୟ ଏଡ଼ାଇବା ପାଇଁ ବାଂଲାଦେଶକୁ ମଙ୍ଗଳବାର ଦିନସାରା ବ୍ୟାଟିଂ ଆବଶ୍ୟକ ହେଉଥିଲା। କିନ୍ତୁ ବାମହାତୀ ଦ୍ରୁତ ବୋଲର ନେଲ୍ ୱାଗନରଙ୍କ ବାଉନ୍ସରକୁ ବୁଝି ନ ପାରି ବାଂଲାଦେଶ ୨୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ମହମ୍ମଦୁଲ୍ଲା ସର୍ବାଧିକ ୬୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ମିଥୁନ ୪୭, ସୌମ୍ୟ ସର୍କାର ୨୮ ଓ ଶଦମନ ଇସଲାମ ୨୯ ରନ କରିଥିବାବେଳେ ତାମିମ ଇକବାଲ (୪ ରନ) ନିରାଶ କରିଥିଲେ। ଘରୋଇ ଦଳ ପକ୍ଷରୁ ୱାଗନର (୧୪–୪–୪୫–୫) ଓ ଟ୍ରେଣ୍ଟ ବୋଲ୍ଟ (୧୬–୫–୫୨–୪) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ବର୍ଷା ଯୋଗୁ ମ୍ୟାଚ୍‌ର ପ୍ରଥମ ଦୁଇ ଦିନ ଖେଳ ସମ୍ଭବପର ହୋଇପାରି ନ ଥିଲା। ତଥାପି ବାଂଲାଦେଶ ଏହାର ଫାଇଦା ନେଇପାରି ନ ଥିଲା। ଦ୍ୱିଶତକୀୟ ଇନିଂସ ଲାଗି ଭେଟେରାନ ରସ୍ ଟେଲର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ନେଲ୍ ୱାଗନର

### ଡିନ୍ ଜୋନ୍ସ

## ମୁକାବିଲା ରୋମାଞ୍ଚକ ହେବ

ଚତୁର୍ଥ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ ହେବ ବୋଲି କିଏ ଭାବିଥିଲା ? ରେକର୍ଡ ରନ ଚେଜ୍ କରିବା, ମିଡଲ ଅର୍ଡର ସମସ୍ୟା ସମାଧାନ ହେବା, ୩ ଜଣ ସ୍ପିନରଙ୍କୁ ଖେଳାଇବା, ଆଷ୍ଟନ ଟର୍ନର ଜବରଦସ୍ତ ବ୍ୟାଟିଂ କରିବା ସବୁ ଅଷ୍ଟ୍ରେଲିଆ ପାଇଁ ବେଶ୍ ଲାଭଦାୟକ ଥିଲା। ତେବେ ବିଶ୍ୱକପ୍ ପାଇଁ ଏହା ଶ୍ରେଷ୍ଠ ଅଷ୍ଟ୍ରେଲୀୟ ନୁହଁ ବୋଲି କୁହାଯାଇପାରେ। ଶେଷରେ ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳିବାକୁ ଅଷ୍ଟ୍ରେଲିଆ ତା'ର ମାନସିକ ସମସ୍ୟାକୁ ସମାଧାନ କରିବାରେ ସଫଳ ହୋଇଛି। ଗତ ମ୍ୟାଚର ପ୍ରଦର୍ଶନ ଅଷ୍ଟ୍ରେଲିଆର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟ ହୋଇଛି। ଆଗାମୀ ବିଶ୍ୱକପ୍‌ରେ ଭଲ ଖେଳିବ ବୋଲି ଅଷ୍ଟ୍ରେଲିଆ ଏବେ ବିଶ୍ୱାସ ହାସଲ କରିଛି।

ଅପରପକ୍ଷରେ ନିଜ ପ୍ରଦର୍ଶନରେ ଭାରତ ନିଶ୍ଚିତ ଭାବେ ନିରାଶ ହୋଇଥିବ। ସେମାନେ ଏଥିରେ ଆତଙ୍କିତ କିମ୍ବା ବ୍ୟଥିତ ହେବାର ଆବଶ୍ୟକତା ନାହିଁ। ତେବେ ଯେତେ ବି ରନ ସଂଗ୍ରହ କରାଯିବ ତାହା ଯଥେଷ୍ଟ ନୁହଁ ବୋଲି ଭାରତ ହୃଦୟଙ୍ଗମ କରିଥିବ। ଏହ ଅର୍ଥ ମିଡଲ ଓଭରରେ ଅଷ୍ଟ୍ରେଲିଆ ବେଶ୍ ନିୟନ୍ତ୍ରିତ ପ୍ରଦର୍ଶନ କରିବାରେ ସଫଳ ହୋଇଛି। ୧୧ରୁ ୪୦ ଓଭର ମଧ୍ୟରେ ଅଷ୍ଟ୍ରେଲିଆ ଖେଳାଳିମାନେ ବେଶ୍ ସୁନ୍ଦର ପ୍ରଦର୍ଶନ କରିଛନ୍ତି। ଜଷ୍ଟିନ ଲାଙ୍ଗର ନିଜର ଚତୁରତା ଦେଖାଇଛନ୍ତି। ଆଡାମ ଜାମ୍ପା, ନାଥନ ଲିୟନ ଓ ପ୍ୟାଟ କୁମିନ୍ସଙ୍କୁ ମିଡଲ ଓଭରରେ ବେଶ୍ ସୁନ୍ଦରଭାବେ ବ୍ୟବହାର କରାଯାଇଛି ଓ ଏମାନେ ଉଇକେଟ ହାସଲ କରିବାରେ ସଫଳ ହୋଇଛନ୍ତି।

ଭାରତୀୟ ବୋଲରମାନେ ମିଡଲ ଓଭରରେ ଉଇକେଟ ଅକ୍ତିଆର କରିବାର ଆବଶ୍ୟକତା ରହିଛି। କୋଟଲା ଗ୍ରାଉଣ୍ଡ ସ୍ପିନରଙ୍କୁ ସୁହାଇବ। ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଫେଭରାଇଟ୍ ବୋଲି କୁହାଯାଇପାରେ। ଟସ୍ ଜିତିବାର ଦଳ ପ୍ରଥମେ ବ୍ୟାଟିଂ କରିବା ଆଶା କରାଯାଉଛି। ଲୋକେଶ ରାହୁଲ, ବିଜୟ ଶଙ୍କର, ଶିଖର ଧାୱନ ଅଧିକ ରନ୍ ସଂଗ୍ରହ କରିବେ ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚାହିଁବ। ଅଷ୍ଟ୍ରେଲିଆ ପାଇଁ ମୋର ଗୋଟିଏ ପ୍ରଶ୍ନ। ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ଉଇକେଟ କିପିଙ୍ଗ୍ କରାଇ ଆଲେକ୍ସ କେରୀଙ୍କ ସ୍ଥାନକୁ ସଫଳ ଉପଯୋଗ କରାଯାଇପାରିଲେ ଭଲ ହୁଅନ୍ତା ବୋଲି ମୁଁ ଭାବୁଛି। ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ପ୍ରଥମେ ଟି୨୦ ସିରିଜ ଜିତିବା ସହ ଏବେ ଦିନିକିଆ ସିରିଜ ଜିତିବାର ସମ୍ଭାବନା ସୃଷ୍ଟି କରିଛି। ଅଷ୍ଟ୍ରେଲିଆ ଏତେ ଉନ୍ନତି କରିବ ବୋଲି କିଏ ଭାବିଥିଲା ? ପ୍ରଥମ ଦୁଇଟି ଦିନିକିଆରେ ପରାସ୍ତ ହୋଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରି ସିରିଜକୁ ସମାନ ସ୍ତରକୁ ଆଣିଛି। ଅନ୍ତିମ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ଓ ଏହାକୁ ଦେଖିବା ପାଇଁ ମୁଁ ବ୍ୟଗ୍ର।

(ଗେମ୍ ପ୍ଲାନ୍)



## ସଂକ୍ଷେପରେ

### ଅଭୟାରଣ୍ୟରେ ୨ ହାତୀ ମୃତ

**ନୀଳଗିରି, ୧୨।୩ (ଡି.ଏନ.ଏ.)**- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡସ୍ଥ କୁଲଡିହା ଅଭୟାରଣ୍ୟରେ ୨ଟି ହାତୀଙ୍କ ମୃତ୍ୟୁ ଘଟିଛି । ବନ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ହାତୀଦ୍ୱୟଙ୍କ ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଛି। ମୃତ ହାତୀଦ୍ୱୟଙ୍କ ବୟସ ୪୦ବର୍ଷରୁ ଊର୍ଦ୍ଧ୍ୱ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନକ୍ଷେତ୍ରାଧିକାରୀ ଲକ୍ଷ୍ମଣ କୁମାର ପ୍ରଧାନ କହିଛନ୍ତି । ଅଭୟାରଣ୍ୟର ଚେକାମରା ଜଙ୍ଗଲ ବାଲିଆନାଳ ନିକଟରେ ୨ଟି ମାଈହାତୀ ମରି ପଡିଥିବା ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଦେଖି ବନକ୍ଷେତ୍ରାଧିକାରୀଙ୍କୁ ଜଣାଇଥିଲେ । ପୂର୍ବାହ୍ନରେ ବନ ବିଭାଗର ଆଞ୍ଚଳିକ ବନ ସଂରକ୍ଷକ ଅମିତାଭ ବ୍ରହ୍ମା, ବନକ୍ଷେତ୍ରାଧିକାରୀ ପ୍ରଧାନ, ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ତପନ କୁମାର ଦ୍ୱିବେଦୀଙ୍କୁ ଘଟଣାସ୍ଥଳକୁ ନେଇ ବ୍ୟବଚ୍ଛେଦ କରାଇଥିଲେ ।

### ଟ୍ରେନ୍ ଧକ୍କାରେ ଛାତ୍ରଙ୍କ ଜୀବନ ଗଲା

**ଢେଙ୍କିକୋଟ/କେନ୍ଦୁଝର, ୧୨।୩(ଡି.ଏନ୍.ଏ./ସ୍ୱ.ପ୍ର.)**- କେନ୍ଦୁଝର ଜିଲା ହରିଚନ୍ଦନପୁର ଠାରେ ଥିବା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କର ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି।

ମୃତ ଛାତ୍ର ଜଣକ ଘସିପୁରା ଥାନା ଅନ୍ତର୍ଗତ ନାରଙ୍ଗପୁର ଗ୍ରାମର ଧର୍ମେନ୍ଦ୍ର ସାହୁଙ୍କ ପୁଅ ଅନିସ କୁମାର ସାହୁ(ରୋଶନ)। ସେ ହରିଚନ୍ଦନପୁର-ବରଗୁଡ଼ା ଗ୍ରାମରେ ଜଣଙ୍କ ଘରେ ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ସାଢ଼େ ୧୧ଟାବେଳେ ସ୍କୁଲ ଛୁଟି ପରେ ସେ ଭଡ଼ା ଘରକୁ ଟ୍ରେନ୍‌ଲାଇନ୍ ପାରହୋଇ ଯାଉଥିଲେ। ଏକ ମାଲ୍‌ବାହୀ ଟ୍ରେନ୍ କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିବାବେଳେ ରୋଶନ ଛିଡ଼ା ହୋଇଥିଲେ। ମାତ୍ର ଟ୍ରେନ୍ ଯିବା ସଙ୍ଗେ ସଙ୍ଗେ ଦୌଡ଼ି ପାର ହୋଇଯିବା ବେଳେ ଅପର ପଟୁ ପୁରୀ-ବଡ଼ବିଲ ଏକ୍ସପ୍ରେସ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଶତାଧିକ ଲୋକ ସେଠାରେ ପହଞ୍ଚି ଉତ୍ତେଜନା ସୃଷ୍ଟି କରିଥିଲେ। ମାତ୍ର ହରିଚନ୍ଦନପୁର ଥାନା ପୋଲିସ ଏବଂ ରେଲୱେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ଏନେଇ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନା ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

# କ୍ଷତିପୂରଣ, କଲଭର୍ଟ କାମ ସାରିବାକୁ ଦାବି

**ପାରଳାଖେମୁଣ୍ଡି, ୧୨।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମ ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ତ୍ରିପତି ପ୍ରଧାନ(୩୦)। ସେ ଗୋଟିଏ ଘରୋଇ ଟେଲିକମ୍ ସଂସ୍ଥାରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ଅଞ୍ଚଳବାସୀ ସେଠାରେ ରାସ୍ତାରୋକୋ କରିଥିଲେ। ତୁରନ୍ତ କଲଭର୍ଟ ନିର୍ମାଣ ଶେଷ କରାଯିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ପାଇଁ ଦାବି କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧ଟାରେ ତ୍ରିପତି ପ୍ରଧାନ ଓ ମଳୟ ସୁନ୍ଦର ରାୟ ଏକ ଘରୋଇ ଟେଲିକମ୍ ସଂସ୍ଥାର ଟାୱାର ମରାମତି କରିବା ପାଇଁ ଗୋଟିଏ ବାଇକ (ନଂ ଓଡି୧୦-୯୭୮୫) ଯୋଗେ ପାରଳାଖେମୁଣ୍ଡିଠାରୁ ଗଣ୍ଡାହାତୀ ଅଭିମୁଖେ ଯାଉଥିଲେ। ପାରଳାଖେମୁଣ୍ଡି ସହରର ଗଜପତି ଷ୍ଟାଡିୟମଠାରୁ ଫରେଷ୍ଟ ଗେଟ ମଧ୍ୟରେ ଏକ ନିର୍ମାଣାଧୀନ କଲଭର୍ଟ ପାଖରେ କୌଣସି କାରଣରୁ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଘଟଣାସ୍ଥଳରେ ତ୍ରିପତିଙ୍କ ମୃତ୍ୟୁ ହୋଇଯାଇଥିଲା। ଗୁରୁତର ଆହତ ହୋଇ ପଡ଼ିରହିଥିବା ମଳୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିବା ତାଙ୍କ ସମ୍ପର୍କୀୟଙ୍କ ସୂତ୍ରରୁ ଖବର ମିଳିଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ.୬୮/୧୯ ରୁଜୁ ହୋଇ ତଦନ୍ତ ଚାଲିଥିବା ଏଏସ୍‌ଆଇ ଦିବାକର ପ୍ରଧାନ କହିଛନ୍ତି । ଉକ୍ତ ଘଟଣାକୁ କେନ୍ଦ୍ରକରି ମଙ୍ଗଳବାର ସେଠାରେ ଅଞ୍ଚଳବାସୀ ଟାୟାର ଜାଳି ଓ ପଥର ପକାଇ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ଓ ତୁରନ୍ତ କଲ୍‌ଭର୍ଟ କାମ ଶେଷ କରିବାକୁ ଦାବି ଜଣାଇଥିଲେ। ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି, ରେଡ୍‌କ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ଦିଆଯିବ ବୋଲି ଉପଜିଲାପାଳ ସ୍ୱାଇଁ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ଦୀର୍ଘଦିନ ହେଲା ଉକ୍ତ କଲ୍‌ଭର୍ଟ କାମ ଚାଲିଛି। ଫଳରେ ସେଠାରେ ରାସ୍ତା ଅଣଓସାରିଆ ହୋଇ ଦୁର୍ଘଟଣା ଘଟୁଛି। ଇତିମଧ୍ୟରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

**ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ**



ରାସ୍ତାରୋକୋ କରାଯାଇଛି।

# ୧୪ ବଖରା ଜଳିଗଲା



ଜଳି ଯାଇଥିବା ଘର।

**ଖଲ୍ଲିକୋଟ/ବେଗୁନିଆପଡ଼ା, ୧୨।୩(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ତାଳପଡା ଗ୍ରାମ ଠାକୁରାଣୀ ସାହିରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୮ ଜଣଙ୍କ ୧୪ବଖରା ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିଲେ ସୁଦ୍ଧା, ସର୍ଟସର୍କିଟରୁ ଏପରି ଘଟିଥିବା ଅନୁମାନ କରାଯାଉଛି ବୋଲି ଫାୟାର ଅଫିସର ଜମୁନା ପ୍ରସାଦ ମହନ୍ତ ପ୍ରକାଶ କରିଛନ୍ତି । କ୍ଷତିଗ୍ରସ୍ତମାନେ ହେଲେ ବଟୁ ସାହୁ, ଝଡ଼ିଆ ସାହୁ, ବୁଲୁ ଭୂୟାଁ, ବଳରାମ ଭୂୟାଁ, ବଂଶୀଧର ଭୂୟାଁ, ପାଣ୍ଡା ଭୂୟାଁ, ନିରଞ୍ଜନ ସାହୁ, ପ୍ରକାଶ ଚନ୍ଦ୍ର ସାହୁ। ଖଲ୍ଲିକୋଟ ତହସିଲଦାର ଚିତ୍ତରଞ୍ଜନ ମହାନ୍ତି, ବିଡିଓ ନବକୃଷ୍ଣ ଜେନା, ଚେୟାରମ୍ୟାନ ମିନାକ୍ଷୀ ସାହୁ ଘଟଣା ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତମାନଙ୍କୁ ପଲିଥିନ ପ୍ରଦାନ କରିବା ସହ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ କହିଥିଲେ। ଏଥିସହିତ ସରପଞ୍ଚ ରାଜେଶ୍ୱରୀ ତରାଇ ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ଚାଉଳ ପ୍ରଦାନ କରିଥିଲେ।


# ଫଳକ ଲଗାଇ ଅଡୁଆରେ ପ୍ରଶାସନ

**ଭଦ୍ରକ ଅଫିସ,୧୨।୩**

ରବିବାର ସନ୍ଧ୍ୟାରେ ସାଧାରଣ ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂକ୍ରିଟ ରାସ୍ତା ନିର୍ମାଣ ନେଇ ରାତିଅଧିଆ ଫଳକ ଲଗାଯିବା ଘଟଣା ଏଠି ଚର୍ଚ୍ଚାକୁ ଆସିଛି। ଭଦ୍ରକ ବ୍ଲକ ପ୍ରଶାସନ ପକ୍ଷରୁ ଉନ୍ନତି ଯୋଜନା ମାଧ୍ୟମରେ ସ୍ଥାନୀୟ ପୌରପାଳିକାରେ ଏଭଳି ଫଳକ ଲଗାଯାଇଥିବା ସୋମବାର ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ୨୯ ନଂ. ୱାର୍ଡରେ ୪ ଲକ୍ଷ ୩୪ ହଜାର ୪୩୭ ଟଙ୍କା ବ୍ୟୟ ଅଟକଳର ଏକ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଫଳକରେ ଦର୍ଶାଯାଇଥିବାରୁ ଲୋକେ ବିସ୍ମୟ ପ୍ରକାଶ କରିଥିଲେ। ଏ ନେଇ ନାନା ଚର୍ଚ୍ଚା ଓ ସମାଲୋଚନା ହେବାରୁ ପ୍ରଶାସନ ଅଡୁଆରେ ପଡ଼ିଥିଲା। ଏହାପରେ ତରବରିଆ ଭାବେ ଫଳକର ଲେଖାକୁ ଲିଭାଇ ଦିଆଯାଇଥିଲା।

ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଭଦ୍ରକ ପଞ୍ଚାୟତ ସମିତି ତରଫରୁ ଲଗାଯାଇଥିବା ଏହି ଫଳକରେ ତା୧୫।୨।୨୦୧୯ ରିଖରୁ କାର୍ଯ୍ୟାରମ୍ଭ ହୋଇ ତା୨୮।୨।୨୦୧୯ ରିଖରେ କଂକ୍ରିଟ ରାସ୍ତା କାର୍ଯ୍ୟ ଶେଷ ହୋଇଥିବା ଉଲ୍ଲେଖ କରାଯାଇଛି। ଗାଁ ରାସ୍ତାରେ ମୁଠେ ଗୋଡ଼ି କେଉଁଠି ପଡି ନ ଥିବାବେଳେ ୪ ଲକ୍ଷରୁ ଅଧିକ ଟଙ୍କା କିଭଳି ଖର୍ଚ୍ଚ ହେଲା, ସେମାନେ ପ୍ରଶ୍ନ କରିଥିଲେ। ଏହି ଫଳକକୁ ନେଇ ପୂର୍ବତନ କାଉନସିଲର ଅଶୋକ ମହାପାତ୍ର ଅଭିଯୋଗ ଉଠାଇଥିଲେ। ସୋସିଆଲ ମିଡିଆରେ ଏହି ଘଟଣା ଭାଇରାଲ ହୋଇ ଚର୍ଚ୍ଚା ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ସମିତି ପକ୍ଷରୁ ତରବରିଆ ଭାବେ ସୋମବାର ବିଳମ୍ବିତ ରାତିରେ ଫଳକର ଲେଖାକୁ ଲିଭାଇ ଦିଆଯାଇଥିଲା। ଏନେଇ ଅଧିକାଂଶ ଗ୍ରାମବାସୀ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଦାବିକରି ଭଦ୍ରକ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

ଏ ସମ୍ପର୍କରେ ବ୍ଲକ ବୈଷୟିକ ବିଭାଗୀୟ ମୁଖ୍ୟ ସିଦ୍ଧାର୍ଥ ଦାସଙ୍କୁ ପଚାରିବାରୁ ପେଣ୍ଟରଙ୍କ ତ୍ରୁଟି ଯୋଗୁ ଫଳକରେ ଭୁଲ ତଥ୍ୟ ଲେଖାଯାଇଥିବା ଜଣାପଡିଛି। ପ୍ରକୃତରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ଲାଗି ଗତ ୮ ତାରିଖରେ ଏଗ୍ରିମେଣ୍ଟ ହୋଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ ହେବ। ଉନ୍ନତି ଯୋଜନା ମାଧ୍ୟମରେ ଚଳିତ ବର୍ଷ ୬୫ ଟି ରାସ୍ତା ନିର୍ମାଣ କରାଯିବ। ଗତ ବର୍ଷ ୭୬ ରାସ୍ତା ନିର୍ମାଣ କରାଯିବା ସକାଶେ କାର୍ଯ୍ୟାଦେଶ ଦିଆଯାଇଥିଲା। ସେଥିମଧ୍ୟରୁ ୬ ଟି ରାସ୍ତାର ନିର୍ମାଣ ସରିଛି। ଫଳକ ପ୍ରସଙ୍ଗ ଦୁର୍ନୀତିର ନଜୀର ନୁହେଁ ଏହା ପେଣ୍ଟରଙ୍କ ଭୁଲ୍ ଯୋଗୁ ହୋଇଛି ବୋଲି ସେ କହିଛନ୍ତି।




ଲଗାଯାଇଥିବା ଫଳକ।

- କଂକ୍ରିଟ ରାସ୍ତା ନାହିଁ, ଫଳକ ଲାଗିବାଦେଖି ଲୋକେ ତଟସ୍ଥ
- ଚର୍ଚ୍ଚା ପରେ ଫଳକରୁ ଲେଖା ଲିଭାଇ ଦିଆଗଲା
- ଲେଖାରେ ତ୍ରୁଟିଥିବା ମାନିଲେ ଅଧିକାରୀ

# ଭାଜପାର ମାରାଥନ୍ ବିଜୟ ସଂକଳ୍ପ ଯାତ୍ରା



ସଂକଳ୍ପ ଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀ।

**ଗଞ୍ଜାମ,୧୨।୩(ଡି.ଏନ.ଏ.)**

ଭାଜପା ମଙ୍ଗଳବାର ଛତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରଚାର କମିଟି ମୁଖ୍ୟ କିର୍ତ୍ତନ ଦାସଙ୍କ ତତ୍ତ୍ୱାବଧାନରେ ବ୍ଲକର ପାଲଙ୍ଗ, ଖଣ୍ଡଦେଉଳୀ, ସନ୍ତୋଷପୁର ଏବଂ ପୋଇରାଶି ଆଦି ୪ ପଞ୍ଚାୟତରେ ମାରାଥନ ବିଜୟ ସଂକଳ୍ପ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ରମ୍ଭା ଏନ୍‌ଏସିରେ ପ୍ରଚାର କମିଟି ମୁଖ୍ୟ ଦାସଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକାଠି ହୋଇଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଭାଜପା ନିଶ୍ଚିତ ଭାବେ ସରକାର ଗଠନ କରିବ ଏବଂ ଓଡ଼ିଶାବାସୀ ଏହାର ଜବାବ ଦେବେ ବୋଲି ହୁମ୍ମା ମଣ୍ଡଳ ସଭାପତି ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଧରଣୀଧର ବେହେରା, ଯୁବମୋର୍ଚ୍ଚା ସଭାପତି ଉମାଶଙ୍କର ପଣ୍ଡା, ପ୍ରଭାରୀ ଗୋପୀନାଥ ପଣ୍ଡା, ସୁନାରାମ ନାୟକ, ହୁମ୍ମା ମଣ୍ଡଳ ଉପସଭାପତି ପ୍ରସନ ନାହାକ, ସୁରେନ୍ଦ୍ର ସାହୁ, ବଳାସ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ହଜାର ଲିଟର ଡିଜେଲ ନଷ୍ଟ



ରାସ୍ତାରେ ବୋହି ଯାଉଥିବା ଡିଜେଲ।

**ରସାଲପୁର, ୧୨।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ୫ନଂ. ଜାତୀୟ ରାଜପଥ କୁରୁଡ଼ାଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ତେଲ ଟ୍ୟାଙ୍କର ଓଲଟିପଡିଛି। ଏଥିରେ ଡ୍ରାଇଭର ଗୁରୁତର ହେବା ସହିତ ଲକ୍ଷାଧିକ ଟଙ୍କାର ତେଲ ନଷ୍ଟ ହୋଇଯାଇଛି। ଖବରପାଇ ସଦର ଥାନା ପୋଲିସ, ଅଗ୍ନିଶମ ବିଭାଗ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

ବାଲେଶ୍ୱର ନିକଟବର୍ତ୍ତୀ ଶିଳ୍ପାଞ୍ଚଳ ଥାନା ସୋମନାଥପୁରଠାରେ ଥିବା ତେଲ ଡିପୋରୁ (ଓଆର୍‌୦୧ଜି-୧୦୫୧) ଏକ ଟ୍ୟାଙ୍କର ଡିଜେଲ ବୋଝେଇ କରି ଭଦ୍ରକ ଜିଲା ଅସୁରାଳୀ ପେଟ୍ରୋଲ ପମ୍ପକୁ ନେଇ ଯାଉଥିଲା। କୁରୁଡ଼ା ନିକଟରେ ଏକ ଡମ୍ପର (ନଂ.ଓଡ଼ି୦୧ଏ-୭୦୭୫) ଜାତୀୟ ରାଜପଥର ମୁଖ୍ୟ ରାସ୍ତାରୁ ପାଦଚଲା ରାସ୍ତାକୁ ଓହ୍ଲାଇବାରୁ ଟ୍ୟାଙ୍କର ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡ଼ି ଓଲଟିପଡିଥିଲା। ଫଳରେ ୧୨ହଜାର ଲିଟର ଡିଜେଲ ବନ୍ୟା ପାଣି ଭଳି ରାସ୍ତାରେ ବୋହି ଯାଇଥିଲା। ତୁରନ୍ତ ଅଗ୍ନିଶମ ଗାଡ଼ି ପହଞ୍ଚି ରାସ୍ତାରେ ବୋହୁଥିବା ତେଲ ଉପରେ ପାଣି ସ୍ପ୍ରେ କରି ରାସ୍ତା ସଫା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଉକ୍ତ ଡମ୍ପରକୁ ସଦର ପୋଲିସ ଜବତ କରିଥିବା ବେଳେ ତେଲ ଟ୍ୟାଙ୍କର କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତର କରାଯାଇଛି।




FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BERHAMPUR: Arya TVS, Ph.: 9692492412; PHULBANI: Sai Sree TVS, Ph : 918860747708. Authorised Dealers: Bhanjnagar, Palo Motors, Ph.: 9437325159; Purushottampur, Dakhinakali Motors, Ph.: 9337662970; Gunupur, Jaya Motors, Ph.: 9437338450; Aska, Sang Motors, Ph.: 9040446837; Chikiti, Maa Bala Kumari Motors, Ph.: 9437626215; Paralakhemundi, Ujwaleswar Motors, Ph : 06815-223055, 8895876466; Polosara, Palo Automobiles, Ph : 9861838393, 06810-282488; Chatrapur : Sairam Motors, Ph : 9438054346; Digapahandi, Maa Balakumari Motors, Ph : 9437626215; Hinjilikatu, Maa Bhubaneswari Motors, Ph : 9937296473; Sheragada, Hrushikesh Motors, Ph : 8917518476; Maa Mangala Auto, G Udayagiri, Ph : 9437107664; Baliguda, Maa Lalita Motors, Ph : 7657016100 ; Rambha, Shan Motors, Ph : 7978721993.
McCann/Blr/Tvs/340/03/19



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ